(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୧୨/୨୦୨୧ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 12/2021 | ★★★★★★

୪୮ଶ ଭାଗ ୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ନେତନ୍ୟାହୁଙ୍କୁ 'ଭାଗବତ' ଦେଲେ ଉର୍ବଶୀ

ଅଭିନେତ୍ରୀ ଉର୍ବଶୀ ରୌତେଲା ଇସ୍ରାଏଲର ପୂର୍ବତନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଭେଟି ଏକ 'ଭାଗବତ ଗୀତା' ପୁସ୍ତକ ଉପହାର ଦେଇଛନ୍ତି। ୦୭

୦୮

## ୪୦୦ ଉଇକେଟ କ୍ଲବରେ ଲିୟନ

ଅଷ୍ଟ୍ରେଲୀୟ ଅଭିଜ୍ଞ ସ୍ପିନର ନାଥାନ ଲିୟନ ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟରେ ତାଙ୍କ ୪୦୦ ଉଇକେଟ ପୂରଣ କରିଛନ୍ତି।



# ପାଣିରେ ପଡ଼ିଲା ଚେକ୍‌ଡ୍ୟାମ ଟଙ୍କା

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ପୁଳାପୁଳା ଚେକ୍‌ଡ୍ୟାମ ନିର୍ମାଣ କରୁଛନ୍ତି। ମାତ୍ର ସେଗୁଡ଼ିକ ଚାଷୀଙ୍କ କାମରେ ଆସୁନାହିଁ। ବର୍ଷାଦିନେ ବି ପାଣି ଟୋପାଏ ରହୁନାହିଁ। ଚେକ୍‌ଡ୍ୟାମ ନିର୍ମାଣ କରି ବିଭାଗୀୟ ଅଧିକାରୀ, ଠିକାଦାର ମାଲାମାଲ ହେଉଛନ୍ତି । ମାତ୍ର ଚାଷ ଜମିକୁ ଟୋପାଏ ପାଣି ମିଳୁନି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍‌) ଅର୍ଥରେ ନିର୍ମାଣ କରାଯାଇଥିବା ଚେକ୍‌ଡ୍ୟାମଗୁଡ଼ିକ ଅକାମୀ ହୋଇ ପଡ଼ିରହିଛି। ଉପଯୁକ୍ତ ଯୋଜନାର ଅଭାବ, ଅନୁପଯୁକ୍ତ ଜାଗା ଚୟନ, ତ୍ରୁଟିପୂର୍ଣ୍ଣ ପରିକଳ୍ପନା ଏବଂ ଚେକ୍‌ଡ୍ୟାମ ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଚେକ୍‌ଡ୍ୟାମ ନିର୍ମାଣରେ ବ୍ୟୟ କରାଯାଇଥିବା ୨.୩୩ କୋଟି ଟଙ୍କା ପାଣିରେ ପଡ଼ିଛି। ବିଧାନସଭାରେ ଉପସ୍ଥାପନ କରାଯାଇଥିବା କମ୍ପ୍‌ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟରେ ଏଭଳି ତଥ୍ୟ ପଦାକୁ ଆସିଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗ୍ରାମାଞ୍ଚଳରେ ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦେବା ସହ ଚାଷ ଜମିକୁ ଜଳସେଚନ କରିବା ଏହି ଚେକ୍‌ଡ୍ୟାମ ନିର୍ମାଣର ମୂଳ ଉଦ୍ଦେଶ୍ୟ ଥିଲା । ଚେକ୍‌ଡ୍ୟାମ ନିର୍ମାଣ କରିବାକୁ ୨୦୧୨ରେ ରାଜ୍ୟର ସମସ୍ତ ନିର୍ବାହୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଅଧିକାରୀମାନେ ଚେକ୍‌ଡ୍ୟାମ ନିର୍ମାଣ କରିବା ପୂର୍ବରୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଚାଷ ଜମିକୁ ଦୃଷ୍ଟି ଦେଇନାହାନ୍ତି। ଏଥିସହିତ ଉପଯୁକ୍ତ ଜାଗା ଚୟନ, ଚେକ୍‌ଡ୍ୟାମ ନକ୍ସା ପ୍ରସ୍ତୁତ କରିବା ସମୟରେ କ୍ଷୁଦ୍ର ଜଳସେଚନ ଡିଭିଜନର ଯନ୍ତ୍ରୀମାନଙ୍କ ସହିତ ପରାମର୍ଶ ମଧ୍ୟ ନେଇନାହାନ୍ତି। ଚେକ୍‌ଡ୍ୟାମଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥାନୀୟ କୃଷକ ଗୋଷ୍ଠୀଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୨୦୧୮ରୁ ୨୦୨୦ ମଧ୍ୟରେ ସିଏଜି ୭ଟି ପଞ୍ଚାୟତ ସମିତି ଅନ୍ତର୍ଗତ ଗୋଷ୍ଠୀ

### ଅପାରଗ ଅଧିକାରୀଙ୍କୁ ଦାୟୀ କଲେ ସିଏଜି



ଉନ୍ନୟନ ଅଧିକାରୀ(ବିଡିଓ) ଏବଂ ୨ଟି ଗ୍ରାମ ପଞ୍ଚାୟତର ନଥିପତ୍ରର ସମୀକ୍ଷା କରିଥିଲେ। ୨୦୦୯ରୁ ୨୦୧୮ ମଧ୍ୟରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୩.୧୩ କୋଟି ଟଙ୍କା ବ୍ୟୟରେ ୪୮ଟି ଚେକ୍‌ଡ୍ୟାମ ନିର୍ମାଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ୨୦୧୮ ମାର୍ଚ୍ଚ ସୁଦ୍ଧା ୨.୪୮ କୋଟି ଟଙ୍କା ବ୍ୟୟରେ ୩୭ଟି ଚେକ୍‌ଡ୍ୟାମ ନିର୍ମାଣ ହୋଇଥିଲା। ଏଥିସହିତ ୧୧ଟି ଚେକ୍‌ଡ୍ୟାମରେ ୩୦.୫୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ତାହା ଅସମ୍ପୂର୍ଣ୍ଣ ରହିଥିଲା। ୨.୦୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ୩୭ଟି ଚେକ୍‌ଡ୍ୟାମ ମଧ୍ୟରୁ ୩୦ଟିର ଅଡିଟ କରାଯାଇଥିଲା। ଅଡିଟରୁ ଦେଖିବାକୁ ମିଳିଥିଲା ଯେ ଉକ୍ତ ଚେକ୍‌ଡ୍ୟାମଗୁଡ଼ିକ ଚାଷ ଜମିରେ ଜଳସେଚନ ପାଇଁ ବ୍ୟବହାର ନ ହୋଇ ଶୁଖିଲା ପଡ଼ିରହିଛି। ଏପରିକି ବର୍ଷାଦିନେ ମଧ୍ୟ ସେଗୁଡ଼ିକରେ ପାଣି ରହୁନାହିଁ। ଚେକ୍‌ଡ୍ୟାମଗୁଡ଼ିକ ମନଇଚ୍ଛା ନିର୍ମାଣ କରାଯାଇଛି। ଚେକ୍‌ଡ୍ୟାମ ନିକଟରେ ଚାଷଜମି ନ ଥିବାବେଳେ ଏହାର ଜଳଧାରଣ କ୍ଷମତା ମଧ୍ୟ ନ ଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ଡ୍ୟାମ୍ ନିର୍ମାଣ ପୂର୍ବରୁ ବିଡିଓମାନେ କ୍ଷୁଦ୍ର ଜଳସେଚନ ଡିଭିଜନ ଯନ୍ତ୍ରୀମାନଙ୍କଠାରୁ ବୈଷୟିକ ତଥ୍ୟ ନେଇ ନ ଥିଲେ। ଏହାଛଡ଼ା କେଉଁ ଚାଷ ଜମିକୁ ଜଳସେଚନ କରାଯିବ ସେ ନେଇ ସ୍ଥାନୀୟ କୃଷକମାନଙ୍କ ସହ ମଧ୍ୟ ଆଲୋଚନା କରାଯାଇ ନ ଥିଲା। ଏହି ଚେକ୍‌ଡ୍ୟାମ ଦ୍ୱାରା କେଉଁ ଫସଲକୁ ପାଣି ଯୋଗାଯିବା ଦରକାର ସେ ବିଷୟରେ କୌଣସି ଅନୁଧ୍ୟାନ କରାଯାଇ ନ ଥିଲା। ଏପରି କି ଚେକ୍‌ଡ୍ୟାମଗୁଡ଼ିକ ଚାଷ ଜମିର ଉପରମୁଣ୍ଡରେ ନିର୍ମାଣ କରାଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ଚେକ୍‌ଡ୍ୟାମ ନିର୍ମାଣ ପରେ ସେଗୁଡ଼ିକର ଉପଯୋଗ ପାଇଁ କୃଷକ ଗୋଷ୍ଠୀ କିମ୍ବା ପାଣିପଞ୍ଚାୟତକୁ ହସ୍ତାନ୍ତର କରାଯାଇ ନାହିଁ। ଏଥିଯୋଗୁ ୨.୦୩ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ଚେକ୍‌ଡ୍ୟାମଗୁଡ଼ିକ ବର୍ଷ ବର୍ଷ ଧରି ଅକାମୀ ହୋଇ ପଡ଼ିରହିଛି। ☞ପୃଷ୍ଠା-୪

## ଚଣ୍ଡୀପ୍ରସାଦ ହୋଇପାରନ୍ତି ସ୍ଥଳସେନା ମୁଖ୍ୟ



ଚଣ୍ଡୀପ୍ରସାଦ ମହାନ୍ତି

**ନୂଆଦିଲ୍ଲୀ, ୧୧।୧୨**

ସ୍ଥଳସେନା ଉପାଧ୍ୟକ୍ଷ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡୀପ୍ରସାଦ ମହାନ୍ତି ସ୍ଥଳସେନା ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇପାରନ୍ତି। ଜଗତ୍‌ସିଂହପୁର ଜିଲାରେ ଜନ୍ମିତ ଏହି ବରିଷ୍ଠ ସେନା ଅଧିକାରୀଙ୍କ ନୂଆ ନିଯୁକ୍ତି ନେଇ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ଶନିବାର ରାତିରେ ନିଷ୍ପତ୍ତି ନେଇଥିବା ଆଲୋଚନା ହେଉଛି। ଏପରି ହେଲେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଅଳଙ୍କୃତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ବ୍ୟାପକ କ୍ଷମତାର ଆଇନ

## ଆଉ ୪ ମାସ ମିଳିବ ମାଗଣା ଚାଉଳ

### କୋଭିଡ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍‌) ଅନ୍ତର୍ଗତ ହିତାଧିକାରୀମାନଙ୍କୁ ଆଉ ୪ ମାସ ଲାଗି ମାଗଣାରେ ଅଧିକ ୫ କିଲୋ ଚାଉଳ ମିଳିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହି ଘୋଷଣା କରିଛନ୍ତି। ରାଶନ କାର୍ଡ ହିତାଧିକାରୀମାନଙ୍କୁ ୨୦୨୧ ଡିସେମ୍ବରରୁ ୨୦୨୨ ମାର୍ଚ୍ଚ ଯାଏ ଏହି ମାଗଣା ଚାଉଳ ମିଳିବ। ରାଜ୍ୟରେ କୋଭିଡ-୧୯ ମହାମାରୀକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ରାଜ୍ୟର ୨ ଲକ୍ଷ ୮୮ ହଜାର ୫୨୮ ପରିବାରର ୯ ଲକ୍ଷ ୧୫ ହଜାର ୫୩୨ ହିତାଧିକାରୀ ଉପକୃତ ହେବେ। ଏଥିପାଇଁ ମାସକୁ ୪,୫୭୮ ଟନ ହିସାବରେ ୪ ମାସ ଲାଗି ୧୮,୩୧୦.୬୪୦ ଟନ ଅତିରିକ୍ତ ଚାଉଳ ରାଜ୍ୟ କୋଟାରୁ ଯୋଗାଇ ଦିଆଯିବ। ଏବାବଦରେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଅତିରିକ୍ତ ୬୮,୧୩ କୋଟି ଟଙ୍କା ଖର୍ଚ୍ଚ କରିବେ।



# ଅଧିଆ ପଡ଼ିଲେ ଭାଜପା ବିଧାୟକ

ପୁରୀ ଅଫିସ,୧୧।୧୨

■ବିଧାନସଭା ବନ୍ଦ ନେଇ ଜଗନ୍ନାଥଙ୍କ ପାଖରେ ଗୁହାରି

■ଦୀପ ଜାଳିଲେ, ନାମ ଜପ କଲେ


ଶ୍ରୀମନ୍ଦିର ସାମ୍ନାରେ ଶନିବାର ଅଧିଆ ପଡି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଗୁହାରି ଜଣାଉଛନ୍ତି ଭାଜପା ବିଧାୟକ।

ନିର୍ଦ୍ଧାରିତ ସମୟର ୨୦ଦିନ ପୂର୍ବରୁ ବିଧାନସଭାକୁ ଭଙ୍ଗ କରିବା, ମମିତା ମେହେର ହତ୍ୟାକାଣ୍ଡରେ ସମ୍ପୃକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ନ କରିବା ପ୍ରତିବାଦରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଧିଆ ପଡ଼ିଛନ୍ତି ଭାଜପାର ୧୨ ବିଧାୟକ। ଚାଷୀମାନଙ୍କ ସମସ୍ୟା ଉପରେ ଆଲୋଚନା ପାଇଁ ବିଧାନସଭାରେ ସୁଯୋଗ ଦିଆଗଲା ନାହିଁ। ରାଜ୍ୟ ସରକାର ମମିତା ହତ୍ୟା ଘଟଣାର ସ୍ୱଚ୍ଛ ତଦନ୍ତ କଲେ ନାହିଁ। ସେହିଭଳି ଏକାଧିକ ମୌଳିକ ସମସ୍ୟାକୁ ନେଇ ବିରୋଧୀ ପ୍ରଶ୍ନ କରିବାକୁ ଚାହୁଁଥିବାବେଳେ ସରକାର ଜାଣିଶୁଣି ବିଧାନସଭାକୁ ବନ୍ଦ କରିଦେଲେ। ଫଳରେ ଆଲୋଚନା ହୋଇପାରିଲା ନାହିଁ ବୋଲି ଭାଜପା ନେତାମାନେ ଅଭିଯୋଗ କରିଛନ୍ତି। ମହାପ୍ରଭୁ ଜଗନ୍ନାଥ ଓଡ଼ିଆ ଜାତିର କେବଳ ଆରାଧ୍ୟ ନୁହନ୍ତି ସେ ଆମ ପରିବାରର ମୁରବି ମଧ୍ୟ। ମହାପ୍ରଭୁଙ୍କ ଶରଣାପନ୍ନ ହୋଇ ରାଜ୍ୟ ସରକାରଙ୍କୁ ସଦବୁଦ୍ଧି ଦିଅନ୍ତୁ ବୋଲି କାମନା କରିଛୁ। ଯେଉଁଭଳି ଭାବେ ରାଜ୍ୟରେ ଏକଛତ୍ରବାଦ ବ୍ୟବସ୍ଥା ସ୍ଥାପିତ ହୋଇସାରିଛି ଓ ସରକାର ଜାଣିଶୁଣି ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉଛନ୍ତିଚ୍, ତାହା ନିହାତି ପକ୍ଷେ ଚିନ୍ତାଜନକ ପ୍ରସଙ୍ଗ। ନାରୀମାନେ ରାଜ୍ୟରେ ସୁରକ୍ଷିତ ନୁହନ୍ତି। ମହାପ୍ରଭୁ ଚାହିଁଲେ ହିଁ ରାଜ୍ୟକୁ ରକ୍ଷା କରିପାରିବେ ବୋଲି ଆମର ଆଶା ରହିଥିବା ଭାଜପା ବିଧାୟକ ବିଷ୍ଣୁଚରଣ ସେଠୀ କହିଛନ୍ତି। ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କହିଛନ୍ତି ଯେ, ମହାପ୍ରଭୁଙ୍କ ଶରଣ ପଶିବା ପାଇଁ ଆମେ ବାଧ ହେଲୁ। ଦୀର୍ଘ ୧୦ ଦିନ ହେବ ବିଧାନସଭା ଚାଲିଥିଲେ ମଧ ମୁଖ୍ୟମନ୍ତ୍ରୀଙ୍କୁ ଆମେ ସାକ୍ଷାତ କରିପାରିଲୁନାହିଁ। କୌଣସି ପ୍ରଶ୍ନର ଉତ୍ତର ଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଧାନସଭାକୁ ଆସିଲେ ନାହିଁ। ମମିତା ମେହେରଙ୍କୁ ନ୍ୟାୟ ଦେବା ପାଇଁ ଆମେ ମହାପ୍ରଭୁଙ୍କ ଶରଣ ପଶିଲୁ। ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ଯେ, ଯେତେବେଳେ ରାଜ୍ୟ ସରକାର ବିଧାନସଭାକୁ ଡ଼ରିଲେ। ୨୦ ଦିନ ପୂର୍ବରୁ ବିଧାନସଭାକୁ ବନ୍ଦ କରି ଦିଆଗଲା। ରାଜ୍ୟ ସରକାରଙ୍କର ପଳାୟନପନ୍ଥୀ ଆଭିମୁଖ୍ୟକୁ ଆମେ ନିନ୍ଦା କରିବା ସହ ରାଜ୍ୟବାସୀଙ୍କ ପାଇଁ ନ୍ୟାୟ ଭିକ୍ଷା କରୁଛୁ। ଯେଉଁ ସରକାର ଉତ୍ତରଦାୟୀ ସେ ଦାୟିତ୍ୱଠାରୁ ମୁହଁ ମୋଡ଼ିନେବା ପରେ ମହାପ୍ରଭୁଙ୍କ ଶରଣ ପଶିବା ଛଡ଼ା ଆମ ପାଖରେ ବିକଳ୍ପ ନାହିଁ। ଭାଜପା ବିଧାୟକମାନେ ରାଜ୍ୟବାସୀଙ୍କ ମଙ୍ଗଳକାମନା କରି ଦୀପଦାନ କରିବା ସହ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଛନ୍ତି। ଶ୍ରୀମନ୍ଦିର ସମ୍ମୁଖରେ ଭାଜପାର ୧୨ ଜଣ ବିଧାୟକ ମାନେ ଅଧିଆ ପଡ଼ିବା ସହ ମହାପ୍ରଭୁଙ୍କ ନାମ ଜପ କରିଥିଲେ। ଓଡ଼ିଶାକୁ ରକ୍ଷା କରିବା ସହ ମହାପ୍ରଭୁଙ୍କୁ ସଦ୍‌ବୁଦ୍ଧି ଦେବା ପାଇଁ କାମନା କରିଥିଲେ। ବିଧାୟକମାନଙ୍କ ମଧ୍ୟରେ, ଜୟନ୍ତ କୁମାର ଷଡ଼ଙ୍ଗୀ, ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ବିଷ୍ଣୁଚରଣ ସେଠୀ, ମୋହନ ମାଝୀ, ନଉରୀ ନାୟକ, ଭାସ୍କର ମଢେଇ, ନବଚରଣ ମାଝୀ, ସନାତନ ବିଜୁଳି, ମୁକେଶ ମହାଲିଙ୍ଗ, ଜୟନାରାୟଣ ମିଶ୍ର, ନିତ୍ୟାନନ୍ଦ ଗଣ୍ଡ ଓ ପ୍ରକାଶ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମନ୍ଦର ସମ୍ମୁଖରେ କାର୍ଯ୍ୟକ୍ରମ ସାରି ବିଧାୟକମାନେ ପୁରୀ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହରେ ପହଞ୍ଚି ଦଳୀୟ କର୍ମୀଙ୍କ ଗହଣରେ ସମୟ ଅତିବାହିତ କରି ମହାପ୍ରସାଦ ସେବନ କରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।

## କଶ୍ମୀରୀ ପଣ୍ଡିତଙ୍କ ଥଇଥାନ ପାଇଁ ଏନ୍‌ସିରେ ପ୍ରସ୍ତାବ ଗୃହୀତ

ଜମ୍ମୁ, ୧୧।୧୨


ନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା।

ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)ର ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଶନିବାର ୩ଟି ପ୍ରସ୍ତାବ ଗୃହୀତ ହୋଇଛି। କଶ୍ମୀରୀ ପଣ୍ଡିତମାନଙ୍କୁ ଉପତ୍ୟକାକୁ ଫେରାଇଆଣି ଥଇଥାନ କରାଇବା ସହ ସେମାନଙ୍କୁ ରାଜନୈତିକ ସଶକ୍ତୀକରଣ କରାଇବା ସେଥିରୁ ଅନ୍ୟତମ। ଏଥିସହିତ ଉକ୍ତ ସମ୍ପ୍ରଦାୟର ବିଭିନ୍ନ ମନ୍ଦିର ଓ ଉପାସନାସ୍ଥଳୀର ପରିଚାଳନା ନିମନ୍ତେ ବିଲ୍ ଆଣିବାକୁ ପ୍ରସ୍ତାବରେ ଦାବି କରାଯାଇଛି। ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବସବ୍ୟାପୀ ସମ୍ମିଳନୀ ଆରମ୍ଭରେ ଉକ୍ତ ପ୍ରସ୍ତାବଗୁଡ଼ିକୁ ଉପସ୍ଥାପନା କରାଯାଇଥିଲା।

ଭାଜପା କଶ୍ମୀରୀ ପଣ୍ଡିତମାନଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରୁଛି ହେଲେ ସେମାନଙ୍କ ପାଇଁ କିଛି କରୁ ନ ଥିବା ଫାରୁକ୍ ଅଭିଯୋଗ କରିଛନ୍ତି। ୯୦ ଦଶକରେ କଶ୍ମୀରୀ ପଣ୍ଡିତମାନଙ୍କୁ ଉପତ୍ୟକାରୁ ତଡ଼ିଦିଆଯାଇଥିଲା। ସେମାନଙ୍କ ସୁରକ୍ଷା ପାଇଁ କିଛି କରିପାରି ନ ଥିବାରୁ ଏନ୍‌ସି ଅଧ୍ୟକ୍ଷ ଏଥିପାଇଁ କ୍ଷମା ମାଗିଛନ୍ତି। ଏନ୍‌ସି ଶାସନ ସମୟରେ ପଣ୍ଡିତମାନଙ୍କୁ ଫେରାଇ ଆଣିବାକୁ ଶତଚେଷ୍ଟା କରାଯାଇଥିଲା। ତେବେ କେତେକ ତତ୍ତ୍ୱ ପଣ୍ଡିମାନଙ୍କୁ ଗଣହତ୍ୟା କରି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଭଣ୍ଡୁର କରିଦେଇଥିଲେ ବୋଲି ଫାରୁକ୍ କହିଛନ୍ତି। ଉପତ୍ୟକା ଛାଡ଼ିବା ପରେ ପଣ୍ଡିତମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। କେତେକ ଶକ୍ତି କଶ୍ମୀରୀ ପଣ୍ଡିତ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ବିଭାଜନ ପାଇଁ ଉଦ୍ୟମ କରୁଛନ୍ତି। ମୁସଲମାନ ନୁହନ୍ତି, ଆତ୍ମକୈନ୍ଦ୍ରିକ ଲୋକେ ପଣ୍ଡିତମାନଙ୍କୁ କଶ୍ମୀରରୁ ବିଦା କରିଥିଲେ ବୋଲି ଏନ୍‌ସି ନେତା କହିଛନ୍ତି। କଶ୍ମୀରୀ ପଣ୍ଡିତମାନେ ସମ୍ମାନର ସହ ନିଜ ଭିଟାମାଟିକୁ ଫେରିବା ନିମନ୍ତେ ଦୀର୍ଘ ୩୦ ବର୍ଷ ହେଲା ଅନାଇ ବସିଛନ୍ତି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ଅନିଲ ଧର୍ କହିଥିଲେ। ଏନ୍‌ସି ଏକମାତ୍ର ଦଳ ଯାହା ପଣ୍ଡିତମାନଙ୍କୁ ଫେରାଇ ଆଣିବା ସହ ଥଇଥାନ କରିପାରିବ ବୋଲି ସେ କହିଥିଲେ।

## ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ ୧୪ରେ କଂଗ୍ରେସର ଏସ୍‌ପି ଅଫିସ ଘେରାଉ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ମମିତା ମେହେର ହତ୍ୟା ଘଟଣାକୁ ନେଇ ଶୁକ୍ରବାର ଛାତ୍ର କଂଗ୍ରେସର ବିଧାନସଭା ଘେରାଉ ଉଦ୍ୟମବେଳେ ପୋଲିସ ଗୋଡ଼ାଇ ଗୋଡ଼ାଇ ପିଟିବା ସହ ରକ୍ତ ବୁହାଇଥିଲା। ପୋଲିସର ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଆସନ୍ତା ୧୪ ତାରିଖରେ କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ ଦେଇଛି। ଶନିବାର ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ଧାରଣାସ୍ଥଳରେ ପୋଲିସର ଛାତ୍ର କଂଗ୍ରେସ କର୍ମୀଙ୍କ ଉପରକୁ ବର୍ବରୋଚିତ ଆକ୍ରମଣ ଓ ସଶସ୍ତ୍ର ପୋଲିସ କଂଗ୍ରେସ ଭବନରେ ପଶି କର୍ମୀଙ୍କୁ ଗୋଡ଼ାଇ ପିଟିବା ଘଟଣାର ପ୍ରତିବାଦ ସ୍ୱରୂପ ଆସନ୍ତା ୧୪ ତାରିଖରେ ସମସ୍ତ ଜିଲା କଂଗ୍ରେସ କମିଟି ପକ୍ଷରୁ ଏସ୍‌ପି ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ଧାରଣା କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

# ମିଛ କହୁଥିବା ଶାହା କ୍ଷମା ମାଗିବାକୁ ଦାବି

**ନାଗାଲାଣ୍ଡ ହତ୍ୟାକାଣ୍ଡ ବିରୋଧରେ ବିଶାଳ ରାଲି**

କୋହିମା, ୧୧।୧୨



ନାଗାଲାଣ୍ଡର ମୋନ୍ ଜିଲାରେ ବିକ୍ଷୋଭକାରୀମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ କୁଶପୁତ୍ତଳିକା ଦାହ କରିବାକୁ ଯାଉଛନ୍ତି।

ନାଗାଲାଣ୍ଡର ମୋନ୍ ଜିଲାରେ ସେନା ଗୁଳିରେ ୧୪ ଜଣ ନିରୀହ ଲୋକଙ୍କ ମୃତ୍ୟୁ ଘଟଣା ପ୍ରତିବାଦରେ ଶନିବାର ସେଠାରେ ବିଶାଳ ରାଲି କରାଯାଇଛି। ଗତ ସପ୍ତାହର ଏହି ଗୁଳିକାଣ୍ଡ ସମ୍ପର୍କରେ ପାର୍ଲାମେଣ୍ଟରେ ଭୁଲ୍ ତଥ୍ୟ ଦେଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏଥିପାଇଁ କ୍ଷମା ମାଗିବାକୁ ସେମାନେ ଦାବି କରିଛନ୍ତି। ବିକ୍ଷୋଭକାରୀମାନେ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ତାଙ୍କ ମିଛ ବିବୃତିକୁ ପୋଡ଼ିଥିଲେ। ନାଗାଲାଣ୍ଡରେ ଲାଗୁ ହୋଇଥିବା ସ୍ୱତନ୍ତ୍ର ବଳ ଆଇନ (ଏଫ୍‌ଏସ୍‌ପିଏ)କୁ ବିକ୍ଷୋଭକାରୀମାନେ ବିରୋଧ କରିଥିଲେ। କୋନ୍ୟାକ ୟୁନିୟନର ଡାକରାରେ ଏହି ବିକ୍ଷୋଭ କରାଯାଇଥିଲା। ଆମେ ସହାନୁଭୂତି ନୁହଁ ନ୍ୟାୟ ଚାହୁଁ। ସତ୍ୟକୁ ଲୁଚାଯିବା ଦୁର୍ଭାଗ୍ୟଜନକ। ପାର୍ଲାମେଣ୍ଟରେ ଅମିତ୍ ଶାହାଙ୍କ ବିବୃତି ବିଶ୍ୱକୁ ଭୁଲ୍ ତଥ୍ୟ ଦେଇଛି। ତେଣୁ ସେ ତୁରନ୍ତ ଉକ୍ତ ବିବୃତି ପ୍ରତ୍ୟାହାର କରିନେବା ସହ କ୍ଷମା ମାଗନ୍ତୁ ବୋଲି ୟୁନିୟନର ଉପାଧ୍ୟକ୍ଷ ହୋନାଙ୍ଗ କୋନ୍ୟାକ ଦାବି କରିଥିଲେ। ଉକ୍ତ ସମ୍ପ୍ରଦାୟର ୧୪ ଜଣଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ସେନା ଆକ୍ରମଣ ଘଟଣାର ତଦନ୍ତ ପାଇଁ ନିରପେକ୍ଷ କମିଟି ଗଠନ ଏବଂ ସମ୍ପୃକ୍ତ ଯବାନମାନଙ୍କ ଦଣ୍ଡବିଧାନ ପାଇଁ ସେମାନେ ଦାବି କରିଛନ୍ତି। ଏଥିସହିତ ଏଏଫ୍‌ଏସ୍‌ପିଏ ପ୍ରତ୍ୟାହାର ଲାଗି ଦୀର୍ଘଦିନର ଦାବିକୁ ସେମାନେ ଦୋହରାଇଛନ୍ତି।

## ଦର ବୃଦ୍ଧିରୁ ନଜର ହଟାଇବାକୁ ନାଟକ କରୁଛି ଭାଜପା: ବିଜେଡି

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ରନ୍ଧନ ଗ୍ୟାସ ସମେତ ପେଟ୍ରୋଲ ଓ ଡିଜେଲର ଅହେତୁକ ଦର ବୃଦ୍ଧି ଉପରୁ ନଜର ହଟାଇବା ଲାଗି ଭାଜପା ସଦସ୍ୟ ହଙ୍ଗାମା କରି ଯେଭଳି ବିଧାନସଭାକୁ ଅଚଳ କଲେ ତାହା ରାଜ୍ୟବାସୀ ଦେଖିଲେ । ବିଧାନସଭା ଭିତରେ ଲୋକଙ୍କ ଏହି ମୌଳିକ ସମସ୍ୟା ଉଠାଇବା ବଦଳରେ ଭାଜପା ବିଧାୟକ ଦଳ ରାଜ୍ୟପାଳଙ୍କୁ ଭେଟି ଏଥିପାଇଁ ବିଜେଡିକୁ ଦାୟୀ କରି ଯେଉଁଭଳି ପାଲଟା ଅଭିଯୋଗ କରିଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଲଜ୍ଜାଜନକ । ଭାଜପାର ଏହି ଦୋମୁହାଁ ନୀତିକୁ ବିଜେଡି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଥିବା ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି । ସେ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ଓଡ଼ିଶାର ସାଧାରଣ ଲୋକେ ରନ୍ଧନଗ୍ୟାସଠାରୁ ଆରମ୍ଭ କରି ପେଟ୍ରୋଲ ଓ ଡିଜେଲର ଆକାଶଛୁଆଁ ଦରବୃଦ୍ଧିରେ ନୟାନ୍ତ ହୋଇ ପଡ଼ିଲେଣି । କେନ୍ଦ୍ର ସରକାର ଏହିସବୁ ସାମଗ୍ରୀର ଦର ନିୟନ୍ତ୍ରଣ କରିପାରୁ ନାହାନ୍ତି । ଏଥିରୁ ନଜର ହଟାଇବା ପାଇଁ ଭାଜପା ବିଧାୟକମାନେ ଓଡ଼ିଶା ବିଧାନସଭାକୁ ଅଚଳ କରି ରଖିଲେ । ବାଚସ୍ପତି ବାରମ୍ବାର ସର୍ବଦଳୀୟ ବୈଠକ ଡାକି ବିଧାନସଭାରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାକୁ ଅନୁରୋଧ କଲେ । ମାତ୍ର ବିଧାନସଭା ଚଳାଇ ନ ଦେବା ଲାଗି ଭାଜପା ବିଧାୟକମାନେ କେତେବେଳେ ଘଣ୍ଟ ବଜାଇଲେ ତ ଆଉ କେତେବେଳେ ହୋହଲ୍ଲା କଲେ। ବିଧାନସଭାକୁ ନିର୍ଦ୍ଧାରିତ ଅବଧି ପୂର୍ବରୁ ବନ୍ଦ କରିବାକୁ ବାଚସ୍ପତିଙ୍କୁ ବାଧ କଲେ । ଏହି ନାଟକବାଜିକୁ ରାଜ୍ୟବାସୀ ଦେଖିବା ପରେ ବି ଭାଜପା କେଉଁ ମୁହଁରେ ରାଜ୍ୟପାଳଙ୍କୁ ବାଚସ୍ପତି ଓ ଶାସକ ଦଳ ବିରୋଧରେ ଫେରାଦ ହେବାକୁ ଗଲା, ତାହା ବିସ୍ମୟ ସୃଷ୍ଟି କରିଛି ବୋଲି ମହାନ୍ତି କହିଛନ୍ତି । ରାଜ୍ୟ ଭାଜପାର ଏଭଳି ଆଚରଣ ଯୋଗୁ ଲୋକେ ଏହି ଦଳକୁ ଓଡ଼ିଶାରେ ପ୍ରତ୍ୟାଖ୍ୟାନ କରୁଛନ୍ତି । ଯେଉଁଥିପାଇଁ ଭାଜପାର ଆଗଧାଡ଼ିର ନେତାମାନେ ଜଣଙ୍କ ପରେ ଜଣେ ଦଳ ଛାଡୁଛନ୍ତି । ଆଗାମୀ ଦିନରେ ଏହା ଆହୁରି ବଢ଼ିବ । ରାଜ୍ୟ ଭାଜପାର ୮ଜଣ ଏମ୍ପି ଦିଲ୍ଲୀରେ ଓଡ଼ିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ଲଢ଼େଇ କରିବା ଲାଗି ଜଗନ୍ନାଥ ସେମାନଙ୍କୁ ସଦ୍‌ବୁଦ୍ଧି ଦେବାକୁ ବିଜେଡି ପ୍ରାର୍ଥନା କରୁଛି । ଆଗାମୀ ଦିନରେ ରାଜ୍ୟର ସଚେତନ ଲୋକେ ଏଭଳି ଦଳକୁ ଉଚିତ ଜବାବ ଦେବେ ବୋଲି ବିଜେଡି ମୁଖପାତ୍ର କହିଛନ୍ତି ।

## ବିଜେଡିରେ ଯୋଗ ଦେଲେ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)/ କେନ୍ଦୁଝର (ସ୍ୱପ୍ର)

ପୂର୍ବତନ କଂଗ୍ରେସ ବିଧାୟକ ତଥା ଭାଜପା ନେତା ଧନୁର୍ଜୟ ସିଦ୍ଧୁ ନିଜ ସମର୍ଥକଙ୍କ ସହ ଶନିବାର ଭୁବନେଶ୍ୱର ବିଜେଡି କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି।

ଧନୁର୍ଜୟଙ୍କୁ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା ଧନୁର୍ଜୟ କହିଛନ୍ତି । ସେ ଯେଉଁ ଦଳରେ ଥାଆନ୍ତୁ ନା କାହିଁକି ତେଲକୋଇ ନିର୍ବାଚନ ମଣ୍ଡଳୀର ଜୁଆଙ୍ଗ, ଭୂୟାଁ, ଗଣ୍ଡ, ବାଧୁଡି ଆଦି ଆଦିବାସୀଙ୍କ ସହିତ ରହି ତାଙ୍କ ପାଇଁ କାମ କରିବେ। ଧନୁର୍ଜୟ ୨୦୦୪ରେ କେନ୍ଦୁଝର ଜିଲା ଚମ୍ପୁଆ ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ଭାଜପାରେ ଯୋଗଦେଇ ୨୦୧୯ରେ ତେଲକୋଇ ଆସନରୁ ଲଢ଼ି ହାରି ଯାଇଥିଲେ । କିଛିଦିନ ପୂର୍ବରୁ ସେ ଭାଜପାରୁ ଇସ୍ତଫା ଦେଇଥିଲେ। ଏହି ଯୋଗଦାନ କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଅଶୋକ ବଳ, ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଉପସ୍ଥିତ ଥିଲେ।


ମିଶ୍ରଣ ଅବସରରେ ବିଜେଡ଼ି ନେତୃବୃନ୍ଦଙ୍କ ସହ ଧନୁର୍ଜୟ।

# ଧାରା ୩୦୭ରେ ମାମଲା ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

**କଂଗ୍ରେସ ଭବନରେ ପୋଲିସର ଆକ୍ରମଣକୁ ଦୃଢ଼ ନିନ୍ଦା**

■ପୋଲିସ ଉପରୁ ଆସ୍ଥା ତୁଟିଲେ ସ୍ଥିତି ଉଗ୍ରରୂପ ନେବ

■ଆଗାମୀ ସ୍ଥିତି ପାଇଁ ସରକାର ଦାୟୀ ରହିବେ


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ସନ୍‌ସାଇନ ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେର ହତ୍ୟାକାଣ୍ଡରେ ସଂପୃକ୍ତି ଦର୍ଶାଇ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ଗିରଫ ସହ ହାଇକୋର୍ଟ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ଦାବିରେ ଶୁକ୍ରବାର ଛାତ୍ର କଂଗ୍ରେସ ବିଧାନସଭା ଘେରାଉ କରିଥିଲା। ହେଲେ ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କଂଗ୍ରେସ ଭବନରେ ପଶି ଛାତ୍ର କଂଗ୍ରେସ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ତେବେ କଂଗ୍ରେସ ଏହି ଘଟଣାର ବିଚାର ବିଭାଗୀୟ ଓ ପ୍ରଶାସନିକ ତଦନ୍ତ ସହ ଦୋଷୀ ପୋଲିସ ଉପରେ ହତ୍ୟା ଉଦ୍ୟମ ଦଫାରେ ମାମଲା ରୁଜୁ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପୋଲିସର କାର୍ଯ୍ୟାନୁଷ୍ଠାନକୁ କଡ଼ା ଭାଷାରେ ନିନ୍ଦା କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁବେଳେ କୁହନ୍ତି, ଆଇନ ତା' ବାଟରେ ଯିବ। ହେଲେ ଆଇନର ତଦନ୍ତକୁ ବାଟବଣା କରି ସରକାର ନିଜ ମନ୍ତ୍ରୀଙ୍କୁ ସୁରକ୍ଷା ଦେଉଛନ୍ତି। ପ୍ରତିବାଦରେ ଛାତ୍ର କଂଗ୍ରେସ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିଲାବେଳେ ପୋଲିସ କ୍ଷମତାର ଅପବ୍ୟବହାର କରି ମରଣାନ୍ତକ ଆକ୍ରମଣ କରୁଛି। ପୁଣି ଏକ ରାଜନୈତିକ ଦଳର କାର୍ଯ୍ୟାଳୟରେ ପଶି କର୍ମକର୍ତ୍ତାଙ୍କୁ ମାଡ଼ ମାରିବା କେତେ ଦୂର ଆଇନ ସମ୍ମତ? ଏ ଆନ୍ଦୋଳନ ଏତିକିରେ ସରିନାହିଁ, ଆଗକୁ ଆହୁରି ତୀବ୍ର କରାଯିବ ବୋଲି ନିରଞ୍ଜନ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ସରକାର ଶୁକ୍ରବାର ମାନବାଧିକାର ଦିବସ ପାଳନ କରୁଥିବାବେଳେ ଏପଟେ ଲାଠି ମାଡ଼ କରି ମାନବ ଅଧିକାର ଉଲ୍ଲଂଘନ କରିଛନ୍ତି। ଲାଠି ମାଡ଼ କରିଥିବା ପୋଲିସ ଅଫିସରଙ୍କ ବିରୋଧରେ ଧାରା ୩୦୭ ଅନୁଯାୟୀ ଆପରାଧିକ ମାମଲା ରୁଜୁ କରି ଦଣ୍ଡ ଦିଆଯାଉ। ନଚେତ୍ ଉପାନ୍ତ ଅଞ୍ଚଳରେ ପୋଲିସ ଉପରେ ଆସ୍ଥା ହରାଇ ମାଓବାଦୀ ହେବାପରି ଏଠାରେ ମଧ ପୋଲିସ ଉପରୁ ଆସ୍ଥା ତୁଟିଯିବ। ଆଉ ଯଦି ଅସନ୍ତୋଷ ଉଗ୍ରରୂପ ନିଏ, ତା'ହେଲେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ। ଏଥିପାଇଁ କଂଗ୍ରେସ ମାନବାଧିକାର କମିଶନର ଦ୍ୱାରସ୍ଥ ହେବ ବୋଲି କହିଛନ୍ତି। ସେହିପରି ପୋଲିସ ଗାଡ଼ି ପୋଡ଼ି ଉଦ୍ୟମ ଆରୋପକୁ ନରସିଂହ ଏଡ଼ାଇଯାଇ କହିଛନ୍ତି, କମିଶନରେଟ ପୋଲିସର ଏହା ମନଗଢ଼ା କାହାଣୀ। ଯଦି ଭିଡ଼ ଅନିୟନ୍ତ୍ରିତ ହେଲା, ଆଇନର ବିଭିନ୍ନ ପ୍ରକ୍ରିୟା ଅନୁଯାୟୀ ପୋଲିସ ପ୍ରଥମେ ଭିଡ଼କୁ ବେଆଇନ ଘୋଷଣା କରିଥାନ୍ତା। ତା'ପରେ ପାଣି ମାଡ଼ରେ ଆନ୍ଦୋଳନକାରୀ ନ ହଟିଲେ ଲାଠି ଉଠେଇ ଡରେଇ ଥାନ୍ତା। ସେଥିରେ ଯଦି ଆୟତ୍ତ କରିପାରି ନ ଥାନ୍ତା, ତେବେ ଆନ୍ଦୋଳନକାରୀଙ୍କ ଅଣ୍ଟା ତଳକୁ ମୃଦୁ ଲାଠି ଚାଳନା କରାଯାଇଥାନ୍ତା। କିନ୍ତୁ ଶୁକ୍ରବାର ପୋଲିସ ବେଆଇନ ଭାବେ ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତାଙ୍କ ମୁଣ୍ଡକୁ ଲାଠିରେ ପିଟି ରକ୍ତ ବୁହାଇବା ଦଣ୍ଡନୀୟ ଅପରାଧ। ଓଡ଼ିଶା ହାଇକୋର୍ଟ ଲେଙ୍କୁ ମିଶ୍ର ବନାମ ଓଡ଼ିଶା ସରକାର ମାମଲାର ରାୟ ପରିପ୍ରେକ୍ଷୀରେ ଅଣ୍ଟାମାଡ଼ ଅଭିଯୋଗରେ ପୋଲିସ କୌଣସି ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ। ବିଜୁ ପଟ୍ଟନାୟକଙ୍କ ଉପରେ ସଚିବାଳୟରେ ଆକ୍ରମଣ ହେଲା। କିନ୍ତୁ ସେତେବେଳେ ବିଜୁ ପଟ୍ଟନାୟକ କହିଥିଲେ, 'ଗୁଳି ମୋ ପକେଟରେ, ବନ୍ଧୁକ ପୋଲିସ ହାତରେ।' କଳାହାଣ୍ଡିରେ ଯେତେବେଳେ ତାଙ୍କ ଉପରେ ପଥର ମାଡ଼ ହେଉଥିଲା, ସେତେବେଳେ ସୁରକ୍ଷାକର୍ମୀଙ୍କୁ ସାମ୍ନାରୁ ହଟିଯିବାକୁ କହିବା ସହ ପରବର୍ତ୍ତୀ ସମୟରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏସବୁ ହିଁ ଜଣେ ଉତ୍ତମ ରାଜନେତାଙ୍କ ଗୁଣବତ୍ତାର ପରିଚୟ। କିନ୍ତୁ ନବୀନବାବୁ ତାଙ୍କ ପୁଅ ହିସାବରେ ଅନ୍ତତଃ କିଛି ଶିକ୍ଷାଲାଭ କରନ୍ତୁ ବୋଲି ମିଶ୍ର କହିଛନ୍ତି।




**Sreeleathers**
KOLKATA

Store locations :- **BENGAL** - KOLKATA - 3 & 4 Lindsay Street, 700087 (Flagship store), Freeschool street, 6/1 Sudder Street, 700016 (Headquarter), College Street, Barnaparichay market, 07, Asansol, Baharampur, Bankura, Barasat, Burdwan, Kanthi, Domjur, Durgapur, Garia, Howrah, Malda, Naihati, Purulia, Serampore, Siliguri, **ASSAM** - Guwahati, **BIHAR** - Bihar Sharif, Darbhanga, Gaya, Madhubani, Muzaffarpur, Patna, Purnea, **DELHI**, **HARYANA** - Gurgaon, **JHARKHAND** - Bokaro, Dhanbad, Hazaribagh, Ranchi, **ORISSA** - Bhubaneswar Asoke Nagar, Chandrasekharpur, Cuttack, Ganjam, Rourkela, **RAJASTHAN** - Jaipur, **TRIPURA** - Agartala, **UTTAR PRADESH** - Ghaziabad

Website :- www.sreeleathers.com 8420976065

T&C Apply........

**ଆଜିର ମନ୍ତବ୍ୟ**

"ଆତଙ୍କବାଦର ମୂଳପୋଛ ପାଇଁ ପାକିସ୍ତାନ ସହିତ ଆଲୋଚନା ବ୍ୟତୀତ ଭାରତର ଅନ୍ୟ ଉପାୟ ନାହିଁ।
**-ଫାରୁକ ଅବଦୁଲ୍ଲା, ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ଆଦିତ୍ୟ
ପରିବାରବର୍ଗ


ଖୁସି
ପରିବାରବର୍ଗ


ଏସ୍. ମଧୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁରୁକି ହସା, ମାଗୁର ନିଶା**
**ହିଆରେ ନ ଥାଏ ବାଳ**
**ଏ ତିନିଜଣଙ୍କୁ ବିଶ୍ୱାସ ନ ଯିବ**
**ଜିଇଥିବ ଯେତେ କାଳ ।**

ମୁରୁକି ହସୁଥିବା ବ୍ୟକ୍ତି ଅନ୍ତଃକପଟି ହୋଇଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ସେହିପରି ମାଗୁର ମାଛ ପରି ନିଶ ଓ ଛାତିରେ ଆଦୌ ବାଳ ଉଠି ନ ଥିବା ପୁରୁଷ ସେତେ ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏହି ତିନି ପ୍ରକାରର ବ୍ୟକ୍ତିଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ମଲା ମୋର**
**ଏଇ କଥାକୁ ଏତେ ହୁନ୍ଦର ।**

ସାମାନ୍ୟ କଥାକୁ ନେଇ କିଛି ବ୍ୟକ୍ତି ଅନେକ ଗର୍ବ କରିବସିଥାନ୍ତି। ସେପରି କିଛି ନ ଥାଇ ଅଯଥାରେ ନିଜ ଛଇ ଛଟକ ଭାବ ଦେଖେଇ ହେଉଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ରାଷ୍ଟ୍ରୀୟ ଲୋକ ଅଦାଲତ: ୧୨,୦୦୯ ମାମଲା ସମାଧାନ

**କଟକ ଅଫିସ,୧୧।୧୨**

ରାଜ୍ୟର ୩୦ ଜିଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଯଶବନ୍ତ ସିଂଙ୍କ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଆୟୋଜିତ ହୋଇଥିଲା। ସମସ୍ତ ଜିଲା ଓ ତାଲୁକସ୍ତରରେ ମୋଟ ୧,୨୩,୧୫୯ ମାମଲା ସମାଧାନ ପାଇଁ ଆସିଥିଲା। ସେଥିରୁ ୧୨, ୦୦୯ଟି ମାମଲାର ସମାଧାନ କରାଯାଇଥିଲା। ସେଥିମଧ୍ୟରେ ୩୬୮ ଆପରାଧିକ ମାମଲା, ୯୬୪ ଚେକ୍ ବାଉନ୍ସ ମାମଲା, ୬୨୬ ବ୍ୟାଙ୍କ ଋଣ ମାମଲା, ୨୧ଟି ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ମାମଲା, ୫୭୬ ବୈବାହିକ ବିବାଦ ମାମଲା, ୫୧ଟି ଜମି ଅଧିଗ୍ରହଣ ମାମଲା, ୧୮ଟି ଚାକିରି ସମ୍ପର୍କିତ ମାମଲା, ୧୩୫୪ ସିଭିଲ ମାମଲା, ୪୦୭୬ଟି କ୍ରିମିନାଲ ମାମଲା ଅନ୍ତର୍ଭୁକ୍ତ। ଏହି ମାମଲାରେ ମୋଟ ୯୧କୋଟି ୫୮ ଲକ୍ଷ ୪ହଜାର ୬୫୪ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ବାତ୍ୟା କ୍ଷୟକ୍ଷତି ଆକଳନ ପାଇଁ ଓଡ଼ିଶାରେ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)**

ବାତ୍ୟା 'ଜୱାଦ'ଜନିତ ବର୍ଷାରେ ଓଡ଼ିଶାରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏହି କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ଶନିବାର ଓଡ଼ିଶା ଆସିଛି। ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୌରଭ ରାୟଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ରାତିରେ ଭୁବନେଶ୍ୱରରେ ପହଞ୍ଚିଥିବା ସୂଚନା ମିଳିଛି। ଏହି ଟିମ୍ ୩ ଭାଗରେ ବିଭକ୍ତ ହୋଇ ୧୨ ଓ ୧୩ ତାରିଖରେ ଭିନ୍ନ ଭିନ୍ନ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ। ୧୨ ତାରିଖରେ ଟିମ୍-ଏ ପ୍ରଥମେ ଗଞ୍ଜାମ ଯାଇ କ୍ଷେତ୍ର ପରିଦର୍ଶନ ସାରି ପୁରୀରେ ରହଣି କରିବେ। ସେହିପରି ଟିମ୍-ବି ଜଗତସିଂହପୁର ଓ ଟିମ୍-ସି ଯାଜପୁର ଜିଲାକୁ ଯାଇ କ୍ଷୟକ୍ଷତି ଆକଳନ କରିବା ପରେ କେନ୍ଦ୍ରାପଡ଼ା ଯିବେ। ୧୩ ତାରିଖରେ ପୁରୀ, କେନ୍ଦ୍ରାପଡ଼ା, କଟକ ଜିଲାରେ ହୋଇଥିବା କ୍ଷୟକ୍ଷତି ବୁଲି ଦେଖିବେ କେନ୍ଦ୍ରୀୟ ଟିମ୍। ସେହିଦିନ ଅପରାହ୍ନ ୪ଟାରେ କେନ୍ଦ୍ରୀୟ ଟିମ୍ ରାଜ୍ୟ ସରକାରଙ୍କ ଉଚ୍ଚ ପଦାଧିକାରୀଙ୍କ ସହ ଆଲୋଚନା କରି ସନ୍ଧ୍ୟାରେ ସେମାନେ ଦିଲ୍ଲୀ ଫେରିଯିବେ।

# ମନ୍ଦିର ଟଙ୍କା ଆତ୍ମସାତ କରିଛି ବିଜେଡି ସରକାର : ଲେଖାଶ୍ରୀ ସାମନ୍ତସିଂହାର

**ଭୁବନେଶ୍ୱର, ୧୧।୧୨ (ବ୍ୟୁରୋ)**

ରାଜ୍ୟ ସରକାର ହିନ୍ଦୁ ଦେବଦେବୀ ମନ୍ଦିରର ପରିଚାଳନାରେ ଘୋର ଅନିୟମିତତା କରୁଛନ୍ତି। ସିଏଜି ରିପୋର୍ଟରେ ସରକାରଙ୍କ ବିଫଳତା ସାମ୍ନାକୁ ଆସିଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ସରକାର ଜାଣିଶୁଣି ୧୨ଟି ଗୁରୁତ୍ୱପୂର୍ଣ୍ଣ ମନ୍ଦିର ଯଥା ଲିଙ୍ଗରାଜ, ସମଲେଶ୍ୱରୀ, କଟକଚଣ୍ଡୀ, ଆଖଣ୍ଡଳମଣି, ଶାରଳା, ମା' ମଙ୍ଗଳା ଆଦି ମନ୍ଦିରରେ ଟ୍ରଷ୍ଟ ବୋର୍ଡ ଗଠନ କରୁନାହାନ୍ତି। ଜିଲାପାଳ, ତହସିଲଦାରମାନେ ମନମୁଖି କାମ କରୁଛନ୍ତି। କୌଣସି ମନ୍ଦିରରେ କ୍ୟାଶବୁକ୍, ବାର୍ଷିକ ଆକାଉଣ୍ଟ ଓ ଆୟ, ଖର୍ଚ୍ଚ ହିସାବ କରାଯାଉନାହିଁ। କେତେ ପଇସା ଆୟ ଓ କେତେ ବ୍ୟୟ ହେଲା ତାର ହିସାବ ନାହିଁ ଏବଂ ଦେବଦେବୀଙ୍କ ଅଳଙ୍କାରର ମଧ୍ୟ ହିସାବ ନାହିଁ। ଆଖଣ୍ଡଳମଣି ମନ୍ଦିରର ୮କେଜି ସୁନା ଟ୍ରେଜେରିରେ ଅଛି ବୋଲି କୁହାଯାଉଛି, ହେଲେ ଚାବି ମିଳୁନାହିଁ। ରତ୍ନଭଣ୍ଡାର ଭଳି ଏଠି ବି କେଳେଙ୍କାରୀ ହେଉଛି ବୋଲି ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ହଜାର ହଜାର ଏକର ଜମି ଲୋକେ ମାଡ଼ିବସିଛନ୍ତି। ଲିଙ୍ଗରାଜ ମନ୍ଦିର ଜମି ଭୁବନେଶ୍ୱର ବାହାରେ କେତେ ଅଛି ସେଇଟା ବି କର୍ତ୍ତୃପକ୍ଷଙ୍କୁ ଅଜଣା ବୋଲି ଭାଜପା ରାଜ୍ୟ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ସମାଲୋଚନା କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପାଣିରେ ପଡ଼ିଲା ...

ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ୧୯ଟି ଚେକ୍‌ଡ୍ୟାମର ଉପର କିମ୍ବା ତଳ ମୁଣ୍ଡରେ କୌଣସି ଚାଷଜମି ନାହିଁ। ଏପରି କି କେତେକ ଚେକ୍‌ଡ୍ୟାମରେ କେବଳ ଦୁଇପାଖ ବନ୍ଦ ହୋଇଥିବା ବେଳେ ଜଳ ସଂରକ୍ଷଣ ପାଇଁ କୌଣସି ବ୍ୟବସ୍ଥା ମଧ୍ୟ ନ ଥିବା ସିଏଜି ଜାଣିବାକୁ ପାଇଛନ୍ତି। ଗ୍ରାମାଞ୍ଚଳରେ ଜୀବନ ଜୀବିକା ପାଇଁ ପ୍ରାକୃତିକ ସମ୍ବଳକୁ ମଜଭୁତ କରିବା ସହ ଜମିର ଉତ୍ପାଦିକା ଶକ୍ତିରେ ବୃଦ୍ଧି କରିବା ନେଇ ଏମ୍‌ଜିଏନ୍‌ଆରଇଜିଏସ୍ ଡ୍ୟାମ୍ ନିର୍ମାଣ ଉଦ୍ୟମ କରାଯାଇଥିଲା। ଅପାରଗ ଅଧିକାରୀଙ୍କ ଯୋଗୁ ଏହା ବିଫଳ ହେବା ସହ ସରକାରୀ ଅର୍ଥ ପାଣିରେ ପଡ଼ିଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

### ଚଣ୍ଡୀପ୍ରସାଦ ହୋଇପାରନ୍ତି ...

କରିବାରେ ସେ ପ୍ରଥମ ଓଡ଼ିଆ ହେବେ। ସେହିପରି ବର୍ତ୍ତମାନ ସ୍ଥଳସେନା ମୁଖ୍ୟ ଥିବା ଜେନେରାଲ ମନୋଜ ମୁକୁନ୍ଦ ନରୱଣେଙ୍କୁ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ପଦବୀ ଦୌଡ଼ରେ ଆଗୁଆ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ତାମିଲନାଡୁର କୁନ୍ନୁର ନିକଟରେ ଗତ ୮ ତାରିଖରେ ଭାରତୀୟ ବାୟୁସେନାର ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ସିଡିଏସ୍ ଜେନେରାଲ ବିପିନ ରାୱତ୍‌ଙ୍କ ମୃତ୍ୟୁ ଘଟିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ସମ୍ପର୍କୀୟଙ୍କ ବିରୁଦ୍ଧାଚରଣ ଓ ଅସହଯୋଗ ଆପଣଙ୍କ କାମରେ ପ୍ରତିବନ୍ଧକ ସୃଷ୍ଟି କରିବ। କିନ୍ତୁ କାର୍ଯ୍ୟଟି ନିର୍ଦ୍ଦିଷ୍ଟ ସମୟରେ ସରିବାରେ ଅସୁବିଧା ହେବ ନାହିଁ। ଶୁକ୍ରଙ୍କ ସୁପ୍ରଭାବରୁ ଅର୍ଥ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ବନ୍ଧୁମାନଙ୍କ ସହ ମଧୁର ସ୍ମୃତିର ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ।

**ବୃଷ** - ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ ; ଯାହା କି କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତି ଲାଭ କରିବେ। ଜଣେ ଅନ୍ତରଙ୍ଗ ବନ୍ଧୁ କିମ୍ବା ବାନ୍ଧବୀଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ।

**ମିଥୁନ** - ପ୍ରତ୍ୟେକ କ୍ଷେତ୍ରରେ ଉତ୍ତେଜନାମୂଳକ କଥା କିମ୍ବା ତ୍ୱରିତ କାର୍ଯ୍ୟାନୁଷ୍ଠାନ ଠିକ୍ ହେବ ନାହିଁ। ବନ୍ଧୁଙ୍କ ସହାୟତାରେ ଅର୍ଥଲାଭ ଓ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବାରେ ସଫଳ ହେବେ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** - ଆଜି ମନର ଚିନ୍ତା ଅନୁଯାୟୀ କାର୍ଯ୍ୟ ପଦ୍ଧତିର ତାଳମେଳ ରହିବ ନାହିଁ। ଫଳ ସ୍ୱରୂପ ଯେଉଁ ଆଶା ନେଇ କରିବେ ପ୍ରତିବଦଳରେ କିଛି ପାଇବେ ନାହିଁ। ଅବଶ୍ୟ ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଚେଷ୍ଟାସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବେ।

**ସିଂହ** - ଗତକାଲିର ଘଟଣା ବିଷୟରେ ଚିନ୍ତା କରି ମନରେ ସରସତା ରହି ନ ପାରେ। ସକାଳୁ କିଛି ଶୁଭ ଖବର ସଙ୍ଗକୁ ଅର୍ଥଲାଭ କରିବେ। ଈର୍ଷାପରାୟଣ ନିକଟସ୍ଥ ବନ୍ଧୁବର୍ଗ କିମ୍ବା ବ୍ୟକ୍ତି ବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।

**କନ୍ୟା** - କର୍ମକ୍ଷେତ୍ରରେ ଅନ୍ୟ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ଆଶା ରଖିଛନ୍ତି,ତାହା ଲଢେଇ କରି ନିଶ୍ଚୟ ପାଇବେ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ ଅବଶ୍ୟ ଆପଣଙ୍କ ଆଶା ପୂରଣ ହୋଇଯିବ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ।

**ତୁଳା** - ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଏକାନ୍ତ ବ୍ୟକ୍ତିଗତ କାର୍ଯ୍ୟରେ ସହକର୍ମୀଙ୍କ ହସ୍ତକ୍ଷେପ ପ୍ରତିବନ୍ଧକ ସାଜିବାର ଆଶଙ୍କା ରହିଛି। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ଲାଭବାନ୍ ହେବେ । ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ରହିପାରନ୍ତି।

**ବିଛା** - ଆଜି ଆପଣଙ୍କ ବାକ୍‌ପଟୁତାରେ ବନ୍ଧୁମାନେ ପ୍ରଶଂସାରେ ଶତମୁଖ ହେବେ। ସକାଳୁ ଯାତ୍ରା କରିବାକୁ ପଡ଼ିବ ଏବଂ ଅନ୍ୟମାନଙ୍କଠାରୁ ଶ୍ରଦ୍ଧା ଓ ସମ୍ମାନ ହାସଲ ସୁଯୋଗ ମିଳିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପାରେ।

**ଧନୁ** - କେତୁଙ୍କ କୁପ୍ରଭାବରୁ ଆଜି ଘରର ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହୋଇପାରେ। ତଥାପି ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ପରିବହନରେ ଝଗଡ଼ାର ଆଶଙ୍କାକୁ ଏଡ଼ି ହେବନାହିଁ। ଅନ୍ୟମାନଙ୍କୁ ନିଜ ସହ ତୁଳନା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି।

**ମକର** - ସାମାନ୍ୟ ବିଳମ୍ବ ଓ ଘାତପ୍ରତିଘାତ ଦେଇ ଆଜିର ଜୀବନଯାତ୍ରା ଅତିବାହିତ ହେବ। କର୍ମକ୍ଷେତ୍ରରେ ମଧୁର ବ୍ୟବହାର ଦ୍ୱାରା ବନ୍ଧୁ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ବ୍ୟବସାୟରେ ଉନ୍ନତି ଘଟିବ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ସୃଷ୍ଟି ହେବ।

**କୁମ୍ଭ** - ବାକ୍‌ଚାତୁରି ବଳରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ଯୋଗୁ ଆଶ୍ୱସ୍ତି ଲାଭ କରିବେ। ବନ୍ଧୁଗହଣରେ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ଚେଷ୍ଟା କଲେ ଭଲ। ଯାତ୍ରା,ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ** - ପ୍ରତିକୂଳ ପରିବେଶର କୁପ୍ରଭାବରୁ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଅଫିସ୍ କାମରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧସମ୍ପର୍କରେ କିଛିଟା ଉନ୍ନତି ପରିଲକ୍ଷିତ ହେବ।


# classifieds Everyday
0674-2580101, 2549302




**BRIDE WANTED**

Brahmin Boy/ Railway Engineer/ 32/ SBI Manager, Bhubaneswar. 7978399083, 9090486408. D-22526

ଗରିବ ଜ୍ୟୋତିଷ ପାତ୍ରୀ ଅବିବାହିତ ଆବଶ୍ୟକ। ଜ୍ୟୋତିଷ ପାତ୍ର never married, professional Librarian. Contact:9237210331. D-22509

Divorcee issueless boy 36/5'11" Assistant Professor requires beautiful bride educated family settled Bhubaneswar. Contact directly 8328814414. D-22528

32 ବର୍ଷ ସୁନ୍ଦର ବ୍ରାହ୍ମଣ IIT Delhi ରୁ M.Tech କରିଥିବା height-5.10" ଉଚ୍ଚ ଦରମାରେ ଅବସ୍ଥାପିତ ପାତ୍ରଙ୍କ ପାଇଁ ସୁନ୍ଦର ଗୌରବର୍ଣ୍ଣ ଚାକିରି କରିଥିବା ପାତ୍ରୀ ଆବଶ୍ୟକ। Contact Phone No.- 7735580114, 9650493259. D-22502

Bride wanted for 41years groom 5'4" business consultant in Mumbai own house in BBSR. 8763301611. D-71829

**GROOM WANTED**

Beautiful Christian 43 aged unmarried Central Government ଚାକିରିଆ ଝିଅଙ୍କୁ ଯେ କୌଣସି ଜାତିର married/ unmarried ପୁଅ ଦରକାର। 7381366103. D-22525




**HIRE**

JCB Machine Excavators 38T, 22T,20T,12T,10T, 8T & Loader- 2DX,3DX,JCB Compactor, JCB Loadall,Tata/Eicher Bus,Mercedes Benz available for Sale/Hire. Contact: 9556240228, 9937292015, 7077714312. Email-kttbbsr@gmail.com. D-22404




**SALE**

**NH side flat available for sale at Naharakanta Chhak, Bhubaneswar. Contact: 6371401150.** D-22515

Bhubaneswar CRP ଛକରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ 1500/-, 950/-, 400/-, 650/- କିଣି ଘର କରନ୍ତୁ। Pinky. 6370476317. D-71751

**ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952.** D-71746

Hanspal, Balianta ଛକରୁ ଅଳ୍ପ ଦୂରତାରେ gharabari boundarywall plot ମିଳୁଛି। 7008492511. D-22490

**Bhubaneswar, Patia, Bigbazar 2.5.k.m.distance 1200sqft. 8,40,000/-. Conatct: 8328864710.** D-71740

Flat for sale: flat at Cuttack road, opposite Ekamra Talkies, 3Bed rooms, 2Bathrooms, 2Balconies (one facing Cuttack road), Marble Flooring, one 4wheeler parking at besement is for sale. Contact Number: 9677136960. D-22518

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469

**Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009.** D-71750

BDA Approved G+3 Building for sale: BBSR Bargarh Brit Colony having parking space & on Bedroom, Kitchen, Toilet in the Ground Floor and on the 1st, 2nd, 3rd floor having 2 Nos Bed Room, 2 Nos. Toilet, Drawing, Dining, modular Kitchen utilities & Balcony. Contact: 9437012031. D-22520

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22388

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22395

For sale: 2+HALF Bedroom having 1360sqft. super built up area @4500.00/ sqft. for sale At-Vivekananda Marg, Bhubaneswar. Contact No.- 9938303321. D-22529

**Flat for sale at Jharpada near Durga Mandap main road side. Contact: 6371401150.** D-22516

Luxurious 4&5 BHK Duplex units are available at Balianta. Land-1400 and Construction- 2200-2600. 9938219397, 9861022055. D-22508

**Ready to move 1BHK Holiday apartment sale Jaganathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033095, 6372753860.** D-71749

Full furnished 3/2BHK flat available prime location near Ravi Talkies Square. 9861037729/ 9040337729. D-71450

**2400sqft. (40x60) G.A. plot for sale at Bharatpur. Price 1.20cr, only genuine buyer can contact at 7978627900 (No agent).** D-71512

**Residential gharabari plot near English Medium School, Brahmanjharilo with boundarywall 7km. from Nakhara, Cuttack and 12km. to BBSR. Contact No.- 7809525452.** D-71825

2 bedroom flat with car parking is available for sale in Unit-9, Bhubaneswar. Contact: 9820700400. D-71608

ଭୁବନେଶ୍ୱର ଚନ୍ଦକାରେ **Nalanda/ BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

**PURCHASE**

ମୋର ଦରକାର ରାସ୍ତା କଡ଼ ଜାଗା ନଖରା ଠାରୁ ଅଡଶପୁର ପର୍ଯ୍ୟନ୍ତ। **Only owners to Contact: 7978991126.** D-71826




Three Rooms, Dining, Kitchen, Veranda near GGP Colony, Pandara Road, small Family preferred. 91-8249484647. D-22517

"3-Storey Building each Floor 1500 Sqft / 3 BHK with all Modern Amenities and Parking Available for Office, Commercial and residential. at Suobhagya Nagar, Puri, infront of the Puri Bus Stand, Near the Railway Station. Phone no: 7894082679, 9702804595, 9437231973". D-22499

**1700sqft. area for Office/ Bank & Room for offsite ATM at mainroad, Oldhi about 200 metre away from Oldhi Chawk (NH-5A). Contact- 8895451983.** D-22285

Ground floor 1700sqft. near Rabi Talkies Square for Office, Institutions. Contact: 8249204856. D-22492

Single Double rooms at sisupalgad, Tankapani, Bhubaneswar. Ph- 9437764734, 9556856822. D-70761

One room, Dining, Kitchen and Toilet at VIP Area IRC. Contact: 8917698751. D-71513




One hour any therapy by expert therapist @800 only. 9078484455. D-71449

Newly open full body massage ladies and gents. 8327740003. D-71828

Newly Open Saikrupa Panchakarma Spa positively health benefits with Expert. 8984068077. D-22470

@999 refreshing your mind, body with the best therapy - 7873794731. D-71918




**Admissions for Regular B.ED courses of andhra university are available at here in ashoka collage of education, vizayanagaram Contact numbers - 9337987055, 9861223512.** D-22474

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଘାଟିରୁ ପିକ୍ଅପ୍ ଓଲଟି ଜଣେ ମୃତ, ୧୭ ଆହତ

ପାରଳାଖେମୁଣ୍ଡି,(ଡି.ଏନ୍.ଏ.):ଗଜପତି ଜିଲା ରାୟଗଡ଼ ବ୍ଲକ ବୁରଖତ ଗ୍ରାମ ନିକଟ ଘାଟି ରାସ୍ତାରେ ଶନିବାର ଏକ ପିକ୍ଅପ୍ ଭ୍ୟାନ ୨୦୦ ଫୁଟ ତଳକୁ ଓଲଟି ପଡ଼ିଛି। ଏଥିରେ ଗୋଷାଣୀ ବ୍ଲକ ଗାରାବନ୍ଧ ଗାଁ କୁମୁଟି ସାହିର କେ. ମଣିମାଳା (୪୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ୧୭ ଜଣ ଗୁରୁତର ଆହତ ହୋଇଛନ୍ତି। ଶନିବାର ପୂର୍ବାହ୍ନରେ ଗାରାବନ୍ଧ ଗ୍ରାମର ୧୮ ଜଣ ମହିଳା ଓ ପୁରୁଷ ମିଶି ଏକ ପିକ୍ଅପ୍‌ରେ ମହେନ୍ଦ୍ରଗିରି ପର୍ବତରେ ଥିବା ଶୈବପୀଠ ଦର୍ଶନ କରି ଫେରିବା ବେଳେ ଗାଡ଼ି ଓଲଟି ପଡ଼ିଥିଲା।

## ସଂକ୍ଷେପରେ

### ତତଲା ପେୟ ପଡ଼ି ଶିଶୁପୁତ୍ର ଗୁରୁତର
#### ଚିକିତ୍ସାରେ ଅବହେଳା ଅଭିଯୋଗ

ରୂପସା, ୧୧।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ଦେଉଳିପଡ଼ା ଗ୍ରାମର ଅଜୟ ଦଳେଇଙ୍କ ବର୍ଷକର ପୁଅ ବୁଦ୍ଧିଆଙ୍କ ଉପରେ ଗରମ ପେୟ ପଡ଼ିଯିବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଶିଶୁ ବିଶେଷଜ୍ଞ ନ ଥିବାରୁ ଆବଶ୍ୟକ ଚିକିତ୍ସା ମିଳିପାରି ନ ଥିଲା। ଉକ୍ତ ମେଡ଼ିକାଲ ପାଇଁ ଦୁଇଜଣ ଶିଶୁରୋଗ ବିଶେଷଜ୍ଞ ଥାଇ ବି ଚିକିତ୍ସା ନ ପାଇବା ଓ ଆମ୍ବୁଲାନ୍ସ ବିଳମ୍ବରେ ଆସିବାକୁ ଦାୟୀ କରି ମେଡ଼ିକାଲ ସାମ୍ନାରେ ପରିବାର ଲୋକେ ବିକ୍ଷୋଭ କରିଥିଲେ। କୁନି ପିଲା ଚିକିତ୍ସା ନ ପାଇ କଷ୍ଟ ଜ୍ୱାଳାରେ ରାହା ଧରି କାନ୍ଦୁଥିବାରୁ ବାଲେଶ୍ୱର ମେଡିକାଲକୁ ରେଫର ପାଇଁ ୧୦୮ ଆମ୍ବୁଲାନ୍ସ ଡକାଯାଇଥିଲା। ୪୫ ମିନିଟ୍ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସି ନ ଥିଲା। ତେବେ ମେଡ଼ିକାଲ କର୍ମଚାରୀ ଚିନ୍ମୟ ରାଉଳ କୁନି ପିଲାର କଷ୍ଟ ସହି ନ ପାରି ନିଜସ୍ୱ ଖର୍ଚ୍ଚରେ ଏକ ଘରୋଇ ଆମ୍ବୁଲାନ୍ସରେ ପଠାଇଥିଲେ। ତେବେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୫୦ ଶଯ୍ୟା ବିଶିଷ୍ଟ ରେଫେରାଲ ଅଟେ। ଏକ ଆଧୁନିକ ଆମ୍ବୁଲାନ୍ସ ଓ ସମସ୍ତ ଡାକ୍ତରୀ ପଦବୀ ପୂରଣ କରାଇ ୨୪ଘଣ୍ଟିଆ ଉନ୍ନତ ସେବା ଯୋଗାଇବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।

### ମହୁମାଛି ଆକ୍ରମଣରେ ଶିକ୍ଷକଙ୍କ ମୃତ୍ୟୁ

ରୂପସା, ୧୧।୧୨ (ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ୍ କୁଳିଦା ପଞ୍ଚାୟତ ବେଲଗାଁରେ ମହୁମାଛି ଆକ୍ରମଣରେ ସୃଷ୍ଟିଧର ୟୁପି ସ୍କୁଲର ସହକାରୀ ଶିକ୍ଷକ ପ୍ରଦୀପ କୁମାର ଘୋଷଙ୍କ ମୃତ୍ୟୁ ହୋଇଛି। ସେ ବିଦ୍ୟାଳୟରୁ ନିଜ ଘରକୁ ଫେରୁଥିବା ବେଳେ ବ୍ରହ୍ମପୁରା ଛକ ନିକଟରେ ତାଙ୍କୁ ମହୁମାଛି ଆକ୍ରମଣ କରିଥିଲା। ସେ ଘଟଣାସ୍ଥଳରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ ଜଳେଶ୍ୱର ଜିକେଭଟ୍ଟର ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ୭ବର୍ଷର ଜଣେ କନ୍ୟାସନ୍ତାନ ଅଛନ୍ତି। ମୃତ ଶିକ୍ଷକଙ୍କ ଘର ରାଇବଣିଆ ଥାନା ଦକ୍ଷିଣପ୍ରହରାଜପୁର ଗ୍ରାମରେ।

### ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ

ରାଉରକେଲା ଅଫିସ,୧୧।୧୨

ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ରାଉରକେଲା ସାଇବର ପୋଲିସ ଜଣେ ଯୁବକଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭରତ ଭୂଷଣ ସକ୍‌ସେନା(୪୩)। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ରାଉରକେଲାର ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରି ତାଙ୍କୁ ଅର୍ଥ ମାଗିବା ନେଇ ୨୦୧୯ ନଭେମ୍ବର ମାସରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ ଏକ ମାମଲା (ନଂ.୯।୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗତ ୬ ତାରିଖରେ ସାଇବର ଥାନା ଇନ୍ସପେକ୍ଟର ମୁନା ନାୟକ, ସବ୍‌ଇନ୍ସପେକ୍ଟର ସୂର୍ଯ୍ୟ ନାରାୟଣ ପାତ୍ର ଓ କନଷ୍ଟେବଲ ଏମ. ନାଗରାଜ ମଧ୍ୟପ୍ରଦେଶ ଯାଇଥିଲେ। ସେମାନେ ଭରତଙ୍କୁ ଇଚ୍ଛାବର ଅଞ୍ଚଳରୁ ଗିରଫ କରି ଶୁକ୍ରବାର ରାଉରକେଲାରେ ପହଞ୍ଚିଥିଲେ।

### ଭିନ୍ନକ୍ଷମ ଯୁବକଙ୍କୁ ଲୁଟ୍ ଘଟଣାରେ ୨ ଭାଇ ଗିରଫ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)- ସାଇକେଲରେ ଯାଉଥିବା ଜଣେ ଭିନ୍ନକ୍ଷମ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଫୋନ ଛିନ୍‌ତାଇ କରିଥିବା ଘଟଣାରେ ଶହୀଦନଗର ଥାନା ପୋଲିସ ୨ଅଭିଯୁକ୍ତ ଭାଇଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଉଭୟେ ହେଲେ ଶହୀଦନଗର ଥାନା କଲରାପୁଟ ବସ୍ତିର ଚନ୍ଦନ କୁମାର ବାରିକ ଓରଫ ରାଜୁ(୨୨) ଓ ରଞ୍ଜନ କୁମାର ବାରିକ (୨୧)। ଦୁହିଁଙ୍କଠାରୁ ପୋଲିସ ୨ହଜାର ଟଙ୍କା ସହ ମୋବାଇଲ ଫୋନ୍ ଜବତ କରିଛି। ଆକ୍ରମଣର ଶିକାର ହୋଇ ଆହତ ହୋଇଥିବା ଯୁବକ ଜଣଙ୍କ ହେଲେ ତିରୁପତି ମହନ୍ତ। ସୂଚନା ମୁତାବକ କେନ୍ଦୁଝର ଜିଲା ସାହାରପତି ପୁର ଗ୍ରାମର ତିରୁପତି ମହାନ୍ତ ଗଙ୍ଗନଗରରେ ରୁହନ୍ତି। ଗତ ୩୦ତାରିଖରେ ସେ ରସୁଲଗଡ ଦେଇ ସାଇକେଲରେ ଶହୀଦନଗର ଆସୁଥିଲେ। ଉକ୍ତ ସମୟରେ ରାଜୁ ଓ ରଞ୍ଜନ ଆସି ତିରୁପତିଙ୍କୁ ଆକ୍ରମଣ କରିବାରୁ ସେ ତଳକୁ ଖସିପଡ଼ିଥିଲେ। ଏଥିସହ ସେ ରଖିଥିବା ୮ ହଜାର ଟଙ୍କା ଓ ମୋବାଇଲ ଫୋନ ଛଡାଇ ନେଇ ପଳାଇଥିଲେ। ତିରୁପତିଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଜୀବିତଙ୍କ ନାଁରେ କୋଭିଡ୍ ସହାୟତା
## ବଞ୍ଚି ଥାଉ ଥାଉ ମାରିଦେଲା ପ୍ରଶାସନ

ନୟାଗଡ଼ ଅଫିସ,୧୧।୧୨

ଜୀବିତ ଲୋକଙ୍କ ନାମରେ କୋଭିଡ୍ ମୃତକଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା ରାଶି ନୟାଗଡ଼ ଜିଲାର କେତେଜଣ ଲୋକଙ୍କୁ ମିଳିଛି। ଏହା ପରେ କୋଭିଡ୍ ମୃତକଙ୍କ ରିପୋର୍ଟ ଉପରେ ପ୍ରଶ୍ନ ଉଠିଛି। ଏନେଇ ଭାପୁର ବ୍ଲକ ଭାପୁର ପଞ୍ଚାୟତର କୁବେର ସାହୁ କ୍ଷୋଭର ସହ କହିଛନ୍ତି, ମୁଁ ବଞ୍ଚି ଥାଉ ଥାଉ ପ୍ରଶାସନ ମୋତେ ମାରି ଦେଇଛି। କୁବେରଙ୍କ ସୂଚନା ଅନୁସାରେ ତାଙ୍କୁ କରୋନା ହୋଇଥିଲା। ସେ କୌଣସି କୋଭିଡ୍ ସେଣ୍ଟରକୁ ଯାଇ ନ ଥିଲେ। ହୋମ୍ ଆଇସୋଲେଶନରେ ରହି ସୁସ୍ଥ ହୋଇଛନ୍ତି। ସେହିପରି ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ତରାବାଲୋ ଗାଁର କୁନ୍ତଳା ବେହେରା, ଶାଳପଡ଼ା ପଞ୍ଚାୟତ କେନ୍ଦୁପଲ୍ଲୀ ଗାଁର ନାରାୟଣ ପଣ୍ଡା, ବିଜିପୁର ପଞ୍ଚାୟତ ମାଳିବେରଣୀ ଗାଁର ଜଣେ ବ୍ୟକ୍ତି ମଧ୍ୟ ଅନୁରୂପ ଭାବେ ପ୍ରାଣ ହରାଇଛନ୍ତି ବୋଲି ତହସିଲଦାରଙ୍କ ପାଖକୁ ଆସିଥିବା ରିପୋର୍ଟ କହୁଛି। ହେଲେ ଏହି ବ୍ୟକ୍ତିମାନେ ଜୀବିତ ଅଛନ୍ତି ଏବଂ ତଦନ୍ତ ଦାବି କରିଛନ୍ତି। ଏପରି ଅବ୍ୟବସ୍ଥା ଖଣ୍ଡପଡ଼ା, ଓଡ଼ଗାଁ, ରଣପୁର ବ୍ଲକରେ ହୋଇଥିବା ଅଭିଯୋଗ ହୋଇଛି।

କୋଭିଡ୍‌ରେ ନୟାଗଡ଼ ଜିଲାରେ କେତେ ଲୋକ ମରିଛନ୍ତି ସେନେଇ ଠିକ୍ ତଥ୍ୟ ଆଜିପର୍ଯ୍ୟନ୍ତ ଜଣାପଡ଼ିନାହିଁ। କୋଭିଡ୍‌କୁ ସରକାର ମହାମାରୀ ଘୋଷଣା କରିବା ପରେ ଏଥିରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପାଇଁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଉଛନ୍ତି। ତେବେ ବିଭିନ୍ନ ତହସିଲକୁ କୋଭିଡ୍ ମୃତକଙ୍କୁ ନେଇ ଯେଉଁ ରିପୋର୍ଟ ଆସିଛି ସେଥିରେ ତ୍ରୁଟି ରହିଛି। ଆରଆଇ ରିପୋର୍ଟ ଧରି ଗାଁକୁ ଯିବାବେଳେ ବଞ୍ଚିଥିବା ଲୋକଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। କେତେକ ସ୍ଥାନରେ ଉତ୍ତେଜନା ସୃଷ୍ଟି ହେଉଛି। ଫଳରେ ଆରଆଇମାନେ ହଟହଟା ହେଉଛନ୍ତି। ଏନେଇ ମୋରଡା ଆରଆଇ ପ୍ରଫୁଲ୍ଲ ବେହେରା, ଭାପୁର ତହସିଲଦାର ତୃପ୍ତି ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେମାନେ ଫୋନ ଉଠାଇ ନ ଥିଲେ। ଉପଜିଲାପାଳ ଲଗ୍ନଜିତ ରାଉତଙ୍କୁ ଯୋଗାଯୋଗ କରିବାରୁ ସେ କୋଭିଡ୍ ମୃତକ ରିପୋର୍ଟରେ ତ୍ରୁଟି ରହିଥିବା ସ୍ୱୀକାର କରିଥିଲେ। ରିପୋର୍ଟକୁ ଯାଞ୍ଚ କରି ସହାୟତା ରାଶି ବଣ୍ଟନ କରିବାକୁ ତହସିଲଦାରମାନଙ୍କୁ କୁହାଯାଇଥିବା ସେ ସୂଚନା ଦେଇଛନ୍ତି।

# ବିନାନୁମତିରେ ଚାଲିଛି ୭୬୫ ଘରୋଇ ସ୍କୁଲ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ୧,୯୬୯ଟି ଘରୋଇ ଇଂଲିଶ ମିଡିୟମ ସ୍କୁଲ ରହିଛି। ଏଥିରୁ ୭୬୫ଟି ସ୍କୁଲ ରାଜ୍ୟ ସରକାରଙ୍କ ବିନା ଅନୁମତି ବା ସ୍ୱୀକୃତିପତ୍ର(Certificate of Recog-nition)ରେ ଚାଲୁଛି। ଆଉ ୧,୨୦୪ଟି ବିଦ୍ୟାଳୟ ସ୍ୱୀକୃତିପତ୍ର ପାଇଛନ୍ତି। ବିନା ସରକାରୀ ଅନୁମତିରେ ଚାଲୁଥିବା ଘରୋଇ ବିଦ୍ୟାଳୟଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ବିଧାନସଭାରେ ବିଧାୟିକା କୁସୁମ ଟେଟେଙ୍କ ଏ ସଂକ୍ରାନ୍ତ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ଏହା କହିଥିଲେ। ସେପଟେ ରାଜ୍ୟରେ ହାଇସ୍କୁଲ ସ୍ତରରେ ୧ ହଜାରରୁ ଉର୍ଦ୍ଧ୍ୱ ଘରୋଇ ଇଂଲିଶ ମିଡିୟମ ସ୍କୁଲ ଚାଲୁଥିବାବେଳେ ମାତ୍ର ୩୮୯ଟି ସ୍କୁଲ ସରକାରଙ୍କ ଅନୁମତି ପାଇଥିବା ଜଣାପଡ଼ିଛି।

# ଉଧାର ଟଙ୍କା ଶୁଝି ନ ପାରିବାରୁ ମେକାନିକ୍‌ଙ୍କୁ ଗୁଳି କରି ହତ୍ୟା

ସଜନାଗଡ଼, ୧୧।୧୨(ଡି.ଏନ.ଏ.)

ଉଧାର ଟଙ୍କା ଶୁଝିବାକୁ କେନ୍ଦ୍ର କରି ବାଲେଶ୍ୱର ଜିଲା ନୀଳଗିରି ଥାନା ମିତ୍ରପୁର ଅଞ୍ଚଳରେ ଶନିବାର ଜଣେ ଗ୍ୟାରେଜ ମେକାନିକ୍‌ଙ୍କୁ ଗୁଳିମାରି ହତ୍ୟା କରାଯାଇଛି। ମିତ୍ରପୁର ମଖାପଦାଠାରେ ନୂଆପାଢ଼ୀ ଅଞ୍ଚଳର ରଞ୍ଜନ ବେହେରାଙ୍କ ଏକ ଗ୍ୟାରେଜ ରହିଛି। ସେଠାରେ ନୂଆପାଢ଼ୀ ଅଞ୍ଚଳରେ ଭଡ଼ାରେ ରହିଆସୁଥିବା ସୁକାନ୍ତ ବେହେରା ମେକାନିକ୍ ଭାବେ ୨ବର୍ଷ ଧରି କାମ କରୁଥିଲେ। ଅପରାହ୍ନ ପ୍ରାୟ ୩ଟା ବେଳେ ସୁକାନ୍ତ କାମ କରୁଥିବା ବେଳେ ୩/୪ଜଣ ଯୁବକ ମୋଟର ସାଇକେଲରେ ପହଞ୍ଚି କାହିଁକି ଧାର ନେଇଥିବା ଟଙ୍କା ଦେଉନାହୁଁ ବୋଲି ଧମକ ଦେଇଥିଲେ। ଏହାପରେ ସେମାନେ ସୁକାନ୍ତଙ୍କ ଉପରକୁ ଗୁଳି ମାରିଥିଲେ। ସୁକାନ୍ତଙ୍କ ଡାହାଣପଟ କାନମୁଣ୍ଡାରେ ଗୁଳି ବାଜିବାରୁ ସେ ଟଳି ପଡ଼ିଥିଲେ। ଗ୍ୟାରେଜ ମାଲିକ ରଞ୍ଜନ ପହଞ୍ଚି ସୁକାନ୍ତଙ୍କ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ପଠାଇବା ସହ ଏକ ମାଉଜରକୁ ଜବତ କରି ତଦନ୍ତ ଜାରି ରଖିଛି ରଞ୍ଜନ ଓ ଆଉ ୩ଜଣଙ୍କୁ ଥାନାରେ ଅଟକ ରଖାଯାଇଛି। ମେଡିକାଲରେ ସୁକାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୁକାନ୍ତଙ୍କ ପ୍ରକୃତ ଘର ରୂପ୍‌ସା ଅଞ୍ଚଳରେ। ତାଙ୍କ ବାପା ପୂର୍ଣ୍ଣଚନ୍ଦ୍ର ବେହେରା ପେପରମିଲରେ ଚାକିରିରୁ ଅବସର ନେବା ପରେ ନୂଆପାଢ଼ୀ ଗାଁରେ ଭଡାରେ ରହି ଆସୁଛନ୍ତି।

# ବିଜୟ ଉତ୍ସବ ପାଳିଲା ସଂଯୁକ୍ତ କିଷାନ ମୋର୍ଚ୍ଚା



କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ପ୍ରତ୍ୟାହାରକୁ କୃଷକ ଆନ୍ଦୋଳନର ଅଭୂତପୂର୍ବ ବିଜୟ ରୂପେ ବିବେଚନାକରି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ଶନିବାର ଅନୁଷ୍ଠିତ 'ବିଜୟ ଉତ୍ସବ' ପାଳନ ଅବସରରେ ଉପସ୍ଥିତ କୃଷକ ଓ ଶ୍ରମିକଙ୍କ ସହ ନେତୃବୃନ୍ଦ।

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ତିନୋଟି କୃଷି ଆଇନ ପ୍ରତ୍ୟାହାରକୁ କୃଷକ ଆନ୍ଦୋଳନର ଅଭୁତପୂର୍ବ ବିଜୟ ରୂପେ ବିବେଚନାକରି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ଶନିବାର ବିଜୟ ଉତ୍ସବ ପାଳନ କରିଛି। ଏଥିରେ କୃଷକ ଏବଂ ଶ୍ରମିକ ନେତାମାନେ ଯୋଗଦେଇ କୃଷି ଆଇନ ଓ ଆନ୍ଦୋଳନ ସଂକ୍ରାନ୍ତରେ କହିଥିଲେ। ସବୁ ଫସଲର ଏମ୍‌ଏସ୍‌ପି ପାଇଁ ଆଇନଗତ ଗ୍ୟାରେଣ୍ଟି, ଜନବିରୋଧୀ ବିଦ୍ୟୁତ ସଂଶୋଧନ ବିଲ୍ ୨୦୨୦ ପ୍ରତ୍ୟାହାର, ଆନ୍ଦୋଳନରତ କୃଷକଙ୍କ ଉପରେ ହୋଇଥିବା ମୋକଦ୍ଦମା ପ୍ରତ୍ୟାହାର, ଦିଲ୍ଲୀ ପାର୍ଶ୍ୱବର୍ତ୍ତୀ ରାଜ୍ୟଗୁଡିକରେ ନଡ଼ା ଜାଳିବା ପାଇଁ ଚାଷୀଙ୍କ ଉପରେ ରହିଥିବା ଦଣ୍ଡବିଧାନ ଆଇନକୁ ପ୍ରତ୍ୟାହାର କରିବା ଆଦି ଦାବିଗୁଡ଼ିକ ପୂରଣ ନିମନ୍ତେ ଭାରତ ସରକାର ସଂଯୁକ୍ତ କିଷାନ ମୋର୍ଚ୍ଚାକୁ ଏକ ଚିଠିରେ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିଶ୍ରୁତିକୁ ଆଧାର କରି କୃଷକ ଆନ୍ଦୋଳନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚାର ପରବର୍ତ୍ତୀ ବୈଠକ ଜାନୁୟାରୀ ୧୫ରେ ଅନୁଷ୍ଠିତ ହୋଇ ଆନ୍ଦୋଳନର ସମୀକ୍ଷା କରିବା ସହିତ ପରବର୍ତ୍ତୀ କାର୍ଯ୍ୟକ୍ରମ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ବିଜୟ ଉତ୍ସବରେ ସୁରେଶ ପାଣିଗ୍ରାହୀ, ଶ୍ରୀକାନ୍ତ ମହାନ୍ତି, କୃଷ୍ଣଚନ୍ଦ୍ର ରାଉତ, ଜଗନ୍ନାଥ ମିଶ୍ର, ସନ୍ତୋଷ ରଥ, ରାଧାକାନ୍ତ ସେଠୀ, ନାରାୟଣ ରେଡ୍ଡୀ, ପୁଷ୍ପା ଦାସ, ମହେନ୍ଦ୍ର ପରିଡ଼ା, ମହମ୍ମଦ ସୁଜ, ଶ୍ରୀଚରଣ ବେହେରା, ରମେଶ ଜେନା, ଦେବପ୍ରସାଦ ରାୟ ମହାପାତ୍ର, ନିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ମୋ ପରିବାର ପକ୍ଷରୁ ଅଭିଷେକଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ଓଡିଶା ମୋ ପରିବାର ପକ୍ଷରୁ ଦିବ୍ୟାଙ୍ଗ ଛାତ୍ର ଅଭିଷେକ ପ୍ରଧାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଛି। ୧୮ ବର୍ଷୀୟ ଅଭିଷେକ ହେଉଛନ୍ତି କେନ୍ଦୁଝର ଜିଲା ବାଲିବନ୍ଧ ଗ୍ରାମର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ର ଛାତ୍ର। ସେ ୧୩ ବର୍ଷ ପୂର୍ବେ ତାଙ୍କ ମା'ଙ୍କ ସହ ରାସ୍ତାରେ ଯାଉଥିବାବେଳେ ଏକ ଟ୍ରକ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ଡାହାଣ ଗୋଡ କଟାଯାଇଥିଲା। ତେଣୁ ସେ ନିଜ କଲେଜର ଛାତ୍ର ସଭାପତି ଅଂଶୁମାନ ଚକ୍ରବର୍ତ୍ତୀ ଏବଂ ଅବିନାଶ ପଟ୍ଟନାୟକଙ୍କୁ କୃତ୍ରିମ ଗୋଡ ଯୋଗାଇଦେବାକୁ ଅନୁରୋଧ କରିଥିଲେ। ଏନେଇ ସେମାନେ କେନ୍ଦୁଝର ଜିଲା ଓଡିଶା ମୋ ପରିବାର ଜୀବନବିନ୍ଦୁ ସଂଯୋଜକ ପ୍ରଦୀପ ସାହୁଙ୍କୁ ଜଣାଇଥିଲେ। ଓଡିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ ସ୍ୱାସ୍ଥ୍ୟ ଉପଦେଷ୍ଟା ଡ. ସତ୍ୟଜିତ ଦାସଙ୍କୁ ଅଭିଷେକଙ୍କ ଦାୟିତ୍ୱ ନେବାକୁ କହିଥିଲେ। ପରେ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି (ଦିବ୍ୟାଙ୍ଗଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତୀକରଣ) ବିଭାଗ ମାଧ୍ୟମରେ ତାଙ୍କ ଗୋଡର ମାପ ନିଆଯାଇ ତାଙ୍କୁ ଏକ କୃତ୍ରିମ ଗୋଡ଼ ପ୍ରଦାନ କରାଯାଇଛି।

# ହାତରେ ବୋମା ଫୁଟିଲା, ଡକାୟତି ଅଭିଯୁକ୍ତ ଗୁରୁତର

ଓଡ଼ଗାଁ,୧୧।୧୨ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ରଙ୍ଗଣିପାଟଣା ହରିଜନ ସାହି ନିକଟରେ ଶୁକ୍ରବାର ରାତିରେ ବୋମା ଫୁଟିଛି। ଏଥିରେ ଡକାୟତି ଅଭିଯୁକ୍ତ ଫକୁ ଓରଫ ଶ୍ୱେତପଦ୍ମ ସାହୁ(୨୫) ଆହତ ହୋଇଛନ୍ତି। ଆଦର୍ଶ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ସୂଚନା ଅନୁଯାୟୀ, ବେଲପଡିଆ ଗ୍ରାମର ଫକୁଙ୍କ ନାମରେ ବିଭିନ୍ନ ଥାନାରେ ଡକାୟତି ମାମଲା ରହିଛି। ଶୁକ୍ରବାର ରାତିରେ ସେ ସହଯୋଗୀ ମାନସ ସାହୁ(୨୨)ଙ୍କ ସହ ଦୁଇଟି ବୋମା ନେଇ ବାଇକ୍‌ରେ ଆସିଥିଲେ। ମାନସ ବାଇକ୍‌ରେ ବସିଥିବା ବେଳେ ଫକୁ ଓହ୍ଲାଇ ବୋମା ଫିଙ୍ଗିବାକୁ ଉଦ୍ୟମ କରିଥିଲେ। ହେଲେ ସେଠାରେ ଥିବା ନଳକୂପ ନିକଟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ପଡ଼ିଯାଇଥିଲେ। ଫଳରେ ବୋମାଟି ତାଙ୍କ ହାତରେ ହିଁ ଫୁଟିଯାଇଥିଲା। ମାନସ ତୁରନ୍ତ ଫକୁଙ୍କୁ ବାଇକ୍‌ରେ ବସାଇ ସ୍ଥାନୀୟ ହସ୍ପିଟାଲରେ ଛାଡ଼ି ଛୁ ମାରିଥିଲେ। ମାନସ ଅନ୍ୟ ଏକ ବୋମାକୁ ନେଇ ଯାଇଥିବା ପୋଲିସ ତଦନ୍ତରୁ ଜାଣିପାରିଛି। ଅନ୍ୟପକ୍ଷେ ପୋଲିସ ଫକୁଙ୍କୁ ପ୍ରଥମେ ନୟାଗଡ଼, ଭୁବନେଶ୍ୱର ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଛି। ଫକୁଙ୍କ ପାପୁଲି ନଷ୍ଟ ହୋଇଛି। ପୋଲିସ ନିଜ ଆଡୁ ଏକ ମାମଲା(ନଂ.୧୪୩/୨୧) ରୁଜୁ କରିବା ସହିତ ତଦନ୍ତ ଆରମ୍ଭ କରିଛି। ମାନସଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି।




# ବିମାନବନ୍ଦରରେ ବ୍ୟାଗ୍‌ରେ ବୋମା ଆତଙ୍କ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ଭୁବନେଶ୍ୱର ବିମାନବନ୍ଦରରେ ଶନିବାର ସନ୍ଧ୍ୟାରେ ଏକ ଅଜଣା ବ୍ୟାଗକୁ ନେଇ ଆତଙ୍କ ଖେଳି ଯାଇଥିଲା। ବୋମା ନିଷ୍କ୍ରୀୟକାରୀ ଦଳ ଓ ସନ୍ଧାନୀ କୁକୁରର ତନାଘନା ପରେ ସେଥିରେ କପଡ଼ା ଥିବା ଜଣାପଡ଼ିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ୭ଦିନ ତଳେ ବିମାନ ଯାତ୍ରା ସମୟରେ ସାଙ୍ଗରେ ନେଇ ଯାଉଥିବା ସାମଗ୍ରୀର ଓଜନ ହ୍ରାସ କରିବା ପାଇଁ ଜଣେ ଯାତ୍ରୀ ବ୍ୟାଗ ଛାଡ଼ି ଚାଲିଯାଇଥିଲେ ବୋଲି ଜଣାପଡ଼ିଥିଲା। ଏହା ପରେ ଉକ୍ତ ଯାତ୍ରୀଙ୍କୁ ବିମାନବନ୍ଦର ସୁରକ୍ଷା କର୍ମୀଙ୍କ ପକ୍ଷରୁ ଯୋଗାଯୋଗ କରାଯାଇଛି। ଏୟାରପୋର୍ଟ ପରି ଏକ ସମ୍ବେଦଶୀଳ ସ୍ଥାନରେ ୨୪ ଘଣ୍ଟା ସୁରକ୍ଷା ବ୍ୟବସ୍ଥା ରହିଛି। ତେବେ ଏତେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏପରି ସନ୍ଦେହ ଜନକଭାବେ ବ୍ୟାଗ ଛାଡି ଚାଲିଯିବା ଘଟଣା ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ସୂଚନା ମୁତାବକ ଶନିବାର ସନ୍ଧ୍ୟାରେ ବିମାନବନ୍ଦର ପ୍ରବେଶ ପ୍ରସ୍ଥାନ ପଥରେ ଏକ ବ୍ୟାଗ ଅନେକ ସମୟ ଧରି ରହିବାପରେ ସୁରକ୍ଷାକର୍ମୀଙ୍କ ସନ୍ଦେହ ବଢ଼ିଥିଲା। ବ୍ୟାଗରେ କିଛି ବିସ୍ଫୋରକ ଥିବା ଆଶଙ୍କାରେ ସୁରକ୍ଷା କର୍ମୀ ଯାତ୍ରୀମାନଙ୍କୁ ବ୍ୟାଗଠାରୁ ଦୂରେଇ ଯିବାକୁ କହିବା ପରେ ଏକ ଭୟର ବାତାବରଣ ଖେଳିଯାଇଥିଲା। ବୋମା ନିଷ୍କ୍ରୀୟକାରୀ ଦଳ ଓ ସନ୍ଧାନୀ କୁକୁରର ଯାଞ୍ଚ କରିବା ପରେ ସେଥିରେ କପଡା ଥିବା ଜଣାପଡିଥିଲା। ଏଥିସହ ବ୍ୟାଗରୁ ପରିଚୟ ମିଳିବା ପରେ ଉକ୍ତ ବ୍ୟକ୍ତିଙ୍କୁ ଯୋଗଯୋଗ କରାଯାଇଥିଲା। ତେବେ ୨୫ କେଜିରୁ ଅଧିକ ଓଜନର ସାମଗ୍ରୀ ନେଲେ ତା' ପାଇଁ ଅର୍ଥ ପଇଠ କରିବାକୁ ପଡ଼େ। ତେଣୁ ଅନେକ ଯାତ୍ରୀ ଓଜନ ହ୍ରାସ କରିବା ପାଇଁ ବ୍ୟାଗ ଛାଡ଼ି ଯାଉଛନ୍ତି ବୋଲି ସୁରକ୍ଷା କର୍ମୀ କହିଛନ୍ତି।

# ଜେଲ ଗଲେ ଡାଇରେକ୍ଟର, ଅଧ୍ୟାପିକା
## ନର୍ସିଂ କଲେଜ ଖୋଲି ଛାତ୍ରୀଙ୍କୁ ଜାଲ ସାର୍ଟିଫିକେଟ ପ୍ରଦାନ ଘଟଣା

ଦେବଗଡ଼,୧୧।୧୨(ଡି.ଏନ୍.ଏ.)

ଏମ୍‌ସ କଲେଜ ଅଫ୍ ହେଲ୍‌ଥ ଆଣ୍ଡ ସାଇନ୍ସ ଖୋଲି ଝିଅମାନଙ୍କୁ ଠକିବା ସହ ସେମାନଙ୍କୁ ଜାଲ ସାର୍ଟିଫିକେଟ ଦିଆଯାଇଛି। ଏଭଳି ଅଭିଯୋଗରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ଗିରଫ କରିଥିବା କଲେଜର ଡାଇରେକ୍ଟର ପ୍ରଶାନ୍ତ ସାହୁ ଓ ଅଧ୍ୟାପିକା ରଞ୍ଜିତା ନାୟକଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଦେବଗଡ ପୌରାଞ୍ଚଳର ତେନ୍ତୁଳିସାହିରେ ଉକ୍ତ କଲେଜ ଖୋଲାଯାଇଥିଲା। ପ୍ରଶାନ୍ତ ଓ ଅଧ୍ୟାପିକା ରଞ୍ଜିତା ଗାଁକୁ ଗାଁ ବୁଲି ଯୁକ୍ତ୨ ଶ୍ରେଣୀ ପାସ୍ କରିଥିବା ଯୁବତୀମାନଙ୍କୁ ଉକ୍ତ କଲେଜରେ ନାମ ଲେଖାଇବାକୁ ପରାମର୍ଶ ଦେଇଥିଲେ। ଫଳରେ ଅନ୍ୟମାନଙ୍କ ଭଳି ଠକାମୀର ଶୀକାର ୫ ଛାତ୍ରୀ ମଧ୍ୟ ସେଠାରେ ନାମ ଲେଖାଇଥିଲେ। ପରୀକ୍ଷା ଦେଇ ପାସ୍ ହେବା ପରେ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସାର୍ଟିଫିକେଟ ଦିଆଯାଇଥିଲା। ମାତ୍ର ଚାକିରି ପାଇଁ ଉକ୍ତ ସାର୍ଟିଫିକେଟ ଧରି କଟକ ଯାଇଥିବାବେଳେ ତାହା ଜାଲ ହୋଇଥିବା ଜଣାପଡିଥିଲା। ଫଳରେ ସେମାନେ ଡାଇରେକ୍ଟର ପ୍ରଶାନ୍ତ ଓ ଅଧ୍ୟାପିକା ରଞ୍ଜିତାଙ୍କୁ ଖୋଜିଥିଲେ ହେଁ ସେମାନଙ୍କର କୌଣସି ପତ୍ତା ମିଳି ନ ଥିଲା। ଉକ୍ତ ଅନୁଷ୍ଠାନ ମଧ୍ୟ ବନ୍ଦ ହୋଇଯାଇଥିବାରୁ ଠକାମୀର ଶିକାର ହୋଇଥିବା ଦେବଗଡ଼ ଥାନା ଅନ୍ତର୍ଗତ ବୁଢିବାହାଲ, ଟାଇଁସର, ଭାଲୁପାଲି, କନଛଡା, ଗମ୍ଭାରୀପୋଶି ଗ୍ରାମର ୫ ଜଣ ଛାତ୍ରୀ ଶୁକ୍ରବାର ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଠକେଇ, ଜାଲିଆତି ଓ ଷଡଯନ୍ତ୍ର ସମେତ ବିଭିନ୍ନ ଦଫାରେ ମାମଲା ରୁଜୁକରି ଶୁକ୍ରବାର ପ୍ରଶାନ୍ତ ଏବଂ ଶନିବାର ରଞ୍ଜିତାଙ୍କୁ ଗିରଫ କରିଥିଲା।


ଡାଇରେକ୍ଟର ପ୍ରଶାନ୍ତ ସାହୁ।



ମଣିଷ ଓ ଅତିମାନବ ଭିତରେ ପାର୍ଥକ୍ୟ ହେଲା– ମନ ଓ ବସ୍ତୁ ଊର୍ଦ୍ଧ୍ୱଗତ ଚେତନା ଭିତରେ ପାର୍ଥକ୍ୟ– ଯେପରି ମଣିଷର ବିଚାରଶୀଳ ବା ମନନଶୀଳ ମନବୁଦ୍ଧି ଓ ଉଦ୍‌ଭିଦ୍ ଏବଂ ପ୍ରାଣୀମାନଙ୍କ ଚେତନା ଭିତରେ ପାର୍ଥକ୍ୟ। ମଣିଷକୁ ତା'ର ମନନଶୀଳ ବୁଦ୍ଧି ହିଁ ଅନ୍ୟଠାରୁ ପୃଥକ୍ କରିଛି। ସେହିପରି ଅତିମାନବ ତା'ର ଅତିମାନସ କିମ୍ବା ଦିବ୍ୟଚେତନା ଯୋଗୁ ମଣିଷ ଠାରୁ ପୃଥକ୍ ହେବ। –ଶ୍ରୀଅରବିନ୍ଦ

# ବ୍ୟାପକ କ୍ଷମତାର ଆଇନ



ଆକାର ପଟେଲ

ନାଗାଲାଣ୍ଡରେ ସେନା ଦ୍ୱାରା ୧୪ ଜଣ ନାଗରିକଙ୍କ ମୃତ୍ୟୁ ହେବା ପରେ ଆର୍ମଡ୍ ଫୋର୍ସେସ୍ ସ୍ପେଶିଆଲ ପାୱାର ଆକ୍ଟ ବା ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍‌ଏସ୍‌ପିଏ) ରଦ୍ଦ ବା ଉଚ୍ଛେଦ ଲାଗି ପୁଣି ସ୍ୱର ଉଠିଛି। ପୂର୍ବୋତ୍ତର ରାଜ୍ୟର ଦୁଇ ଜଣ ମୁଖ୍ୟମନ୍ତ୍ରୀ ସେମାନଙ୍କ ରାଜ୍ୟରୁ ଏହି ଆଇନ ହଟାଇନେବା ଲଗି କହିସାରିଛନ୍ତି। ଏହାକୁ ହଟାଇବା ଲାଗି ନାଗାଲାଣ୍ଡ ବିଧାନସଭା ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରିବ। ତେବେ ଏଏଫ୍‌ଏସ୍‌ପିଏ ସପକ୍ଷରେ କିମ୍ବା ବିପକ୍ଷରେ ମତ ଦେବା ପୂର୍ବରୁ ଆମକୁ ଦୁଇଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ହେବ। ପ୍ରଥମେ ଜାଣିବାକୁ ପଡ଼ିବ ସଶସ୍ତ୍ର ବଳକୁ ଏଏଫ୍‌ଏସ୍‌ପିଏରେ କେଉଁସବୁ 'ସ୍ୱତନ୍ତ୍ର କ୍ଷମତା'ପ୍ରଦାନ କରାଯାଇଛି ଏବଂ ଦ୍ୱିତୀୟରେ ଆମେ ଏହାକୁ ଉଚ୍ଛେଦ କରିବା କଥା ଯାହା କହୁଛୁ ତାହାର ଅର୍ଥ କ'ଣ ? ଏଏଫ୍‌ଏସ୍‌ପିଏରେ ପୋଲିସ, ସେନା ଓ ଅର୍ଦ୍ଧସାମରିକ ବଳକୁ ଗୁଳି ଚଳାଇବା ଲାଗି ବ୍ୟାପକ କ୍ଷମତା ପ୍ରଦାନ କରାଯାଇଛି। ଶାନ୍ତି ବଜାୟ ରଖିବା ପାଇଁ ଉକ୍ତ କ୍ଷମତା ପ୍ରୟୋଗ କରିବା ଦରକାର ବୋଲି ଯଦି ମନେକରାଯାଏ ତେବେ ସେ ଏହି ଆଇନ ବଳରେ ଗୁଳି ଚଳାଯାଇପାରିବେ। ଏପରି କି କାର୍ଯ୍ୟାନୁଷ୍ଠାନରେ ନାଗରିକଙ୍କ ମୃତ୍ୟୁ ହେଲେ କେନ୍ଦ୍ରର ବିନା ଅନୁମତିରେ ଯବାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ। ଯଦି କୌଣସି ସ୍ଥାନରେ କିମ୍ବା ଘରେ ବିଦ୍ରୋହୀ ଲୁଚି ରହିଥିବେ ଓ ସେଠାରୁ ଆକ୍ରମଣର ସମ୍ଭାବନା ଥିବ, ତେବେ ତାହାକୁ ସଶସ୍ତ୍ର ବଳ ଧ୍ୱଂସ କରିପାରିବେ। ସେମାନେ ଚାହିଁଲେ ବିନା ୱାରେଣ୍ଟରେ ଗିରଫ କରିବା ସହ ଅଟକ ରଖିପାରିବେ। ଅଶାନ୍ତ ଘୋଷିତ ସ୍ଥାନରେ ସଶସ୍ତ୍ରବଳର ଯବାନମାନଙ୍କୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଯଦି ସ୍ୱାଧୀନତା ଦିଆଯାଏ ସେଠାରେ କ'ଣ ଘଟୁଥିବା ତାହା ସହଜରେ ଅନୁମେୟ। ଏଏଫ୍‌ଏସ୍‌ପିଏ ଆଇନ ଉଚ୍ଛେଦରୁ ଅନ୍ତତଃ ଏତିକି ବୁଝାପଡ଼େ ଯେ, ଅପରାଧରେ ଜଣେ ଯବାନଙ୍କ ବିରୋଧରେ ବିଚାର ନ୍ୟାୟିକ ପ୍ରକ୍ରିୟାରେ ହେବ। ଅଭିଯୋଗ ଅଣାଯାଇ ଏଫ୍‌ଆଇଆର୍ ଦାଏର ହେବ, ପୋଲିସ ତଦନ୍ତ କରିବ ଏବଂ ପ୍ରାଥମିକ ତଥ୍ୟ ପ୍ରମାଣ ଯୋଗାଡ଼ କରି ଚାର୍ଜଶିଟ ଦାଖଲ କରିବ ଓ ପରେ ବ୍ୟକ୍ତିଙ୍କୁ କୋର୍ଟରେ ହାଜର କରାଯିବ। ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି ସେ ଦଣ୍ଡ ପାଇବେ। ଏଏଫ୍‌ଏସ୍‌ପିଏରେ ମଧ୍ୟ ଏଭଳି ଆଇନଗତ ବିଚାର ବ୍ୟବସ୍ଥା ରହିଛି। ସଶସ୍ତ୍ର ବଳ ବିରୋଧରେ ଦାଖଲ ହେଉଥିବା ଚାର୍ଜଶିଟ୍‌କୁ ପ୍ରତିରକ୍ଷା ମନ୍ତ୍ରଣାଳୟ (ସେନା ପାଇଁ) ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ(ଅର୍ଦ୍ଧସାମରିକ ବଳ ପାଇଁ) ପଠାଯାଏ। ଯବାନଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ମୁକ୍ତ କରାଯିବ କି ତାଙ୍କୁ କୋର୍ଟରେ ହାଜର କରାଯିବ ସେ ସମ୍ପର୍କରେ ଏହି ଦୁଇ ମନ୍ତ୍ରଣାଳୟ ନିଷ୍ପତ୍ତି ନିଅନ୍ତି। ୧୯୮୯ ପରଠାରୁ ହତ୍ୟା, ନିର୍ଯାତନା, ଅପହରଣ ଏବଂ ବଳାତ୍କାର ଘଟଣାରେ ଆଇନଗତ ବିଚାର ଲାଗି କୌଣସି ସ୍ୱୀକୃତି ଦିଆଯାଇ ନ ଥିଲା ବୋଲି ରାଜ୍ୟ ସଭାରେ ୧ ଜାନୁୟାରୀ ୨୦୧୮ରେ କୁହାଯାଇଥିଲା। ସେନା ମତରେ, ତା'ନିକଟରେ ଶୃଙ୍ଖଳାର ଅଭ୍ୟନ୍ତରୀଣ ବ୍ୟବସ୍ଥା ରହିଛି ଓ ତାହାକୁ ସେ ଲାଗୁ କରୁଛି। ତେବେ ସେନା ବିରୋଧରେ ଯେଉଁ ବିଶୃଙ୍ଖଳା ଅଭିଯୋଗ ଆସୁଛି ସେଥିରେ ସେହି ବ୍ୟବସ୍ଥା ଲାଗୁ ହେବା ଉଚିତ। କିନ୍ତୁ ତାହା ହେଉନାହିଁ। ୧୧ ମେ ୨୦୦୬ରେ ସିବିଆଇ ଏକ ଘଟଣାର ତଦନ୍ତ କରିବା ପରେ ୭ ରାଷ୍ଟ୍ରୀୟ ରାଇଫଲ୍ସ ୟୁନିଟ୍‌ର ୫ ଜଣ ଯବାନଙ୍କ ବିରୋଧରେ ହତ୍ୟା ଅଭିଯୋଗରେ ଶ୍ରୀନଗର ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ କେସ୍ ଦାଏର କରିଥିଲା। ପୂର୍ବ ଯୋଜନା ମୁତାବକ ବିନା କାରଣରରେ ଏହି ହତ୍ୟା କରାଯାଇଥିଲା ବୋଲି ସିବିଆଇ ଯୁକ୍ତି ଉପସ୍ଥାପନ କରିଥିଲା ଏବଂ ସରକାରୀ କାର୍ଯ୍ୟ ସମ୍ପାଦନ କରୁଥିବା ସମୟରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା ଏବଂ କୌଣସି ପରିସ୍ଥିତିରେ ଅପରାଧୀମାନଙ୍କୁ ସୁରକ୍ଷା ଦିଆଯାଇପାରିବ ନାହିଁ ବୋଲି କହିଥିଲା। କିନ୍ତୁ ଏଏଫ୍‌ଏସ୍‌ପିଏ ପ୍ରୟୋଗ କରି ଭାରତୀୟ ସେନା ୫ ଜଣ ଯବାନଙ୍କ ବିରୋଧରେ କେସ୍ ବନ୍ଦ କରିଦେଲା। ସୁପ୍ରିମ୍‌କୋର୍ଟ ସେନାର ପଦକ୍ଷେପକୁ ସମର୍ଥନ କରିଥିଲେ। ଯଦି ଚାହୁଁଛି ଏହା ବଦଳରେ ସେମାନଙ୍କ ବିଚାର ସେନା କୋର୍ଟରେ କରିବାକୁ ମତ ଦେଇଥିଲା।

ଦକ୍ଷିଣ କଶ୍ମୀରର ପାର୍ଥିବାଲ୍‌ରେ ୫ ଜଣ ନାଗରିକଙ୍କ ହତ୍ୟାର ୧୨ ବର୍ଷ ପରେ ସେପ୍ଟେମ୍ବର ୨୦୧୨ରେ ଭାରତୀୟ ସେନା ଏହି କେସ୍‌କୁ ତା' ନ୍ୟାୟିକ ବ୍ୟବସ୍ଥାକୁ ଆଣିଲା। ଏହାର ବିଚାର ପ୍ରକ୍ରିୟା ଆରମ୍ଭ କରାଗଲା। ୨୪ ଜାନୁୟାରୀ ୨୦୧୪ରେ ପ୍ରମାଣ ଅଭାବରୁ ୫ ଜଣ ଯବାନଙ୍କ ବିରୋଧରେ ଥିବା ସମସ୍ତ ଅଭିଯୋଗକୁ ଖାରଜ କଲା ବୋଲି ଭାରତୀୟ ସେନା କହିଲା। ସେହିଭଳି ଶ୍ରୀନଗରର ମାଛିଲ୍ ଘଟଣାରେ ୩ ଜଣ ନାଗରିକଙ୍କ ହତ୍ୟା ଅଭିଯୋଗରେ ଯବାନମାନେ ଦୋଷୀସାବ୍ୟସ୍ତ ହୋଇଥିଲେ। କିନ୍ତୁ ବିନ ସ୍ପଷ୍ଟୀକରଣରେ ଏକ ଆର୍ମି ଟ୍ରିବ୍ୟୁନାଲ ସେମାନଙ୍କୁ ମୁକ୍ତ କରିଦେଲା। ୨୩ ଫେବୃୟାରୀ ୧୯୯୧ରେ ୪– ରାଜପୁତାନା ରାଇଫଲ୍ସର ଯବାନ କୁପଓ୍ୱାର ଜିଲାର ଉତ୍ତର ଭାଗରେ ଥିବା କୁନାନ୍ ଓ ପୋଶ୍‌ପରା ଗାଁକୁ ଯାଇ ପୁରୁଷମାନଙ୍କୁ ବାହାରେ ଏକାଠି ହେବାକୁ କହିଲେ ଓ ସେମାନଙ୍କ ଘରେ ପ୍ରବେଶ କଲେ। ବଳାତ୍କାର ଅଭିଯୋଗରେ ଯବାନମାନଙ୍କ ବିରୋଧରେ ଏଫ୍‌ଆଇଆର୍ ଦାଖଲ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏଣୁ ଯେଉଁମାନେ ଏଏଫ୍‌ଏସ୍‌ପିଏ ଉଚ୍ଛେଦକୁ ବିରୋଧ କରୁଛନ୍ତି ସେମାନେ ଏଭଳି ଘଟଣା ଚାଲୁ ରହିବାକୁ ଚାହୁଁଛନ୍ତି ବୋଲି ବୁଝାପଡୁଛି। ସେମାନେ ଏହା ଉପରେ ବିଚାର କରିବା ଉଚିତ। ଏହି ସବୁ କେସ୍‌ର ସିଭିଲ୍ କୋର୍ଟରେ ବିଚାର ହେବା ଠାରୁ ଏଏଫ୍‌ଏସ୍‌ପିଏ ରଦ୍ଦର ମାନେ ହିଁ ଅଧିକ କିଛି ନୁହେଁ। ନାଗରିକମାନଙ୍କ ବିରୋଧରେ ସେନା କରୁଥିବା ଆପରାଧିକ ଅଭିଯୋଗର ନ୍ୟାୟିକ ବିଚାର ସେନା ଉପରେ ଛାଡ଼ି ଦିଆଯାଉଛି। ହେଲେ ତାହା ସଫଳ ହେଉନାହିଁ। ସେନା ସରକାରଙ୍କ ଅଧୀନ ଓ ଶକ୍ତି ହୋଇଥିବାରୁ ସେମାନେ କାର୍ଯ୍ୟରେ ଅନ୍ୟ କାହାର ପ୍ରବେଶ ନ ଚାହିଁବା ସ୍ୱାଭାବିକ। କିନ୍ତୁ ଯବାନଙ୍କ ବିରୋଧରେ ଅଭିଯୋଗ ଏକ ଭାରତୀୟ ସିଭିଲ କୋର୍ଟରେ ଓ ଜଣେ ଭାରତୀୟ ବିଚାରପତିଙ୍କ ଦ୍ୱାରା କରାଯିବା ଉଚିତ ନୁହେଁ ବୋଲି କହିବା ଯୁକ୍ତିଯୁକ୍ତ କି?

Email:aakar.patel@gmail.com

# ଅଧା ଜିତା ଲଢ଼େଇ



ବିଚିତ୍ର ବିଶ୍ୱାଳ

ବିଳମ୍ବରେ ହେଲେ ବି କୃଷି ଆଇନ ତିନୋଟିକୁ ପ୍ରଧାନମନ୍ତ୍ରୀ ପ୍ରତ୍ୟାହାର କରିଛନ୍ତି। ଅବଶ୍ୟ ଏଥିପାଇଁ ଚାଷୀମାନଙ୍କୁ ବର୍ଷେରୁ ଊର୍ଦ୍ଧ୍ୱ କାଳ ଖରା, ବର୍ଷା, ଶୀତରେ ବସି ଆନ୍ଦୋଳନ କରିବାକୁ ପଡ଼ିଛି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଚାଷୀମାନଙ୍କୁ ଖଲିସ୍ତାନୀ, ଆତଙ୍କବାଦୀ କୁହାଯାଇଛି। ଦେଶଦ୍ରୋହୀର ମିଛ ନିନ୍ଦା ଦେଇ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଚେଷ୍ଟା କରାଯାଇଛି। କେନ୍ଦ୍ରର କ୍ଷମତାସୀନ ଦଳ ଭାଜପା ଓ ତା'ର ଭକ୍ତମାନେ ଚାଷୀମାନଙ୍କୁ ନିନ୍ଦା କରିବାକୁ କୌଣସି ବି ସୁଯୋଗ ଛାଡ଼ିନଥିଲେ। କିନ୍ତୁ ଚାଷୀମାନେ ପଛକୁ ହଟି ନଥିଲେ, ଯାହାର ଫଳ ସାରା ଦେଶକୁ ମିଳିଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି, ଶାନ୍ତିପୂର୍ଣ୍ଣ ଭାବେ ସଂକଳ୍ପ ଓ ନିଷ୍ଠାର ସହିତ ଜନ ପକ୍ଷଧର ହୋଇ ଆନ୍ଦୋଳନ କଲେ କ୍ଷମତାର ଅହଂକାର ନିଶ୍ଚୟ ଧରାଶାୟୀ ହେବ। ଚାଷୀମାନଙ୍କର ଏହା ଏକ ଐତିହାସିକ ବିଜୟ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଆମ ଦେଶର ଚାଷୀମାନଙ୍କ ଦୁର୍ଦ୍ଦଶାକୁ କେବଳ ଚାଷୀମାନଙ୍କ ସଂଗଠିତ ଶକ୍ତି ହିଁ ଦୂର କରିପାରିବ। କୌଣସି ରାଜନୈତିକ ଦଳ ଚାଷୀଙ୍କ ସହିତ ନ ଥିଲେ କି ଆଜି ବି ନାହାନ୍ତି। ଚାଷୀଙ୍କ ଭବିଷ୍ୟତ କେବଳ ଚାଷୀଙ୍କ ହାତରେ ହିଁ ଅଛି ବୋଲି ପ୍ରମାଣିତ ହୋଇଗଲା। ରାଜନୈତିକ ଦଳଙ୍କ ଇସ୍ତାହାର କି ପ୍ରତିଶ୍ରୁତି ନୁହେଁ, ସଙ୍ଗଠିତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଦୀର୍ଘକାଳୀନ ଲଢ଼େଇ ହିଁ ଚାଷୀଙ୍କୁ କ୍ରମାଗତ ଦୁର୍ଦ୍ଦଶାରୁ ମୁକ୍ତି ଦେଇପାରିବ।

ଚାଷୀମାନଙ୍କର ଧୈର୍ଯ୍ୟର ପରୀକ୍ଷା ନେଉଥିବା କେନ୍ଦ୍ର ସରକାର ହଠାତ୍ ଏପରି ଚାଷୀଙ୍କ ଦାବିକୁ ମାନିନେଇ ଆଇନ ତିନୋଟିକୁ ପ୍ରତ୍ୟାହାର କରିବା ପଛରେ ଅସଲ ଉଦ୍ଦେଶ୍ୟ ନିକଟ ଭବିଷ୍ୟତରେ ଥିବା ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ବୋଲି କୁହାଯାଉଛି। ଯଦିଓ ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ଚାଷୀମାନଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି, କିନ୍ତୁ ମୋଦିଙ୍କର ଏହି ଘୋଷଣା ପଛରେ ନିଶ୍ଚିତ ଭାବେ ଉତ୍ତରପ୍ରଦେଶ ଓ ପଞ୍ଜାବ ନିର୍ବାଚନର ଗନ୍ଧ ରହିଛି। ନିକଟ ଅତୀତରେ ହିମାଚଳ ପ୍ରଦେଶ, ରାଜସ୍ଥାନ, ପଞ୍ଜାବରେ ହୋଇଥିବା ଉପନିର୍ବାଚନରେ ଭାଜପାର ଶୋଚନୀୟ ପରାଜୟ ପରେ ଭାଜପା ବୁଝିଯାଇଥିଲା ଯେ କୃଷି ଆଇନ ତିନୋଟିକୁ ନେଇ ଚାଷୀମାନଙ୍କ ଭିତରେ ପ୍ରଚୁର ଅସନ୍ତୋଷ ରହିଛି, ଯେଉଁଥିପାଇଁ ସେମାନଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଲା। ଏତଦ୍‌ବ୍ୟତୀତ ୨୦୧୯ ନିର୍ବାଚନରେ ଭାଜପା ୪୪% ଚାଷୀଙ୍କର ଭୋଟ୍ ପାଇଥିଲା। ଅନ୍ୟ ବାକି ବୃତ୍ତିର ଲୋକମାନଙ୍କର ୪୩% ଭୋଟ ପାଇଥିଲା। ଅର୍ଥାତ୍ ସର୍ବାଧିକ ଚାଷୀମାନଙ୍କର ଭୋଟ୍ କେବଳ ଭାଜପାକୁ ଯାଇଥିଲା। ଉପନିର୍ବାଚନରେ ପରାଜୟ ପରେ ଭାଜପାର ରଣନୀତିକାରମାନେ ବୁଝିଯାଇଥିଲେ ଯେ, ଚାଷୀମାନଙ୍କୁ ଅସନ୍ତୁଷ୍ଟ କରି ଉତ୍ତରପ୍ରଦେଶ, ରାଜସ୍ଥାନ, ପଞ୍ଜାବ ଏପରିକି ୨୦୨୪ ନିର୍ବାଚନ ଜିତି ହେବ ନାହିଁ। ତେଣୁ ଅନ୍ୟ ଶବ୍ଦରେ କହିଲେ, ମୋଦିଙ୍କ ପାଖରେ କୃଷି ଆଇନ ତିନୋଟିକୁ ପ୍ରତ୍ୟାହାର କରିବା ବ୍ୟତୀତ ଆଉ କୌଣସି ଉପାୟ ନଥିଲା। କେନ୍ଦ୍ର ସରକାର ଚାହିଁଥିଲେ ଆହୁରି ପୂର୍ବରୁ ଏପରି କରିପାରିଥାନ୍ତେ ବା ଆଇନ ତିନୋଟିକୁ ଆଣିବା ପୂର୍ବରୁ ଚାଷୀ ଓ ଚାଷୀ ସଙ୍ଗଠନଗୁଡ଼ିକ ସହିତ ବିଚାରବିମର୍ଶ କରିପାରିଥାନ୍ତେ। ଏହା ଆହୁରି ଅଧିକ ଗଣତାନ୍ତ୍ରିକ ହୋଇଥାନ୍ତା ଓ ଆମ ଗଣତନ୍ତ୍ରର ପରିପକ୍ୱତାର ପରିଚୟ ଆହୁରି ପ୍ରସାରିତ ହୋଇଥାନ୍ତା।

କିଛି ଅର୍ଥନୀତିଜ୍ଞ ଓ ସାମ୍ବାଦିକ ଏବେବି କହୁଛନ୍ତି ଯେ, କୃଷି ଆଇନ ତିନୋଟିକୁ ପ୍ରତ୍ୟାହାର କରିବାରୁ କୃଷି କ୍ଷେତ୍ରରେ ସଂସ୍କାରର ବାଟ ବନ୍ଦ ହୋଇଗଲା। କିନ୍ତୁ ଏହା ବୁଝି ରଖିବା ଦରକାର ଯେ, କୃଷି କ୍ଷେତ୍ରକୁ ବଡ଼ ବଡ଼ କର୍ପୋରେଟ୍‌ମାନଙ୍କ ପ୍ରବେଶ କରାଇବା ସଂସ୍କାର ନୁହେଁ। ଏହା ପ୍ରକାରାନ୍ତରେ କେବଳ ଚାଷୀଙ୍କର ହିଁ କ୍ଷତି କରିବ ଓ କମ୍ପାନୀଗୁଡ଼ିକୁ ଲାଭ ପ୍ରଦାନ କରିବ। ଏହି କୃଷି ଆଇନ ତିନୋଟି କେବେ ବି ଏକ ସଂସ୍କାର ନ ଥିଲା। ବରଂ ଚାଷୀମାନଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ଥିଲା। ଯାହାକୁ ଚାଷୀମାନେ ବୁଝିପାରିଥିଲେ ଓ ତା' ବିରୋଧରେ ସଂଗ୍ରାମ କରିଥିଲେ। ଏହି ଆଇନ ତିନୋଟି ଦ୍ୱାରା ଚାଷୀମାନଙ୍କ ଦୁର୍ଦ୍ଦଶା ବଢ଼ିଥା'ନ୍ତା ଓ କମ୍ପାନୀମାନେ କୃଷିଜାତ ଦ୍ରବ୍ୟର କ୍ରୟ ବିକ୍ରୟରେ ପ୍ରବେଶ କରି ହଜାର ହଜାର କୋଟି ଟଙ୍କା ମୁନାଫା ଲୁଟିଥାନ୍ତେ। ଏମିତି ପୂର୍ବରୁ ଆମେରିକା ଓ ୟୁରୋପର ଅନ୍ୟାନ୍ୟ ଦେଶଗୁଡ଼ିକରେ ହୋଇସାରିଛି। ସେଠାରେ ଆଉ କୌଣସି ଛୋଟ ଚାଷୀ ନାହାନ୍ତି। କେବଳ ବହୁତ ବଡ଼ ଜମି ମାଲିକ ଅଛନ୍ତି, ନହେଲେ କମ୍ପାନୀ ହାତରେ ଚାଷ ଅଛି।

ବିବାଦୀୟ କୃଷି ଆଇନ ତିନୋଟିର ପ୍ରତ୍ୟାହାର ଏକ ବିଜୟ ହୋଇପାରେ, କିନ୍ତୁ ଏହା ହେଉଛି କେବଳ ଅଧା ଜିତା ହୋଇଥିବା ଏକ ଲଢ଼େଇ। ଚାଷୀମାନଙ୍କୁ ନିଜର ଭାଗ୍ୟ ବଦଳେଇବା ପାଇଁ ଆହୁରି ଆଗକୁ ଯିବାକୁ ହେବ। କେବଳ ଏହି ଆଇନ ତିନୋଟିର ପ୍ରତ୍ୟାହାର ନୁହେଁ, ଚାଷୀମାନଙ୍କୁ ସେମାନଙ୍କର ଉତ୍ପାଦନର ଉଚିତ୍ ମୂଲ୍ୟ ପାଇଁ ଆହୁରି ଲଢ଼େଇ କରିବାକୁ ହେବ। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ସାରା ଦେଶରେ କଡ଼ାକଡ଼ି ଲାଗୁ କରିବାକୁ ହେବ। ଏଥିପାଇଁ ସରକାରଙ୍କୁ ଦୃଢ଼ ଆଇନ ଆଣିବାକୁ ହେବ ଓ ଆଇନ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଉଦାହରଣ ପ୍ରସ୍ତୁତ କରିବାକୁ ହେବ। ଆମ ଦେଶର ଚାଷୀମାନେ ଉତ୍ପାଦନକୁ ବାହାର ବଜାରରେ ବିକ୍ରି କରି ସର୍ବନିମ୍ନ ସହାୟକ ମୂଲ୍ୟର ହାରାହାରି ୪୦% କମ୍ ପାଉଛନ୍ତି। ମୁଖ୍ୟତଃ ଧାନ ଓ ଗହମ କ୍ଷେତ୍ରରେ ହିଁ କିଛି ଚାଷୀ ସର୍ବନିମ୍ନ ସହାୟକ ମୂଲ୍ୟ ପାଉଛନ୍ତି। ଯଦିଓ ଅନ୍ୟ ୨୩ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ସରକାର ଘୋଷଣା କରୁଛନ୍ତି, କିନ୍ତୁ ଚାଷୀମାନେ ପ୍ରାୟତଃ ତାହା ପାଉନାହାନ୍ତି। ତେଣୁ ଏହି ସମସ୍ୟାର ସମାଧାନ ଲାଗି ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନ ଆଣିବା ପାଇଁ ଲଢ଼େଇ ଲଢ଼ିବାକୁ ପଡ଼ିବ। ଏତଦ୍‌ବ୍ୟତୀତ ସମ୍ପ୍ରତି ଉତ୍ପାଦନର ଯାହା ବି ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରାଯାଉଛି, ତାହା ଅତ୍ୟନ୍ତ କମ୍। ଏପରିକି ଉତ୍ପାଦନରେ ହେଉଥିବା ଖର୍ଚ୍ଚକୁ ବି ଭରଣା କରିବାକୁ ସର୍ବନିମ୍ନ ସହାୟକ ମୂଲ୍ୟ ସକ୍ଷମ ହୋଇପାରୁ ନାହିଁ। ଚାଷରେ ହେଉଥିବା ଖର୍ଚ୍ଚକୁ ଦୃଷ୍ଟିରେ ରଖି ସର୍ବନିମ୍ନ ସହାୟକ ମୂଲ୍ୟକୁ ଏକ ଯୁକ୍ତିଯୁକ୍ତ ନ୍ୟାୟପୂର୍ଣ୍ଣ ସ୍ତରକୁ ଆଣିବାକୁ ହେବ। ଆଜି ସବୁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଓ ସେବାର ଦରଦାମ୍ ଆକାଶ ଛୁଇଁଛି। ଏପରି ପରିସ୍ଥିତିରେ ଚାଷୀଟିଏ ଏତେ କମ୍ ସର୍ବନିମ୍ନ ସହାୟକ ମୂଲ୍ୟରେ ନିଜ ପରିବାର ପ୍ରତିପୋଷଣ କରିବାକୁ ସକ୍ଷମ ହୋଇପାରୁନି। ତେଣୁ ପରବର୍ତ୍ତୀ ଲଢ଼େଇ ଏକ ନ୍ୟାୟପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ହେବାର ଆବଶ୍ୟକତା ରହିଛି। ସର୍ବନିମ୍ନ ସହାୟକ ମୂଲ୍ୟକୁ ଚାଷୀମାନଙ୍କର ଏକ ଆଇନଗତ ଅଧିକାର ବୋଲି ମାନ୍ୟତା ଦେବାକୁ ହେବ।

୨୦୧୬ର ଅର୍ଥନୈତିକ ସର୍ଭେ ଅନୁସାରେ ଆମ ଦେଶର ୧୭ଟି ରାଜ୍ୟର ଚାଷୀମାନଙ୍କର ବାର୍ଷିକ ହାରାହାରି ରୋଜଗାର ମାତ୍ର ୨୦ ହଜାର ଟଙ୍କା। ଅନ୍ୟ ଅର୍ଥରେ କହିଲେ, ଦେଶର ଅଧାରୁ ଅଧିକ ଚାଷୀ ମାସିକ ମାତ୍ର ୧୭୦୦ ଟଙ୍କାରେ ଜୀବନଧାରଣ କରୁଛନ୍ତି। ଏଥିରୁ ଅନୁମାନ କରାଯାଇପାରେ, ମାତ୍ର ୧୭୦୦ ଟଙ୍କାରେ ଚାଷୀଟିଏ ନିଜ ପରିବାରର ଯାବତୀୟ ଆବଶ୍ୟକତାକୁ କିପରି ପୂରଣ କରୁଥିବ। ନିକଟ ଅତୀତରେ ହୋଇଥିବା 'ସିଚୁଏଶନ୍ ଆସେସ୍‌ମେଣ୍ଟ ସର୍ଭେ–୨୦୧୯'ର ତଥ୍ୟ ଆମ ଦେଶର ଚାଷବାସର ଆହୁରି ଭୟଙ୍କର ପରିସ୍ଥିତିକୁ ବଖାଣୁଛି। ଏହି ସର୍ଭେ ଅନୁସାରେ ଜଣେ ଚାଷୀ ଅଣଚାଷ ରୋଜଗାରକୁ ଛାଡ଼ିଦେଲେ, କେବଳ ଚାଷରୁ ଦୈନିକ ମାତ୍ର ୨୭ ଟଙ୍କା ରୋଜଗାର କରୁଛି। ଆମେ ସମସ୍ତେ ଜାଣିଛେ ଦୈନିକ ମଜୁରିର ଦାମ୍ ମଧ୍ୟ ଏହାଠାରୁ ଯଥେଷ୍ଟ ଅଧିକ। ଭୁଲିଯିବା ଉଚିତ ନୁହେଁ ଯେ, ଠିକ୍ ଏହି ସମୟରେ ଆମ ଚାଷୀମାନେ ରେକର୍ଡ଼ ପରିମାଣର ୩୦୮ ମିଲିଅନ୍ ଟନ୍ ଖାଦ୍ୟଶସ୍ୟ ଅମଳ କରିଛନ୍ତି। ୩୨୫ ମିଲିଅନ୍ ଟନ୍ ଫଳ ଓ ପନିପରିବା ଉତ୍ପାଦନ କରିଛନ୍ତି। 'ଖାଦ୍ୟ ଓ କୃଷି ସଙ୍ଗଠନ' ଦ୍ୱାରା ମାର୍ଚ୍ଚ ୨୦୨୧ରେ ଜାରି ହୋଇଥିବା ଏକ ରିପୋର୍ଟ ଅନୁସାରେ, ଭାରତର ଖାଦ୍ୟ ଦ୍ରବ୍ୟ ଉତ୍ପାଦନର ସମୁଦାୟ ମୂଲ୍ୟ ୪୦ କୋଟି ୭ ଲକ୍ଷ ୨୨ ହଜାର ୨୫ ମିଲିଅନ ଡଲାର। ଏଠାରେ ପୁନଶ୍ଚ ପ୍ରଶ୍ନ ଉଠୁଛି, ଅର୍ଥନୈତିକ ଭାବେ ଦେଶକୁ ଏପରି ସମୃଦ୍ଧ କରୁଥିବା ଚାଷୀକୁଳ ଦାରିଦ୍ର୍ୟ ମଧ୍ୟରେ ଜୀବନଯାପନ କରିବେ କାହିଁକି? ଚାଷୀମାନଙ୍କ ପ୍ରତି କ'ଣ ସରକାରଙ୍କର କିଛି ଉତ୍ତରଦାୟିତ୍ୱ ନାହିଁ?

ଏତଦ୍‌ବ୍ୟତୀତ ଚାଷୀମାନଙ୍କର ସାମ୍ପ୍ରତିକ ଦୁର୍ଦ୍ଦଶାରୁ ମୁକ୍ତି ଦେବା ପାଇଁ ତଥା ସେମାନଙ୍କୁ ଦୀର୍ଘ ବର୍ଷ ହେବ ସେମାନଙ୍କର ପରିଶ୍ରମ ଓ ଉତ୍ପାଦନର ଉଚିତ୍ ମୂଲ୍ୟ ନ ଦେଇ ଯେଉଁ ଐତିହାସିକ ଅନ୍ୟାୟ କରାଯାଇଛି, ତାହାକୁ ଭରଣା କରିବା ପାଇଁ ଆଗାମୀ କିଛି ବର୍ଷ ଲାଗି ଚାଷୀମାନଙ୍କ ପାଇଁ ଏକ ମାସିକ ରୋଜଗାର ଗ୍ୟାରେଣ୍ଟିର ବ୍ୟବସ୍ଥା କରିବାକୁ ହେବ। ସରକାର ନ ଭାବନ୍ତୁ ଯେ, ଚାଷୀମାନଙ୍କ ପାଇଁ ରୋଜଗାର ଗ୍ୟାରେଣ୍ଟି ବ୍ୟବସ୍ଥା କରିବା ଏକ ବାଜେ ଖର୍ଚ୍ଚ। ସରକାର ଯଦି ଅର୍ଥନୀତିକୁ ସୁଧାରିବା ପାଇଁ କମ୍ପାନୀଗୁଡ଼ିକୁ ଲକ୍ଷ ଲକ୍ଷ କୋଟି ଟଙ୍କା ଋଣ ଛାଡ଼ କରୁଛନ୍ତି, ଧନିକମାନଙ୍କୁ ଟିକସ ଛାଡ଼ କରୁଛନ୍ତି, ବ୍ୟାଙ୍କମାନଙ୍କୁ ଦେବାଳିଆରୁ ବଞ୍ଚାଇବା ପାଇଁ ଲକ୍ଷ ଲକ୍ଷ କୋଟି ଟଙ୍କା ଦେଉଛନ୍ତି, ତେବେ ଚାଷୀମାନଙ୍କ ପାଇଁ ଏକ ରୋଜଗାର ଗ୍ୟାରେଣ୍ଟିର ବ୍ୟବସ୍ଥା କରାଯିବ ନାହିଁ କାହିଁକି? ଏ ସମସ୍ତଙ୍କ ଅପେକ୍ଷା ଆମ ଅର୍ଥନୀତିକୁ ଚାଷୀଙ୍କର ଅବଦାନ କ'ଣ ଏତେ କମ୍! ଏକ ସ୍ୱାବଲମ୍ବନଶୀଳ ଚାଷୀକୁଳ ହିଁ ସ୍ୱାବଲମ୍ବନଶୀଳ ଦେଶ ନିର୍ମାଣ କରିପାରିବେ। ଚାଷୀଙ୍କର ଲଢ଼େଇ କୃଷି କ୍ଷେତ୍ରରୁ ଆରମ୍ଭ ହୋଇ ବ୍ୟାପକ ରାଜନୀତିକୁ ପ୍ରଭାବିତ କରିବା ପରି ଦୃଢ଼ ହେବାର ଆବଶ୍ୟକତା ରଖୁଛି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# କୋଙ୍କଣି ସୃଜନ ସାଧକ

**ବ୍ୟକ୍ତିତ୍ୱ**



ଦାମୋଦର ମୌଜୋ

ଜ୍ଞାନପୀଠ ପୁରସ୍କାର ଭାରତୀୟ ସାହିତ୍ୟର ସର୍ବଶ୍ରେଷ୍ଠ ସମ୍ମାନ ଭାବେ ବିବେଚନା କରାଯାଏ। ୧୯୬୧ରେ ପ୍ରତିଷ୍ଠା ହୋଇଥିବା ଏହି ପୁରସ୍କାର ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦ ଅନ୍ତର୍ଭୁକ୍ତ ଭାଷାର ସାହିତ୍ୟିକଙ୍କୁ ପ୍ରଦାନ କରାଯାଇଆସୁଛି। ନିକଟରେ ୨୦୨୦ ପାଇଁ ଅସମୀୟା କବି ନୀଳମଣି ଫୁକନ୍ ଓ ୨୦୨୧ ବର୍ଷ ସକାଶେ କୋଙ୍କଣି ଔପନ୍ୟାସିକ ଦାମୋଦର ମୌଜୋଙ୍କୁ ଯଥାକ୍ରମେ ୫୬ ଓ ୫୭ତମ ଜ୍ଞାନପୀଠ ପୁରସ୍କାର ଲାଗି ଯୋଗ୍ୟ ବିବେଚିତ କରାଯାଇଛି। ଏକଦା କୋଙ୍କଣି ଏକ ସ୍ୱତନ୍ତ୍ର ଭାଷାର ମାନ୍ୟତା ପାଇବା ପାଇଁ ସଂଘର୍ଷ କରିଥିଲା। ଔପନିବେଶିକ ଚାପ ଯୋଗୁ ଏହା ଉଠେଇ ପାରୁ ନ ଥିଲା। ଉଦାରୀକରଣ ପରବର୍ତ୍ତୀ ସମୟରେ ଏହି ଭାଷାରେ ଅନେକ ଉନ୍ନତି ଆସିବା ପରେ ୨୦୦୬ରେ ରବୀନ୍ଦ୍ର କେଲେକାର ପ୍ରଥମ କୋଙ୍କଣି ଲେଖକ ଭାବେ ଜ୍ଞାନପୀଠ ପୁରସ୍କାର ଲାଭ କଲେ। ୨୦୨୧ରେ ଦାମୋଦରଙ୍କୁ ଦେଶର ଏହି ଶ୍ରେଷ୍ଠ ସାହିତ୍ୟ ସମ୍ମାନ ମିଳିବା ନେଇ ଘୋଷଣା ହେବା ପରେ ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ଏଭଳି ମର୍ଯ୍ୟାଦାଜନକ ପୁରସ୍କାର ପାଇବେ ବୋଲି ସେ କେବେ ଭାବି ନ ଥିଲେ ବୋଲି କହିଛନ୍ତି। ପ୍ରତିକ୍ରିୟାରେ ସେ କୋଙ୍କଣି ଭାଷାରେ ଲେଖାଲେଖି କରୁଥିବା ନବପ୍ରତିଭାମାନଙ୍କୁ କହିଛନ୍ତି ଯେ, ସାହିତ୍ୟ କଦାପି ବ୍ୟର୍ଥ ଯାଏନା। ତେଣୁ ଏହି ଭାଷାର ଲେଖକମାନେ ଅନ୍ୟ ଭାଷାଗୁଡ଼ିକୁ ଶିଖିବାକୁ ଚେଷ୍ଟା କରନ୍ତୁ, ଯଦ୍ୱାରା କୋଙ୍କଣିକୁ ଅନ୍ୟ ଭାଷାରେ ଅନୂଦିତ କରାଯାଇପାରିବ। ଦାମୋଦର ଜ୍ଞାନପୀଠ ପାଇବେ ବୋଲି ଜଣାପଡ଼ିବା ପରେ କୋଙ୍କଣି ସମ୍ପ୍ରଦାୟ ଅଧିକ ଉତ୍ସାହୀ ହୋଇପଡ଼ିଛି। ଅବଶ୍ୟ ତାଙ୍କ କୃତି ବହୁପୂର୍ବରୁ ଆଞ୍ଚଳିକ ସୀମା ଡେଇଁ ସମଗ୍ର ଭାରତରେ ପହଞ୍ଚିପାରିଛି। ଗ୍ରାମାଞ୍ଚଳର ଲେଖକ ଭାବେ ପାଠିକାପାଠକଙ୍କ ନିକଟରେ ପ୍ରଥମେ ଜଣାଶୁଣା ଥିବା ଦାମୋଦରଙ୍କ ଅନ୍ତର୍ନିହିତ ପ୍ରତିଭା ତାଙ୍କୁ ଏବେ ଅନ୍ୟତମ ଶ୍ରେଷ୍ଠ ଉପନ୍ୟାସିକ ସ୍ଥାନରେ ବସାଇ ଦେଇଛି। ସିନେମାର ସଂଳାପ ରଚନା କରି ସେ ସୃଜନଶୀଳତାର ବହୁବିଧ ଦିଗରେ ଥିବା ତାଙ୍କ ଦକ୍ଷତା ପ୍ରତିପାଦନ କରିପାରିଛନ୍ତି।

ଦାମୋଦର ୧ ଅଗଷ୍ଟ ୧୯୪୪ରେ ଦକ୍ଷିଣ ଗୋଆର ମାଜୋର୍ଡା ଉପକୂଳ ଅଞ୍ଚଳରେ ଏକ ଗଉଡ଼ ସାରସ୍ୱତ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପ୍ରାଥମିକ ଶିକ୍ଷା ମରାଠୀ ଓ ପର୍ତ୍ତୁଗାଲ ଭାଷାରେ ହୋଇଥିଲା। କିନ୍ତୁ ମାଧ୍ୟମିକ ଶିକ୍ଷା ଇଂଲିଶ୍‌ରେ କରିଥିଲେ। ମାତ୍ର ୧୨ ବର୍ଷ ବୟସରେ ସେ ତାଙ୍କ ପିତାଙ୍କୁ ହରାଇଥିଲେ। ୧୯୬୧ରେ ସେକେଣ୍ଡାରୀ ସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଯାଏ ନିଜ ଗାଁରେ ଥିବା ଏକ ଦୋକାନରେ ସାନବାପାଙ୍କୁ ସାହାଯ୍ୟ କରିଥିଲେ। ତେବେ ପରବର୍ତ୍ତୀ ଶିକ୍ଷା ଗ୍ରହଣ କରିବା ପାଇଁ ସେ ବମ୍ବେ (ବର୍ତ୍ତମାନ ମୁମ୍ବାଇ) ଯାଇଥିଲେ। ମୁମ୍ବାଇ ବିଶ୍ୱବିଦ୍ୟାଳୟ ଅଧୀନ ଆର୍.ଏ. ପୋଦାର କଲେଜ ଅଫ୍ କମର୍ସ ଆଣ୍ଡ ଇକୋନମିକ୍ସରୁ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୪ ବର୍ଷର ଡିଗ୍ରୀ ପାଠ୍ୟକ୍ରମରେ ନାମ ଲେଖାଇ ଥିବା ବେଳେ ଦାମୋଦର କୋଙ୍କଣି ଭାଷାରେ ଲେଖୁଥିବା କ୍ଷୁଦ୍ରଗଳ୍ପଗୁଡ଼ିକ ପାଠକୀୟ ଆଦୃତି ପାଇଥିଲା। ସେଥିମଧ୍ୟରୁ କେତେକ ଅନ୍ୟ ଭାଷା ଓ ଇଂଲିଶ୍‌ରେ ଅନୁବାଦ ହେବା ପରେ ତାଙ୍କ ସାହିତ୍ୟ କୃତି ଦିଗବିଦିଗ ହୋଇଛି। ତେବେ ସେଠାରେ ସ୍ନାତକ ଶେଷ କରିବା ପରେ ସେ ପରିବାରର ଥିବା ଦୋକାନ ଚଳାଇବାକୁ ଗୋଆ ଫେରି ଆସିଥିଲେ। ଏହି ସମୟରେ ଗାଁ ନିକଟରେ ଥିବା କ୍ୟାଥଲିକ୍ ବହୁଳ ଅଞ୍ଚଳର ଲୋକଙ୍କ ସହ ଘନିଷ୍ଠ ହୋଇଥିଲେ। ଫଳରେ ସେ ଗୋଆର କ୍ୟାଥଲିକଙ୍କ ଜୀବନ ଉପରେ ଲେଖାଲେଖି କରିଥିଲେ। ୧୯୭୧ରେ ତାଙ୍କ କ୍ଷୁଦ୍ରଗଳ୍ପ ସଙ୍କଳନ 'ଗାନ୍ଥୋନ୍' ପ୍ରକାଶ ପାଇଥିଲା। ତା' ପରଠାରୁ ସେ ୫ ଗଳ୍ପ ସଙ୍କଳନ ବାହାର କରିଥିଲେ। ୨୦୧୪ରେ ପ୍ରକାଶିତ ଗଳ୍ପ ସଙ୍କଳନ 'ସୋପନ ମୋଗି' ତାଙ୍କୁ ଅନେକ ପାଠକୀୟ ଆଦୃତି ଦେଇଥିଲା। ତେବେ ଉପନ୍ୟାସ 'କାର୍ମେଲିନ୍' ତାଙ୍କୁ ୧୯୮୩ରେ ସାହିତ୍ୟ ଏକାଡେମୀ ପୁରସ୍କାର ଦେଇଥିଲା। ଉପସାଗରୀୟ ଅଞ୍ଚଳରେ ଘରୋଇ ଚାକରାଣୀଙ୍କୁ ଯୌନ ଶୋଷଣ କରାଯାଉଥିବା ବିଷୟ ଏଥିରେ ସନ୍ନିବେଶିତ କରାଯାଇଥିଲା। ଏହା ୧୨ଟି ଭାଷାରେ ଅନୁବାଦ ହୋଇଛି। ତେବେ ନୋଭେଲା ବା କ୍ଷୁଦ୍ର ଉପନ୍ୟାସ 'ସୁଦ୍' ୧୯୭୫ରେ ପ୍ରକାଶ ପାଇଥିଲା। ଏଥିରେ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ପୁଅ ନେଇଥିବା ପ୍ରତିଶୋଧକୁ ବର୍ଣ୍ଣନା କରାଯାଇଥିଲା, ଯାହା ୨୦୦୬ରେ ଚଳଚ୍ଚିତ୍ର ହୋଇ ଚର୍ଚ୍ଚିତ ହୋଇଥିଲା। ୧୯୯୬ରେ ତାମିଲନାଡୁ ଉପକୂଳରେ ସୁନାମି ପ୍ରଳୟ ସୃଷ୍ଟି କରିଥିବାରୁ ତାହା ଉପରେ ଦାମୋଦର 'ସୁନାମି ସିମୋନ୍' ଉପନ୍ୟାସ ଲେଖିଥିଲେ। ତାଙ୍କ ସୃଜନଶୀଳତା କୋଙ୍କଣି ଭାଷାରେ ରହିଆସିଥିଲେ ମଧ୍ୟ ସେ ସ୍ଥାନୀୟ ଓ ଜାତୀୟ ଖବରକାଗଜରେ ଇଂଲିଶରେ ଲେଖିଥାଆନ୍ତି। କୋଙ୍କଣି ସାହିତ୍ୟର ପୂର୍ବ ଓ ପରବର୍ତ୍ତୀ ବିଶ୍ଳେଷଣ ଲାଗି ତାଙ୍କୁ ସଂସ୍କୃତି ମନ୍ତ୍ରଣାଳୟ ୨୦୧୧–୧୨ରେ ସିନିୟର ଫେଲୋଶିପ୍ ପ୍ରଦାନ କରିଥିଲା।

ଦାମୋଦର ଶିଶୁଙ୍କ ଲେଖାଠାରୁ ଆରମ୍ଭ କରି ସିନେମାରେ ସଂଳାପ ରଚନା କରି ସୃଜନଶୀଳତା କ୍ଷେତ୍ରରେ ଯେଉଁ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି, ସେଥିପାଇଁ ତାଙ୍କୁ ଅନେକ ପୁରସ୍କାର ଓ ସମ୍ମାନ ମିଳିଛି। କେବଳ ସେତିକି ନୁହେଁ, କିଛିବର୍ଷ ହେବ କେତେକ ନିର୍ଦ୍ଦିଷ୍ଟ ଲେଖାକୁ ବିରୋଧ କରାଯାଇ ଦେଖାଦେଇଥିବା ଅସହିଷ୍ଣୁତା ବିରୋଧରେ ସେ ସ୍ୱର ଉତ୍ତୋଳନ କରି ହତ୍ୟା ଧମକ ପାଇଛନ୍ତି। ତଥାପି ସେସବୁକୁ ଭ୍ରୂକ୍ଷେପ ନ କରି ସେ ସୃଜନଶୀଳତାକୁ ଅଗ୍ରପ୍ରାଧାନ୍ୟ ଦେଇଚାଲିଛନ୍ତି।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଜଣେ ଅପରାଧୀଙ୍କ ଜୀବନରେ ଆସିଥିବା ଅବିଶ୍ୱସନୀୟ ପରିବର୍ତ୍ତନ ଓ ତାଙ୍କ ନିଆରା ସେବା ସମାଜ ପାଇଁ ବାସ୍ତବ ପ୍ରେରଣାଦାୟକ। ଏହି ବ୍ୟକ୍ତି ଜଣକ ହେଉଛନ୍ତି ଉତ୍ତରପ୍ରଦେଶ ଗ୍ୱାଲିୟରର ଦେବ ପ୍ରତାପ। ପିଲାବେଳେ ସେ ଘର ଛାଡ଼ି ଚାଲିଯାଇଥିଲେ ଓ ପରେ ଗ୍ୱାଲିୟର ଷ୍ଟେଶନରେ ବର୍ଜ୍ୟ ଗୋଟାଇ ତାହାକୁ ବିକ୍ରି କରି ଦିନକୁ ଦୁଇବେଳା ଖାଦ୍ୟ ଯୋଗାଡ଼ କରୁଥିଲେ। ପରେ ନିଶାସକ୍ତ ହେବା ସହ ଆପରାଧିକ କାର୍ଯ୍ୟରେ ଲିପ୍ତ ହୋଇ ଜେଲ୍ ଯାଇଥିଲେ। କିନ୍ତୁ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ଜାମିନରେ ଆଣିବା ପରେ ତାଙ୍କ ଜୀବନରେ ପରିବର୍ତ୍ତନ ଆସିଥିଲା। ପରେ ସେ ଏକ କମ୍ପାନୀର କାମ କରିଥିଲେ ଓ ସେଥିରେ ଏବେ ଷ୍ଟୋର ମ୍ୟାନେଜର କାର୍ଯ୍ୟ କରୁଛନ୍ତି। ୨୦୧୬ରେ 'ଭଏସ୍ ଅଫ ସ୍ଲମ୍' ଏନ୍‌ଜିଓ ଗଠନ କରି ଗ୍ୱାଲିୟରର ବସ୍ତିଗୁଡ଼ିକରେ ପ୍ରତିଦିନ ୮୦୦ରୁ ଅଧିକ ପିଲାଙ୍କୁ ଖାଦ୍ୟ ଯୋଗାଉଛନ୍ତି। ଏହି ପିଲାମାନେ ନା ସ୍କୁଲକୁ ଯାଉଥଲେ ନା ପେଟ ପୂରା ଖାଇବାକୁ ପାଉଥିଲେ। ହେଲେ ପ୍ରତାପଙ୍କ ପ୍ରୟାସ ଯୋଗୁ ସେମାନଙ୍କ ପାଇଁ ଏ ସବୁ ସମ୍ଭବ ହୋଇପାରିଛି। ଦେବ ପ୍ରତାପ ପିଲାମାନଙ୍କ ପଢାଖର୍ଚ୍ଚ ବହନ କରୁଛନ୍ତି। ବେକଳ ଏତିକି ନୁହେଁ, ସେ ତାଙ୍କ ସହଯୋଗୀଙ୍କ ସହ ପ୍ରତିଦିନ ବିଭିନ୍ନ ବସ୍ତିର ୧ ହଜାରୁ ଊର୍ଦ୍ଧ୍ୱ ଅସହାୟଙ୍କୁ ମଧ୍ୟ ଖାଇବାକୁ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଡିସେମ୍ବର ୧୯୯୬

- ବ୍ରିଟିଶ ଔପନିବେଶବାଦରୁ ମୁକ୍ତ ହେବା ପରେ ପ୍ରଖ୍ୟାତ ଜାହାଜ ବ୍ୟବସାୟୀ ତୁଙ୍ଗ ଚିହ୍ୱା ହଂକଂର ପ୍ରଥମ ଚିଫ୍ ଏକ୍ଜିକ୍ୟୁଟିଭ୍ ଭାବରେ ବିଜୟଲାଭ କରିଛନ୍ତି।
- ପୂର୍ବ ଶ୍ରୀଲଙ୍କାରେ ଅବସ୍ଥିତ ଏକ ସାମରିକ ଘାଟି ଉପରେ ଏଲ୍.ଟି.ଟି.ଇ. ଗେରିଲାମାନେ ଆକ୍ରମଣ କରି ଧ୍ୱଂସ କରିବା ଘଟଣାରେ ୧୦ ନିରାପତ୍ତା କର୍ମଚାରୀଙ୍କ ମୃତ୍ୟୁ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 1 | | 7 | | 6 | | | |
| | | 7 | | | | 3 | | |
| | | | | | | | | |
| 6 | | | 2 | | 7 | | | 3 |
| | 9 | | | | 5 | | | 6 |
| | | | | 8 | | | 5 | |
| 3 | | 8 | 4 | | | | | 9 |
| | | 1 | | 2 | | | | |
| | 7 | | | | 9 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 8 | 3 | 6 | 9 | 7 | 5 | 4 |
| 5 | 4 | 9 | 2 | 8 | 7 | 3 | 6 | 1 |
| 6 | 7 | 3 | 4 | 1 | 5 | 9 | 2 | 8 |
| 8 | 5 | 4 | 9 | 3 | 1 | 2 | 7 | 6 |
| 1 | 9 | 7 | 8 | 2 | 6 | 4 | 3 | 5 |
| 3 | 6 | 2 | 7 | 5 | 4 | 8 | 1 | 9 |
| 4 | 8 | 6 | 5 | 7 | 2 | 1 | 9 | 3 |
| 7 | 3 | 5 | 1 | 9 | 8 | 6 | 4 | 2 |
| 9 | 2 | 1 | 6 | 4 | 3 | 5 | 8 | 7 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିହାରଠାରୁ ଶିଖିବା ଉଚିତ

ମହାଶୟ,

ରାଜନେତା ହୁଅନ୍ତୁ କି ସାଧାରଣ ଜନତା କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ଓଡ଼ିଶାକୁ ମଦମୁକ୍ତ କରିବା ପାଇଁ ବିଭିନ୍ନ ସମୟରେ ସାରଗର୍ଭକ ଭାଷଣ ଦେଉଛନ୍ତି। ଜନତାଙ୍କ ମତକୁ ଗୁରୁତ୍ୱ ଦେଇ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର କାର୍ଯ୍ୟ କରୁଥିବା ବେଳେ ମଦମୁକ୍ତ ଓଡ଼ିଶା ଗଠନ ପାଇଁ ଆନ୍ତରିକତା ପ୍ରକାଶ କରୁନାହାନ୍ତି। ଯଦି ବିହାର ଭଳି ରାଜ୍ୟରେ ମଦ ନିଷେଧ କରାଯାଇପାରିଲା, ତେବେ ଓଡ଼ିଶାରେ କାହିଁକି ନ ହେବ ? ମଦ ପାଇଁ ଆମ ରାଜ୍ୟରେ ବିଭିନ୍ନ ଅପରାଧ ଘଟିବା ସହିତ ମଦ୍ୟପାନ କରି ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏପରିକି ବିଷାକ୍ତ ମଦ ପିଇ ଲୋକ ମରିବା ସହିତ ଆର୍ଥିକ କ୍ଷତି ଘଟୁଛି। ଏହାକୁ ଏଡ଼ାଇବା ପାଇଁ ସରକାର ନିଜର ଆଭିମୁଖ୍ୟ ବଦଳାଇବା ସହିତ ଓଡ଼ିଶାକୁ ମଦମୁକ୍ତ ରାଜ୍ୟ ଭାବେ ଗଠନ କରି ଅନ୍ୟ ରାଜ୍ୟ ପାଇଁ ଉଦାହରଣ ହେବା ଉଚିତ। ବିଶେଷକରି ମଦକୁ ରାଜ୍ୟରେ ସଂପୂର୍ଣ୍ଣ ନିଷେଧ କରିବାକୁ ବିହାରଠାରୁ ରାଜ୍ୟ ସରକାର ଏତିକି ଶିଖିବା ଉଚିତ।

**– ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ ଟାଉନ**

## ଚିରନ୍ତନୀ

ଚନ୍ଦନବୋଳି ଅଙ୍ଗେ ଆସ ହେ ବଇଶାଖେ
ଶରତ ପ୍ରଭାତରେ ନିରେଖି ମୋ ଗବାକ୍ଷେ
ଜପଇ ତବ ନାମ
ହୃଦୟେ ଅବିରାମ
ପ୍ରଦୋଷ ପ୍ରଭାତରେ
ଜପଇଁ ମୁଁ ଅନ୍ତରେ।

(ଆଶ୍ୱାସନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସପର୍ସର ବାର୍ଷିକ ଉତ୍ସବ ପାଳନ

**ଭୁବନେଶ୍ୱର,୧୧।୧୨:** ସପର୍ସ ଷ୍ଟପ୍ ଭାରତର ଏକ ଅଗ୍ରଣୀ ଫ୍ୟାଶନ ଓ ବ୍ୟୁଟି ସଂସ୍ଥା ଭାବେ ନିକଟରେ ୩୦ବର୍ଷରେ ପଦାର୍ପଣ କରିଛି। ଏହି ଉତ୍ସାହଜନକ ଯାତ୍ରାକୁ ଏହାର ଗ୍ରାହକମାନଙ୍କ ସହିତ ପାଳନ କରିବା ପାଇଁ ପ୍ରସ୍ତୁତ ରହିଛି। ଏହି ବ୍ରାଣ୍ଡରେ ଅନେକ ଆକର୍ଷଣୀୟ କଲେକ୍ସନର ସମ୍ଭାର ରହିଛି କିନ୍ତୁ ଏହାକୁ ସ୍ୱତନ୍ତ୍ର ଭାବରେ ୩୦ ବର୍ଷର ପୂରଣ କ୍ଷେତ୍ରରେ ପାଳନ କରାଯାଉଛି। ସମସ୍ତ ଗ୍ରାହକ ମାଲଡିଭ୍ସ ଯାତ୍ରା କରିବାର ସୁଯୋଗ ପାଇପାରିବେ। ସପର୍ସ ଷ୍ଟପ୍, ସର୍ବଦା ଷ୍ଟାଇଲ୍ କ୍ଷେତ୍ରରେ ଆଗରେ ରହିଛି। ଏହାର ପ୍ରଥମ ସିଟିଜେନ ସଦସ୍ୟଙ୍କୁ ପର୍ସୋନାଲାଇଜ୍ଡ ଅଫର ସହିତ ପର୍ସୋନାଲାଇଜ୍ ଭିଡିଓ ପ୍ରେରଣ କରି ଗ୍ରାହକଙ୍କ ବିଶ୍ୱସନୀୟତା ନିମନ୍ତେ ଧନ୍ୟବାଦ ଜଣାଇଛି। ଏହି ଅବସରରେ ଶ୍ୱେତା ବାସୁ, କଷ୍ଟମର କେୟାର ଆସୋସିଏଟ୍ ଓ ମାର୍କେଟିଂ କମ୍ୟୁନିକେଶନ ମୁଖ୍ୟ କହିଛନ୍ତି ଯେ, ଗ୍ରାହକଙ୍କ ସନ୍ତୁଷ୍ଟିକୁ ଆମେ ସର୍ବଦା ଗୁରୁତ୍ୱ ପ୍ରଦାନ କରିଆସିଛୁ।

### ନଭିର ଓଡ଼ିଶାରେ ମାସିକ ଅଭିବୃଦ୍ଧି

**ଭୁବନେଶ୍ୱର,୧୧।୧୨:** ନଭିର ଗତବର୍ଷ ଡିସେମ୍ବରରେ ପ୍ରଚଳନ କରାଯାଇଥିବା ୧୦୦% ଡିଜିଟାଲ, କାଗଜ ବିହୀନ ଆପ ଭିତ୍ତିକ ସ୍ୱାସ୍ଥ୍ୟବୀମା ପ୍ରତି ଓଡ଼ିଶାରେ ଗ୍ରାହକମାନେ ବିଶେଷ ଆଗ୍ରହ ପ୍ରଦର୍ଶନ କରିଛନ୍ତି। କଟକର ଶାନ୍ତି ହସ୍ପିଟାଲଠାରୁ ବୁର୍ଲାରେ ଗୁପ୍ତା ନର୍ସିଂ ହୋମ ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ୧୨୫ଟି ନେଟୱର୍କ ହସ୍ପିଟାଲର ପରିବ୍ୟାପ୍ତ କଭରେଜ ସୁବିଧା ଥିବା ଓଡ଼ିଶା ନଭି ବୀମା ପାଇଁ ଗୁରୁତ୍ୱପୂର୍ଣ୍ଣ ବଜାରଗୁଡିକ ମଧ୍ୟରେ ଅନ୍ୟତମ ଭାବେ ବିବେଚିତ ହେଉଛି ଏବଂ ଗତ ମେ ମାସଠାରୁ ଏହାର ବିକ୍ରି ହୋଇଥିବା ମୋଟ ପଲିସି ମଧ୍ୟରେ ଓଡ଼ିଶାର ଅବଦାନ ପ୍ରାୟ ୫% ରହିଛି। ନଭି ବୀମା ପାଇଁ ଓଡ଼ିଶାରେ ଭୁବନେଶ୍ୱର, କଟକ ଏବଂ ରାଉରକେଲା ଦ୍ରୁତତମ ଅଭିବୃଦ୍ଧିଶୀଳ ବଜାର ହୋଇଛି। ଜାତୀୟ ସ୍ତରରେ ନଭି ବୀମାର ବ୍ୟବସାୟ ୨୦୨୧ ମେ ମାସ ଠାରୁ ପ୍ରତି ମାସରେ ୧୧୦% ଅଭିବୃଦ୍ଧି ହାସଲ କରିଛି।

# ଆଇଏମ୍ଓ କାଉନ୍ସିଲକୁ ଭାରତ ପୁନଃନିର୍ବାଚିତ

**ଲଣ୍ଡନ,୧୧।୧୨**



- ■ଆଇଏମ୍ଓରେ ୧୭୫ଟି ସଦସ୍ୟ ରାଷ୍ଟ୍ର ଏବଂ ୩ ସହଯୋଗୀ ସଦସ୍ୟ ରାଷ୍ଟ୍ର ରହିଛନ୍ତି
- ■କାଉନ୍ସିଲକୁ ୪୦ଟି ଦେଶ ନିର୍ବାଚିତ

ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ (ଆଇଏମ୍ଓ)ର ୨୦୨୨-୨୩ ଦ୍ୱିବାର୍ଷିକ କାଉନ୍ସିଲକୁ ଭାରତ ସଦସ୍ୟ ଭାବେ ପୁନଃନିର୍ବାଚିତ ହୋଇଛି। ଆଇଏମ୍ଓ ମୁଖ୍ୟାଳୟ ଲଣ୍ଡନଠାରେ ଗତ ୬ ତାରିଖରୁ ୧୫ ତାରିଖ ଯାଏ ଏହାର ୩୨ତମ ଆସେମ୍ବ୍ଲି ଜାରି ରହିଛି। ଏହି ଅବସରରେ ଆଇଏମ୍ଓର କାର୍ଯ୍ୟନିର୍ବାହୀ ସଂସ୍ଥା 'କାଉନସିଲ' ପାଇଁ ୪୦ ଜଣିଆ ସଦସ୍ୟ ଚୟନ ନିମନ୍ତେ ନିର୍ବାଚନ ହୋଇଥିଲା। ଏଥିରେ ଅନ୍ତର୍ଜାତୀୟ ସାମୁଦ୍ରିକ ବାଣିଜ୍ୟ ପ୍ରତି ସର୍ବାଧିକ ଆଗ୍ରହ ରଖୁଥିବା ୧୦ ଦେଶ ବିଶିଷ୍ଟ କାଟାଗୋରୀ(ବି)କୁ ଭାରତ ନିର୍ବାଚିତ ହୋଇଛି। ଅନ୍ୟ ୯ ଦେଶ ହେଲା ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ସ୍ୱିଡେନ, ଫ୍ରାନ୍ସ, ଜର୍ମାନୀ, ନେଦରଲାଣ୍ଡ୍ସ, ସ୍ପେନ ଏବଂ ୟୁଏଇ। ଆସନ୍ତା ବୁଧବାର କାଉନସିଲର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ନିର୍ବାଚିତ ହେବେ। ଲଣ୍ଡନରେ ଅବସ୍ଥାପିତ ଭାରତର ହାଇ କମିଶନର ଶୁକ୍ରବାର ଟୁଇଟ୍ ଯୋଗେ ଭାରତର ପୁନଃନିର୍ବାଚନ ସମ୍ପର୍କରେ ସୂଚନା ଦେଇଛନ୍ତି। ସେହିପରି ଅନ୍ତର୍ଜାତୀୟ ପରିବହନ ସେବା ଯୋଗାଇବାରେ ସର୍ବାଧିକ ଆଗ୍ରହ ଦେଖାଉଥିବା ୧୦ ଦେଶ ବିଶିଷ୍ଟ କାଟାଗୋରୀ(ଏ)କୁ ଚାଇନା, ଗ୍ରୀସ୍, ଇଟାଲି, ଜାପାନ, ନରୱେ, ପାନାମା, ରିପବ୍ଲିକ ଅଫ୍ କୋରିଆ, ରୁଷିଆନ ଫେଡେରେଶନ, ବ୍ରିଟେନ ଏବଂ ଆମେରିକା ନିର୍ବାଚିତ ହୋଇଛି। ଅନ୍ୟପକ୍ଷରେ ସାମୁଦ୍ରିକ ପରିବହନ କିମ୍ବା ଜାହାଜ ଚଳାଚଳ ପରିଚାଳନା କ୍ଷେତ୍ରରେ ବିଶେଷ ଆଗ୍ରହ ରଖୁଥିବା ଏବଂ କାଉନ୍ସିଲରେ ସମସ୍ତ ଭୌଗୋଳିକ କ୍ଷେତ୍ରର ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେଇ ୨୦ଟି ଦେଶକୁ ନିର୍ବାଚିତ କରାଯାଇଛି। ସେହି ଦେଶଗୁଡ଼ିକ ହେଲା ବାହାମାସ, ବେଲଜିୟମ, ଚିଲି, ସାଇପ୍ରସ୍, ଡେନମାର୍କ, ଇଜିପ୍ଟ, ଇଣ୍ଡୋନେସିଆ, ଜାମାଇକା, କେନିଆ, ମାଲେସିଆ, ମାଲ୍ଟା, ମେକ୍ସିକୋ, ମରକ୍କୋ, ଫିଲିପାଇନ୍ସ, କାତାର, ସାଉଦି ଆରବ, ସିଙ୍ଗାପୁର, ଥାଇଲାଣ୍ଡ, ତୁର୍କୀ ଏବଂ ଭାନୁଆଟୁ।

ସୂଚନାଥାଉ କି, ଆଇଏମ୍ଓର ୧୭୫ଟି ସଦସ୍ୟ ରାଷ୍ଟ୍ର ଏବଂ ୩ ସହଯୋଗୀ ସଦସ୍ୟ ରାଷ୍ଟ୍ର ରହିଛନ୍ତି। ସାଧାରଣତଃ ପ୍ରତି ୨ ବର୍ଷରେ ଥରେ ଆଇଏମ୍ଓର ଆସେମ୍ବ୍ଲି ସାଧାରଣ ଅଧିବେଶନ ଭାବେ ଅନୁଷ୍ଠିତ ହୁଏ। ନିର୍ବାଚତ କାଉନସିଲ ଆଇଏମ୍ଓ କାର୍ଯ୍ୟର ତଦାରଖ ପାଇଁ ଉତ୍ତରଦାୟୀ। ଏହାସହ ସରକାରଗୁଡ଼ିକୁ ସାମୁଦ୍ରିକ ସୁରକ୍ଷା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ବିଭିନ୍ନ ସୁପାରିସ କରିଥାଏ।

# ଆଦିତ୍ୟ ଗ୍ରୁପ୍ ପକ୍ଷରୁ ବାର୍ଷିକ ଉତ୍ସବ




**ଭୁବନେଶ୍ୱର,୧୧।୧୨**

ଆଦିତ୍ୟ ମୋଟର୍ସ, ହାଇୱେ ହୋଣ୍ଡା, ଆଦିତ୍ୟ ହ୍ୟୁଣ୍ଡାଇ ଓ ହାଇୱେ ରିଫିଲ ଭଳି ସଂସ୍ଥାକୁ ପରିଚାଳନା କରୁଥିବା ଆଦିତ୍ୟ ଗ୍ରୁପ୍ ନିକଟରେ ତା'ର ବାର୍ଷିକ ଉତ୍ସବ 'ଆଥୁଲିୟାମ' କୋଭିଡ୍ କଟକଣା ମଧ୍ୟରେ ପାଳନ କରିଛି। ଏହି ଅବସରରେ ଗ୍ରୁପ୍ର ଅଧ୍ୟକ୍ଷ ପଦ୍ମଚରଣ ପାତ୍ର ସଂସ୍ଥାର ୬୯ ତମ ଜନ୍ମବାର୍ଷିକ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ସହ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରୁପ୍ର ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପାତ୍ରଙ୍କ ସମେତ ମନୋଜ ରଥ, ରାଜୀବ ପଣ୍ଡା, ଅଜିତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସଂସ୍ଥା ପକ୍ଷରୁ ଏକ ରକ୍ତଦାନ ଶିବିର, ମାଗଣା ଚକ୍ଷୁ, ସ୍ୱାସ୍ଥ୍ୟ, ଦନ୍ତ, ମଧୁମେହ ଭଳି ଅନେକ ରୋଗର ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ବିଶେଷ କରି ଗ୍ରୁପ୍ର ସମସ୍ତ କର୍ମଚାରୀ ଓ ବିତରକ ଏବଂ ସହଯୋଗୀମାନେ ଏହି ଶିବିରରେ ନିଜ ନିଜର ପରୀକ୍ଷା ସାଙ୍ଗକୁ ରକ୍ତଦାନ ଭଳି ମହତ୍ କାର୍ଯ୍ୟ ମଧ୍ୟ କରିଥିଲେ ବୋଲି ଆଦିତ୍ୟ ପାତ୍ର ମତବ୍ୟକ୍ତ କରିଛନ୍ତି। ସେହିପରି ରେଡ୍‌କ୍ରସ୍ ସୋସାଇଟି ସହାୟତାରେ ସଂସ୍ଥାର ଫୁଲନଖରା, ତମାଣ୍ଡୋ, ରୁଦ୍ରପୁର, ଉତ୍ତରା ଏବଂ ପାଣିକୋଇଲି କାର୍ଯ୍ୟାଳୟ ପରିସରରେ ଏଭଳି ଶିବିର କରାଯାଇ ପ୍ରାୟ ୨୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସେହିଭଳି ଭୁବନେଶ୍ୱରର ବିଭିନ୍ନ ଅନାଥାଶ୍ରମର ଅନ୍ତେବାସୀଙ୍କୁ ଖାଦ୍ୟ, ବସ୍ତ୍ର ଆଦି ସାଙ୍ଗକୁ ମିଠା ବଣ୍ଟନ କରାଯାଇଥିଲା। ପରିଶେଷରେ ସଂସ୍ଥାର ସାଧାରଣ ପରିଚାଳକ (ଜିଏମ୍) ମନୋଜ ରଥ କାର୍ଯ୍ୟକ୍ରମରେ ବିଶେଷ ସହଯୋଗ ପ୍ରଦାନ କରିଥିବା ରେଡ୍‌କ୍ରସ ସୋସାଇଟି, ଅଗ୍ରୱାଲ ଆଇ ହସ୍ପିଟାଲ ଏବଂ ଆଦିତ୍ୟ ଗ୍ରୁପ୍ର ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ।

# ସିଏସ୍ଆର୍‌ରେ ରିଲାଏନ୍ସର ସହଯୋଗ ଅନ୍ୟତମ

**ମୁମ୍ବାଇ,୧୧।୧୨**




ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ୨୦୨୦-୨୧ ଆର୍ଥିକ ବର୍ଷରେ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ଯୋଗଦାନ କ୍ଷେତ୍ରରେ କମ୍ପାନୀର ଭୂମିକା ଅଗ୍ରଣୀ ରହିଛି। କୋଭିଡ୍ ମହାମାରୀରେ (୨୦୨୦-୨୧ ଆର୍ଥିକ ବର୍ଷ) କମ୍ପାନୀ ସମାଜସେବା କ୍ଷେତ୍ର ( ସାମାଜିକ କାର୍ଯ୍ୟକ୍ରମ ଓ ସହଯୋଗ)ରେ ପ୍ରାୟ ୯୨୨ କୋଟି ଟଙ୍କା ଖର୍ଚ୍ଚ କରିଥିବା ସୂଚନା ମିଳିଛି। ଏହି ସମୟ ମଧ୍ୟରେ ଭାରତୀୟ କମ୍ପାନୀଗୁଡିକ ଦ୍ୱାରା ସିଏସ୍ଆର୍ କାର୍ଯ୍ୟ ବାବଦକୁ ମୋଟ ୮୮୨୮.୧୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଚଳିତ ଶୀତ ଅଧିବେଶନରେ ସଂସଦରେ ଉପସ୍ଥାପନ କରାଯାଇଥିବା ଏହି ତଥ୍ୟ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତୀୟ କର୍ପୋରେଟ୍ ଜଗତ ଦ୍ୱାରା ସିଏସ୍ଆର୍ କ୍ଷେତ୍ରରେ କରାଯାଇଥିବା ମୋଟ ଖର୍ଚ୍ଚର ୧୦% ରିଲାଏନ୍ସ ଏକାକୀ ଦେଶବାସୀଙ୍କ ପାଇଁ ସହଯୋଗ କରିଛି। ସୂଚନାଯୋଗ୍ୟ ଯେ କମ୍ପାନୀଗୁଡିକ ନିମନ୍ତେ ବିଗତ ତିନିବର୍ଷର ନେଟ୍ ଲାଭର ୨% ସିଏସ୍ଆର୍ ବାବଦରେ ଖର୍ଚ୍ଚ କରିବାକୁ ବାଧ୍ୟତାମୂଳକ କରାଯାଇଛି। କୋଭିଡ୍ ମହାମାରୀ କାରଣରୁ ରିଲାଏନ୍ସ ଏହି ଧାର୍ଯ୍ୟ ୨% ଠାରୁ ଯଥେଷ୍ଟ ଅଧିକ ଖର୍ଚ୍ଚ କରିଛି। ତେବେ ମୋଟ ଉପରେ ଭାରତୀୟ କର୍ପୋରେଟ୍ ଜଗତ ପୂର୍ବବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ୬୪% କମ୍ ଖର୍ଚ୍ଚ କରିଥିବା ଜଣାଯାଇଛି। ରିଲାଏନ୍ସର ବିବିଧ ପ୍ରୟାସ ନିମନ୍ତେ ବାଧ୍ୟତାମୂଳକ ୨% ସିଏସ୍ଆର୍ ଖର୍ଚ୍ଚ ମଧ୍ୟରେ ସୀମିତ ନ ରହି ଏହାର ପ୍ରତିବଦ୍ଧତା ନିରନ୍ତର କାର୍ଯ୍ୟକାରୀ କରିଚାଲିଛି। ସେହିପରି ୨୦୨୦ମାର୍ଚ୍ଚରେ ସମଗ୍ର ଦେଶରେ କୋଭିଡ୍‌ଜନିତ ତାଲାବନ୍ଦ ଆରମ୍ଭ ହେବା ପୂର୍ବରୁ ରିଲାଏନ୍ସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ମୁମ୍ବାଇରେ ଦେଶର ପ୍ରଥମ କୋଭିଡ୍ କେୟାର୍ ବ୍ୟବସ୍ଥା ସ୍ଥାପନ କରିଥିଲା। ପରେ ସମଗ୍ର ଦେଶକୁ ଏହି ସୁବିଧା ସହିତ ଅନ୍ୟାନ୍ୟ ସେବା ସମ୍ପ୍ରସାରିତ କରାଯାଇଥିଲା। ଦେଶର ବିଭିନ୍ନ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କୁ ମହାମାରୀ ମୁକାବିଲା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରିଲାଏନ୍ସ ୫୬୧ କୋଟି ଟଙ୍କା ପ୍ରଦାନ କରିଥିଲା। ଏସବୁ ସହିତ କମ୍ପାନୀ ଆହୁରି ଅନେକ ବିକାଶମୂଳକ କାର୍ଯ୍ୟ ହାତକୁ ନେଇ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଭଳି ଅନେକ କ୍ଷେତ୍ରରେ ସହଯୋଗ କରିଆସୁଛି।

# ଜେଏସ୍ଏଲ୍‌କୁ ସହଯୋଗ କରିବ ଅଷ୍ଟ୍ରିଆ କମ୍ପାନୀ

**ଭୁବନେଶ୍ୱର,୧୧।୧୨**

ଷ୍ଟେନ୍‌ଲେସ ଷ୍ଟିଲ୍ ଉତ୍ପାଦନ କ୍ଷେତ୍ରରେ ଭାରତୀୟ ବଜାରରେ ଅଗ୍ରଣୀ ସ୍ଥାନରେ ଥିବା ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ (ଜେଏସ୍ଏଲ୍)କୁ ଉତ୍ପାଦ ଓ ସେବା ଯୋଗାଇଦେବା ସକାଶେ ଅଷ୍ଟ୍ରିଆ କମ୍ପାନୀସମୂହ ପ୍ରାଇମେଟାଲ୍ସ ଟେକ୍ନୋଲୋଜିସ ଅଷ୍ଟ୍ରିଆ ଜିଏମ୍‌ବିଏଚ୍ ଏବଂ ଆଣ୍ଡ୍ରିଜ ଏକ୍ସିକୁ ୮୨ ନିୟୁତ ଆମେରିକୀୟ ଡଲାର ପାଣ୍ଠି ସହାୟତା ଯୋଗାଇ ଦେଉଛି। ଜେଏସ୍ଏଲ୍ ଓଡ଼ିଶାର ଯାଜପୁର ପ୍ରକଳ୍ପ ସମ୍ପ୍ରସାରଣ ଯୋଜନାର ଅଂଶସ୍ୱରୂପ ୟୁରୋପରୁ ଯନ୍ତ୍ରପାତି ଆମଦାନୀ କରୁଛି। ଏ ସମ୍ପର୍କରେ ଜେଏସ୍ଏଲ୍‌ର ଗ୍ରୁପ ସିଏଫ୍ଓ ଅନୁରାଗ ମନ୍ତ୍ରୀ କହିଛନ୍ତି, ଆମ ଅଭିବୃଦ୍ଧି ପାଇଁ ମୂଳଧନ ନିବେଶ ସକାଶେ ଏଭଳି ଦୀର୍ଘ ଅବଧି ପାଣ୍ଠି ଯୋଗାଣ ଷ୍ଟେନ୍‌ଲେସ ବ୍ୟବସାୟ କ୍ଷେତ୍ରରେ ନିବେଶକଙ୍କର ଆସ୍ଥା ଏବଂ ଜିନ୍ଦଲ ଷ୍ଟେନ୍‌ଲେସର ଋଣ କରିବା ନେଇ ବର୍ଦ୍ଧିତ ଯୋଗ୍ୟତାକୁ ପ୍ରତିପାଦିତ କରୁଛି।

# କ୍ୟାମ୍ପସ ଚୟନରେ ଆଇଆଇଟି ଭୁବନେଶ୍ୱରର ସଫଳତା

**ଭୁବନେଶ୍ୱର, ୧୧।୧୨**

କୋଭିଡ୍ ସଂକ୍ରମଣ ପାଇଁ ଆଇଆଇଟି ଭୁବନେଶ୍ୱରର କ୍ୟାମ୍ପସ ଚୟନ ବିଳମ୍ବ ହୋଇଥିଲେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଭଲ ନିଯୁକ୍ତି ସୁଯୋଗ ମିଳିଛି। ମାତ୍ର ୩ ଦିନ ମଧ୍ୟରେ ୫୫% ବି ଟେକ୍ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟସ୍ତରର ବଡ଼ ବଡ଼ କମ୍ପାନୀଗୁଡିକରେ ନିଯୁକ୍ତି ମିଳିଛି। ବିଶେଷ କରି ଆମାଜନ୍, ମାଇକ୍ରୋସଫ୍ଟ, ଫ୍ଲିପ୍‌କାର୍ଟ, ପେଟିଏମ୍, ଗୁଗଲ୍, ଓରାକଲ୍, ଟାଟା ଷ୍ଟିଲ୍, ଅନ୍ ଏକାଡେମି, ସାମସଙ୍ଗ୍ ଆର୍‌ଆଇ ଭଳି ବହୁ ଦେଶୀୟ ଓ ବହୁଦେଶୀୟ କମ୍ପାନୀଗୁଡିକ ପକ୍ଷରୁ ନିଯୁକ୍ତି ପ୍ରଦାନ ପ୍ରକ୍ରିୟାରେ ଏହାର ଛାତ୍ରୀଛାତ୍ରମାନେ ସାମିଲ ହୋଇ ସଫଳତା ହାସଲ କରିଛନ୍ତି। ଆଇଟି ଓ ଷ୍ଟାର୍ଟଅପ୍ ସେକ୍ଟରରେ ନିଯୁକ୍ତି ସୁଯୋଗ ବ୍ୟାପକ ଭାବେ ବୃଦ୍ଧି ପାଇଥିବା ଏହି ଚୟନ ପ୍ରକ୍ରିୟାରୁ ଜଣାପଡ଼ିଛି। ଗତବର୍ଷ ଛାତ୍ରୀଛାତ୍ରଙ୍କ ବାର୍ଷିକ ନିଯୁକ୍ତି ଅଫର ହାରାହାରି ୧୬ ଲକ୍ଷ ଟଙ୍କା ରହିଥିବା ବେଳେ ଚଳିତ ଥର ୫୦% ବୃଦ୍ଧି ପାଇବା ସହ ହାରାହାରି ନିଯୁକ୍ତି ଅଫର ବାର୍ଷିକ ୨୪ ଲକ୍ଷ ଟଙ୍କା ରହିଛି। ଏ ସମ୍ପର୍କରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର କହିଛନ୍ତି, ଦେଶର ଆଇଆଇଟିଗୁଡିକର କ୍ୟାମ୍ପସ ଚୟନ ମଧ୍ୟରେ ଏଭଳି ଆଗରୁ କେବେ ଦେଖିବାକୁ ମିଳି ନାହିଁ। ଆମ ଆଇଆଇଟିର ଛାତ୍ରୀଛାତ୍ରଙ୍କ ସଫଳତା ଓ ସେମାନଙ୍କ ନିଯୁକ୍ତି ଦେଶ ଓ ବିଦେଶର ପ୍ରମୁଖ କମ୍ପାନୀଗୁଡ଼ିକରେ ହୋଇଛି।

## ଫୁରସତ୍




# ନେତନ୍ୟାହୁଙ୍କୁ 'ଭଗବଦ୍ ଗୀତା' ଦେଲେ ଉର୍ବଶୀ

**ମୁମ୍ବାଇ:** ଅଭିନେତ୍ରୀ ଉର୍ବଶୀ ରୌତେଲା ନିକଟରେ ଇସ୍ରାଏଲର ପୂର୍ବତନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଭେଟିଥିଲେ। ଏହି ସାକ୍ଷାତ ସମୟରେ ଉର୍ବଶୀ ତାଙ୍କୁ ଏକ ସ୍ମରଣୀୟ ଉପହାର ଦେଇଛନ୍ତି। ଉର୍ବଶୀ ନେତନ୍ୟାହୁଙ୍କୁ ହିନ୍ଦୁ 'ଭଗବଦ୍ ଗୀତା' ପବିତ୍ର ପୁସ୍ତକ ଗିଫ୍ଟ କରିଥିବା ନେଇ ସୋସିଆଲ ମିଡିଆରେ ଜଣାଇଛନ୍ତି। ନେତନ୍ୟାହୁ ତାଙ୍କଠାରୁ ଭାଗବତ ପୁସ୍ତକ ଗ୍ରହଣ କରୁଥିବାର ଫଟୋ ମଧ୍ୟ ସେ ଅପଲୋଡ କରିଛନ୍ତି । ଏଥିରେ ସେ ଲେଖିଛନ୍ତି, ଇସ୍ରାଏଲର ପୂର୍ବତନ ପ୍ରଧାନମନ୍ତ୍ରୀ ତାଙ୍କୁ ଏବଂ ତାଙ୍କ ପରିବାରକୁ ନିମନ୍ତ୍ରଣ କରିଥିବାରୁ ଧନ୍ୟବାଦ। ସେ ଆହୁରି ମଧ୍ୟ ଏହି ପୋଷ୍ଟରେ ଲେଖିଛନ୍ତି, ' ମୋର ଭଗବଦ୍ ଗୀତା'। ଯେତେବେଳେ ହୃଦୟରୁ ଠିକ ବ୍ୟକ୍ତିଙ୍କୁ ଠିକ ସମୟରେ ଏବଂ ଠିକ ସ୍ଥାନରେ ଉପହାର ଦିଆଯାଏ, ଏହାର ପ୍ରତିବଦଳରେ ଅନ୍ୟ କିଛି ଆଶା କରାଯାଏ ନାହିଁ, ସେହି ଉପହାରଟି ସର୍ବଦା ଶୁଦ୍ଧ।' ଏହି ସାକ୍ଷାତ ସମୟରେ ଦୁହେଁ ପରସ୍ପରକୁ ନିଜ ଦେଶର ଜାତୀୟ ଭାଷା ଶିକ୍ଷା ମଧ୍ୟ ଦେଇଥିଲେ। ଉର୍ବଶୀ ମିସ୍ ୟୁନିଭର୍ସ ସୁନ୍ଦରୀ ପ୍ରତିଯୋଗିତା-୨୦୨୧ ପାଇଁ ଇସ୍ରାଏଲ ଯାଇଥିଲେ। ଏହି ପ୍ରତିଯୋଗିତାରେ ତାଙ୍କୁ ଏକ ଜୁରି ସଦସ୍ୟ ଭାବେ ନିମନ୍ତ୍ରଣ କରାଯାଇଥିଲା। ଉର୍ବଶୀ ୨୦୧୫ରେ ଭାରତ ପକ୍ଷରୁ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିଲେ। ଏବେ ସେ ପୁଣି ଏହି ମଞ୍ଚରେ ବିଚାରପତି ଭାବେ ଅଂଶଗ୍ରହଣ କରିଛନ୍ତି।

# ଜୀବନ ସୃଷ୍ଟିର ଗୁପ୍ତ ଉପାଦାନ ଚିହ୍ନଟ

**ଲଣ୍ଡନ:** ବ୍ରିଟେନର ଅକ୍ସଫୋର୍ଡ ୟୁନିଭର୍ସିଟି ବୈଜ୍ଞାନିକମାନେ ପୃଥିବୀରେ ଜୀବନ ସୃଷ୍ଟିର ଗୁପ୍ତ ଉପାଦାନ ଚିହ୍ନଟ କରିଛନ୍ତି। ଗବେଷକ ଦଳଙ୍କ ଅନୁଯାୟୀ, ଲୁହା ଜୀବନର ବିକାଶ ଉପରେ ଅଧିକ ପ୍ରଭାବ ପକାଇଥିଲା। ଲୁହା ଜଟିଳ ଜୀବନ ବିବର୍ତ୍ତନକୁ ଆକୃଷ୍ଟ କରିବାରେ ସହାୟତା କରିଥିଲା। ଏନେଇ ବିସ୍ତୃତ ତଥ୍ୟ ବିଜ୍ଞାନ ପତ୍ରିକା ପିଏନଏଏସ୍‌ରେ ପ୍ରକାଶିତ ହୋଇଛି। କମ ଲୁହାଥିଲେ ଜୀବନ ସୃଷ୍ଟିର ସମ୍ଭାବନା ମଧ୍ୟ କମି ଯାଇଥାଏ ବୋଲି ୟୁନିଭରସିଟିର ଆସୋସିଏଟ ପ୍ରଫେସର ଜନ ୱେଡ କହିଛନ୍ତି। ପୃଥିବୀର ପଥରରେ ଲୁହା ପ୍ରାରମ୍ଭିକ ସମୟରୁ ଗ୍ରହ ସୃଷ୍ଟି ପ୍ରକ୍ରିୟାକୁ ପ୍ରଭାବିତ କରିଥିଲା। ଲୁହା ଯୋଗୁ ଜଳ ଭୂପୃଷ୍ଠରେ ରହିଥିବା ସେ କହିଛନ୍ତି। ଯଦି ଲୁହାର ଉପସ୍ଥିତି ନ ଥାନ୍ତା ତେବେ ମଙ୍ଗଳ ପରି ପୃଥିବୀରୁ ମଧ୍ୟ ଜଳ ଅଦୃଶ୍ୟ ହୋଇଯାଇଥାନ୍ତା।

ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା



(ଖୁସି)
ଅଭିଲିପ୍ସା
ନିମାପଡ଼ା ବଡ଼ ବଜାର
ଆଜି ତୋର ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କାମନା ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: କେକେମାଆ: କମଳା, ପୂର୍ଣ୍ଣଚନ୍ଦ୍ର, କୁସୁମ, ସିଲୁ, ସଖୀ, ଦିଲିପ, ସୌମ୍ୟରଞ୍ଜନ, ଆୟୁଷ, ଆଲିସା, ସୁଚିତ୍ରା, ବନ୍ଧୁ ଓ ପରିବାରବର୍ଗ।
ଧ-୨୨୪୯୫

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



୰ନାରାୟଣ ସୂତାର
ଜଗଦଲପୁର, ପାଟକୁରା, କେନ୍ଦ୍ରାପଡ଼ା
ଆବିର୍ଭାବ: ୨୭।୦୩।୧୯୩୮
ତିରୋଧାନ: ୦୮।୧୨।୨୦୧୬
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ପରିବାର ପରିଚାଳନାରେ ଦକ୍ଷତା ଆଉ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୨୫୨୩

ବିଂଶତମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ତାରିଣୀ ଦେବୀ ଶର୍ମା
କଟି-ଭଗବାନ କୁଟୀରମ୍ (ତାରିଣୀ ବୈକୁଣ୍ଠ)
ପ୍ଲଟ. ନଂ.: ଏ-୧୨୯
ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ତିରୋଧାନ : ତା ୧୨/୧୨/୨୦୦୧
"ଏ କୁଟୀରଟି ତୋର ବୈକୁଣ୍ଠ, ତୋ ଲୀଳା ଖେଳା ସଦା ପ୍ରକଟ। ତୋ ସ୍ନେହଧାରା ଝରୁଛି ଯହିଁ ଆମକୁ ଛାଡି ଯାଇନୁ ତୁହି"।
ସ୍ମୃତି ଶୋକାପ୍ଲୁତ
ଝିଅ-ଜ୍ୱାଇଁ, ପୁଅ-ବୋହୂ, ନାତି-ନାତୁଣୀ, ପ୍ରିୟ-ପରିଜନ ଏବଂ ସମସ୍ତ ବନ୍ଧୁବାନ୍ଧବ।
ଧ-୭୧୬୦୯

ପ୍ରଥମ ଶ୍ରାଦ୍ଧବାର୍ଷିକ



୰ପ୍ରତାପ କୁମାର ଷଡ଼ଙ୍ଗୀ
ଆଲୋଇ ପଦ୍ମପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୧୯।୦୪।୧୯୭୪
ତିରୋଧାନ: ୨୩।୧୨।୨୦୨୦
ପ୍ରଥମ ଶ୍ରାଦ୍ଧବାର୍ଷିକରେ ଆମ୍ଭ ସମସ୍ତଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ତୁମେ ଚାଲିଗଲ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦକୁ। ତୁମର ସ୍ତ୍ରୀ ଓ କୁନି କୁନି ଦୁଇ ପୁଅ ପୁପୁନ ଓ ସାନୁ ଆଜି ତୁମ ପାଇଁ ଝରାଉଛନ୍ତି ଆଖିରୁ ଅସରନ୍ତି ଅଶ୍ରୁ
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୭୧୮୩୦

# ରେକର୍ଡ ହେବ ପୃଥିବୀ ଧ୍ୱଂସର କାହାଣୀ



**ସିଡ୍‌ନୀ:** ପୃଥିବୀର ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନର ରେକର୍ଡ ରଖିବା ଲାଗି ଅଷ୍ଟ୍ରେଲିଆର ଏକ ଦୁର୍ଗମ ଅଞ୍ଚଳରେ ସ୍କୁଲ ବସ୍ ଆକାରର ଏକ ଷ୍ଟିଲ ଟ୍ରେଜେରୀ ସ୍ଥାପନ କରାଯିବ। ଏହି ମେଶିନ ମଣିଷର କାର୍ଯ୍ୟକଳାପକୁ ରେକର୍ଡ କରିବା ସହିତ ମାନବ ସଭ୍ୟତାର ଭୁଲ ପଦକ୍ଷେପଗୁଡ଼ିକ ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରିବ। ଏହାକୁ ପୃଥିବୀର ବ୍ଲାକ ବକ୍ସ ମଧ୍ୟ କୁହାଯିବ ବୋଲି ପାଣିପାଗ ଗବେଷକ କହିଛନ୍ତି। ଏହି ରହସ୍ୟମୟ ମେଶିନ ଅଷ୍ଟ୍ରେଲିଆର ଟାସମାନିଆ ଦ୍ୱୀପରେ ସ୍ଥାପନ କରାଯିବାର ଯୋଜନା ରହିଛି। ଏହା ବିମାନରେ ଥିବା ବ୍ଲାକ ବକ୍ସ ପରି କାର୍ଯ୍ୟ କରିବ। ତିନି ଇଞ୍ଚ ମୋଟା ଇସ୍ପାତରେ ୩୩ ଫୁଟ ଲମ୍ବର ତେବେ ଏହି ବ୍ଲାକ ବକ୍ସ ଆସନ୍ତା ବର୍ଷ ମଧ୍ୟଭାଗ ପୂର୍ବରୁ ସମ୍ପୂର୍ଣ୍ଣ ହୋଇ ନ ପାରେ। ଏହି ମେଶିନ ନିର୍ମାତା କହିଛନ୍ତି କେବେ ଭାଙ୍ଗି ନ ପାରିବା ଭଳି ଷ୍ଟିଲ୍‌ରେ ଏହାର ନିର୍ମାଣ କରାଯିବ। ପୃଥିବୀର ଏହି ବ୍ଲାକ ବକ୍ସ ଜଳବାୟୁ ପରିବର୍ତ୍ତନ ଏବଂ ମନୁଷ୍ୟ ଦ୍ୱାରା ସୃଷ୍ଟି ହୋଇଥିବା ବିଭିନ୍ନ ବିପଦକୁ ରେକର୍ଡ କରିବ। ଏହା ସହିତ ମାନବ ସଭ୍ୟତାର ଧ୍ୱଂସର କାହାଣୀ ରେକର୍ଡ ହୋଇ ରହିବ। ଏହା ଜଳବାୟୁର ତାପମାତ୍ରା, ସମୁଦ୍ର ପତନ, ଜଳବାୟୁରେ ଅଙ୍ଗାରକାମ୍ଳର ପରିମାଣ ବୃଦ୍ଧି ଏବଂ ଜଳବାୟୁ ବିପର୍ଯ୍ୟୟକୁ ରୋକିବାରେ ବିଫଳ ହେବାର ସମସ୍ତ ତଥ୍ୟକୁ ସଂଗ୍ରହ କରିବାକୁ ସକ୍ଷମ ହେବ। ଟାସମାନିଆର ବିବିଡିଓ ବିଶ୍ୱବିଦ୍ୟାଳୟ ସହାୟତାରେ ମାର୍କେଟିଂ କମ୍ପାନୀ କ୍ଲେମେଞ୍ଜର ଦ୍ୱାରା ଏହି ପ୍ରକଳ୍ପର ବିକାଶ କରାଯାଉଛି। କମ୍ପାନୀ କହିଛି ଯେ, ଏହି ବ୍ଲାକ ବକ୍ସ ନିର୍ମାଣର ଉଦ୍ଦେଶ୍ୟ ହେଉଛି, ଯଦି ପୃଥିବୀରେ ଆଗାମୀ ଦିନରେ ମାନବ ସଭ୍ୟତା ଲୋପ ହୁଏ, ତେବେ ବଞ୍ଚିଥିବା ଲୋକମାନେ ସମସ୍ତ ତଥ୍ୟ ବ୍ଲାକ ବକ୍ସରୁ ଜାଣିପାରିବେ।

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ୍, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧୨ ଡିସେମ୍ବର, ୨୦୨୧ Bhubaneswar, Sunday, December 12/2021

# ଅଷ୍ଟ୍ରେଲିଆ ୯ ଉଇକେଟରେ ବିଜୟୀ


ବିଜୟ ହାସଲ ପରେ ଅଷ୍ଟ୍ରେଲିଆ ଖେଳାଳି ପ୍ୟାଭିଲିୟନ୍ ଫେରୁଛନ୍ତି।

**ବ୍ରିସ୍‌ବେନ୍,୧୧।୧୨**

ଦେଢ଼ଦିନ ବାକି ଥାଇ ଅଷ୍ଟ୍ରେଲିଆ ନୂଆ ଅଧିନାୟକ ପ୍ୟାଟ କୁମିନ୍ସଙ୍କ ନେତୃତ୍ୱରେ ଆଶେସ ସିରିଜର ପ୍ରଥମ ଟେଷ୍ଟରେ ବିଜୟୀ ହୋଇଛି। ସ୍ଥାନୀୟ ଗାବା ଷ୍ଟାଡିୟମରେ ଶନିବାର ଅଷ୍ଟ୍ରେଲିଆ ୯ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରି ୫ ମ୍ୟାଚ ବିଶିଷ୍ଟ ଏହି ହାଇପ୍ରୋଫାଇଲ

### ଆଶେସ ପ୍ରଥମ ଟେଷ୍ଟ

ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ୧୫୨ ରନର ବୃହତ୍ ଶତକୀୟ ଇନିଂସ ଖେଳିଥିବା ଅଷ୍ଟ୍ରେଲିଆ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଟ୍ରାଭିସ୍ ହେଡ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆଡିଲେଡ୍‌ରେ ଡିସେମ୍ବର ୧୬ ତାରିଖ ଗୁରୁବାର ଆରମ୍ଭ ହେବ। ୨୦୧୦-୧୧ ପରେ ଇଂଲଣ୍ଡ ଅଷ୍ଟ୍ରେଲିଆ ମାଟିରେ ଗୋଟିଏ ହେଲେ ବି ଟେଷ୍ଟ ଜିତିପାରି ନାହିଁ। ପୁଣି ୧୯୮୬ ପରେ ଗାବାରେ ମଧ୍ୟ ଇଂଲଣ୍ଡ କୌଣସି ଟେଷ୍ଟ ଜିତିବାରେ ସକ୍ଷମ ହୋଇପାରି ନାହିଁ।

ଟସ୍ ଜିତି ଇଂଲଣ୍ଡ ପ୍ରଥମେ ଇନିଂସରେ ୫୦.୧ ଓଭରରେ ୧୪୭ ରନକରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୦୪.୩ ଓଭରରେ ୪୨୫ ରନକରି ଅଲଆଉଟ ହୋଇ ୨୭୮ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଇଂଲଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ୧୦୩ ଓଭରରେ ୨୯୭ ରନକରି ଅଲଆଉଟ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ସମ୍ମୁଖରେ ମାତ୍ର ୨୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ଆରମ୍ଭ କରି ଚତୁର୍ଥ ଦିବସ ଲଞ୍ଚ୍ ପରେ ୫.୧ ଓଭରରେ ଗୋଟିଏ ଉଇକେଟ ହରାଇ ଅତି ସହଜରେ ଟାର୍ଗେଟ ହାସଲ କରିନେଇଥିଲା। ମାର୍କସ ହାରିସ ୯ ଓ ମାର୍ନସ ଲାବୁସେନ ବିନା ସ୍କୋରରେ ଅପରାଜିତ ରହିଥିଲେ। ଏକମାତ୍ର ଆଉଟ ହୋଇଥିବା ବ୍ୟାଟ୍ସମ୍ୟାନ ଓପନର ଆଲେକ୍ସ କାରେ ୯ ରନ କରିଥିବା ବେଳେ ଓଲି ରବିନସନଙ୍କ ବଲ୍‌ରେ ଉଇକେଟକିପର ଜୋଶ ବଟଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ।

### ୭୪ ରନରେ ୮ ଉଇକେଟ ହରାଇଲା ଇଂଲଣ୍ଡ

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୨୦/୨ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଶନିବାର ଚତୁର୍ଥ ଦିବସରେ ଅଲଆଉଟ ହୋଇଥିଲା। ମାତ୍ର ୭୪ ରନରେ ଇଂଲଣ୍ଡ ଅନ୍ତିମ ୮ ଉଇକେଟ ହରାଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ଜୋ ରୁଟ୍ ୮୬ ଓ ଦାଭିଦ ମଲନ ୮୦ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୮୯ ଓ ୮୨ ରନକରି ଆଉଟ ହୋଇଥିଲେ। ରୁଟ୍ କ୍ରିଜ୍‌ରେ ୨୪୬ ମିନିଟ ରହି ୧୬୫ ବଲର ସାମ୍ନା କରି ୧୦ ଚୌକା ମାରିଥିଲେ। ସେହିପରି ମଲନ ୨୮୧ ମିନିଟ୍ କ୍ରିଜ୍‌ରେ ଉପସ୍ଥିତ ରହି ୧୦ଟି ଚୌକା ମାରିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ଆଉଟ ହେବା ପରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ତାସଘର ପରି ଭୁଶୁଡି ପଡ଼ିଥିଲା। ମଲନ ସ୍ପିନର ନାଥନ ଲିୟନଙ୍କ ବଲ୍‌ରେ ଲାବୁସେନଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ସେହିପରି ରୁଟ୍ କାମେରନ ଗ୍ରୀନଙ୍କ ବଲ୍‌ରେ ଉଇକେଟକିପର ଆଲେକ୍ସ କାରେଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟରେ ମଲନ ଓ ରୁଟ୍‌ଙ୍କ ମଧ୍ୟରେ ୩୧୬ ବଲରୁ ୧୬୨ ରନ ସଂଗ୍ରହ କରି ଇଂଲଣ୍ଡ ପାଇଁ ସମ୍ଭାବନା ସୃଷ୍ଟି କରିଥିଲେ ମଧ୍ୟ ପରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଘରୋଇ ବୋଲରଙ୍କ ସାମ୍ନାରେ ଆତ୍ମସମର୍ପଣ କରିଥିଲା। ଏହା ପରେ ଓଲି ପୋପ୍ ୪, ଅଲରାଉଣ୍ଡର ବେନ ଷ୍ଟୋକ୍ସ ୧୪, ଜୋଶ ବଟଲର ୨୩, ଓଲି ରବିନସନ ୮, ମାର୍କ ଉଡ୍ ୬ ଓ କ୍ରିସ୍ ୱୋକ୍ସ ୧୬ ରନକରି ଆଉଟ ହୋଇଥିବା ବେଳେ ଜ୍ୟାକ ଲିଚ୍ ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଲିୟନ ସର୍ବାଧିକ ୪, ପ୍ୟାଟ କୁମିନ୍ସ ଓ କାମେରନ ଗ୍ରୀନ ୨ଟି ଲେଖାଏ, ମିଚେଲ ଷ୍ଟାର୍କ ଓ ଜୋଶ ହାଜେଲଉଡ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ-** ୫୦.୧ ଓଭରରେ ୧୪୭ ଅଲଆଉଟ। **ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-** ୧୦୪.୩ ଓଭରରେ ୪୨୫ ଅଲଆଉଟ। **ଇଂଲଣ୍ଡ ଦ୍ୱିତୀୟ ଇନିଂସ-** ୧୦୩ ଓଭରରେ ୨୯୭ ଅଲଆଉଟ। (ଦାଭିଦ ମଲନ- ୮୨, ଜୋ ରୁଟ୍- ୮୯, ଜୋଶ ବଟଲର- ୨୩, କ୍ରିସ ୱୋକ୍ସ- ୧୬, ନାଥନ ଲିୟନ- ୪/୯୧, କାମେରନ ଗ୍ରୀନ- ୨/୨୩, ପ୍ୟାଟ କୁମିନ୍ସ- ୨/୫୧, ଜୋଶ ହାଜେଲଉଡ- ୧/୩୨, ମିଚେଲ ଷ୍ଟାର୍କ- ୧/୭୭)। **ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ-** ୫.୧ ଓଭର ୨୦/୧।

# ୪୦୦ ଉଇକେଟ କ୍ଲବରେ ଲିୟନ

**ବ୍ରିସ୍‌ବେନ୍,୧୧।୧୨**

ଅଷ୍ଟ୍ରେଲୀୟ ଅଭିଜ୍ଞ ସ୍ପିନର ନାଥାନ ଲିୟନ ଏକ ବିରଳ ସଫଳତା ହାସଲ କରିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଆଶେସ ଟେଷ୍ଟରେ ସେ ତାଙ୍କ ୪୦୦ ଉଇକେଟ ପୂରଣ କରି ଏକ ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି। ୩୯୯ ଉଇକେଟ ହାସଲ କରିଥିବା ଲିୟନଙ୍କୁ ଆଉ ଗୋଟିଏ ଉଇକେଟ ହାସଲ କରିବା ପାଇଁ ୧୧ମାସ ଅପେକ୍ଷା କରିବାକୁ ପଡିଥିଲା। ଅଷ୍ଟ୍ରେଲିଆର ତୃତୀୟ ବୋଲର ଭାବେ ସେ ଏହି ସଫଳତା ପାଇଛନ୍ତି। ପୂର୍ବରୁ କିମ୍ବଦନ୍ତୀ ସ୍ପିନର ଶେନ ୱର୍ନ ଓ ଗ୍ଲେନ ମ୍ୟାକ୍‌ଗ୍ରା ୪୦୦ରୁ ଊର୍ଦ୍ଧ୍ୱ ଉଇକେଟ ହାସଲ କରିଥିଲେ। ଫଳରେ ଲିୟନ ୱର୍ନ ଓ ମ୍ୟାକ୍‌ଗ୍ରାଙ୍କ କ୍ଲବରେ ସାମିଲ ହୋଇଛନ୍ତି। ପ୍ରଥମ ଇନିଂସରେ ଲିୟନ ଗୋଟିଏ ହେଲେ ଉଇକେଟ ହାସଲ କରି ନ ଥିଲେ। ତେବେ ଦ୍ୱିତୀୟ ଇନିଂସରେ ସେ ୪ ଉଇକେଟ ପାଇଥିଲେ। ଦାଭିଦ ମଲନଙ୍କୁ ଆଉଟ କରି ସେ ଏହି ମାଇଲଖୁଣ୍ଟ ଛୁଇଁ ଥିଲେ। ୧୦୧ଟି ଟେଷ୍ଟ ଖେଳି ସେ ମୋଟ ଉପରେ ୪୦୩ ଉଇକେଟ ହାସଲ କରିଛନ୍ତି।

ପୂର୍ବରୁ ଲେଗ୍ ସ୍ପିନର ୱର୍ନ ୧୯୯୨ରୁ ୨୦୦୭ ମଧ୍ୟରେ ୭୦୮ଟି ଉଇକେଟ ହାସଲ କରିଥିଲେ। ସେହିପରି ୧୯୯୩ରୁ ୨୦୦୭ ମଧ୍ୟରେ ମ୍ୟାକ୍‌ଗ୍ରା ୫୬୩ଟି ଉଇକେଟ ଅକ୍ତିଆର କରିଥିଲେ। ୱର୍ନଙ୍କ ପରେ ଲିୟନ ଏକମାତ୍ର ଅଣ ଏସୀୟ ସ୍ପିନର ଓ ମୋଟ ଉପରେ ୧୭ତମ ବୋଲର ଭାବେ ୪୦୦ ଉଇକେଟ ଅକ୍ତିଆର କରିଛନ୍ତି। ତେବେ ସର୍ବାଧିକ ଉଇକେଟ ହାସଲ ତାଲିକାରେ ଶ୍ରୀଲଙ୍କାର ମୁଥିଆ ମୁରଲୀଧରନ ୧୯୯୨ ଓ ୨୦୧୦ ମଧ୍ୟରେ ୮୦୦ ଉଇକେଟ ଅକ୍ତିଆର କରି ଶୀର୍ଷରେ ରହିଛନ୍ତି।

# ହୋବାର୍ଟରେ ଡେ-ନାଇଟ୍ ଫର୍ମାଟ୍‌ରେ ପଞ୍ଚମ ଟେଷ୍ଟ

**ହୋବାର୍ଟ,୧୧।୧୨**

ସ୍ଥାନୀୟ ବେଲେରାଇଭ ଓଭାଲ ଗ୍ରାଉଣ୍ଡରେ ଚଳିତ ଆଶେସ ସିରିଜରେ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆୟୋଜନ ହେବ। ପ୍ରଥମଥର ପାଇଁ ଏହି ଗ୍ରାଉଣ୍ଡରେ ଆଶେସ ଟେଷ୍ଟ ଖେଳାଯିବ। ତେବେ ଏହା ଦିବାରାତ୍ରିଭିତ୍ତିକ ହେବ। ଶନିବାର ଏ ନେଇ କ୍ରିକେଟ ଅଷ୍ଟ୍ରେଲିଆ ସୂଚନା ଦେଇଛି। ଜାନୁୟାରୀ ୧୪ରୁ ଏହି ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ପ୍ରଥମେ ଏହା ପର୍ଥରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍-୧୯ ସମ୍ପର୍କିତ କ୍ୱାରାଣ୍ଟାଇନ୍ ଓ ଷ୍ଟେଟ ବର୍ଡର ରେଷ୍ଟ୍ରିକ୍‌ଶନ କାରଣରୁ ଏହାକୁ ହୋବାର୍ଟକୁ ସ୍ଥାନାନ୍ତର କରାଯାଇଛି। ୨୦୧୬ ପରେ ପ୍ରଥମ ଥର ପାଇଁ ହୋବାର୍ଟରେ ଟେଷ୍ଟ ମ୍ୟାଚ୍ ଖେଳାଯିବ। ସେତେବେଳେ ଦକ୍ଷିଣ ଆଫ୍ରିକା ୮୦ ରନରେ ଘରୋଇ ଅଷ୍ଟ୍ରେଲିଆ ଦଳକୁ ହରାଇଥିଲା। ଗତ ମାସରେ ଆଫଗାନିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ହୋବାର୍ଟରେ ଟେଷ୍ଟ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ତାଲିବାନ କ୍ଷମତାକୁ ଆସିବା ପରେ ଏହାକୁ ବାତିଲ କରାଯାଇଥିଲା। ଦ୍ୱିତୀୟ ଆଶେସ ଟେଷ୍ଟ ଗୁରୁବାରଠାରୁ ଆଡିଲେଡରେ ଆରମ୍ଭ ହେବ ଓ ଏହା ଦିବାରାତ୍ରିଭିତ୍ତିକ ହେବ।


ଆବୁଧାବି ଫର୍ମୁଲା ୱାନ୍ ଗ୍ରାଁ ପ୍ରି ପାଇଁ ପୋଲ୍ ପୋଜିଶନ ହାସଲ କରିବା ପରେ ରେଡ୍‌ବୁଲ୍ ଡ୍ରାଇଭର ନେଦରଲାଣ୍ଡ୍ସର ମାକ୍ସ ଭର୍ଷ୍ଟାପେନ୍।

# ମନ୍ଥର ବୋଲିଂ: ଇଂଲଣ୍ଡ ଦଣ୍ଡିତ

**ଦୁବାଇ,୧୧।୧୨**

ପ୍ରଥମ ଆଶେସ ଟେଷ୍ଟରେ ମନ୍ଥର ବୋଲିଂ କରି ଇଂଲଣ୍ଡ ଜରିମାନାର ସମ୍ମୁଖୀନ ହୋଇଛି। ଶତପ୍ରତିଶତ ମ୍ୟାଚ ପାଉଣା ଜରିମାନା ଆକାରରେ ଇଂଲଣ୍ଡ ଦେବ। ଏଥିସହ ଇଂଲଣ୍ଡ ୫ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ହରାଇବ। ଏଲିଟ ପ୍ୟାନେଲ ଅଫ ମ୍ୟାଚ୍ ରେଫରର ସଦସ୍ୟ ଡେଭିଡ୍ ବୁନ୍ ଇଂଲଣ୍ଡ ଉପରେ ଏହି ଜରିମାନା ଧାର୍ଯ୍ୟ କରିଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ଜୋ ରୁଟ୍‌ଙ୍କ ନେତୃତ୍ୱରେ ଇଂଲଣ୍ଡ ୫ ଓଭର କମ୍ ବୋଲିଂ କରିଥିଲା। ତେବେ ଏ ନେଇ ଥିବା ସମୟ ରିହାତି ଦିଆଯିବା ପରେ ପ୍ୟାନେଲ ଏହି ନିଷ୍ପତ୍ତି ନେଇଛି। ସେହିପରି ମ୍ୟାଚ୍ ଅବସରରେ ଆପତ୍ତିଜନକ ଶବ୍ଦ ଉଚ୍ଚାରଣ କରି ଟ୍ରାଭିସ ହେଡ୍ ମଧ୍ୟ ମ୍ୟାଚ୍ ପାଉଣାର ୨୦ ପ୍ରତିଶତ ଜରିମାନା ଦେବେ ବୋଲି କୁହାଯାଇଛି।

# ଅର୍ଜୁନ ଲାଲ୍-ରବି ଯୋଡ଼ିଙ୍କୁ ସ୍ୱର୍ଣ୍ଣ ପଦକ

**ବ୍ୟାଙ୍କକ୍, ୧୧।୧୨ (ପି.ଟି.)**

### ଏସିଆନ ରୋଇଂ ଚାମ୍ପିୟନଶିପ୍

ଏଠାରେ ଚାଲିଥିବା ଏସିଆନ ରୋଇଂ ଚାମ୍ପିୟନଶିପ୍ ପୁରୁଷ ଡବଲ ସ୍କଲ୍ସ ଇଭେଣ୍ଟରେ ଭାରତୀୟ ରୋୟର ଅର୍ଜୁନ ଲାଲ ଜାଟ୍ ଓ ରବି ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ପରମିନ୍ଦର ସିଂ ପୁରୁଷ ସିଙ୍ଗଲ ସ୍କଲ୍ସ ପ୍ରତିଯୋଗିତାରେ ଏକ ରୌପ୍ୟ ପାଇଛନ୍ତି। ଶନିବାର ରେୟଙ୍ଗସ୍ଥିତ ରୟାଲ ଥାଇ ନେଭି ରୋଇଂ ସେଣ୍ଟରଠାରେ ଯଥାକ୍ରମେ ଅର୍ଜୁନ ଓ ରବି ଚାଇନାର କ୍ୱିଙ୍ଗ୍ ଲି' ଓ ଲୁଟଙ୍ଗ୍ ଝାଙ୍ଗ୍ ଏବଂ ଉଜ୍‌ବେକିସ୍ତାନର ଡାଭରଜନ ଡାଭରୋନୋଭ୍‌ଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ଜିତିଥିଲେ। ଟୋକିଓ ଅଲିମ୍ପିଆନ ଅର୍ଜୁନ ଓ ତାଙ୍କ ପାର୍ଟନର ରବି ୬:୫୭.୮୮୩ ସେକେଣ୍ଡରେ ସେମାନଙ୍କ ରେସ୍ ଶେଷ କରିଥିଲେ। ଅନ୍ୟପକ୍ଷରେ ରେସ୍‌ରେ ଚାଇନିଜ୍ ଓ ଉଜ୍‌ବେକିସ୍ତାନ ଯୋଡ଼ିଙ୍କ ଟାଇମିଂ ଯଥା ୭:୦୨.୩୭୪ ସେକେଣ୍ଡ ଓ ୭:୦୭.୭୩୪ ସେକେଣ୍ଡ ରହିଥିଲା। କଣ୍ଟିନେଣ୍ଟାଲ ଇଭେଣ୍ଟର ପୁରୁଷ ଡବଲ୍ସ ସ୍କଲ୍ସ ଭାରତର ଏହା ଥିଲା କ୍ରମାଗତ ଦ୍ୱିତୀୟ ପୋଡିୟମ ଫିନିଶ। ଭାରତ ୨୦୧୯ ଏସିଆନ ରୋଇଂ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲା। ଅର୍ଜୁନ ପୂର୍ବ କଣ୍ଟିନେଣ୍ଟାଲ ମିଟ୍‌ରେ ପୁରୁଷ ଲାଇଟ୍‌ୱେଟ୍ ଡବଲ୍ସ ସ୍କଲ୍ସ ଇଭେଣ୍ଟରେ ଏକ ରୌପ୍ୟ ଜିତିଥିଲେ। ଶନିବାର ଭାରତ ପାଇଁ ଆଉ ଏକ ପଦକ ଆଣି ଦେଇଥିଲେ ପରମିନ୍ଦର। ସେ ୮:୦୭.୩୨୩ ସେକେଣ୍ଡ ଟାଇମିଂରେ ରୌପ୍ୟ ପଦକ ପାଇଥିଲେ।


ଅରବିନ୍ଦ ଓ ରବି।

ଉଜ୍‌ବେକିସ୍ତାନର ଖୋଲମୁର୍‌ଜାଏଭ୍ ଶାଖବୋଜ୍ ୧୧ ସେକେଣ୍ଡ ଆଗୁଆ ୭:୫୬.୩୦୭ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଇଣ୍ଡୋନେସିଆର ମେମୋ (୮:୧୦.୦୫୫ ସେକେଣ୍ଡ) ତୃତୀୟ ହୋଇଥିଲେ। ଭାରତୀୟ ରୋୟରମାନେ ରବିବାର ଆଉ ୫ଟି ଇଭେଣ୍ଟର ଫାଇନାଲରେ ଭାଗ ନେବେ।

# ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ସିନ୍ଧୁ

**ହୁଏଲ୍‌ଭା (ସ୍ପେନ୍), ୧୧।୧୨ (ପି.ଟି.)**

ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ରବିବାରଠାରୁ ଆରମ୍ଭ ହେବ। ଭାରତର ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି. ଭି.

### ବିଶ୍ୱ ଚାମ୍ପିୟନଶିପ୍

ସିନ୍ଧୁ ଏଥିରେ ଟାଇଟଲ ବଜାୟ ରଖିବା ଲକ୍ଷ୍ୟ ନେଇ ଖେଳିବେ। ସିନ୍ଧୁ ବର୍ତ୍ତମାନ ଭଲ ଫର୍ମରେ ଅଛନ୍ତି। ଫ୍ରେଞ୍ଚ ଓପନ, ଇଣ୍ଡୋନେସିଆ ମାଷ୍ଟର୍ସ ଓ ଇଣ୍ଡୋନେସିଆ ଓପନ୍‌ରେ କ୍ରମାଗତ ସେମିଫାଇନାଲରେ ପ୍ରବେଶ ପରେ ସିଜନ ଶେଷ ବିଶ୍ୱ ଟୁର୍ ଫାଇନାଲ୍ସରେ ରୌପ୍ୟ ଜିତିଥିଲେ। ହାଇଦ୍ରାବାଦର ୨୬ବର୍ଷୀୟା ସିନ୍ଧୁ ଦୁଇବର୍ଷ ତଳେ ସୁଇଜରଲାଣ୍ଡର ବାସେଲ୍‌ଠାରେ ପ୍ରଥମ ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। ଏହାକୁ ସେ ବଜାୟ ରଖିବାକୁ ଚେଷ୍ଟା କରିବେ। ଚାମ୍ପିୟନଶିପ୍‌ରୁ ଇଣ୍ଡୋନେସିଆ ଖେଳାଳିମାନେ ଓହରିଯାଇଛନ୍ତି। ଦୁଇଥର ବିଜେତା କେଣ୍ଟୋ ମୋମୋଟାଙ୍କ ସମେତ କେତେଜଣ ଆଗଧାଡ଼ି ଖେଳାଳି ମଧ୍ୟ ଏଥର ପ୍ରତିଯୋଗିତାରେ ଭାଗ ନେଉନାହାନ୍ତି। ୩ଥର ଚାମ୍ପିୟନ କାରୋଲିନା ମାରିନ୍ ଓ ୨୦୧୭ ବିଜେତା ନୋଜୋମି ଓକୁହାରା ମଧ୍ୟ ଓହରିଯାଇଛନ୍ତି। ଏକାଧିକ ଇଞ୍ଜୁରି ଯୋଗୁ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ଓ ୨୦୧୫ ରୌପ୍ୟ ପଦକ ବିଜୟିନୀ ସାଇନା ନେହ୍ୱାଲ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇ ପାରୁନାହାନ୍ତି। ଏସବୁ ସତ୍ତ୍ୱେ ସିନ୍ଧୁଙ୍କ ପକ୍ଷେ ଟାଇଟଲ ଜିତିବା ସହଜ ବୋଲି କହିହେବ ନାହିଁ। କାରଣ ତାଙ୍କୁ ୯ମ ସିଡ୍ ଥାଇଲାଣ୍ଡର ପର୍ନପାୱିଚୋଚୁଓଙ୍ଗ୍, ଟପ୍ ସିଡ୍ ଚାଇନିଜ ତାଇପେର ତାଇ ଜୁ ୟିଙ୍ଗ୍ ଏବଂ କୋରିଆର ସ୍ୱଳ୍ପ ବୟସ୍କା ପ୍ରତିଭା ଆନ୍ ସେୟଙ୍ଗ୍‌ଙ୍କୁ ଭେଟିବାକୁ ପଡ଼ିବ। ପଛକୁ ପଛ ଟାଇଟଲ ଜିତି ଆନ୍ ସେୟଙ୍ଗ୍ ତାଙ୍କ ଜବରଦସ୍ତ ଫର୍ମର ସୂଚନା ଦେଇଛନ୍ତି। ମାର୍ଟିନା ରେପିସ୍କାଙ୍କ ବିପକ୍ଷରେ ଖେଳି ସେ ପ୍ରତିଯୋଗିତାରେ ତାଙ୍କ ଅଭିଯାନ ଆରମ୍ଭ କରିବେ। ରେପିସ୍କାଙ୍କ ପ୍ରଥମ ରାଉଣ୍ଡ ପ୍ରତିଦ୍ୱନ୍ଦ୍ୱୀ ରୁସେଲି ହାର୍ଟାୱାନ ମଧ୍ୟ ଓହରିଯାଇଛନ୍ତି। ସିନ୍ଧୁ ଯଦି ଥାଇଲାଣ୍ଡ ଖେଳାଳିଙ୍କୁ ପରାସ୍ତ କରନ୍ତି ତେବେ ତାଇ ତିଜୁଙ୍କ ସହ ମୁକାବିଲା କରିବେ। ଯେଉଁ ଖେଳାଳିଙ୍କର ତାଙ୍କ ବିରୋଧରେ କ୍ରମାଗତ ୪ ବିଜୟ ସହ ୧୪-୫ ବିଜୟ ପରାଜୟ ରେକର୍ଡ ରହିଛି। ପୁରୁଷ ସିଙ୍ଗଲ୍ସ ଦ୍ୱାଦଶ ସିଡ୍ କିଡାମ୍ବି ଶ୍ରୀକାନ୍ତ ତାଙ୍କ ଓପନିଂ ମ୍ୟାଚ ସ୍ପେନର ପାବ୍‌ଲୋ ଆବିଏନ୍‌ଙ୍କ ବିପକ୍ଷରେ ଖେଳିବେ। ଟୋକିଓ ଅଲିମ୍ପିଆନ ବି. ସାଇ ପ୍ରଣିଥ୍ ଡଚ୍ ଖେଳାଳି ମାର୍କ କାଲ୍‌ଜୋଙ୍କୁ ଭେଟିବେ। ପୂର୍ବତନ ଟପ୍ ଟେନ୍ ଖେଳାଳି ଏଚଏସ୍ ପ୍ରଣୟ ପ୍ରଥମ ରାଉଣ୍ଡରେ ୮ମ ସିଡ୍ ଏନ୍‌ଜି କା ଲଙ୍ଗ୍ ଆଙ୍ଗସଙ୍କୁ ଭେଟିବାକୁ ଥିବା ବେଳେ ଯୁବ ଖେଳାଳି ଲକ୍ଷ୍ୟ ସେନ୍‌ଙ୍କ ପ୍ରଥମ ରାଉଣ୍ଡ ପ୍ରତିଦ୍ୱନ୍ଦ୍ୱୀ ଓହରିଯାଇଛନ୍ତି।


ପି. ଭି. ସିନ୍ଧୁ

# ବିନା ଗୋଲକିପରରେ ଢାକା ଗଲା ପାକିସ୍ତାନ ହକି ଦଳ

**କରାଚୀ, ୧୧।୧୨ (ପି.ଟି.)**

ଭିଜା ସମସ୍ୟା ଯୋଗୁ ଏସିଆନ ଚାମ୍ପିୟନଶିପ୍ ଖେଳିବା ଲାଗି ପାକିସ୍ତାନ ହକି ଦଳ ବିନା ଗୋଲ୍‌କିପରରେ ଢାକା ଅଭିମୁଖେ ଯାତ୍ରା କରିଛି। ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍) ସମ୍ପାଦକ ଆସଫ୍ ବାଜୱା କହିଛନ୍ତି ଦଳର ଦୁଇ କୋଲକିପର ଅମ୍‌ଜାଦ ଅଲି ଓ ମଝର ଆବାସଙ୍କୁ ବାଂଲାଦେଶ ଭିଜା ଇସ୍ୟୁ କରାଯାଇନାହିଁ। ସାମ୍ପ୍ରତିକ ପରିସ୍ଥିତି ଦୃଷ୍ଟିରୁ ପିଏଚ୍‌ଏଫ୍ ନିକଟରେ ଭାରତରେ ଜୁନିୟର ହକି ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରିଥିବା ଅବ୍‌ଦୁଲ୍ଲା ଓ ୱାକରଙ୍କୁ ଢାକା ପଠାଇବା ଲାଗି ନିଷ୍ପତ୍ତି ନେଇଛି। କାରଣ ଏହି ଦୁଇଜଣଙ୍କ ନିକଟରେ ବର୍ତ୍ତମାନ ବାଂଲାଦେଶ ଭିଜା ମହଜୁଦ ଅଛି। ସିନିୟର ଗୋଲକିପରଙ୍କ ଲାଗି ଭିଜାକୁ ଆଉ ଅପେକ୍ଷା କରିବା ଏକପ୍ରକାର ରିସ୍କ ବୋଲି ବାଜୱା ପ୍ରକାଶ କରିଛନ୍ତି। କୌତୂହଳର କଥା ଏହିକି ଯେ, ସିନିୟର ଇଭେଣ୍ଟ ଲାଗି ପ୍ରଥମେ ଜୁନିୟର ଗୋଲକିପର ପଠାଇବା ଲାଗି ସ୍ଥିର କରାଯାଇଥିଲା। ମାତ୍ର ଜୁନିୟର ବିଶ୍ୱକପ୍‌ରେ ଦଳର ଖରାପ ପ୍ରଦର୍ଶନ ପରେ ଗୋଲକିପିଂ କୋଚ୍ ଅହମ୍ମଦ ଆଲାମ ସିନିୟର ଗୋଲକିପର ମଝର ଓ ଅମ୍‌ଜାଦଙ୍କୁ ଡକାଇଥିଲେ।

# ଆଶା ହରାଇ ନାହିଁ ଆଇସିସି

### ଅଲିମ୍ପିକ୍ସ ୨୦୨୮

**ନୂଆଦିଲ୍ଲୀ, ୧୧।୧୨ (ପି.ଟି.):** ୨୦୨୮ ଲସ୍‌ଏଞ୍ଜେଲ୍ସ ଗେମ୍ସରେ କ୍ରିକେଟ ଅତିରିକ୍ତ କ୍ରୀଡ଼ା ଭାବେ ସ୍ଥାନ ପାଇବ ବୋଲି ତଥାପି ଆଶା ରଖିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଅଲିମ୍ପିକ୍ସର ଏହି ସଂସ୍କରଣରେ କେଉଁ ଖେଳଗୁଡ଼ିକର ଅତିରିକ୍ତ ଖେଳ ଭାବେ ସ୍ଥାନ ପାଇବ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ତରଫରୁ ସେ ନେଇ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଇଓସି ୨୦୨୮ ଅଲିମ୍ପିକ୍ସ ପାଇଁ ଏହାର ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ୨୮ଟି କ୍ରୀଡ଼ା ସ୍ଥାନିତ କରିଛି। ଗୁରୁବାର ପ୍ରକାଶ କରାଯାଇଥିବା ଏହି ତାଲିକାରେ ସ୍କେଟ୍ ବୋର୍ଡିଂ, ସର୍ଫିଂ ଓ ସ୍ପୋର୍ଟ୍ସ କ୍ଲାଇମ୍ବିଂ ସ୍ଥାନ ପାଇଛି। ବକ୍ସିଂ, ୱେଟଲିଫ୍ଟିଂ ଓ ମଡର୍ନ ପେଣ୍ଟାଥ୍ଲନ ବାଦ୍ ପଡ଼ିଛି। ୨୦୨୮ ଗେମ୍ସରେ ସେମାନଙ୍କ ଖେଳକୁ ବଜାୟ ରଖିବାକୁ ହେଲେ ସେମାନଙ୍କୁ ୨୦୨୩ ସୁଦ୍ଧା କିଛି ମାନଦଣ୍ଡ ପୂରଣ କରିବାକୁ ହେବ। ଆସନ୍ତାବର୍ଷ ଫେବୃୟାରୀରେ ବେଜିଂରେ ଆଇଓସି ଅଧିବେଶନ ବସିବ। ଏଥିରେ ଭୋଟ ପାଇଁ ତାଲିକା ଉପସ୍ଥାପନ କରାଯିବ। ତେବେ ଏହା କେବଳ ନାମକୁ ମାତ୍ର। ଆୟୋଜକ ସହର ଲସ୍‌ଏଞ୍ଜେଲ୍ସ ମଧ୍ୟ ୨୦୨୮ ଗେମ୍ସ ପାଇଁ ଅତିରିକ୍ତ କ୍ରୀଡ଼ା ୨୦୨୩ରେ ପ୍ରସ୍ତାବ ରଖିପାରିବ। ଅନ୍ୟ କ୍ରୀଡ଼ା ସହ କ୍ରିକେଟକୁ ଆଇଓସି ସାମିଲ କରିବ ବୋଲି ଆଇସିସି ଆଶା କରୁଛି। ୨୦୨୮ ଅଲିମ୍ପିକ୍ସ ପାଇଁ ଅତିରିକ୍ତ କ୍ରୀଡ଼ାରେ ସ୍ଥାନ ହାସଲ ଦୌଡ଼ରେ ବେସ୍‌ବଲ୍, ସଫ୍ଟବଲ୍ ଓ ଆମେରିକାନ୍ ଫୁଟ୍‌ବଲ ରହିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଡିସେମ୍ବର ୧୨/୨୦୨୧ (୮+୮=୧୬ ପୃଷ୍ଠା) Bhubaneswar, Sunday, December 12/2021 ପୃଷ୍ଠା-୯



### ଅଭିଷେକଙ୍କୁ ୫ ଉଇକେଟ

ବିଦର୍ଭ ବିପକ୍ଷ ବିଜୟ୍ ହଜାରେ ଟ୍ରଫି ମ୍ୟାଚ୍‌ରେ ଓଡ଼ିଶାର ଅଭିଷେକ ରାଉତ ୫ ଉଇକେଟ ହାସଲ କରିଛନ୍ତି।

୦୮

୦୨

### ହିନ୍ଦୁ ହେବେ ଫିଲ୍ମ ନିର୍ମାତା ଅଲି ଆକବର

ଇସ୍‌ଲାମ ଧର୍ମ ଉପରୁ ବିଶ୍ୱାସ ତୁଟି ଯାଇଥିବାରୁ ପରିବାର ସହ ହିନ୍ଦୁ ଧର୍ମ ଗ୍ରହଣ କରିବେ ବୋଲି କହିଛନ୍ତି କେରଳ ଫିଲ୍ମ ନିର୍ମାତା ଅଲି ଆକବର।






# ୨୬ କର୍ମଚାରୀରେ ସାଇବର ଅପରାଧ ନିୟନ୍ତ୍ରଣ

## ତାଲିମପ୍ରାପ୍ତ ଅଧିକାରୀ ମାତ୍ର ୧୧



**ଯାଜପୁର ଅଫିସ,୧୧।୧୨**

ରାଜ୍ୟରେ ସାଇବର ଅପରାଧ ଅଣାୟତ୍ତ ହେବାରେ ଲାଗିଛି। ରିପୋର୍ଟ ଅନୁଯାୟୀ ୨୦୧୫ରୁ ୨୦୨୧ ସେପ୍ଟେମ୍ବର ୩୦ ମଧ୍ୟରେ ୭୩୩୦ ସାଇବର ଅପରାଧ ପଞ୍ଜୀକୃତ ହୋଇଛି। ହେଲେ ଉପରୋକ୍ତ ସମୟସୀମା ମଧ୍ୟରେ ବିଚାରାଧୀନ ଓ ଫଇସଲା, ବର୍ତ୍ତମାନର ସ୍ଥିତି, ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ସଂଖ୍ୟା ଓ ସାକ୍ଷ୍ୟପ୍ରମାଣ ଅଭାବରୁ ଖଲାସ ହୋଇଥିବା ଅଭିଯୁକ୍ତମାନଙ୍କ ତଥ୍ୟ ଆଦି ସାଇବର ଅପରାଧ ସମ୍ପର୍କିତ ତଥ୍ୟ ସରକାରଙ୍କ ପାଖରେ ନାହିଁ। ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ସାଇବର ଅପରାଧର ମୁକାବିଲା ପାଇଁ ମାତ୍ର ୪ଟି ସାଇବର କ୍ରାଇମ୍ ଥାନା ରହିଛି। ଏହିସବୁ ଥାନାରେ ମାତ୍ର ୨୬ ଜଣ କର୍ମଚାରୀ ତଥା ଇନ୍ସପେକ୍ଟର, ସବଇନ୍ସପେକ୍ଟର, ଏଏସ୍‌ଆଇ ଓ କନଷ୍ଟେବଳ କାମ କରୁଛନ୍ତି। ଗତ ବିଧାନସଭାରେ ବିଧାୟକ ମୋହନଚରଣ ମାଝୀଙ୍କ ପ୍ରଶ୍ନର ଉତ୍ତରରୁ ଏହା ଜଣାପଡିଛି। ଏଥିରୁ ସାଇବର ଅପରାଧ ରୋକିବାକୁ ସରକାରଙ୍କ ଆନ୍ତରିକତା କେତେ ତାହା ଜଳଜଳ ହୋଇ ଦିଶୁଛି।

ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା ପାଇଁ ମୁଖ୍ୟତଃ ପୋଲିସ ନିୟୋଜିତ କରାଯାଇଥାଏ। ହେଲେ ରାଜ୍ୟର ବିଭିନ୍ନ ସହର ଓ ଏହାର ଆଭ୍ୟନ୍ତରୀଣ ଅଞ୍ଚଳରେ ସାଇବର ଅପରାଧ ରୋକିବା ଏବେ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଦିନକୁ ଦିନ ବଢ଼ିବାରେ ଲାଗିଛି ସାଇବର ଅପରାଧୀଙ୍କ କାରନାମା। କେତେଜଣ ଯୁବ ବୈଷୟିକ ବିଶେଷଜ୍ଞଙ୍କ ସହାୟତାରେ ଏହି ଅପରାଧ ଚାଲିଥିବାବେଳେ ପୋଲିସ ସେମାନଙ୍କ ପାଖକୁ ପହଞ୍ଚିବାକୁ ଟେର ପାଇପାରୁନି। ଆବଶ୍ୟକ ତାଲିମପ୍ରାପ୍ତ ଅଧିକାରୀଙ୍କ ଅଭାବ ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ଏଭଳିସ୍ଥଳେ ନିଜ କଷ୍ଟୋପାର୍ଜିତ ଧନକୁ ସୁରକ୍ଷିତ ରଖିବା ଏବେ ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ଦେଇଥିବା ଉତ୍ତରରେ ଏହି ମାମଲାରେ ତଥ୍ୟ ☞ପୃଷ୍ଠା-୬

### କ୍ରାଇମ୍‌ବ୍ରାଞ୍ଚ ଏଡିଜିଙ୍କୁ ଠକେଇ ଉଦ୍ୟମ

**ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)**

କ୍ରାଇମ୍‌ବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡାଙ୍କୁ ସାଇବର ଅପରାଧୀ ଟାର୍ଗେଟ କରି ବିଫଳ ହୋଇଛନ୍ତି। ଗତ ମାସରେ ଓକାକ୍ ସିଇଓଙ୍କୁ ଠକେଇ କରିଥିବା ଗ୍ୟାଙ୍ଗ୍ ଯେଉଁଭଳି ଢଙ୍ଗରେ ଠକିଥିଲା, ଏବେ ଏହି ଠକ ଗ୍ୟାଙ୍ଗ ମଧ୍ୟ ଅନୁରୂପ ଭାବେ ଚେଷ୍ଟା କରିଥିଲା। ହେଲେ ଏଡିଜି ପଣ୍ଡାଙ୍କ ଉପସ୍ଥିତ ବୁଦ୍ଧି ତାଙ୍କୁ ଏକ ବଡ଼ ଠକେଇରୁ ବଞ୍ଚାଇ ଦେଇଛି। ଏନେଇ ଏଡିଜି ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସେ କୌଣସି ଠକେଇର ଶିକାର ହୋଇ ନାହାନ୍ତି, ବରଂ ଜଣେ ବନ୍ଧୁଙ୍କ ହ୍ୱାଟ୍ସଆପ୍ ଆକାଉଣ୍ଟରୁ ଏକ ମେସେଜ୍ ପାଇଥିଲେ, ଯାହାକି ସାଇବର ଠକଙ୍କ ଦ୍ୱାରା ହ୍ୟାକ୍ ହୋଇଥିଲା ବୋଲି କହିଛନ୍ତି। ☞ପୃଷ୍ଠା-୬

# ସରକାରୀ ଜମି ଆବଣ୍ଟନରେ ବିବେକାଧୀନ କୋଟା ବନ୍ଦ ହେଉ

**ନୂଆଦିଲ୍ଲୀ, ୧୧।୧୨**

ସରକାରୀ ଜମି ଆବଣ୍ଟନରେ ବିବେକାଧୀନ କୋଟା ଯୋଗୁ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ବଢ଼ୁଛି। ଏଭଳି କୋଟା ଉଚ୍ଛେଦ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଶନିବାର କହିଛନ୍ତି। ସରକାରୀ ସମ୍ପତ୍ତି ଆବଣ୍ଟନ ନିଲାମ ପ୍ରକ୍ରିୟାରେ କରାଯିବାକୁ ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି। ଆବଣ୍ଟନ ପ୍ରକ୍ରିୟା ସ୍ୱଚ୍ଛ ଓ ନିର୍ବିବାଦୀୟ ହେବା ଆବଶ୍ୟକ। ଏ କ୍ଷେତ୍ରରେ ଜନସ୍ୱାର୍ଥକୁ ସର୍ବାଧିକ ପ୍ରାଥମିକତା ଦେବା ଜରୁରୀ। ବିବେକାଧୀନ କୋଟାରେ ଜମି ଆବଣ୍ଟନ କଲାବେଳେ କ୍ଷମତାରେ ଥିବା ବ୍ୟକ୍ତି କିମ୍ବା ସରକାରୀ ଅଧିକାରୀ ମନମୁଖି କାର୍ଯ୍ୟ କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିପାଇଁ ଗାଇଡ୍‌ଲାଇନ ରହିଥିଲେ ମଧ୍ୟ ଅଧିକାଂଶ ସମୟରେ ତାହାର ଅନୁପାଳନ କରାଯାଉନାହିଁ କିମ୍ବା ଏଥିରେ ଜାଲିଆତି କରାଯାଉଥିବା ଦେଖାଯାଉଛି। ସେଥିପାଇଁ ଉକ୍ତ କୋଟା ଉଠାଇଦେବା ସବୁଠୁ ଭଲ ହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

### ବିଡିଏର ୩ ଅଫିସରଙ୍କ ବିରୋଧରେ ମକଦ୍ଦମା ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି



ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ବି.ଭି. ନଗରାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେବା ସହ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଗୃହନିର୍ମାଣ ଓ ସହରାଞ୍ଚଳ ବିକାଶ ବିଭାଗର ୩ ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ ମକଦ୍ଦମା ଚଳାଇବା ପାଇଁ ରାଜ୍ୟ ସରକାରଙ୍କ ଆବେଦନକୁ ଅନୁମତି ପ୍ରଦାନ କରିଛନ୍ତି। ଏହି ଅଧିକାରୀମାନେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ କମର୍ସିଆଲ କମ୍ପ୍ଲେକ୍ସ ଡିଷ୍ଟ୍ରିକ୍ଟ ସେଣ୍ଟରରେ ଗୁରୁତ୍ୱପୂର୍ଣ୍ଣ ପ୍ଲଟ୍ ଆବଣ୍ଟନରେ ଜାଲିଆତି କରିଥିଲେ। ଅଭିଯୋଗ ଅନୁଯାୟୀ ବିଡିଏ ଅଧିକାରୀ ପ୍ରତିମା ମହାନ୍ତି, ପ୍ରକାଶ ଚନ୍ଦ୍ର ପାତ୍ର ଏବଂ ରାଜେନ୍ଦ୍ର କୁମାର ସାମଲ ଉକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ଲଟ୍‌କୁ ସେମାନଙ୍କ ☞ପୃଷ୍ଠା-୬

## ହାଇଦ୍ରାବାଦକୁ ଏୟାର ଲିଫ୍ଟ ହେଲେ ବଦ୍ରି ପାତ୍ର



**ଭୁବନେଶ୍ୱର,(ବ୍ୟୁରୋ)/ ଆନନ୍ଦପୁର(ସ୍ୱ.ପ୍ର.) ୧୧।୧୨**

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଛି। ଶନିବାର ତାଙ୍କୁ ଏୟାର ଲିଫ୍ଟ କରାଯାଇ ହାଇଦ୍ରାବାଦ୍ ନିଆଯାଇଛି। ସେଠାରେ ଟାଟା ଏଆଇଜି ହସ୍ପିଟାଲରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଚିକିତ୍ସା କରୁଥିବା ପୁଅ ଦେବପ୍ରୀୟ ସୂଚନା ଦେଇଛନ୍ତି।

ଶୁକ୍ରବାର ଛାତିରେ ଯନ୍ତ୍ରଣା ହେବାରୁ ବଦ୍ରିଙ୍କୁ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ହାର୍ଟରେ ବ୍ଲକେଜ ହୋଇଥିବା ଜଣାପଡ଼ିବା ପରେ ତୁରନ୍ତ ଅସ୍ତ୍ରୋପଚାର କରାଯାଇଥିଲା। ଅପରେଶନ ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଶନିବାର ମଧ୍ୟାହ୍ନରେ ☞ପୃଷ୍ଠା-୬

# ପଞ୍ଚଭୂତରେ ରାଣାପ୍ରତାପ

## ପୈତୃକ ଗ୍ରାମରେ ଶେଷକୃତ୍ୟ

**ଭୁବନେଶ୍ୱର(ବ୍ୟୁରୋ)/ତାଳଚେର (ନି.ପ୍ର.)/ଅନୁଗୋଳ ଅଫିସ୍, ୧୧।୧୨**

ପଞ୍ଚଭୂତରେ ବିଲୀନ ହୋଇଛନ୍ତି ବାୟୁସେନାର ଜୁନିୟର ୱାରେଣ୍ଟ ଅଫିସର ରାଣାପ୍ରତାପ ଦାସ। ଜନ୍ମମାଟି ଅନୁଗୋଳ ଜିଲା ତାଳଚେର ବ୍ଲକ କଣ୍ଡାଳ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁରରେ ଶନିବାର ସନ୍ଧ୍ୟାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଲୁହ ଛଳଛଳ ଆଖିରେ ସୁଯୋଗ୍ୟ ସନ୍ତାନଙ୍କୁ ଅନ୍ତିମ ବିଦାୟ ଦେବାବେଳକୁ କୋହରେ ଫାଟିପଡ଼ିଥିଲା ଗାଁ ଶ୍ମଶାନ। ଭାରତ ମାତା କୀ ଜୟ, ଶହୀଦ ରାଣାପ୍ରତାପ ଅମରରହେ ଧ୍ୱନିରେ ସମଗ୍ର ଅଞ୍ଚଳ କମ୍ପି ଉଠିଥିବାବେଳେ ସୃଷ୍ଟି ହୋଇଥିଲା ଭାବାବେଗ ପରିବେଶ। ତୋପ ସଲାମି ଦିଆଯିବା ପରେ ପୁତୁରା ଆଶିଷ କୁମାର ଦାସ ମୁଖାଗ୍ନି ଦେଇଥିଲେ।

ଦିଲ୍ଲୀରୁ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ରାଣାଙ୍କ ପାର୍ଥିବ ଶରୀର ଶନିବାର ମଧ୍ୟାହ୍ନ ୧୨ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ସାଥିରେ ଆସିଥିଲେ ବାୟୁସେନାର ଅଧିକାରୀ। ସେଠାରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିରୋଧୀ ଦଳ ☞ପୃଷ୍ଠା-୬



ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶହୀଦ ରାଣାପ୍ରତାପ ଦାସଙ୍କ କଫିନରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

# ଫନୀ ପ୍ରଭାବିତଙ୍କୁ ୧.୮୪ ଲକ୍ଷ ପକ୍କାଘର ଦିଅ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

### କେବିକେ ଜିଲା ପାଇଁ ୧୩ ଲକ୍ଷ ପକ୍କାଘର ଦାବି

୨୦୧୯ ମେ' ମାସରେ ହୋଇଥିବା ଫନୀ ବାତ୍ୟାରେ ଓଡ଼ିଶାର ଅନେକ ଜିଲାରେ ଲୋକେ ବାସହରା ହୋଇ ଆଜି ପର୍ଯ୍ୟନ୍ତ ଘରଖଣ୍ଡେ ପାଇନାହାନ୍ତି। ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ୧.୮୪ ଲକ୍ଷ ପକ୍କାଘର ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) ଯୋଜନା(ପିଏମ୍‌ଏୱାଇ-ଜି) ଅଧୀନରେ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶନିବାର ଚିଠି ଲେଖିଛନ୍ତି। ଏହାସହ ଅଣଫନୀ ଆଦିବାସୀ ଅଧ୍ୟୁଷିତ କେବିକେ ଜିଲାର ହିତାଧିକାରୀଙ୍କୁ ମଧ୍ୟ ୧୩ ଲକ୍ଷ ଘର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ୨୦୧୯ ମାର୍ଚ୍ଚ ୩ ତାରିଖ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ପରିବାରକୁ ଚିହ୍ନଟ କରିବାକୁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲେ। ହେଲେ ସାଧାରଣ ନିର୍ବାଚନ ସହ ମାଓବାଦୀ ହିଂସା ଓ ନେଟ୍‌ୱର୍କ ସମସ୍ୟା ଯୋଗୁ ଏହି ସର୍ଭେ ସମ୍ପୂର୍ଣ୍ଣ କରାଯାଇ ପାରିନାହିଁ। ଏପରି ସ୍ଥିତିରେ ନିର୍ଦ୍ଧାରିତ ସମୟ ଭିତରେ କେବଳ ୩୫ ହଜାର ଯୋଗ୍ୟ ପରିବାରକୁ ଚିହ୍ନଟ କରାଯାଇପାରିଛି। ଏହାପରେ ଯେତେବେଳେ ମନ୍ତ୍ରଣାଳୟ ଅଧୀନରେ ୧୪ଟି ଜିଲା ପାଇଁ ଆୱାସ୍ ୱିଣ୍ଡୋ ଖୋଲିଲା ସେତେବେଳେ ଆଉ ୭.୮୭ ଲକ୍ଷ ପରିବାରକୁ ଚିହ୍ନଟ କରାଯାଇଥିଲା। ଦେଖାଗଲା ଯେ ଫନୀ ପ୍ରଭାବିତ ହୋଇ ନ ଥିବା ୧୬ ଜିଲାର ୫.୦୯ ଲକ୍ଷ ପରିବାର ଯୋଗ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ ☞ପୃଷ୍ଠା-୬

# ଅଷ୍ଟ୍ରିଚ କୋଷିକାରୁ ମାସ୍କ

**ଟୋକିଓ, ୧୧।୧୨**



ବୈଜ୍ଞାନିକ ୟାଶୁହିରୋ ସୁକାମୋଟୋ



ଅଷ୍ଟ୍ରିଚ ପକ୍ଷୀ ଅଣ୍ଡା ଆଣ୍ଟିବଡିରେ ପ୍ରସ୍ତୁତ ସ୍ୱତନ୍ତ୍ର ମାସ୍କ।

ସାରା ବିଶ୍ୱ କରୋନା ସଂକ୍ରମଣର ମୁକାବିଲାରେ ଲାଗିଥିବାବେଳେ ଏହି ଘାତକ ଭୂତାଣୁକୁ ସହଜରେ ଚିହ୍ନଟ ପାଇଁ ଉପାୟ ବାହାର କରିଛନ୍ତି ଜାପାନ ବୈଜ୍ଞାନିକ। ଅଷ୍ଟ୍ରିଚ ପକ୍ଷୀ ଅଣ୍ଡାର ଆଣ୍ଟିବଡିରେ ସେମାନେ ଏକ ସ୍ୱତନ୍ତ୍ର ମାସ୍କ ପ୍ରସ୍ତୁତ କରିଛନ୍ତି। କରୋନା ଭୂତାଣୁ ସଂସ୍ପର୍ଶରେ ଆସିଲେ ଅତିବାଇଗଣୀ ରଶ୍ମିରେ ଏହି ମାସ୍କ ଚମକି ଉଠିବ। ଏହାଦ୍ୱାରା କରୋନା ଚିହ୍ନଟ ସହଜ ହୋଇପାରିବ ବୋଲି ପଶ୍ଚିମ ଜାପାନସ୍ଥିତ କ୍ୟୋଟୋ ପ୍ରିଫେକ୍‌ଚରାଲ ୟୁନିଭର୍ସିଟିର ବୈଜ୍ଞାନିକ ୟାଶୁହିରୋ ସୁକାମୋଟୋ ଏବଂ ତାଙ୍କ ଟିମ୍ ଏକ ଖବରଦାତା ସମ୍ମିଳନୀ କରି ପ୍ରକାଶ କରିଛନ୍ତି।

କୋଭିଡ୍-୧୯ ସହ ଲଢ଼ିବା ପାଇଁ ଅଷ୍ଟ୍ରିଚ ଶରୀରରେ ଯଥେଷ୍ଟ ରୋଗ ପ୍ରତିରୋଧକ ଶକ୍ତି ତଥା ଆଣ୍ଟିବଡି ରହିଥିବା ପୂର୍ବ ଗବେଷଣାରୁ ଜଣାପଡ଼ିଥିଲା। ଏହି ତଥ୍ୟକୁ ଆଧାର କରି ଜାପାନ ବୈଜ୍ଞାନିକମାନେ

### କରୋନା ସଂସ୍ପର୍ଶରେ ଆସିଲେ ଚମକିବ

ସ୍ୱତନ୍ତ୍ର ପ୍ରକାର ମାସ୍କ ପ୍ରସ୍ତୁତ କରିବାକୁ ଚିନ୍ତା କରିଥିଲେ। ସେମାନେ ଅଷ୍ଟ୍ରିଚ ଅଣ୍ଡାରୁ ଆଣ୍ଟିବଡି ସଂଗ୍ରହ କରି ତାହାକୁ ମାସ୍କ ଫିଲ୍ଟରରେ ବ୍ୟବହାର କରିଥିଲେ। ମାସ୍କ ପ୍ରସ୍ତୁତ ହେବା ପରେ ତାହା କାର୍ଯ୍ୟ କରୁଛି କି ନାହିଁ ଜାଣିବା ନିମନ୍ତେ ପରୀକ୍ଷା କରାଯାଇଥିଲା। କେତେଜଣ କରୋନା ସଂକ୍ରମିତଙ୍କୁ ୮ ଘଣ୍ଟା ପର୍ଯ୍ୟନ୍ତ ସେହି ମାସ୍କ ପିନ୍ଧିବାକୁ ଦିଆଯାଇଥିଲା। ପରେ ସେଥିରୁ ଫିଲ୍ଟର କଢ଼ାଯାଇ ଅତିବାଇଗଣୀ ବା ୟୁଭି ଆଲୋକରେ ରଖାଯାଇଥିଲା। ତାହା ଉପରେ ଏକ ପ୍ରକାର କେମିକାଲ ପ୍ରୟୋଗ କରାଯାଇଥିଲା। ସଂକ୍ରମିତଙ୍କ ମାସ୍କର ନାକ ଏବଂ ପାଟି ଥିବା ସ୍ଥାନରେ ୟୁଭି ଆଲୋକ ପଡ଼ିବା ପରେ ସେହି ଅଂଶ ଚମକିବାରେ ଲାଗିଥିଲା। ଟେଷ୍ଟ ପରେ ସେଠାରେ କରୋନା ଭୂତାଣୁ ଥିବା ଜଣାପଡ଼ିଥିଲା। ତେବେ ବିନା କୌଣସି ସ୍ୱତନ୍ତ୍ର ଧରଣର ରଶ୍ମିରେ କିପରି ମାସ୍କ ଭୂତାଣୁ ସଂସ୍ପର୍ଶରେ ଆସିଲେ ଆପେ ଆପେ ଚମକିପାରିବ ସେ ନେଇ ଗବେଷଣା କରାଯାଉଥିବା ଟିମ୍ ପକ୍ଷରୁ କୁହାଯାଇଛି।

ଉକ୍ତ ୟୁନିଭର୍ସିଟିର ଅଧ୍ୟକ୍ଷ ତଥା ଭେଟେରିନାରୀ ପ୍ରଫେସର ସୁକାମୋଟୋ ବର୍ଷ ବର୍ଷ ଧରି ଅଷ୍ଟ୍ରିଚ ଉପରେ ଗବେଷଣା ଜାରି ରଖିଛନ୍ତି। କରୋନା ସମେତ ବାର୍ଡ ଫ୍ଲୁ, ଆଲର୍ଜି ଆଦି ବିଭିନ୍ନ ରୋଗ ବିରୋଧରେ ଅଷ୍ଟ୍ରିଚ ସହଜରେ ଲଢ଼ିପାରିଥାନ୍ତି। ସରକାରଙ୍କଠାରୁ ଅନୁମତି ମିଳିଲେ ୨୦୨୨ ସୁଦ୍ଧା ଅଷ୍ଟ୍ରିଚ ମାସ୍କ ବଜାରରେ ଉପଲବ୍ଧ ହୋଇପାରିବ ବୋଲି ଏହି ଟିମ୍ ପକ୍ଷରୁ କୁହାଯାଇଛି।

# ଆମେରିକାରେ ବାତ୍ୟା: ୭୦ ମୃତ

**ୱାଶିଂଟନ, ୧୧।୧୨**

ସାମୁଦ୍ରିକ ବାତ୍ୟା ପ୍ରଭାବରେ ଆମେରିକାର କେଣ୍ଟୁକି ସମେତ କେତେକ ରାଜ୍ୟ ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ବାତ୍ୟାରେ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ଆଶଙ୍କା କରାଯାଉଛି। ଶୁକ୍ରବାର ରାତିଠାରୁ ଶନିବାର ସକାଳ ପର୍ଯ୍ୟନ୍ତ ବାତ୍ୟା ଲାଗିରହିଥିଲା। ସମୁଦ୍ର କୂଳଠାରୁ ୨୦୦ ମାଇଲ ପର୍ଯ୍ୟନ୍ତ ଏହା ତାଣ୍ଡବ ରଚିଛି। ସବୁଠୁ ପ୍ରଭାବିତ କେଣ୍ଟୁକିରେ ଗଭର୍ନର ଆଣ୍ଡି ବେଶିଅର ଜରୁରୀ ପରିସ୍ଥିତି ଜାରି କରିଛନ୍ତି। ଗ୍ରେଭ୍‌ସ କାଉଣ୍ଟି ଏବଂ ମେଫିଲ୍ଡ ସହର ସର୍ବାଧିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ମୃତ୍ୟୁସଂଖ୍ୟା ୧୦୦ରେ ପହଞ୍ଚିପାରେ ବୋଲି ଗଭର୍ନର ଆଶଙ୍କା ବ୍ୟକ୍ତ କରିଛନ୍ତି। ବାତ୍ୟାରେ ଏକ କ୍ୟାଣ୍ଡେଲ୍ ଫ୍ୟାକ୍ଟ୍ରି ଛାତ ଭୁଶୁଡ଼ି ପଡ଼ିବାରୁ ଅନେକ ଲୋକଙ୍କ ଜୀବନ ଯାଇଛି।

ପ୍ରକୃତ ମୃତ୍ୟୁସଂଖ୍ୟା କେତେ ତାହା ଏପର୍ଯ୍ୟନ୍ତ ଉଦ୍ଧାରକାରୀ ଅଧିକାରୀମାନେ ସ୍ପଷ୍ଟ କରିପାରି ନ ଥିବା ଜରୁରୀ ପରିଚାଳନା ସେବା ବିଭାଗର ମୁଖପାତ୍ର କହିଛନ୍ତି। ଉତ୍ତର ଆର୍କାନ୍‌ସାସ୍‌ର ମୋନେଟେରେ ଏକ ନର୍ସିଂ ହୋମ୍ ଛାତ ଭାଙ୍ଗିଯିବାରୁ ଜଣେ ପ୍ରାଣ ହରାଇବା ସହ ୫ ଆହତ ହୋଇଛନ୍ତି। ସେହିପରି ଟେନେସିରେ ବାତ୍ୟା ୩ ଜଣଙ୍କ ଜୀବନ ନେଇଛି। ଇଲିନୋଇସ୍‌ରେ ଆମାଜନ୍ ଡଟ୍ କମ୍‌ର ୱେରହାଉସ୍ ଛାତ ଆଂଶିକ ଭୁଶୁଡ଼ି ପଡ଼ିବା ଫଳରେ ଅନେକ ଲୋକ ଏହା ତଳେ ରହିଯାଇଥିବା କର୍ତ୍ତୃପକ୍ଷ କହିଛନ୍ତି। ସେଠାରେ ଶତାଧିକ ଲୋକ କାମ କରୁଥିଲେ। ପ୍ରଳୟଙ୍କରୀ ବାତ୍ୟା ପ୍ରଭାବରେ ଆମେରିକାର ୫ଟି ରାଜ୍ୟରେ ବ୍ୟାପକ କ୍ଷତି ହୋଇଛି। ଆର୍କାନସାସ୍, ମିସୌରି, ଟେନେସି, କେଣ୍ଟୁକି ଏବଂ ଇଲିନୋଇସ୍‌ରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ୫୫ ନିୟୁତରୁ ଊର୍ଦ୍ଧ୍ୱ ଲୋକ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ୧,୫୭,୦୦୦ ଗ୍ରାହକ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି।

### କେଣ୍ଟୁକିରେ ଜରୁରୀ ପରିସ୍ଥିତି



ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ କେଣ୍ଟୁକିର ମେଫିଲ୍ଡ ଅଞ୍ଚଳ।

# ଦିଲ୍ଲୀ ସୀମାରୁ ଘରକୁ ଫେରିଲେ ଚାଷୀ

**ନୂଆଦିଲ୍ଲୀ/ଚଣ୍ଡିଗଡ଼, ୧୧।୧୨ (ପି.ଟି.)**



■ଆନ୍ଦୋଳନ ସ୍ଥଳରେ ଭାବବିହ୍ୱଳ ପରିବେଶ
■ରାଜ୍ୟରେ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ବର୍ଷେରୁ ଊର୍ଦ୍ଧ୍ୱ ହେଲା ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଥିବା ଚାଷୀମାନେ ଶନିବାର ସେମାନଙ୍କ ଘରକୁ ଫେରିଯାଇଛନ୍ତି। ସରକାର ବିବାଦୀୟ ଆଇନକୁ ରଦ୍ଦ କରିବା ପରେ ଆନ୍ଦୋଳନ ପ୍ରତ୍ୟାହାର ଲାଗି ଗତ ଗୁରୁବାର ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଘୋଷଣା କରାଯାଇଥିଲା। ଦିଲ୍ଲୀ ସୀମାରେ ଲଗାଇଥିବା ଟେଣ୍ଟଗୁଡ଼ିକୁ ଭାଙ୍ଗିଦେବା ପରେ ଚାଷୀମାନେ ଟ୍ରାକ୍ଟର ଟ୍ରଲିରେ ବସି ଶୋଭାଯାତ୍ରାରେ ଫେରିଛନ୍ତି। ଆନ୍ଦୋଳନରେ ବିଜୟୀ ହୋଇଥିବାରୁ ସେମାନେ ବେଶ୍ ଖୁସି ଥିଲେ ଏବଂ ଫେରିବା ବେଳେ ନାଚି ଗାଇ ଓ ମଜା କରି ଯାଉଥିବା ଦେଖାଯାଇଥିଲା। ସେମାନଙ୍କୁ ବିଭିନ୍ନ ସ୍ଥାନରେ ମିଠା ଓ ଫୁଲମାଳ ଦିଆଯାଇ ସ୍ୱାଗତ କରାଯାଇଥିଲା।

ଚାଷୀମାନେ ଦୀର୍ଘଦିନ ପରେ ଆନ୍ଦୋଳନସ୍ଥଳ ଛାଡୁଥିବାରୁ ସେଠାରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ସେମାନେ ଭଗବାନଙ୍କୁ ଧନ୍ୟବାଦ ଦେଇ ପ୍ରାର୍ଥନା କରିବା ସହ ଯଜ୍ଞ କରିଥିଲେ। ଏହା ପରେ ସେମାନେ ନିଜ ନିଜ ରାଜ୍ୟ ଅଭିମୁଖେ ଟ୍ରାକ୍ଟରରେ ଫେରିଥିଲେ। ଟ୍ରାକ୍ଟରଗୁଡ଼ିକୁ ରଙ୍ଗିନ୍ ଫୁଲ ଓ ଆଲୋକରେ ସଜାଯାଇଥିବା ଦେଖାଯାଇଥିଲା। ଦିଲ୍ଲୀ-କର୍ନାଲ-ଅମ୍ବାଲା ଏବଂ ଦିଲ୍ଲୀ-ହିସାର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଲୋକେ ରୁଣ୍ଡ ହୋଇ ଚାଷୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମହିଳା ଓ ଯୁବକମାନେ ଢୋଲ ବଜାଇ ଭାଙ୍ଗରା ନାଚ କରିଥିଲେ ଓ ବାଣ ଫୁଟାଇଥିଲେ।

ଶନିବାର ଅପରାହ୍ନ ସୁଦ୍ଧା ସିଙ୍ଘୁ ଓ ଗାଜିପୁର ସୀମାରୁ ପ୍ରାୟ ୨୫ ପ୍ରତିଶତ ଚାଷୀ ଘରକୁ ଫେରିଯାଇଛନ୍ତି। ଆନ୍ଦୋଳନ ଶିବିର ଭଙ୍ଗା କାର୍ଯ୍ୟ ଜାରି ରହିଛି। ୧୫ ତାରିଖ ସୁଦ୍ଧା ଆନ୍ଦୋଳନ ସ୍ଥଳ ସମ୍ପୂର୍ଣ୍ଣ ଖାଲି ହେବ ବୋଲି ଚାଷୀମାନେ କହିଛନ୍ତି। ଦୀର୍ଘଦିନ ପରେ ଆତ୍ମୀୟ ସ୍ୱଜନଙ୍କୁ ଭେଟିବାର ସୁଯୋଗ ମିଳିଥିବାରୁ ଚାଷୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଥିଲା। ଚାଷୀମାନେ ଫେରୁଥିବାରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଟୁଇଟ କରି ସେମାନଙ୍କୁ ପ୍ରଶଂସା କରିଥିଲେ। ସେହିପରି ଆନ୍ଦୋଳନ ଯୋଗୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଦୋକାନୀ ଓ ସ୍ଥାନୀୟ ଲୋକେ ମଧ୍ୟ ଆଶ୍ୱସ୍ତ ହୋଇଛନ୍ତି। ତେବେ ସିଙ୍ଘୁ ସୀମାରେ ହରିୟାଣା ଚାଷୀମାନଙ୍କ ଗୋଷ୍ଠୀ ରୋଷଶାଳାରୁ ଦୀର୍ଘଦିନ ହେଲା ଖାଦ୍ୟ ପାଉଥିବା ଗରିବ ପିଲା ଓ ଅନେକ ବସ୍ତି ବାସିନ୍ଦାଙ୍କ ପାଇଁ ଆଜି ଦୁଃଖଦ ବିଦାୟ ଦିନ ଥିଲା। ଲାଙ୍ଗରରୁ ଆମକୁ ସକାଳେ, ମଧ୍ୟାହ୍ନରେ ଓ ରାତିରେ ଖାଇବାକୁ ମିଳୁଥିଲା। ଆଜି ଆମର ଶେଷ ଲାଙ୍ଗର ବୋଲି ବସ୍ତିର ଜଣେ ବାଳକ କହିଛନ୍ତି।

ଫେରିବା ସମୟରେ ହରିୟାଣାର ହିସାରଠାରେ ଟ୍ରକ୍ ଧକ୍କାରେ ପଞ୍ଜାବର ଦୁଇଜଣ ଚାଷୀ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସେମାନେ ଦିଲ୍ଲୀର ଟିକ୍ରି ସୀମାରେ ଆନ୍ଦୋଳନରେ ସାମିଲ ଥିଲେ।

## ସଂକ୍ଷେପରେ

### କ୍ରିଷ୍ଣା ନଦୀରେ ବୁଡ଼ି ୫ ଛାତ୍ର, ଶିକ୍ଷକଙ୍କ ମୃତ୍ୟୁ

**ଗୁଣ୍ଟୁର, ୧୧।୧୨:** ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାରେ କ୍ରିଷ୍ଣା ନଦୀରେ ବୁଡ଼ିଯାଇ ବେଦ ପାଠଶାଳାର ୫ ଜଣ ଛାତ୍ର ଓ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ଅଚଛାମପେଟ ମଣ୍ଡଳ ଅନ୍ତର୍ଗତ ମାଦିପାଡୁ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏହି ଅଘଟଣ ଘଟିଛି। ପିଲାମାନେ ଉକ୍ତ ନଦୀକୁ ସନ୍ତରଣ କରିବା ପାଇଁ ଯାଇଥିଲେ। ପୋଲିସ ଓ ବୁଡ଼ାଳିମାନଙ୍କ ସହାୟତାରେ ମୃତଦେହଗୁଡ଼ିକୁ ନଦୀରୁ ବାହାର କରାଯାଇଛି। ମୃତ ୪ ଜଣ ଛାତ୍ର ଉତ୍ତରପ୍ରଦେଶର ଓ ଜଣେ ମଧ୍ୟପ୍ରଦେଶର ହୋଇଥିବାବେଳେ ଶିକ୍ଷକଙ୍କ ଘର ଆନ୍ଧ୍ରପ୍ରଦେଶରେ ବୋଲି ଜଣାପଡ଼ିଛି। ପିଲାମାନଙ୍କ ବୟସ ୧୪ରୁ ୧୭ ବର୍ଷ ମଧ୍ୟରେ ହୋଇଥିବାବେଳେ ଶିକ୍ଷକଙ୍କ ବୟସ ୨୪। ନଦୀରେ ଭଉଁରି ଯୋଗୁ ଏଭଳି ଦୁଃଖଦ ଘଟଣା ଘଟିଲା ବୋଲି ପୋଲିସ କହିଛି।

### ମୁମ୍ବାଇରେ ୧୪୪ ଧାରା

**ମୁମ୍ବାଇ, ୧୧।୧୨:** ମହାରାଷ୍ଟ୍ରର ମୁମ୍ବାଇ ମହାନଗରୀରେ କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ବଢୁଥିବାରୁ ଭିଡ଼ ରୋକିବା ଲାଗି ପୋଲିସ ପକ୍ଷରୁ ସେଠାରେ ୪୮ ଘଣ୍ଟା ପାଇଁ ୧୪୪ ଧାରା ଜାରି କରାଯାଇଛି। ଏଥିସହିତ ରାଲି, ମୋର୍ଚ୍ଚା, ଶୋଭାଯାତ୍ରାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଶୁକ୍ରବାର ମୁମ୍ବାଇ ସମେତ ଅମରାବତୀ, ମାଲେଗାଁଓ ଏବଂ ନାଣ୍ଡେଡ୍‌ରେ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଥିଲେ। ପୋଲିସ ଡେପୁଟି କମିଶନରଙ୍କ ପକ୍ଷରୁ ମୁମ୍ବାଇରେ ୧୪୪ ଧାରା ଜାରି ହୋଇଛି। ଏହାର ଉଲ୍ଲଂଘନ କଲେ ଆଇପିସିର ଧାରା ୧୮୮ ଓ ଅନ୍ୟାନ୍ୟ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ଲୋକମାନଙ୍କୁ ସତର୍କ କରିଦିଆଯାଇଛି।

### ଆଫଗାନିସ୍ତାନକୁ ଔଷଧ ପଠାଇଲା ଭାରତ

**ନୂଆଦିଲ୍ଲୀ, ୧୧।୧୨:** ତାଲିବାନ ଦଖଲ ପରେ ଆଫଗାନିସ୍ତାନକୁ ପ୍ରଥମ ଦଫା ମାନବୀୟ ସହାୟତା ସ୍ୱରୂପ ଶନିବାର ଭାରତ ସରକାର ସେଠାକୁ ଔଷଧ ପଠାଇଛନ୍ତି। ଆଫଗାନମାନଙ୍କ ଅସୁବିଧା ସମୟରେ ସହାୟତା କରିବା ଲାଗି ନୂଆଦିଲ୍ଲୀ ପ୍ରତିଶ୍ରୁତି ଦେଇଥିଲା। ଶୁକ୍ରବାର କାବୁଲରୁ ୧୦ ଭାରତୀୟଙ୍କ ସମେତ ୧୦୪ ଜଣଙ୍କୁ ନୂଆଦିଲ୍ଲୀ ଅଣାଯାଇଥିବା ବିମାନରେ ଉକ୍ତ ଔଷଧ ଓ ଚିକିତ୍ସା ସାମଗ୍ରୀ ପଠାଯାଇଛି। କାବୁଲରେ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧିଙ୍କୁ ଏହା ହସ୍ତାନ୍ତର କରାଯିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ମୃତକଙ୍କ ନାଁରେ କୋଭିଡ୍ ଟିକା ସାର୍ଟିଫିକେଟ

**ରାଜଗଡ଼(ଏମ୍‌ପି), ୧୧।୧୨:** ମଧ୍ୟପ୍ରଦେଶର ରାଜଗଡ଼ ଜିଲାରେ ଜଣେ ମୃତ ବ୍ୟକ୍ତିଙ୍କ ନାମରେ କୋଭିଡ୍ ଟିକା ପ୍ରମାଣପତ୍ର ଇସ୍ୟୁ କରାଯାଇଥିବା ଅଭିଯୋଗ ହୋଇଛି। ସେ ଟିକାର ଦୁଇଟି ଡୋଜ୍ ନେଇଥିବା ତାଙ୍କ ମୋବାଇଲ ନମ୍ବରକୁ ମେସେଜ୍ ଆସିଛି। ଏହା କମ୍ପ୍ୟୁଟରଗତ ତ୍ରୁଟି ବୋଲି କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି। ଖବର ଅନୁଯାୟୀ ପୁରୁଷୋତ୍ତମ ଶାକ୍ୟୱାର(୭୮)ଙ୍କର ଗତ ମେ' ମାସରେ ମୃତ୍ୟୁ ଘଟିଥିଲା। ଡିସେମ୍ବର ୩ରେ ସେ ଦ୍ୱିତୀୟ ଡୋଜ୍ ନେଇଥିବା ମେସେଜ୍‌ରେ ଉଲ୍ଲେଖ କରାଯାଇଛି। ମେସେଜ ପାଇବା ପରେ ସେମାନେ କୋଭିଡ୍ ଟିକା ସାର୍ଟିଫିକେଟ ଡାଉନ୍‌ଲୋଡ୍ କରିଥିଲେ ବୋଲି ମୃତକଙ୍କ ପୁଅ ଫୁଲ ସିଂ ଶାକ୍ୟୱାର କହିଛନ୍ତି।

### ଦିଲ୍ଲୀରେ ଆଉ ଜଣେ ଓମିକ୍ରନ୍ ସଂକ୍ରମିତ



**ନୂଆଦିଲ୍ଲୀ, ୧୧।୧୨:** ଦିଲ୍ଲୀରେ ଶନିବାର ଆଉ ଜଣେ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ବ୍ୟକ୍ତି ଜଣକ ଜିମ୍ବାୱେରୁ ଫେରିଥିଲେ। ସେ କୋଭିଡ୍ ଟିକାର ଉଭୟ ଡୋଜ୍ ନେଇଥିଲେ। ତାଙ୍କୁ ମିଶାଇ ଦିଲ୍ଲୀରେ ଓମିକ୍ରନ୍ ପଜିଟିଭ୍ ସଂଖ୍ୟା ୨ରେ ପହଞ୍ଚିଥିବାବେଳେ ଭାରତରେ ସଂଖ୍ୟା ୩୩ ହୋଇଛି। ଜିମ୍ବାୱେ ଫେରନ୍ତାଙ୍କଠାରେ ସଂକ୍ରମଣର କୌଣସି ଲକ୍ଷଣ ନ ଥିଲା। ସେ ଦୁର୍ବଳ ଅନୁଭବ କରୁଥିଲେ ବୋଲି କହିଛନ୍ତି। ତାଙ୍କୁ ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଗଙ୍ଗାରେ ରାୱତ୍ ଦମ୍ପତିଙ୍କ ଅସ୍ଥି ବିସର୍ଜନ



**ନୂଆଦିଲ୍ଲୀ, ୧୧।୧୨**

ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦେଶର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାୱତ୍ ଏବଂ ତାଙ୍କ ସ୍ତ୍ରୀ ମଧୁଲିକାଙ୍କ ଶେଷକୃତ୍ୟ ପରେ ଶନିବାର ହରିଦ୍ୱାରଠାରେ ଗଙ୍ଗାନଦୀରେ ଅସ୍ଥି ବିସର୍ଜନ କରାଯାଇଛି। ଝିଅ କ୍ରିତିକା ଏବଂ ତାରିଣୀ ସକାଳେ ଦିଲ୍ଲୀ କ୍ୟାଣ୍ଟନମେଣ୍ଟରେ ବ୍ରାର୍ ସ୍କୋୟାର ଶଶ୍ମାନରୁ ପିତା ରାୱତ୍ ଏବଂ ମା' ମଧୁଲିକାଙ୍କ ଅସ୍ଥି ସଂଗ୍ରହ କରିଥିଲେ। ଶୁକ୍ରବାର ସେଠାରେ ଉଭୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବୁଧବାର ତାମିଲନାଡୁର କୁନ୍ନୁର ନିକଟରେ ଏମ୍‌ଆଇ-୧୭ଭି୫ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ରାୱତ୍ ଦମ୍ପତିଙ୍କ ସମେତ ଆଉ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଅନ୍ତିମ ବିଦାୟ ପାଇଁ ତିଆରି ହେଲା ରାସ୍ତା



ୱିଙ୍ଗ କମାଣ୍ଡର ପୃଥ୍ୱୀ ସିଂ

**ଆଗ୍ରା, ୧୧।୧୨**

■ ୧୦ ବର୍ଷ ହେଲା ଶୋଚନୀୟ ଥିଲା

ସେନା ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୱିଙ୍ଗ କମାଣ୍ଡର ପୃଥ୍ୱୀ ସିଂଙ୍କୁ ଶେଷ ବିଦାୟ ଦେବା ପାଇଁ ଉତ୍ତରପ୍ରଦେଶର ଆଗ୍ରାସ୍ଥିତ ତାଙ୍କ ଘରକୁ ଯାଇଥିବା ରାସ୍ତାର ପୁନଃନିର୍ମାଣ କରାଯାଇଛି। ମାତ୍ର ଅଢ଼େଇ ଘଣ୍ଟାରେ ଏହି ରାସ୍ତା କାମ ସରିଥିଲା। ପଡ଼ୋଶୀଙ୍କ କହିବା ଅନୁଯାୟୀ, ୧୦ ବର୍ଷ ହେଲା ଉକ୍ତ ରାସ୍ତା ଶୋଚନୀୟ ଅବସ୍ଥାରେ ଥିଲା। କିନ୍ତୁ ଶୁକ୍ରବାର ରାତିରେ ଏହାର ମରାମତି କରାଯାଇଛି। ତାଙ୍କ ଘରକୁ ଯାଇଥିବା ଗଳି ରାସ୍ତା ଶେଷ ହୋଇଥିବାବେଳେ ଆଗକୁ କଂକ୍ରିଟ୍ ରୋଡ୍ କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ୱିଙ୍ଗ୍ କମାଣ୍ଡର ସିଂଙ୍କ ମରଶରୀରର ଘରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯିବା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ୯ ବର୍ଷର ପୁଅ ଅବିରାଜ ତାଙ୍କୁ ମୁଖାଗ୍ନି ଦେଇଥିଲେ।

## ସରଯୁ କେନାଲ ପ୍ରକଳ୍ପ ଉଦ୍‌ଘାଟିତ

**ବଳରାମପୁର(ୟୁପି), ୧୧।୧୨**



ନରେନ୍ଦ୍ର ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଉତ୍ତରପ୍ରଦେଶରେ ସରଯୁ କେନାଲ ଜାତୀୟ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ୧୪ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ପାଇଁ ପାଣି ଯୋଗାଇଦେବ ଏବଂ ୟୁପିର ୨୯ ଲକ୍ଷ ଚାଷୀ ଏହାଦ୍ୱାରା ଉପକୃତ ହୋଇପାରିବେ। ବିରୋଧୀ ଦଳଗୁଡ଼ିକର ବିରୋଧ ମାନସିକତା ଯୋଗୁ ଏଭଳି ପ୍ରମୁଖ ପ୍ରକଳ୍ପର କାର୍ଯ୍ୟ ଦୀର୍ଘଦିନ ହେଲା ଅଟକି ରହିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ୍‌ଙ୍କ ସମେତ ୧୩ ଜଣଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ସମବେଦନା ଜଣାଇଥିଲେ। ସେମାନଙ୍କ ପାଇଁ ଦେଶ ଶୋକ ପାଳୁଥିଲେ ହେଁ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାରେ ଅଟକି ନାହିଁ। ଏକାଠି କାମ କଲେ ଆମେ ଯେକୌଣସି ଚ୍ୟାଲେଞ୍ଜର ମୁକାବିଲା କରିପାରିବା ବୋଲି ମୋଦି କହିଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଏବଂ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ୯,୮୦୦ କୋଟି ଟଙ୍କା ବିନିଯୋଗରେ ସରଯୁ କେନାଲ ଜାତୀୟ ପ୍ରକଳ୍ପ ନିର୍ମାଣ ହୋଇଛି। ଏଥିରେ ୫ଟି ନଦୀ ଘାଘରା, ସରଯୁ, ରାପ୍ତି, ବାଣଗଙ୍ଗା ଏବଂ ରୋହିଣୀକୁ ଆନ୍ତଃସଂଯୋଗ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟ ୧୯୭୮ରୁ ଆରମ୍ଭ ହୋଇଥିଲେ ହେଁ ପାଣ୍ଠି ଅଭାବରୁ ଅଟକି ରହିଥିଲା। ୨୦୧୬ରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଏହାକୁ ସାମିଲ କରାଯିବା ସହ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା।



ଲକ୍ଷ୍ନୌସ୍ଥିତ ସମାଜବାଦୀ ପାର୍ଟି କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ ଚିହ୍ନ ସାଇକେଲ୍‌ର ଏକ ମଡେଲ ରଖାଯାଇଛି।

## ସିଡିଏସ୍, ଏନ୍‌ଏସ୍‌ଏ ଡୋଭାଲଙ୍କ ବିରୋଧରେ ଫେସ୍‌ବୁକ୍ ପୋଷ୍ଟ

■ ୨ ଜଣଙ୍କ ନାଁରେ ମାମଲା

**ମାଙ୍ଗାଲୁରୁ, ୧୧।୧୨**

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତ୍ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ ବିରୋଧରେ ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟକୁ ନେଇ ମାଙ୍ଗାଲୁରୁ ସିଟି ପୋଲିସ ୨ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ଫେସ୍‌ବୁକ୍ ବ୍ୟବହାରକାରୀ ବସନ୍ତ କୁମାର ଟିକେ ଏବଂ ଶ୍ରୀନିବାସ କର୍‌କଲାଙ୍କ ଆକାଉଣ୍ଟରେ ଏଭଳି ବିବାଦୀୟ ତଥା ଉତ୍ତେଜନାପୂର୍ଣ୍ଣ ପୋଷ୍ଟ କରାଯାଇଥିଲା। ଏହା ବିରୋଧରେ ସୁଶାନ୍ତ ପୂଜାରୀ ନାମକ ବ୍ୟକ୍ତି ପୋଲିସ୍‌ରେ ଏତଲା ଦେଇଥିଲେ। ଅଭିଯୋଗ ଅନୁଯାୟୀ ହେଲିକପ୍ଟର ଦୁର୍ଘଟଣାରେ ସିଡିଏସ୍‌ଙ୍କ ମୃତ୍ୟୁରେ ଉତ୍ସବ ମନାଇଲୁ ଏବଂ ଏନ୍‌ଏସ୍‌ଏ ଡୋଭାଲଙ୍କର ମଧ୍ୟ ମୃତ୍ୟୁ ଆଶା କରୁଛୁ ବୋଲି ଲେଖା ହୋଇ ଫେସ୍‌ବୁକ୍‌ରେ ଅପ୍‌ଲୋଡ ହୋଇଥିଲା। ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୫୦୫(୧)(ବି)ରେ ମାମଲା ରୁଜୁ ହୋଇଛି। ତେବେ ଏହି ସୋସିଆଲ ମିଡିଆ ଆକାଉଣ୍ଟ ବାସ୍ତବ କି ଜାଲ୍ ଏବଂ କେଉଁଠୁ ଏହା ପୋଷ୍ଟ ହୋଇଛି, ତାହାର ତଦନ୍ତ କରାଯାଉଥିବା ମାଙ୍ଗାଲୁରୁ ପୋଲିସ କମିଶନର ଏନ୍. ଶଶୀକୁମାର କହିଛନ୍ତି।

## ଗ୍ୟାସ୍ ଲିକ୍‌ରେ ଫ୍ୟାକ୍ଟ୍ରି ମାଲିକ ମୃତ: ୧୩ ଗୁରୁତର

**ଚେନ୍ନାଇ, ୧୧।୧୨**

ତାମିଲନାଡୁର ଏରୋଡ ଜିଲାରେ ଥିବା ଏକ ବ୍ଲିଚିଂ ପାଉଡର କାରଖାନାରେ ଶନିବାର ଲିକ୍ୱିଡ୍ କ୍ଲୋରିନ୍ ଗ୍ୟାସ୍ ଲିକ୍ ହେବାରୁ ଶ୍ୱାସରୁଦ୍ଧ ହୋଇ ଫ୍ୟାକ୍ଟ୍ରି ମାଲିକଙ୍କ ମୃତ୍ୟୁ ଘଟିଛି। ଆହୁରି ୧୩ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ଦାମୋଧରନ(୪୦)। ଗ୍ୟାସ୍ ଲିକ୍ ଯୋଗୁ କାରଖାନା ଶ୍ରମିକଙ୍କ ସହ ସ୍ଥାନୀୟ ଲୋକେ ଶ୍ୱାସ କ୍ରିୟାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ମୃତ ୫ ଅଫିସରଙ୍କ ପରିଚୟ ମିଳିଲା

**ନୂଆଦିଲ୍ଲୀ, ୧୧।୧୨**

ତାମିଲନାଡୁ କୁନ୍ନୁରଠାରେ ସେନା ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଆଉ ଅଧିକାରୀଙ୍କ ପରିଚୟ ଡିଏନ୍‌ଏ ଟେଷ୍ଟରୁ ସ୍ପଷ୍ଟ ହୋଇଛି। ସେମାନେ ହେଲେ ଜୁନିୟର ୱାରେଣ୍ଟ ଅଫିସର (ଜେଡବ୍ଲ୍ୟୁଓ) ଅରାକ୍କଲ ପ୍ରଦୀପ, ୱିଙ୍ଗ୍ କମାଣ୍ଡର ପୃଥ୍ୱୀ ସିଂ ଚୌହାନ(ପାଇଲଟ୍), ଜେଡବ୍ଲ୍ୟୁଓ ରାଣା ପ୍ରତାପ ଦାସ, ଲାନ୍ସ ନାଏକ ବି. ସାଇ ତେଜ ଏବଂ ଲାନ୍ସ ନାଏକ ବିବେକ କୁମାର। ଏ ସମ୍ପର୍କରେ ଅଧିକାରୀଙ୍କ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ୫ ମରଶରୀର ଏବେ ସେମାନଙ୍କ ଘରକୁ ପଠାଯାଇଥିବା ଜଣାଯାଇଛି। ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ରଥମେ ସିଡିଏସ୍ ଜେନେରାଲ ବିପିନ ରାୱତ, ସ୍ତ୍ରୀ ମଧୁଲିକା ରାୱତ୍ ଏବଂ ବ୍ରିଗେଡିୟର ଲଖବିନ୍ଦର ସିଂ ଲିଡ୍ଡରଙ୍କ ପରିଚୟ ଜଣାପଡ଼ିଥିଲା। ପ୍ରାଣ ହରାଇଥିବା ଅନ୍ୟମାନେ ହେଲେ ଲ୍ୟୁଟନାଣ୍ଟ କଲୋନେଲ ହରଜିନ୍ଦର ସିଂ, ସ୍କ୍ୱାଡ୍ରନ ଲିଡର କୁଲଦୀପ ସିଂ, ହାବିଲଦାର ସତପାଲ ରାଏ, ନାଏକ ଗୁରୁସେବକ ସିଂ ଏବଂ ନାଏକ ଜିତେନ୍ଦ୍ର କୁମାର। ଏ. ପ୍ରଦୀପ, ପୃଥ୍ୱୀ ସିଂ ଚୌହାନ, ରାଣା ପ୍ରତାପ ଦାସ, ବିବେକ କୁମାରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇସାରିଛି। ରବିବାର ସାଇ ତେଜାଙ୍କ ଶେଷକୃତ୍ୟ କରାଯିବ ବୋଲି ଜଣାପଡ଼ିଛି।

## ପୋଖରାନରେ ପିନାକା-ଇଆର୍ ସଫଳ ପରୀକ୍ଷଣ

**ନୂଆଦିଲ୍ଲୀ, ୧୧।୧୨**

■ଭାରତୀୟ ସେନାର ଶକ୍ତି ବଢ଼ାଇବ
■୪୪ ସେକେଣ୍ଡରେ ଛାଡ଼ିବ ୭୨ ରକେଟ

ଭାରତ ପୋଖରାନ ରେଞ୍ଜରେ ପିନାକା ରକେଟ ସିଷ୍ଟମର ଅପଗ୍ରେଡ୍ ଭର୍ସନ ଏକ୍ସଟେଣ୍ଡେଡ୍ ରେଞ୍ଜ ପିନାକା (ପିନାକା-ଇଆର୍)ର ସଫଳ ପରୀକ୍ଷଣ କରାଇଛି। ଏହି ମଲ୍ଟି ବ୍ୟାରେଲ ରକେଟ୍ ଲଞ୍ଚର ସିଷ୍ଟମ ଭାରତୀୟ ସେନାର ବଳ ବୃଦ୍ଧି କରିବ ବୋଲି ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂସ୍ଥା (ଡିଆର୍‌ଡିଓ) ପକ୍ଷରୁ କୁହାଯାଇଛି। ଡିଆର୍‌ଡିଓ ସହ ଆର୍ମାମେଣ୍ଟ ଡେଭେଲପମେଣ୍ଟ ଏଷ୍ଟାବ୍ଲିଶମେଣ୍ଟ ଲାବୋରେଟୋରି ଏବଂ ପୁଣେସ୍ଥିତ ହାଇ ଏନର୍ଜି ମାଟେରିଆଲ ରିସର୍ଚ୍ଚ ଲାବୋରେଟୋରି ଏହି ସିଷ୍ଟମକୁ ଡିଜାଇନ୍ କରିଛନ୍ତି। ୩ ଦିନ ଧରି ସେନା ଏବଂ ଡିଆର୍‌ଡିଓ ପକ୍ଷରୁ ପିନାକା-ଇଆର୍‌ର ପରୀକ୍ଷଣ ଚାଲିଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଗତ ଦଶନ୍ଧି ଧରି ଭାରତୀୟ ସେନା ନିକଟରେ ପିନାକା ରକେଟ ଲଞ୍ଚର ରହିଛି। ଏବେ ଏହାର ଅପଗ୍ରେଡେଡ୍ ଭର୍ସନରେ ରେଞ୍ଜକୁ ବଢ଼ାଇ ଦିଆଯାଇଛି। ପୂର୍ବ ପିନାକା ସିଷ୍ଟମର ରେଞ୍ଜ ୪୫ କିଲୋମିଟର ଥିବାବେଳେ ପିନାକା-ଇଆର୍‌ର ରେଞ୍ଜ ୭୦ କିଲୋମିଟରରୁ ଅଧିକ ରହିଛି। ଏହା ସବୁ ପ୍ରକାର ପାଣିପାଗ ତଥା ପରିସ୍ଥିତିରେ ମାତ୍ର ୪୪ ସେକେଣ୍ଡରେ ୭୨ଟି ରକେଟ ଛାଡ଼ିପାରିବ। ଗତ ଜୁନରେ ଡିଆର୍‌ଡିଓ ଓଡ଼ିଶାର ଚାନ୍ଦିପୁରରୁ ଏକ ମଲ୍ଟି ବ୍ୟାରେଲ ରକେଟ ଲଞ୍ଚରରୁ ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ ପିନାକା ରକେଟ୍ ଏବଂ ୧୨୨ ମିଲିମିଟର କାଲିବର ରକେଟର ଉନ୍ନତ ରେଞ୍ଜ ଭାରିଆଣ୍ଟର ୨୫ ରକେଟକୁ ସଫଳତାର ସହିତ ପରୀକ୍ଷଣ କରାଯାଇଥିଲା। ଗତ ଡିସେମ୍ବରରେ ମଧ୍ୟ ଡିଆର୍‌ଡିଓ ପୋଖରାନ୍‌ରୁ ଦୁଇଟି ଭିନ୍ନ ଭାରିଆଣ୍ଟ ରକେଟର ସଫଳ ପରୀକ୍ଷଣ କରିଥିଲା।



## ହିନ୍ଦୁ ହେବେ ଫିଲ୍ମ ନିର୍ମାତା ଅଲି ଆକବର

**ଥିରୁଭାନନ୍ତପୁରମ, ୧୧।୧୨**



ମୁସଲମାନ ଧର୍ମ ତ୍ୟାଗ କରି ହିନ୍ଦୁ ହେବେ କେରଳ ଫିଲ୍ମ ନିର୍ମାତା ଅଲି ଆକବର(୫୮)। ମୁସ୍‌ଲିମ ଧର୍ମ ଉପରୁ ତାଙ୍କର ବିଶ୍ୱାସ ତୁଟି ଯାଇଥିବା ସେ କହିଥିଲେ। ଏବେ ସ୍ତ୍ରୀ ଲୁସିୟାମାଙ୍କ ସହ ସେ ହିନ୍ଦୁ ଧର୍ମ ଗ୍ରହଣ କରିବେ ବୋଲି ଘୋଷଣା କରିଛନ୍ତି। ଅଲି ଏକ ଲାଇଭ ଭିଡିଓ ଜରିଆରେ ସିଡିଏସ୍ ଜେନେରାଲ ବିପିନ ରାୱତ୍‌ଙ୍କ ମୃତ୍ୟୁରେ ଖୁସି ମନାଉଥିବା ଲୋକଙ୍କୁ ନିନ୍ଦା କରିଥିଲେ।

ହିନ୍ଦୁ ହେବା ପରେ ନିଜ ନାଁ କ'ଣ ରଖିବେ ତାହା ମଧ୍ୟ ଅଲି ବାଛିଛନ୍ତି। ନିଜ ସଂସ୍କୃତି ପାଇଁ ଲଢ଼େଇ କରିବା କାରଣରୁ ରାମସିଂଙ୍କୁ ହତ୍ୟା କରାଯାଇଥିଲା। ତେଣୁ ତାଙ୍କ ନାମ ସେ ରାମସିଂ ରଖିବେ ବୋଲି ଅଲି କହିଛନ୍ତି। ଅଲି ପୂର୍ବରୁ ରାଜ୍ୟ ଭାଜପା କମିଟିର ସଦସ୍ୟ ଥିଲେ। ଦଳ ନେତୃତ୍ୱ ସହ ମତଭେଦ ହେବାରୁ ସେ ତାଙ୍କ ପଦ ଛାଡ଼ିଥିଲେ। ସେ ଭାରତୀୟ ଫିଲ୍ମ ନିର୍ଦ୍ଦେଶକ, ସ୍କ୍ରିନ ରାଇଟର ଏବଂ ଗୀତିକାର ମଧ୍ୟ। ସେ ୨୦ରୁ ଊର୍ଦ୍ଧ୍ୱ ମାଲାୟାଲମ ଫିଲ୍ମରେ ନିର୍ଦ୍ଦେଶନା ଦେଇଛନ୍ତି। ୨୦୨୦ରେ ସେ କ୍ରାଉଡ ଫଣ୍ଡିଂ ଯୋଗେ '୧୯୨୧:ପୁଝା ମୁଥଲ ପୁଝା ଭରେ' ଫିଲ୍ମ ନିର୍ମାଣ ପାଇଁ ଘୋଷଣା କରିଥିଲେ। ଏହି ଚଳଚ୍ଚିତ୍ରଟି କେରଳର ୧୯୨୧ ମାଲାବାର ବିଦ୍ରୋହ ଉପରେ ଆଧାରିତ ହୋଇଥିବାବେଳେ ଏଥିପାଇଁ ତାଙ୍କୁ ହତ୍ୟା ଧମକ ମିଳିଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୯୬,୫୩,୫୧୪ | ୫୩,୧୫,୬୭୯ | ୨୪,୨୫,୬୭,୯୬୪ |
| ଭାରତ | ୩,୪୬,୮୨,୭୩୬ | ୪,୭୫,୧୨୮ | ୩,୪୧,୧୪,୩୩୧ |
| ଓଡ଼ିଶା | ୧୦,୫୧,୪୧୪ | ୮୪୩୩(+୫୩) | ୧୦,୪୧,୧୩୨ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର








## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣାରେ ୩ ମୃତ

ଡାବୁଗାଁ/ପାପଡାହାଣ୍ଡି,୧୧।୧୨(ଡି.ଏନ୍.ଏ.) ନବରଙ୍ଗପୁର ଜିଲାରେ ଶୁକ୍ରବାର ପୃଥକ୍ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ପୋଲିସ ଏହି ଦୁର୍ଘଟଣାଗୁଡ଼ିକର ତଦନ୍ତ କରୁଛି। ନବରଙ୍ଗପୁର ଜିଲା ଡାବୁଗାଁ - ଉମରକୋଟ ରାଜ୍ୟ ରାଜ ପଥ- ୩୯ ଉପରେ ସରାଗୁଡା ଛକ ନିକଟରେ ବୋଲେରୋ ବାଇକ୍‌କୁ ଧକ୍କା ଦେବା ଫଳରେ ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପାପଡାହାଣ୍ଡି ବ୍ଲକ ବାସିନୀ ଗ୍ରାମର ଧନୁର୍ଜୟ ଗୌଡ଼(୫୫) ଓ ଡାବୁଗାଁ ବ୍ଲକର ଚିକିଲିଆଗୁଡା ଗ୍ରାମର ଖଗ ଗୌଡ଼(୫୦)। ଏକ ବାଇକ୍ (ସିଜି-୦୪ଏଲ୍‌ଟି-୨୭୯୪)ରେ ଖଗ ଓ ଧନ ସିଂ ଡାବୁଗାଁ ଫେରୁଥିବାବେଳେ ପଛପଟୁ ଆସୁ ଥିବା ବିଦ୍ୟୁତ୍ ବିଭାଗର ଏକ ବୋଲେରୋ (ଓଡି-୨୪ଏ-୩୪୭୪)ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଉଭୟଙ୍କ ମୃତ୍ୟୁ ହୋଇଛି। ଡାବୁଗାଁ ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା, ଏଏସ୍‌ଆଇ ଶିଶିରକାନ୍ତ ଘୋଷ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ପୋଲିସ ଗାଡି ୨ଟିକୁ ଜବତ କରିଛି। ସେହିଭଳି ପାପଡାହାଣ୍ଡି ବ୍ଲକ ତୁମ୍ବଲ୍ଲା ପଞ୍ଚାୟତ ଝିଁକ୍ରିଗୁଡା ହାତୀ ବନ୍ଧା ନିକଟରେ ବାଇକ ଦୁର୍ଘଟଣା ଘଟି ନୀଳାଦ୍ରିଗୁଡା ଗ୍ରାମର ବୁଦୁରାମ ଭତରା (୩୦)ଙ୍କର ମୃତ୍ୟୁ ହୋଇଛି। ତାଙ୍କ ସାଙ୍ଗରେ ଥିବା ମାନସ ଭତରା (୨୮) ଆହତ ହୋଇଛନ୍ତି। ବୁଦୁରାମ ଓ ମାନସ ଏକ ବାଇକ (ଓଡି-୧୦ଏ-୦୮୫୦)ରେ ପେଟ୍ରୋଲ ଆଣିବାକୁ ପ୍ରଧାନୀଗୁଡା ପେଟ୍ରୋଲ ପମ୍ପ ଯାଉଥିଲେ। ହାତିବନ୍ଧା ନିକଟସ୍ଥ ବୁଲାଣିରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ଏନ୍‌ଆଇଏ ଟିମ୍‌ର ଆବେଦନ ଖାରଜ

ଜୟପୁର, ୧୧।୧୨(ନି.ପ୍ର.): କୋରାପୁଟ ଜେଲରେ ଥିବା ମାଓବାଦୀ ନେତା ଦୁବାସୀ ଶଙ୍କର ଓରଫ ବାବୁ ରାଓଙ୍କୁ ଏକ ମାମଲାରେ ଅଧିକ ପଚରାଉଚରା ପାଇଁ ରିମାଣ୍ଡରେ ନେବାକୁ ଏନ୍‌ଆଇଏ ପକ୍ଷରୁ ଜୟପୁର ଏସ୍‌ଡିଜେଏମ୍ କୋର୍ଟରେ କରାଯାଇଥିବା ଆବେଦନକୁ କୋର୍ଟ ଖାରଜ କରି ଦେଇଛନ୍ତି। ରିମାଣ୍ଡ ପାଇଁ ଭୁବନେଶ୍ୱର ଏନ୍‌ଆଇଏ କୋର୍ଟରେ ଆବେଦନ କରିବାକୁ ଜୟପୁର ଏସ୍‌ଡିଜେଏମ୍ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜୟପୁର ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି। ୧୦ ଫେବୃୟାରୀ ୨୦୧୨ରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅଞ୍ଚଳରେ ମାଓବାଦୀମାନେ ବିଏସ୍‌ଏଫ୍ ଯବାନଙ୍କ ଗାଡିକୁ ବିସ୍ଫୋରଣ କରିଥିଲେ। ଏଥିରେ ୪ ଯବାନ ଶହୀଦ ହୋଇଥିଲେ। ଏଥିରେ ଦୁବାସୀଙ୍କ ସମ୍ପୃକ୍ତି ଥିବା ତଦନ୍ତରୁ ଜାଣିବାକୁ ପାଇଥିଲା ଏନ୍‌ଆଇଏ। ଗିରଫ ହୋଇ ଜେଲରେ ଥିବା ଦୁବାସୀଙ୍କୁ ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ନେବାକୁ ଜୟପୁର ଏସ୍‌ଡିଜେଏମ୍ କୋର୍ଟରେ ଏନ୍‌ଆଇଏ ଟିମ୍ ଆବେଦନ କରିଥିଲା।

# ଓଡ଼ିଶାର ନିଜସ୍ୱ ବୈଶିଷ୍ଟ୍ୟ ରହିଛି: ତଥାଗତ

## କଳିଙ୍ଗ ସାହିତ୍ୟ ମହୋତ୍ସବର ଦ୍ୱିତୀୟ ଦିବସ

ଭୁବନେଶ୍ୱର, ୧୧।୧୨ (ବ୍ୟୁରୋ)

ଓଡ଼ିଶା ତଥା ଓଡ଼ିଆ ଭାଷା ଉପରେ ଅନେକବାର ଆକ୍ରମଣ ହେବା ସତ୍ତ୍ୱେ ଏହା ଆଜି ମଧ୍ୟ ମୁଣ୍ଡ ଟେକି ବଞ୍ଚି ରହିଛି। ଓଡ଼ିଶାର ନିଜସ୍ୱ ବୈଶିଷ୍ଟ୍ୟ ରହିଛି। ଜାତୀୟ ଗଣମାଧ୍ୟମ ଓଡ଼ିଶାର ସଂସ୍କୃତି, ପରମ୍ପରା, ଏହାର ସ୍ୱତନ୍ତ୍ରତାକୁ ବୁଝିପାରନ୍ତି ନାହିଁ। ସେହି କାରଣରୁ ଅନେକ ସମୟରେ ରାଜ୍ୟ ସଭା ଓ ଲୋକ ସଭାରେ ଓଡ଼ିଆ ଏମ୍‌ପିମାନଙ୍କ କଥାକୁ ଜାତୀୟ ଗଣମାଧ୍ୟମରେ ଠିକ୍ ଭାବେ ସ୍ଥାନ ଦିଆଯାଏ ନାହିଁ। ବିଶେଷକରି ଜାତୀୟ ଗଣମାଧ୍ୟମ ଓଡ଼ିଆଙ୍କ ମାନସିକତାକୁ ସହଜରେ ବୁଝିବାରେ ଅସମର୍ଥ ହେଉଥିବାରୁ, ଓଡ଼ିଶା ସମ୍ପର୍କରେ ତଥା ଏଠାରେ ହେଉଥିବା ବିଭିନ୍ନ କାର୍ଯ୍ୟ ବିଷୟରେ ଖୁବ୍ କମ୍ ରିପୋର୍ଟ କରିଥାନ୍ତି। ଆମକୁ ନ ବୁଝି ପାରିବା ଏହା ସେମାନଙ୍କର ଅକ୍ଷମତା। ତେବେ ଆମେ ସେମାନଙ୍କ ବୁଝିବାଠାରୁ ବହୁ ଉନ୍ନତ ବୋଲି ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥା ପୂର୍ବତନ ଏମ୍‌ପି ତଥାଗତ ସତପଥୀ କହିଛନ୍ତି। କଳିଙ୍ଗ ସାହିତ୍ୟ ମହୋତ୍ସବର ଦ୍ୱିତୀୟ ଦିବସରେ ଏକ ଆଲୋଚନାରେ ଯୋଗଦେଇ ତଥାଗତ ଓଡ଼ିଶା ତଥା ଓଡ଼ିଆ ଭାଷାର ଗତିପଥ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ଓଡ଼ିଆ କହୁଥିବା ଲୋକଙ୍କୁ ଏକ ଭିନ୍ନ ଚକ୍ଷୁରେ ଦେଖାଯାଉଛି। ଆମ ଲୋକଙ୍କୁ ମଧ୍ୟ ନିଜ ଭାଷା କହିବାକୁ ଲାଜ ଲାଗୁଛି। ତଥାପି ଆମ ଭାଷା ତାହାର ସ୍ୱତନ୍ତ୍ରତା ବଜାୟ ରଖିଛି। ଏଥିପାଇଁ ସମସ୍ତ ଶ୍ରେୟ ଜଗନ୍ନାଥ ସଂସ୍କୃତିକୁ ଯିବ। ଏହା ସହିତ ତଥାଗତ ଓଡ଼ିଶାରେ ତଥା ଭାରତର ଇତିହାସକୁ ସଂରକ୍ଷିତ କରିବା ଦିଗରେ ନିରୁତ୍ସାହିତ ପଦକ୍ଷେପକୁ ସମାଲୋଚନା କରିଥିଲେ। ସେ କହିଥିଲେ, ବିଜେଡି ଓଡ଼ିଶାରେ କ୍ଷମତାକୁ ଆସିବା ପରେ ବିଜୁ ପଟ୍ଟନାୟକ ଓ ଜାନକୀ ପଟ୍ଟନାୟକଙ୍କୁ ଛାଡ଼ି ସମସ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସର ଭିଡିଓ ଫିଲ୍ମକୁ ନଷ୍ଟ କରି କଲିକତାର ଏକ ସଂସ୍ଥାକୁ ଦେଇଥିଲେ। ସେହିପରି କେନ୍ଦ୍ରରେ ଭାଜପା ନେତୃତ୍ୱରେ ଏନ୍‌ଡିଏ ସରକାର କ୍ଷମତାସୀନ ହେବାପରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକଳାପ ବିବରଣୀକୁ ପ୍ରଧାନମନ୍ତ୍ରୀଙ୍କ ସରକାରୀ ୱେବ୍‌ସାଇଟ୍‌ରୁ ହଟାଇ ଦେଇଥିଲା। ଦଳମତ ନିର୍ବିଶେଷରେ ସମସ୍ତେ ଏଭଳି କରିଥିବାରୁ ରାଜ୍ୟର ତଥା ଦେଶର ଇତିହାସ ଠିକ୍ ଢଙ୍ଗରେ ସଂରକ୍ଷିତ ହୋଇ ପାରିନାହିଁ ବୋଲି ତଥାଗତ କ୍ଷୋଭ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ରାଜ୍ୟ ସଭା ଏମ୍‌ପି ଅମର ପଟ୍ଟନାୟକ ଯୋଗଦେଇ ଅତୀତରେ ଭାରତର ସାହିତ୍ୟିକ କୃତି ଦେଶକୁ ବିଶ୍ୱରେ ପରିଚିତି ଦେଇଥିଲା ଓ ବିଶ୍ୱଗୁରୁ ଭାବେ ଗଢ଼ି ତୋଳିଥିଲା। ସମ୍ପ୍ରତି ଭାରତୀୟ ସାହିତ୍ୟରେ ଯେଉଁ ସବୁ ଯୁଗାନ୍ତକାରୀ ପରିବର୍ତ୍ତନ ଦେଖାଦେଉଛି ଏହା ମଧ୍ୟ ଦିନେ ଭାରତକୁ ପୁନର୍ବାର ବିଶ୍ୱ ଗୁରୁ ରୂପେ ପରିଚିତି ଆଣିଦେବ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଯୋଗଦେଇ, ସରକାରୀ ସେବା ପ୍ରକ୍ରିୟା ମନ୍ଥର ବୋଲି ପ୍ରତୀତ ହେଉଥିଲେ ହେଁ ଏହା ବୃହତ୍ତର ସ୍ୱାର୍ଥ ସାଧନ ପାଇଁ ସର୍ବଦା ତତ୍ପର ବୋଲି କହିଥିଲେ। ସରକାରୀ ପ୍ରକ୍ରିୟା କ୍ଷୁଦ୍ର ପ୍ରୟାସ ପ୍ରତି ଗୁରୁତ୍ୱ ଦେଇ ନ ଥାଏ, ବରଂ ଯେଉଁ କାର୍ଯ୍ୟକ୍ରମ ସମାଜକୁ ବା ସମାଜର ଏକ ବଡ଼ ଅଂଶକୁ ପରିବର୍ତ୍ତନ କରିବାର କ୍ଷମତା ରଖୁଥିବ ସେଭଳି ପ୍ରୟାସ ପାଇଁ ସର୍ବଦା ତତ୍ପର ବୋଲି ମତ ଦେଇଥିଲେ। ସେହିପରି ମଣିପୁର ରାଜ୍ୟର ମହିଳା ଫୁଟବଲ ଖେଳାଳି ତଥା ପ୍ରଶିକ୍ଷିକା ପଦ୍ମଶ୍ରୀ ବେମବେମ୍ ଦେବୀ କହିଲେ ଯେ, ଆର୍ଥିକ ସହାୟତା ମିଳିଲେ ଭାରତୀୟ ମହିଳା ଫୁଟବଲ୍ ଦଳ ଆଗାମୀ ଦଶବର୍ଷ ଭିତରେ ବିଶ୍ୱକପରେ ଭାଗ ନେବାପାଇଁ ସକ୍ଷମ ହୋଇପାରିବ। କଳିଙ୍ଗ ସାହିତ୍ୟ ମହୋତ୍ସବର ଦ୍ୱିତୀୟ ଦିବସରେ ସାହିତ୍ୟ, କ୍ରୀଡ଼ା, ପ୍ରକାଶନ, ଅନୁବାଦ, କବିତା ପଠନ ଓ ମଞ୍ଚ ଅଭିନୟ ସମେତ ୧୦ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା।



ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମରେ ଆୟୋଜିତ କଳିଙ୍ଗ ସାହିତ୍ୟ ମହୋତ୍ସବର ଦ୍ୱିତୀୟ ଦିବସରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀଙ୍କ ସହ କଥୋପକଥନ କରୁଛନ୍ତି ପଲ୍ଲବୀ ରେବପ୍ରଗଡା।

### ହିମାଳୟ ଆରୋହଣ କଲେ ଚନ୍ଦାହାଣ୍ଡିର ପ୍ରଦୀପ

ଚନ୍ଦାହାଣ୍ଡି, ୧୧।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିର ପ୍ରଦୀପ କୁମାର ସିହ୍ନା ଶନିବାର ସକାଳ ୬.୩୦ରେ ହିମାଳୟର ୧୨ହଜାର ୫୦୦ ଫୁଟ ଉଚ୍ଚତା ବିଶିଷ୍ଟ କେଦାରକଣ୍ଠା ପାହାଡ଼ ଶୀର୍ଷରେ ପହଞ୍ଚିଛନ୍ତି। ସେଠାରେ ସେ ଜାତୀୟ ପତାକା ଉଡାଇଥିଲେ।

କଳିଙ୍ଗ ଡେୟାରଡେଭିଲ୍ସ ଏବଂ ଥ୍ରିଲୋଫେଲିଆର ମିଳିତ ଆନୁକୂଲ୍ୟରେ ଦେଶ ତଥା ଦେଶ ବାହାରୁ ୧୭ ଜଣ ପ୍ରତିଭାଙ୍କୁ ଚୟନ କରାଯାଇଥିଲା। ସେଥିମଧ୍ୟରେ ୭ ଜଣ ଓଡ଼ିଆ ଥିଲେ। ବଲାଙ୍ଗୀରରୁ ଡ.ଚବିଲାଲ ମେହେର, କଳାହାଣ୍ଡିରୁ ଡ.ଯୋଗେଶ୍ୱର ନାଏକ, ପ୍ରଭାତ କୁମାର ମହାନ୍ତି, ଜିତେନ୍ଦ୍ର ସାହୁ, ନବରଙ୍ଗପୁରରୁ ପ୍ରଦୀପ କୁମାର ସିହ୍ନା, ସୁନ୍ଦରଗଡ଼ରୁ ବିଶ୍ୱକର୍ମା ସିଂହଙ୍କୁ ଚୟନ କରାଯାଇଥିଲା।

କାର୍ଯ୍ୟକର୍ମକୁ କଳିଙ୍ଗ ଡେୟାରଡେଭିଲ୍ସ ସଭାପତି ଡ.ସତ୍ୟପୀର ପଧାନ ଭୁବନେଶ୍ୱରରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସାତ ତାରଖ ସକାଳୁ ଆରୋହଣ ପାଇଁ ଉତ୍ତରାଖଣ୍ଡର ସଂକ୍ରି ଗ୍ରାମରୁ ଯାତ୍ରା ଆରମ୍ଭ ହୋଇଥିଲା। ଦଶ ତାରିଖ ରାତି ୨.୩୦ରେ ଶିଖରରେ ପହଞ୍ଚିବା ପାଇଁ ଯାତ୍ରା ଆରମ୍ଭ ହୋଇଥିଲା। ସକାଳ ୬.୩୦ରେ ସେମାନେ ପାହାଡ଼ ଶିଖରରେ ପହଞ୍ଚି ଥିଲେ। ୭ଜଣ ଓଡ଼ିଆଙ୍କୁ ପ୍ରୋତ୍ସାହନ ଦେବାକୁ ହାଇଟେକ୍ ଗ୍ରୁପ ଚେୟାରମ୍ୟାନ ଡ.ତିରୁପତି ପାଣିଗ୍ରାହୀ ଭୁବନେଶ୍ୱରରୁ ଦିଲ୍ଲୀ ଯାଏ ବିମାନର ବ୍ୟବସ୍ଥା କରିଥିଲେ।

## ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜିଲା ଗସ୍ତ

ଭୁବନେଶ୍ୱର, ୧୧।୧୨ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଗଞ୍ଜାମ ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏଥିସହ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଶୁଭାରମ୍ଭ କରିବେ। ମୁଖ୍ୟମନ୍ତ୍ରୀ ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ତାରାତାରିଣୀଙ୍କ ପୀଠ ନିକଟ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇବେ। ସେଠାରୁ ମା' ତାରାତାରିଣୀଙ୍କ ଦର୍ଶନ ସାରି ନିକଟରେ ଆୟୋଜିତ କାର୍ଯ୍ୟକ୍ରମସ୍ଥଳକୁ ଯାଇ ହିତାଧିକାରୀଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିବେ। ଏହାପରେ ଡିଜିଟାଲ ପ୍ଲାଟଫର୍ମରେ ଗଞ୍ଜାମ ଜିଲା ପାଇଁ ୨୨୮୧.୨୭ କୋଟି ଟଙ୍କାର ୧୨୯୯ଟି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରିବେ। ପୂର୍ବାହ୍ନ ୧୧ଟା ୨୫ରେ ପ୍ରସାଦସେବନ ମଣ୍ଡପରେ ପହଞ୍ଚି ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ସହ ମିଶି ପ୍ରସାଦ ସେବନ କରିବେ। ପରେ ୧୧ଟା ୩୫ରେ ହେଲିକପ୍ଟର ଯୋଗେ ହିଞ୍ଜିଳିକାଟୁ ଅଭିମୁଖେ ବାହାରିବେ। ହିଞ୍ଜିଳିକାଟୁରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମାଲ୍ୟାର୍ପଣ କରିବେ। ସେଠାରେ ମହିଳା ସଂଘଗୁଡିକୁ ୧୦୦ କୋଟି ଟଙ୍କାର ବ୍ୟାଙ୍କ ଋଣ ବଣ୍ଟନ କରିବେ। ପରେ ଗଞ୍ଜାମ ଦର୍ଶନ ବସକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ମଧ୍ୟାହ୍ନ ୧୨ଟା ୨୦ରେ ହିଞ୍ଜିଳିସ୍ଥିତ ବୃନ୍ଦାବନ ବିଦ୍ୟାପୀଠକୁ ଯାଇ ସେଠାରେ ୫ଟି ପ୍ଲାଟଫର୍ମରେ ହୋଇଥିବା ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ ଆଦି ଦେଖିବେ। ୧୨ଟା ୨୫ରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି ୧ ଘଣ୍ଟା ୫୫ ମିନିଟ୍‌ର ଗସ୍ତ କାର୍ଯ୍ୟକ୍ରମକୁ ନେଇ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ସେହିପରି ୧୩ତାରିଖରେ ମୁଖ୍ୟମନ୍ତ୍ରୀ କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ୧୪ ଓ ୧୫ ତାରିଖ ଦୁଇଦିନ ଧରି ମୁଖ୍ୟମନ୍ତ୍ରୀ ଜଗତସିଂହପୁର,କେନ୍ଦ୍ରାପଡ଼ା,ଯାଜପୁର ଓ ନୟାଗଡ଼ ଜିଲ୍ଲାରେ ମଧ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ ବାଣ୍ଟିବା ସହ ଜିଲ୍ଲାଗୁଡ଼ିକୁ ବିଭିନ୍ନ ପ୍ରକଳ୍ପ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି।

## ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ନବରଙ୍ଗପୁର, ୧୧।୧୨(ବି.ପ୍ର.)



ଛତିଶଗଡ଼ର ଜଣେ ମହିଳା ମାଓବାଦୀ କମଲେଶ୍ୱରୀ ମାରେଇ(୩୦) ଶୁକ୍ରବାର ନବରଙ୍ଗପୁର ଏସ୍‌ପି ପି.ଏସ୍. ପରୋକ୍ଷତମ ଦାସଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀ ହିଂସା ଛାଡି ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଓଡ଼ିଶା ସରକାରଙ୍କ ଯେଉଁ ପୁନର୍ବାସର(ଥଇଥାନ) ସୁବ୍ୟବସ୍ଥା ରହିଛି ସେଥିରେ ଅଣୁପ୍ରାଣିତ ହୋଇ ସଙ୍ଗଠନ ଛାଡିଥିବା ସେ କହିଛନ୍ତି। ଆତ୍ମସମର୍ପଣ ପରେ ସୁରକ୍ଷା ଦୃଷ୍ଟିରୁ ନବରଙ୍ଗପୁର ଜିଲାରେ ରହିବା ପାଇଁ ସେ ଇଚ୍ଛାପ୍ରକାଶ କରିଛନ୍ତି। ଜିଲାସ୍ତରୀୟ କମିଟିରେ ଆଲୋଚନା ପରେ ଥଇଥାନ, ସରକାରୀ ସହାୟତା ଓ ନିଯୁକ୍ତି ସୁଯୋଗ ମଧ୍ୟ କମଲେଶ୍ୱରୀଙ୍କୁ ଯୋଗାଇ ଦିଆଯିବ ବୋଲି ଜିଲା ପୋଲିସ ମୁଖ୍ୟାଳୟ ବୈଠକ ଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ସୂଚନା ଦେଇଛନ୍ତି।

୨୦୧୯ ଛତିଶଗଡ଼ର ଗରିଆବନ୍ଦ ଜିଲା ମେନପୁର ଡିଭିଜନର ସିପିଆଇ (ମାଓବାଦୀ) ସଙ୍ଗଠନର ସତ୍ୟମ ଘାୱେଡେଙ୍କ ସହ କମଲେଶ୍ୱରୀ କାମ କରୁଥିଲେ। ପରେ ସେ ମେନପୁର ଓ ନୂଆପଡା ଡିଭିଜନର ଲୋକାଲ ଗେରିଲା ସ୍କ୍ୱାଡ୍‌ରେ ମଧ୍ୟ କାମ କରୁଥିଲେ। ସେ ଯୁକ୍ତ ୨ ପଢ଼ିଥିବାରୁ ଛୋଟ ଛୋଟ ମାଓବାଦୀ ଦଳକୁ ଶିକ୍ଷା ସହ ଲୋକାଲ ଗେରିଲା ସ୍କ୍ୱାଡ୍‌ରେ ଥିବା ସଦସ୍ୟଙ୍କୁ ବନ୍ଧୁକ ପରିଚାଳନାର ତାଲିମ ଦେଉଥିଲେ। ମାଓବାଦୀ ନେତାମାନେ ଅଞ୍ଚଳର ଲୋକମାନଙ୍କୁ ନିଜର ବ୍ୟକ୍ତିଗତ ସ୍ୱାର୍ଥରେ ବ୍ୟବହାର କରୁଛନ୍ତି। କାମ ହାସଲ ପରେ ସେମାନଙ୍କୁ ପୋଲିସ ସୂଚନାଦାତା କହି ନିର୍ଦ୍ଦୟ ଭାବେ ହତ୍ୟା କରାଯାଉଛି ବୋଲି କମଲେଶ୍ୱରୀ କହିଛନ୍ତି। ମାଓବାଦୀମାନେ ହିଂସା ଛାଡି ଆତ୍ମସମର୍ପଣ କରି ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ ବୋଲି ଡିଆଇଜି କହିଛନ୍ତି।

## ସୁମିତଙ୍କୁ ନ ପାଇ ଥାନାରେ ତପସ୍ୱିନୀ

### ଜଟିଳ ହେଉଛି ପାରିବାରିକ କଳହ

ଆସିକା,୧୧।୧୨(ଡି.ଏନ୍.ଏ.)



ଗଞ୍ଜାମ ଜିଲା ଆସିକା ଚିନିଶିଳ୍ପ ଅତିଥି ଭବନରେ ସ୍ତ୍ରୀ ତପସ୍ୱିନୀ ଦାସଙ୍କୁ ଏକାକୀ ଛାଡ଼ି ଡାକ୍ତର ସ୍ୱାମୀ ସୁମିତ ସାହୁ କେଉଁଆଡ଼େ ପଳାଇ ଯାଇଛନ୍ତି। ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ୩ ତାରିଖରୁ ତପସ୍ୱିନୀ ଓ ସୁମିତ ଏକାଠି ରହିଥିଲେ। ତେବେ ଗତ ଶୁକ୍ରବାର ଡା. ସୁମିତ ଅତିଥି ଭବନରୁ ତାଙ୍କ କାର୍ଯ୍ୟସ୍ଥଳ ବାଲିଶିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଆଉ ଫେରିନାହାନ୍ତି। ଏପରିକି ତାଙ୍କ ମୋବାଇଲ ଫୋନ୍ ବନ୍ଦ ରହିଛି। ତେଣୁ ସ୍ୱାମୀଙ୍କ ବାଟକୁ ଅନାଇ ବସିଥିବା ତପସ୍ୱିନୀ ଶେଷରେ ଶନିବାର ଆସିକା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ମଧ୍ୟାହ୍ନରେ ଚିନିଶିଳ୍ପ ଅତିଥି ଭବନକୁ ମା' ଓ ଭାଇ ଆସିବା ପରେ ତପସ୍ୱିନୀ ସେମାନଙ୍କ ସହ ଥାନାକୁ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ସୁମିତ ଗତ ଶୁକ୍ରବାର ତରବରିଆ ଭାବେ ଅତିଥି ଭବନରୁ ବାହାରି ଜଣେ ବ୍ୟକ୍ତିଙ୍କ ସ୍କୁଟିରେ ବସି କେଉଁଆଡ଼େ ଯାଇ ଆଉ ଫେରି ନ ଥିବା କି ସମ୍ପର୍କ ରଖି ନ ଥିବା ଅଭିଯୋଗ କରିଛନ୍ତି। ତେବେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ରବିବାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ଲାଗି ଡ୍ୟୁଟିରେ ବାହାରେ ଅଛନ୍ତି। ସେ ଥାନାକୁ ଫେରିବା ପରେ ଅଭିଯୋଗକୁ ଭିତ୍ତିକରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି। ତପସ୍ୱିନୀ ଏବେ ଅତିଥି ଭବନରେ ଏକାକୀ ରହିଥିବା ଜଣାଯାଇଛି।




## ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ

ବାରଙ୍ଗ, (ଡି.ଏନ୍.ଏ): ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ଚିକିତ୍ସାଳୟ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏକଦିବସୀୟ ରାଷ୍ଟ୍ରୀୟ ସ୍ତର ଡାକ୍ତରୀ ଶିକ୍ଷା (ସିଏମଇ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ହୃଦରୋଗ, ମଳ କଣ୍ଟକ, ରକ୍ତ ସିକୁଲି ରୋଗ ଭଳି କିଛି ଦୀର୍ଘବ୍ୟାଧି ଜନିତ ରୋଗର ପାଡିତ ରୋଗର ଉତ୍ପତ୍ତି, ଅବସ୍ଥିତି ଉପରେ ଆଲୋଚନା ହୋଇଥିଲା। କୁଳସଚିବ ପ୍ରଫେସର ଡ. ବି ଆର ଶର୍ମା, ପ୍ରଫେସର ଡ. ପ୍ରଦୀପ ପଣ୍ଡା, ପ୍ରଫେସର ଡ. ଦୁର୍ଗାପ୍ରସାଦ ଦାଶ, କାର୍ଯ୍ୟକାରୀ ସଂଯୋଜକ ଡ. ରାଜେଶ ମହାରଥା ଉଦ୍‌ଘାଟନ କରିଥିଲେ। ପ୍ରଫେସର ଦୁର୍ଗାପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତରତ୍ନ ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧନା, ଅମୃତ ଭବନ, ପଟିଆ, ସକାଳ ୯ଟା।
- କଳିଙ୍ଗ ସାହିତ୍ୟ ମହୋତ୍ସବ, ସ୍ୱସ୍ତି ପ୍ରିମିୟମ, ପୂର୍ବାହ୍ନ ୧୦ଟା।
- ବିଶ୍ୱବାଣୀ ଖବରକାଗଜର ୧୬ତମ ସ୍ୱନକ୍ଷତ୍ର ଉତ୍ସବ, ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ, ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଓଡ଼ିଶା ରେଡିଓଗ୍ରାଫର୍ସ ସର୍ଭିସ ଆସୋସିଏଶନ ତ୍ରୈମାସିକ ସାଧାରଣ ବୈଠକ, ଆଇଏମ୍ଏ ହାଉସ୍, ୟୁନିଟ୍-୬, ମଧ୍ୟାହ୍ନ ୧୨ଟା।
- ଶ୍ରୀଜଗନ୍ନାଥ ଆଦର୍ଶ ଅଖିଳ ଭାରତ ପାଲା କଳାକାର ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ସମାରୋହ ଓ କବିତା ପାଠ ଉତ୍ସବ, ବୁଦ୍ଧ ମନ୍ଦିର, ଅପରାହ୍ନ ୨ଟା।
- ଦି ହେଭେନ୍ସ ଗ୍ରୁପ ପକ୍ଷରୁ ଗୀତ ଗୀତିକା, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ସମାରୋହ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ମା' ଭୁବନେଶ୍ୱରୀ କ୍ଲବ ଓ ଶହୀଦ ନଗର ଦୁର୍ଗାପୂଜା ସମିତି ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କ୍ୟାରମ ପ୍ରତିଯୋଗିତା ଉଦ୍‌ଯାପିତ, ଶହୀଦ ନଗର ଦୁର୍ଗାମଣ୍ଡପ, ରାତି ୯ଟା।

# ଅବହେଳିତ ଅବସ୍ଥାରେ ମିନି କୋଣାର୍କ

ଗୋପ,୧୧।୧୨(ଡି.ଏନ୍.ଏ)



**■ସୂର୍ଯ୍ୟ ମନ୍ଦିର ପୂର୍ବରୁ ନିର୍ମାଣ ହୋଇଥିଲା**

**■ପର୍ଯ୍ୟଟନ ମାନ୍ୟତା ଦାବି**

କୋଣାର୍କର ସୂର୍ଯ୍ୟ ମନ୍ଦିର ଭଳି ଗୋପ ବ୍ଲକ ଅଧୀନ ଏରବଙ୍ଗ ପଞ୍ଚାୟତର ବୟାଳିଶବାଟି ଗ୍ରାମରେ ଏକ ମିନି କୋଣାର୍କ ମନ୍ଦିର ରହିଛି। ହେଲେ ଏହି ମନ୍ଦିରଟି ସରକାରଙ୍କ ଦୃଷ୍ଟି ଅଗୋଚରରେ ରହିଯାଇଥିବାରୁ ମନ୍ଦିରର ଅବସ୍ଥା ଅବହେଳିତ ଅବସ୍ଥାରେ ଥିବାବେଳେ ମନ୍ଦିରରେ ଅନାବନା ଲତା ସହିତ ଗଛ ଉଠିଗଲାଣି। ତେଣୁ ଏହାର ରକ୍ଷଣାବେକ୍ଷଣ ସହ ସୁରକ୍ଷା ଆବଶ୍ୟକତା ରହିଛି। ତେଣୁ ଏହି ମନ୍ଦିର ଉପରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଉଠିଛି।

ଲୋକ କଥା ଅନୁଯାୟୀ, ୧୨ଶହ ଖ୍ରୀଷ୍ଟାବ୍ଦ ପୂର୍ବରୁ ଏହି ମିନି କୋଣାର୍କ ମନ୍ଦିର ନିର୍ମାଣ କରାଯାଇଛି। ଯେତେବେଳେ ଲାଙ୍ଗୁଳା ନରସିଂହ ଦେବଙ୍କ ରାଜତ୍ୱ ସମୟରେ କୋଣାର୍କ ସୂର୍ଯ୍ୟମନ୍ଦିର ନିର୍ମାଣ କରାଯିବାକୁ ମନ୍ତ୍ରୀ ଶିବେଇ ସାମନ୍ତରାୟ ଦାୟିତ୍ୱ ନେଇଥିଲେ। କିନ୍ତୁ ମନ୍ଦିର ନିର୍ମାଣ ନିମନ୍ତେ ୧୨ଶହ ବଢେଇ ଏହି ବୟାଳିଶବାଟି ଗାଁରେ ରହିଥିଲେ। ସେ ସମୟରେ ଗାଁ ନିକଟରେ ବହି ଯାଇଥିବା ପଥରବୁହା ନାଳରେ ବଡ଼ ବଡ଼ ପଥର ନିଆଯାଉଥିଲା। କିନ୍ତୁ କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣ କରାଯିବାକୁ ଯାଉଥିବା ବଡ଼ବଡ଼ ପଥର ସମୁଦ୍ର ଗର୍ଭରେ ଲୀନ ହୋଇଯିବାରେ ମନ୍ତ୍ରୀ ଶିବେଇ ସାମନ୍ତରାୟ ବଡ଼ ଚିନ୍ତାରେ ଥାଆନ୍ତି। ଦିନେ ମନ୍ତ୍ରୀ ଶିବେଇ ପ୍ରଚଣ୍ଡ ଖରାରେ ତତଲା ବାଲିରେ ଚାଲି ଚାଲି ଆସିବା ସହ ତାଙ୍କୁ ବହୁତ ଭୋକ ଲାଗୁଥିଲା। ମନ୍ତ୍ରୀ ଦେଖିଲେ କିଛି ଦୂରରେ ଏକ ଚାଳ ଛପର ଘର ରହିଛି। ମନ୍ତ୍ରୀ ସେହି ଭଙ୍ଗା ଘରେ ବସିବା ସହ ସେଠାରେ ଉପସ୍ଥିତ ଥିବା ଜଣେ ବୃଦ୍ଧାଙ୍କୁ ଖାଇବାକୁ ମାଗିଥିଲେ। ବୃଦ୍ଧା ମନ୍ତ୍ରୀ ଶିବେଇଙ୍କୁ ଖିରି କରି ଦେଇଥିଲେ। ମାତ୍ର ମନ୍ତ୍ରୀଙ୍କୁ ଭୋକ ହେଉଥିବାରୁ ଗରମ ଖିରିରେ ହାତ ଭର୍ତ୍ତି କରି ଦେବାରେ ହାତ ପୋଡ଼ିଯାଇଥିଲା। ଏହାଦେଖି ବୃଦ୍ଧା ଅଥଳ ସମୁଦ୍ର ଗର୍ଭରେ ପଥର ପକାଇବା ଭଳି ତମେ ଗରମ ଖିରିରେ ସିଧା ହାତ ଭର୍ତ୍ତି କରିବା ବଦଳରେ କଡ଼ରୁ ଖାଇବାକୁ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ବୃଦ୍ଧା ସେଠାରୁ ଅନ୍ତର୍ଦ୍ଧାନ ହୋଇଯିବା ପରେ ମନ୍ତ୍ରୀଙ୍କ ମୁଣ୍ଡରେ ବୁଦ୍ଧି ପଶିଥିଲା। ମନ୍ତ୍ରୀ ଶିବେଇ ଏ କଥା ରାଜା ଲାଙ୍ଗୁଳା ନରସିଂହ ଦେବଙ୍କୁ କହିବା ସହ ପ୍ରଥମେ ବୟାଳିଶବାଟୀ ଗ୍ରାମରେ କୋଣାର୍କ ସୂର୍ଯ୍ୟ ମନ୍ଦିରର ଏକ ମଡେଲ ପ୍ରସ୍ତୁତ କରି ଗୋଟିଏ ମନ୍ଦିର ନିର୍ମାଣ କରିବା ସହ ମା' ଗଙ୍ଗେଶ୍ୱରୀଙ୍କୁ ସ୍ଥାପନା କରିଥିଲେ। ପରେ ଏହି ମଡେଲ ଅନୁସାରେ କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ। ସେହିଦିନଠାରୁ ଏହି ମନ୍ଦିରକୁ ମିନି କୋଣାର୍କ ବୋଲି କୁହାଯାଏ। ସେବେଠାରୁ ଏପର୍ଯ୍ୟନ୍ତ ମନ୍ଦିରରେ ମା' ଗଙ୍ଗେଶ୍ୱରୀଙ୍କୁ ସ୍ଥାନୀୟ ଲୋକେ ପୂଜା କରିଆସୁଛନ୍ତି। ହେଲେ ମନ୍ଦିରଟି ପୁରାତନ ହୋଇଯାଇଥିବାରୁ କିଛି ସ୍ଥାନରେ ଭାଙ୍ଗିରୁଜି ଯାଇଥିବାବେଳେ ଗଛଲତା ମାଡ଼ିଗଲାଣି। ଏହାର ସୁରକ୍ଷା ଆବଶ୍ୟକତା ଥିବାବେଳେ ପ୍ରଶାସନ କି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଏଯାଏ ଏଥିପ୍ରତି ଦୃଷ୍ଟି ପଡ଼ି ନାହିଁ। ଫଳରେ ପୁରାତନ କୀର୍ତ୍ତିରାଜି ଧୀରେ ଧୀରେ ନଷ୍ଟ ହେବା ସହ ଆଉ କିଛି ବର୍ଷ ପରେ ଏହି ମିନି କୋଣାର୍କ ମନ୍ଦିର ଭୁଶୁଡି ପଡିବ ବୋଲି ଗ୍ରାମର ନିରଞ୍ଜନ ସାହୁ, ବିଭୂତି ଭୂଷଣ ସାହୁ, ଆଲୋକ କୁମାର ରାଉତରାୟ ପ୍ରମୁଖ କହିଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହାର ସୁରକ୍ଷା କରିବା ସହ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବାକୁ ବୁଦ୍ଧିଜୀବୀ, ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ୧୭ରେ ପୁଣି କୋଣାର୍କ ଉତ୍ସବ

କୋଣାର୍କ,୧୧।୧୨(ଡି.ଏନ୍.ଏ.)

ବାତ୍ୟା ପାଇଁ ସ୍ଥଗିତ ରହିଥିବା କୋଣାର୍କ ଉତ୍ସବ-୨୦୨୧ ଆସନ୍ତା ୧୭ ତାରିଖ ସକାଳ ୯ରୁ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ପର୍ଯ୍ୟଟନ ବିଭାଗ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହେବ। କୋଣାର୍କ ସାହିତ୍ୟ ସଂସଦ ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ 'କୋଣାର୍କ ସାହିତ୍ୟ ଆସର' ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ କରାଯିବ। ଏଥିରେ ୯ଜଣ ସାରସ୍ୱତ ପ୍ରତିଭା ସମ୍ମାନିତ ହେବେ। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ରୂପେ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଡ. ରାଜେନ୍ଦ୍ର ପ୍ରସାଦ, କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ, କବି ଡ. ଜୟନ୍ତୀ ରଥ, ପର୍ଯ୍ୟଟନ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ବିରଞ୍ଚି ମିଶ୍ର ଓ ଗାଳ୍ପିକ ହରେକୃଷ୍ଣ ସାହୁ ଯୋଗଦେବେ। ଦ୍ୱିତୀୟ ଅଧିବେଶନରେ କବି ଡ. ଅବଦୁଲ ଓସିଦ ଖାଁ, ଓଡ଼ିଶା ରାଜ୍ୟ ରାଜ୍ୟଭାଷା ବିକାଶ ପରିଷଦର ଅଧ୍ୟକ୍ଷ କବି ନାରାୟଣ ମୁଦୁଲି, ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ ଓ ଅନ୍ୟମାନେ ଯୋଗଦେବେ। ଆଲୋଚନାର ଶୀର୍ଷକ 'ସମକାଳୀନ ଓଡ଼ିଆ ସାହିତ୍ୟର ଭାଷା' ରଖାଯାଇଛି ବୋଲି କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି।

## ଫାଇନାଲରେ ଗୋଠପୁର, ବଉଳକୁଦ, ଜଗା

ବାରଙ୍ଗ,୧୧।୧୨(ଡି.ଏନ୍.ଏ.)

ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ ଗଣ୍ଡରପୁର ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲର ଟୁର୍ନାମେଣ୍ଟର ଷଷ୍ଠଦିନରେ ଶନିବାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସେମିଫାଇନାଲ ମ୍ୟାଚ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଟାଙ୍ଗୀ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳ ସେମିଫାଇନାଲରେ ସୂର୍ଣ୍ଣଦେବୀ କ୍ଲବ ବଉଳକୁଦ, ମା'ମଙ୍ଗଳା କ୍ଲବ ଗୋଠପୁର ଫାଇନାଲକୁ ପ୍ରବେଶ କରିଛି। ସେହିଭଳି ସହରାଞ୍ଚଳ ଜଗା ୟୁନାଇଟେଡ୍ କ୍ଲବ ୫-୪ ଟ୍ରାଇବ୍ରେକରରେ ଜିତି ଫାଇନାଲକୁ ଯାଇଛି।

## ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କୁ 'ସୁରତରଙ୍ଗ ଶୀର୍ଷ ସମ୍ମାନ'

ଭୁବନେଶ୍ୱର,୧୧।୧୨(ବ୍ୟୁରୋ): ସୁର ତରଙ୍ଗର ୨୮ତମ ବାର୍ଷିକ ଉତ୍ସବ ଜୟଦେବ ଭବନଠାରେ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥିଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଅନ୍ୟତମ ଅତିଥିଭାବେ ଇଣ୍ଡିଆର କର୍ପୋରେଟ ବ୍ୟାପାର ଅଧିକାରୀ କିଶୋର ମୋହନ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଅଭିନେତ୍ରୀ, ଉପସ୍ଥାପିକା ତଥା କଣ୍ଠଶିଳ୍ପୀ ପିଙ୍କି ପ୍ରଧାନଙ୍କୁ 'ସୁରତରଙ୍ଗ ଶୀର୍ଷ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କଣ୍ଠଶିଳ୍ପୀ କୃଷ୍ଣଚନ୍ଦ୍ର ସେଠୀ, ତନୁଶ୍ରୀ ଜେନା, ସୌମ୍ୟା ମହାନ୍ତି, ଅର୍ପିତା ଶତପଥୀ, ବାଦ୍ୟଶିଳ୍ପୀ ବିନୋଦ ନାୟକ, ଶିକ୍ଷାବିତ୍ ସୁରଜିତା ମହାନ୍ତି, କ୍ରୀଡାବିତ୍ ବିକାଶ ଚନ୍ଦ୍ର ପଟ୍ଟନାୟକ, ଉପସ୍ଥାପିକା ଆଦ୍ୟାଶା, ମୁସ୍କାନ ଓ ସୋନାଲି ରାୟଙ୍କୁ 'ସୁରତରଙ୍ଗ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ପୀୟୂଷ ମହାନ୍ତି ସଭାପତିତ୍ୱ କରିଥିବାବେଳେ ସଭାପତି ସମୀର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଉପଦେଷ୍ଟା ଦିଲୀପ କୁମାର ଦାସ, ନବରଞ୍ଜନ ପଟ୍ଟନାୟକ, ଡ. ବଦ୍ରିନାଥ ପଟ୍ଟନାୟକ, ଡ. ସୌରେନ୍ଦ୍ର ମହାପାତ୍ର, ଗୌରୀ ଶଙ୍କର ମିଶ୍ର ଓ ବ୍ରଜ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'କୃଷ୍ଣଚୂଡାର ରଙ୍ଗ' ପରିବେଷିତ ହୋଇଥିଲା। କଣ୍ଠଶିଳ୍ପୀ ରଣଦୀପ ପାଲିତ, କୃଷ୍ଣଚନ୍ଦ୍ର, କେଦାର, ଡ. ମୀରା ପଣ୍ଡା, ଅର୍ପିତା, ତନୁଶ୍ରୀ, ପୂର୍ଣ୍ଣିମା, ନମିତା, ପ୍ରତିଭା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ସୁରତରଙ୍ଗ ୧୯୯୪ ଫେସ୍‌ବୁକ ଆଇଡିରେ ସିଧାପ୍ରସାରଣ କରାଯାଇଥିଲା।




ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ ଶନିବାର ଆରମ୍ଭ ହୋଇଥିବା ଓଡ଼ିଶୀ ରାଗ ମହୋତ୍ସବରେ ବୃନ୍ଦ ଗାୟନ କରାଯାଉଛି।

## ଓଡ଼ିଶୀ ବୃନ୍ଦ ଗାୟନରେ ଗୁଞ୍ଜରିତ ହେଲା ମଞ୍ଚ

ଭୁବନେଶ୍ୱର, ୧୧।୧୨ (ବ୍ୟୁରୋ)

**ଓଡ଼ିଶୀ ରାଗ ମହୋତ୍ସବ ଉଦ୍‌ଘାଟିତ**

ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଦୁଇଦିନିଆ ଓଡ଼ିଶୀ ରାଗ ମହୋତ୍ସବ ଏବଂ ସମ୍ମାନ ପ୍ରଦାନ ସମାରୋହ ଶନିବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ପଦ୍ମବିଭୂଷଣ ଶିଳ୍ପୀଗୁରୁ ଡ. ସୁଦର୍ଶନ ସାହୁ, ଦୂରଦର୍ଶନ କେନ୍ଦ୍ର ନିର୍ଦ୍ଦେଶକ ଦୀପ୍ତି ମିଶ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଗୁରୁ ଗୋପାଳ ପଣ୍ଡା, ଓଡ଼ିଶୀ ଏକାଡେମୀ ଉପସଭାପତି ପ୍ର. ଶାନ୍ତନୁ କୁମାର ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶୀ ରାଗ ରତ୍ନବଳୀର ସିଡୀ (ଷଷ୍ଠ ଭାଗ) ଲୋକାର୍ପିତ ହୋଇଥିଲା। ଗୁରୁ ଗୋପାଳ ପଣ୍ଡାଙ୍କ ଗବେଷଣାତ୍ମକ ତଥ୍ୟ ଯଥା ତାଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ସଙ୍ଗୀତର ଆଉ ଛ' ଗୋଟି ମୌଳିକ ଓ ନିଜସ୍ୱ ଶାସ୍ତ୍ରାଧାରିତ ତଥା ପାରମ୍ପରିକ ରାଗକୁ ନେଇ ଓଡ଼ିଶୀ ରାଗ ରତ୍ନବଳୀର ଷଷ୍ଠ ଭାଗ ପ୍ରସ୍ତୁତ ହୋଇଛି। ଏଥିରେ ତାଙ୍କର ଦୁଇ କନ୍ୟା, ନାତୁଣୀ ତଥା ବିଶିଷ୍ଟ ଶିଳ୍ପୀମାନେ କଣ୍ଠଦାନ କରିଥିବାବେଳେ ମର୍ଦ୍ଦଳ ବାଦକ ନିରଞ୍ଜନ ସାହୁ, ଗୁରୁ ରମେଶ ଚନ୍ଦ୍ର ଦାସ ବାଦ୍ୟ ଯନ୍ତ୍ରରେ ସହଯୋଗ କରିଛନ୍ତି। ପରେ ଅନୁଷ୍ଠାନର ବରିଷ୍ଠ ଛାତ୍ରୀଛାତ୍ରଙ୍କ ରାଗ ରସ କାମୋଦିରେ ଓଡ଼ିଶୀ ବୃନ୍ଦ ଗାୟନରେ ମଞ୍ଚ ପରିବେଶ ଗୁଞ୍ଜରିତ ହୋଇଥିଲା। ବୃନ୍ଦ ଗାୟନରେ ପରିଚାଳନା କରିଥିଲେ ଗୁରୁଙ୍କ ସୁପୁତ୍ରୀ ତଥା କଣ୍ଠଶିଳ୍ପୀ ସଙ୍ଗୀତା ପଣ୍ଡା। ବାଦ୍ୟଯନ୍ତ୍ର ମର୍ଦ୍ଦଳରେ ନିରଞ୍ଜନ ସାହୁ ଓ ମଞ୍ଜିରାରେ ସୌମ୍ୟରଞ୍ଜନ ସହଯୋଗ କରିଥିଲେ। ବୀଣା ବାଦକ ଗୁରୁ କେ. ରାମାରାଓ ପାତ୍ର ଓ ଦଳଙ୍କ ଦ୍ୱାରା ରାଗ ଆନନ୍ଦ ଭୈରବୀରେ ଓଡ଼ିଶୀ ବୀଣା ବାଦନ କରାଯାଇଥିଲା। ବାଦ୍ୟଯନ୍ତ୍ର ମର୍ଦ୍ଦଳରେ ଗୁରୁ ଧନେଶ୍ୱର ସ୍ୱାଇଁ ଓ ବୀଣାରେ ପ୍ରତୀକ ପଟ୍ଟନାୟକ ସହାୟତା କରିଥିଲେ। ଶେଷରେ ମର୍ଦ୍ଦଳ ବାଦକ ଗୁରୁ କାଳନ୍ଦୀ ଚରଣ ପରିଡ଼ା ଓ ଶିଷ୍ୟ ବୃନ୍ଦଙ୍କ ଦ୍ୱାରା ଓଡ଼ିଶୀ ମର୍ଦ୍ଦଳ ବାଦନ କରାଯାଇଥିଲା। ବାଦ୍ୟଯନ୍ତ୍ରରେ ମୁରଲୀଧର ସ୍ୱାଇଁ ଓ ଅନ୍ୟମାନେ ସହାୟତା କରିଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

## ଗଳ୍ପ ସଂକଳନ 'ତିନି ଅକଥା' ଲୋକାର୍ପିତ

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

କଥାକାର ହାଡ଼ିବନ୍ଧୁ ପାଢୀଙ୍କ ଗଳ୍ପ ସଂକଳନ 'ତିନି ଅକଥା' ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ବାସଭବନରେ ମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ସାହିତ୍ୟିକ ସନ୍ତୋଷ କୁମାର ସାହୁଙ୍କ ସମ୍ପାଦନାରେ ଏହି ପୁସ୍ତକଟିକୁ ଭୁବନେଶ୍ୱରର ଝାରପଡ଼ାସ୍ଥିତ ଓସେନିକ ପ୍ରକାଶନ ସଂସ୍ଥା ପ୍ରକାଶ କରିଛି। କାର୍ଯ୍ୟକ୍ରମରେ ଐତିହାସିକ ଅନୀଲ ଧୀର, ଯୁବ ନେତା ଅରବିନ୍ଦ କାନୁନ୍‌ଗୋ, ଖବରଦାତା ସନ୍ତୋଷ ସାହୁ, ଶ୍ରୀକାନ୍ତ ପାଢୟୋଶୀ, ଆଇଟି ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ।

## ଜଗନ୍ନାଥ ପାଣି ଓଡ଼ିଆ ଭାଷାର ଆଦି ଗୀତିନାଟ୍ୟକାର

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜଗନ୍ନାଥ ପାଣି ସ୍ମୃତି ସଂସଦ ସହଯୋଗରେ ଲୋକକବି ଜଗନ୍ନାଥ ପାଣିଙ୍କ ସ୍ମୃତି ଉପଲକ୍ଷେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର ସଂସ୍କୃତି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଂସ୍କୃତି ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉନବିଂଶ ଶତାବ୍ଦୀର ନାନା ପ୍ରତିକୂଳତା ଭିତରେ ଜଗନ୍ନାଥ ପାଣି ନିଜ ରଚନା ଜରିଆରେ ଏକ ସାଂସ୍କୃତିକ ଜାଗରଣ ଆଣିଥିଲେ ବୋଲି ସେ କହିଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଅଧ୍ୟକ୍ଷତା କରି କହିଲେ, ଜଗନ୍ନାଥ ପାଣି ତାଙ୍କ ରଚନାଗୁଡିକରେ ନାଟ୍ୟ ଭାଷାକୁ ଲୋକାଭିମୁଖୀ କରିଛନ୍ତି। ତାଙ୍କ ସାହିତ୍ୟର ପ୍ରସାର ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ବିଭିନ୍ନ ପ୍ରଚେଷ୍ଟା କରୁଥିବା ସେ କହିଥିଲେ। କବି ଡ. ଉପେନ୍ଦ୍ର ପ୍ରସାଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥଙ୍କୁ ଓଡ଼ିଆ ଭାଷାର ଆଦି ଗୀତିନାଟ୍ୟକାର ଭାବେ ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ଧୀରେନ୍ଦ୍ର ନାଥ ମଲ୍ଲିକ ଯୋଗଦେଇ ସ୍ୱର୍ଗତ ପାଣିଙ୍କ ସୁଆଙ୍ଗ, ଛାନ୍ଦ ନାଟ୍ୟର ବହୁଳ ପ୍ରସାର ପାଇଁ ମଞ୍ଚାଭିନୟକୁ ପ୍ରୋତ୍ସାହିତ କରିବା ଦରକାର ବୋଲି କହିଥିଲେ। ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ ଯୋଗଦେଇଥିବାବେଳେ ସଞ୍ଜୟ ଛୁଆଳସିଂହ ଧନ୍ୟବାଦ ଦେଇଥିଲେ। ସକାଳେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସର କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



ଜଗନ୍ନାଥ ପାଣିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ସାରସ୍ୱତ ସଭାରେ ଉପସ୍ଥିତ ଅତିଥି।

## କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ 'ବିଦାୟ ୨୦୨୧'

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

କୋଠଘର ଆମ ସାହିତ୍ୟ ପରିବାରର ପ୍ରତିଷ୍ଠାତା ତଥା ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶନିବାର କବିତା ଆସର ଓ ଆଲୋଚନାଚକ୍ର 'ବିଦାୟ ୨୦୨୧' ଅନୁଷ୍ଠିତ ହୋଇଯାଇଛି। ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ଏହାର ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ରୂପେ କଣ୍ଠଶିଳ୍ପୀ ତଥା ଦୂରଦର୍ଶନର ସମ୍ବାଦ ପାଠିକା କ୍ରୀଷ୍ଟାପ୍ରିୟା ମିଶ୍ର ଯୋଗଦେଇ ଭକ୍ତି ସଙ୍ଗୀତ ଗାନ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକା ତଥା ପ୍ରବଚିକା ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ଯୋଗଦେଇ କରୋନା ପରିସ୍ଥିତିରେ ସୃଜନଶୀଳତାର କିପରି ବିକାଶ ଘଟିଛି ତାହାର ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥି ଡ. ଶଶୀଭୂଷଣ ମହାପାତ୍ର କହିଲେ, ସ୍ୱପ୍ନ ଦେଖିବା ଓ ତାକୁ ସାକାର କରିବା ପାଇଁ ସଙ୍କଟ ପରିସ୍ଥିତିରେ ସାହିତ୍ୟ ସାଧନା କରିବା ସବୁ କବି ସାହିତ୍ୟିକଙ୍କର କର୍ତ୍ତବ୍ୟ। ଏହି ଅବସରରେ ଡ. ସୁଚେତା ରାଉତ, ଭାବଗ୍ରାହୀ ବଳ, ଡ. ପ୍ରତୀମା ରାଣୀ ମିଶ୍ର, ପ୍ରଦୀପ୍ତ କୁମାର ସାହୁ, ଡ. ରଶ୍ମି ଦାସ, ପୁଷ୍ପାଞ୍ଜଳି ପଣ୍ଡା, ପ୍ରଶାନ୍ତ କୁମାର ନାଥ, ସ୍ମୃତିରଞ୍ଜନ ତ୍ରିପାଠୀ, ଅନିମା ପଟ୍ଟନାୟକ, ରାଧାମୋହନ ପାଣିଗ୍ରାହୀ, ଅପର୍ଣ୍ଣା ମିଶ୍ର, ଚିତ୍ରା ମିଶ୍ର ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଶିକ୍ଷାପରାମର୍ଶ ଦାତା ଜ୍ଞାନଚାନ୍ଦ ଶତପଥୀ ଧନ୍ୟବାଦ ଦେଇଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ୪୨ ହଜାର ଶ୍ରଦ୍ଧାଳୁ

ପୁରୀ ଅଫିସ,୧୧।୧୨



ମହାପ୍ରଭୁଙ୍କୁ ଶ୍ରୀମନ୍ଦିରରେ ଦର୍ଶନ କରିବା ନିମନ୍ତେ ଶନିବାର ପୁରୀରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ମାସର ପ୍ରତି ରବିବାର ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ବନ୍ଦ ରହିଛି। ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ଭକ୍ତମାନେ ଶ୍ରୀମନ୍ଦିର ଆସିଥାନ୍ତି। ତେବେ ଦ୍ୱିତୀୟ ଶନିବାର ସରକାର ଛୁଟି ଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଶ୍ରୀକ୍ଷେତ୍ରକୁ ଧାଇଁ ଆସିଥିଲେ। ଭିଡ଼ ଦେଖି ପୋଲିସ ପକ୍ଷରୁ ମେଡିକାଲ ଛକଠାରୁ ଚାରିଚକିଆ ଯାନଗୁଡିକୁ ଶ୍ରୀମନ୍ଦିର ଆଡ଼କୁ ଛଡାଯାଇ ନ ଥିଲା। ବୀରହରେକୃଷ୍ଣପୁର, ମଙ୍ଗଳାଘାଟ ଆଦି ଅଞ୍ଚଳରେ ଗାଡିଗୁଡିକୁ ଶ୍ରୀମନ୍ଦିର ଦିଗରେ ନ ଛାଡି ଅନ୍ୟ ଦିଗରେ ଛଡାଯାଇଥିଲା। ସେହିପରି ବଡ଼ଦାଣ୍ଡରେ ଶ୍ରୀମନ୍ଦିର ସମ୍ମୁଖରେ କରାଯାଇଥିବା ଶେଡ୍ ମଧ୍ୟକୁ ପୋଲିସ ପ୍ରଶାସନ ପକ୍ଷରୁ ଭକ୍ତମଙ୍କୁ ଭାଗ ଭାଗ କରାଯାଇ ଛଡାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନର ସୂଚନାନୁସାରେ, ମୋଟ ୪୨ ହଜାର ୨୦୯ଜଣ ଭକ୍ତ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ସେଥିମଧ୍ୟରୁ ଶ୍ରୀମନ୍ଦିର ସିଂହଦ୍ୱାର ବାଟେ ୪୦,୭୦୩ ଜଣ ପ୍ରବେଶ କରିଥିବା ବେଳେ ପଶ୍ଚିମଦ୍ୱାର ପଟେ ୧୫୦୬ ଜଣ ପୁରୀ ବାସିନ୍ଦା ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତେବେ ଭକ୍ତଙ୍କ ଗହଳିର ସୁଯୋଗ ନେଇ ଅନେକ ଲୋକ ଶ୍ରୀମନ୍ଦିର ନିକଟରେ ଚପଲଷ୍ଟାଣ୍ଡ ଏବଂ ମୋବାଇଲ ଷ୍ଟାଣ୍ଡ କରି ଭକ୍ତଙ୍କଠାରୁ ଟଙ୍କା ଆଦାୟ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଅନେକ ସରକାରୀ କର୍ମଚାରୀ ଏବଂ ତାଙ୍କ ପରିବାର ଲୋକ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିବା ବେଳେ କୋଭିଡ୍ କଟକଣା ଉଲ୍ଲଂଘନ କରି ଗଳାବାଟ ଦେଇ ଶ୍ରୀମନ୍ଦିରେ ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା।

## ମୁକ୍ତିଲାଭ କଲା ଚଳଚ୍ଚିତ୍ର 'ଭୋକ'

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ମାନବ ଜାତି ପାଇଁ ଅଦୃଶ୍ୟ ଶତ୍ରୁ ଭାବେ ଉଭା ହୋଇଥିବା କରୋନା ସଂକ୍ରମଣକୁ ରୋକିବା ଲାଗି ନିୟମ ଭିତରେ ବଳି ପଡ଼ିଛି କେତେ ଦୁଃଖ, କଷ୍ଟ ଓ ଯନ୍ତ୍ରଣା। କରୋନା ସମୟର ଏହି କରୁଣ ଚିତ୍ରକୁ ନେଇ ନିର୍ମାଣ ହୋଇଛି ଚଳଚ୍ଚିତ୍ର 'ଭୋକ'। ଶନିବାର ଏହି ଭିନ୍ନ ଧରଣର ଚଳଚ୍ଚିତ୍ରଟି ଏସ୍‌ପ୍ଲାନେଡ ମଲ୍‌ର ସିନେପଲିସ୍‌ଠାରେ ମୁକ୍ତିଲାଭ କରିଛି। ଏହି ଅବସରରେ ରାଜ୍ୟ ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ନିର୍ଦ୍ଦେଶକ ରାଜୀବ ମହାନ୍ତି, ଅକ୍ଷୟ ପରିଜା, ଅଭିନେତ୍ରୀ କାବ୍ୟା କିରଣ, ସୁବୋଧ ଆଚାର୍ଯ୍ୟ, ମନସ୍ୱିନୀ ସାହୁ ଓ ବାସୁଦେବ ମାଳବିଶୋଇ ଉପସ୍ଥିତ ଥିଲେ। ଜଣେ ସାଧାରଣ ମଣିଷର ଜୀବନ କିପରି ଲକ୍‌ଡାଉନ ଓ ଶଟଡାଉନ ଭିତରେ ଛନ୍ଦି ହୋଇଯାଇଛି, ଜୀବିକା ହରାଇ ଆର୍ଥିକ ଅସୁବିଧା ଓ ସାମାଜିକ ଦ୍ୱେଷର ସମ୍ମୁଖୀନ ହୋଇ ବିଷମ ପରିସ୍ଥିତି ଦେଇ ଗତି କରୁଛି, ତାହାର ବାସ୍ତବତାକୁ ପୁଣି ତାଜା କରିଛି 'ଭୋକ'। ଅନେକଙ୍କ ଅଙ୍ଗେନିଭା ଅନୁଭବକୁ ଚରିତ୍ର ମାଧ୍ୟମରେ ଜୀବନ୍ତ କରିବାକୁ ଚେଷ୍ଟା କରିଛନ୍ତି ଅଭିନେତା ଅଙ୍କିତ କୁମାର ଓ ଅଭିନେତ୍ରୀ କାବ୍ୟା। ଅଭିନୟ ସହ ଚଳଚ୍ଚିତ୍ର କାହାଣୀ ଓ ସଂଳାପ ଭଲ ହୋଇଥିବା ଦର୍ଶକ କହିଛନ୍ତି।




ଭୁବନେଶ୍ୱରସ୍ଥିତ ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ପ୍ରତିଷ୍ଠା ଦିବସ ବକ୍ତୃତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।




ଓଡ଼ିଶା କଳା ଶିକ୍ଷକ ସଂଘର ଷଷ୍ଠ ବାର୍ଷିକ ଉତ୍ସବରେ ଅନ୍ୟମାନଙ୍କ ଉପସ୍ଥିତିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କଳାକାର ପ୍ରଜ୍ଞା ଖଟୁଆଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ଭୁବନେଶ୍ୱର ଏସ୍‌ପ୍ଲାନେଡ ମଲ୍‌ର ସିନେପଲିସ୍‌ଠାରେ ଓଡ଼ିଆ ଚଳଚ୍ଚିତ୍ର 'ଭୋକ'ର ମୁକ୍ତିଲାଭ ଅବସରରେ ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ନିର୍ଦ୍ଦେଶକ ରାଜୀବ ମହାନ୍ତି ଓ ଅନ୍ୟମାନେ।

# କଟକଣା ବଢ଼ାଅ: କେନ୍ଦ୍ର

## ୨୭ ଜିଲାରେ ବ୍ୟାପୁଛି ସଂକ୍ରମଣ



ନୂଆଦିଲ୍ଲୀ, ୧୧।୧୨(ଆଇଏଏନ୍ଏସ୍)

ଦେଶର ୨୭ଟି ଜିଲାରେ କୋଭିଡ୍-୧୯ ସଂକ୍ରମଣ ବଢ଼ିଚାଲିଛି। ଗତ ଦୁଇ ସପ୍ତାହରେ ପଜିଟିଭିଟି ହାର ବଢ଼ିଥିବାରୁ ଏହା ଉପରେ ସତର୍କ ଦୃଷ୍ଟି ରଖିବା ସହ କଟକଣା ବଢ଼ାଇବାକୁ କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ମହାମାରୀ ମୁକାବିଲାରେ ଏବେ ବି ଦେଶ ପଛରେ ପଡ଼ିଥିବା କୁହାଯାଇଛି। ସାରା ଦେଶରେ କୋଭିଡ୍ ସଂକ୍ରମଣ କମୁଥିବା ବେଳେ ୨୭ଟି ଜିଲାରେ ଏହା ବଢ଼ିବା ସରକାରଙ୍କୁ ଚିନ୍ତାରେ ପକାଇଛି। ୩ ରାଜ୍ୟର ୮ ଜିଲାରେ ସଂକ୍ରମଣ ହାର ୧୦ ପ୍ରତିଶତରୁ ଅଦଖ ରହିଛି। ସେହିପରି ୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୯ ଜିଲାରେ ପଜିଟିଭିଟି ହାର ୫ରୁ ୧୦ ପ୍ରତିଶତ ମଧ୍ୟରେ ରହିଥିବା ଗତ ଦୁଇ ସପ୍ତାହର ଅନୁଧ୍ୟାନରୁ ଜଣାପଡ଼ିଛି। ତେଣୁ ଉକ୍ତ ଜିଲାଗୁଡ଼ିକ ଉପରେ କଡ଼ା ନଜର ରଖିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟଗୁଡ଼ିକୁ ପତ୍ର ଲେଖି ଜଣାଇଛନ୍ତି। ୧୦% କିମ୍ବା ଏହାଠାରୁ ଅଧିକ ପଜିଟିଭିଟି ହାର, ଆଇସିୟୁ କିମ୍ବା ଅକ୍ସିଜେନ୍ ଉପଲବ୍ଧ ବେଡ୍‌ର ୬୦ ପ୍ରତିଶତରୁ ଅଧିକ ବ୍ୟବହୃତ ହେଉଥିଲେ ଉକ୍ତ ଅଞ୍ଚଳରେ କଟକଣା ଲଗାଇବାକୁ ହେବ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସଂକ୍ରମଣ ସ୍ଥିତି ଉପରେ କଡ଼ା ନଜର ରଖିବା ସହ ଜିଲା ସ୍ତରରେ ଗାଇଡ୍‌ଲାଇନ ଅନୁଯାୟୀ କ୍ଲଷ୍ଟର କଣ୍ଟେନ୍‌ମେଣ୍ଟ ଭଳି ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

କୌଣସି ଜିଲାରେ ସଂକ୍ରମଣ ବଢ଼ିଲେ ସ୍ଥାନୀୟ କଣ୍ଟେନମେଣ୍ଟ କରିବାକୁ ହେବ ବୋଲି ଚିଠିରେ କୁହାଯାଇଛି। ଏଥିସହିତ ରାଜ୍ୟ ପ୍ରଶାସନ ସମ୍ପୃକ୍ତ ଅଞ୍ଚଳରେ ରାତ୍ରକାଳୀନ କର୍ଫ୍ୟୁ, ଲୋକଙ୍କ ପରସ୍ପର ଭେଟିବା ଉପରେ କଟକଣା, ଭିଡ଼ ନିୟନ୍ତ୍ରଣ, ବିବାହ, ଶୁଦ୍ଧିକ୍ରିୟା ଇତ୍ୟାଦିରେ ଲୋକଙ୍କ ଉପସ୍ଥିତି କମ୍ କରିବା ଭଳି ପଦକ୍ଷେପ ନେବେ। ଏହା ବ୍ୟତୀତ ଟେଷ୍ଟିଂ ଓ ଟ୍ରାକିଂ ବଢ଼ାଇବାକୁ ପରାମର୍ଶ ଦିଆଯାଇଛି। ଏନ୍‌ଫ୍ଲୁଏଞ୍ଜା ଭଳି ରୋଗ ଏବଂ ଶ୍ୱାସକ୍ରିୟା ସଂକ୍ରମଣ ମାମଲାରେ ତୁରନ୍ତ ରାପିଡ୍ ଆଣ୍ଟିଜେନ ପରୀକ୍ଷା ଓ କୋଭିଡ୍ ଲକ୍ଷଣ ଦେଖାଯାଉଥିଲେ ଆର୍‌ଟି-ପିସିଆର ପରୀକ୍ଷା କରାଯିବାକୁ ହେବ। ଏତଦ୍‌ବ୍ୟତୀତ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଆଦି କରୋନା ନିୟମାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।

# ଚନ୍ଦକାରେ ପ୍ରାଗୈତିହାସିକ ଗୁମ୍ଫା

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ରାଜଧାନୀ ଉପକଣ୍ଠ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଭିତରେ ରହିଛି ଏକାଧିକ ଗୁମ୍ଫା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗର ନଜର ଆଢୁଆଳରେ ରହିଥିବା ଏହି ଗୁମ୍ଫାଗୁଡ଼ିକର ଐତିହାସିକ ଗୁରୁତ୍ୱ ଓ ବିଶେଷତ୍ୱ ରହିଥିଲେ ମଧ୍ୟ ତାହା ଲୋକଲୋଚନକୁ ଆସିପାରି ନାହିଁ। ଭୁବନେଶ୍ୱରଠାରୁ ୩୫ କି.ମି. ଦୂର ଜଙ୍ଗଲ ଭିତରେ ଏଭଳି କିଛି ଗୁମ୍ଫାକୁ ଠାବ କରିଛନ୍ତି ସେଣ୍ଟର ଫର୍ ରୁରାଲ ଟୁରିଜମ୍ ଆଣ୍ଡ୍ ଡେଭଲପ୍‌ମେଣ୍ଟ (ସିଆର୍‌ଟିଡି)ର ସମ୍ପାଦକ ଲଳିତ ମୋହନ ପଣ୍ଡା। ଶୁକ୍ରବାର ଲଳିତଙ୍କ ସହ ଏକ ତିନିଜଣିଆ ଟିମ୍ ସେଠାରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁମ୍ଫାଗୁଡ଼ିକର ପ୍ରାଥମିକ ସର୍ବେକ୍ଷଣ କରିଥିଲେ। ଲଳିତଙ୍କ ଟିମ୍ ଡମପଡା ପ୍ରବେଶ ପଥରେ ପଶି ଗୁମ୍ଫା ନିକଟରେ ପହଞ୍ଚି ବିଭିନ୍ନ ସ୍ଥାନର ଫଟୋ ଉଠାଇବା ସହିତ ଭିଡିଓ ମଧ୍ୟ କରିଛନ୍ତି। ଏଥିସହ ଗୁମ୍ଫାଗୁଡ଼ିକର ସ୍ଥିତି, ଶିଳାଲିପିରୁ ଏସବୁ ପ୍ରାକ୍ ଐତିହାସିକ ଯୁଗର ବୋଲି ସେ ଦାବି କରିଛନ୍ତି।

ତାଙ୍କ ସୂଚନାନୁସାରେ, ଗୋଟିଏ ସ୍ଥାନରେ ପାଖାପାଖି ହୋଇ ତିନୋଟି ବଡ଼ ଗୁମ୍ଫା, ଶେଲ୍‌ଟର ବେଡ୍ (ଆଦି ମାନବମାନେ ଶୋଉଥିଲେ) ଓ ଏକ ବୃହତ୍ ଗୁମ୍ଫା ରହିଛି। ସ୍ଥାନୀୟ ଲୋକେ କେତେକ ଗୁମ୍ଫା ସହ ଚଳପ୍ରଚଳ ହେଉଥିଲେ ମଧ୍ୟ



ସେଗୁଡ଼ିକର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ କିଛି ଜାଣି ନାହାନ୍ତି। ଗୋଟିଏ ଗୁମ୍ଫାର ଗର୍ତ୍ତ ବହୁତ ବଡ଼ ହୋଇଥିବାରୁ ଏହାକୁ ଅନ୍ଧାରି ଗୁମ୍ଫା ବୋଲି କୁହାଯାଉଛି। ଏହାକୁ ଲାଗି ଆଉ ଏକ ଗୁମ୍ଫା ରହିଛି। ସେହି ଗୁମ୍ଫାରୁ ଏକ ଜଳ ଉତ୍ସ ବାହାରି ଥିବା ଦେଖିବାକୁ ମିଳିଛି, ଯାହାକୁ ସ୍ଥାନୀୟ ଲୋକ ଶ୍ୱେତ ଗଙ୍ଗା ବୋଲି କହୁଛନ୍ତି। ଏହି ଝରର ପାଣି ଅତି ସ୍ୱଚ୍ଛ। ଗୁମ୍ଫାଟି ଲମ୍ବା ସୁଡ଼ଙ୍ଗ ସଦୃଶ ହୋଇଛି। ତେଣୁ ସ୍ଥାନୀୟ ଲୋକମାନେ ଏଠାରେ ହୁଳହୁଳି ଓ ଘଣ୍ଟନାଦ କଲେ ଇନ୍ଦ୍ର ଦେବ ପ୍ରସନ୍ନ ହୋଇ ବୃଷ୍ଟି କରାଇଥା'ନ୍ତି ବୋଲି ଅଭୟାରଣ୍ୟ ମଧ୍ୟରେ ଥିବା ୫ଟି ରାଜସ୍ୱ ଗାଁର ବାସିନ୍ଦା ମତ ଦେଇଛନ୍ତି। ପୁରାତନ କାଳରେ ନିଶ୍ଚିତ ଏହି ସ୍ଥାନରେ ଏକ ମାନବ ସଭ୍ୟତା ଥିବା ଜଣାପଡୁଛି। ସେହିପରି ମଧ୍ୟପ୍ରଦେଶର ଭୀମବେଟ୍‌କାର ଶିଳା ଚିତ୍ର ସହ ଏହାର ସାମଞ୍ଜସ୍ୟ ଥିବାରୁ ଏହି ଗୁମ୍ଫାକୁ ପ୍ରାକ୍ ଐତିହାସିକ ସମୟର କୁହାଯାଇପାରିବ ବୋଲି ଲଳିତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ସେ କହିଛନ୍ତି, ଗୁମ୍ଫାଗୁଡ଼ିକ ନୂତନ ପ୍ରସ୍ତର ଯୁଗର ହୋଇଥିବା ଅଧିକ ସମ୍ଭାବନା ରହିଛି। ଏଠାରେ ଫୁଲର ସାଙ୍କେତିକ ଚିତ୍ର ରହିଥିବା ଦେଖାଯାଇଛି। ଗବେଷକଙ୍କ ମତରେ ଏହା ୩୦୦୦ରୁ ୪୦୦୦ ଖ୍ରୀଷ୍ଟ ପୂର୍ବର ବୋଲି ସୂଚନା ମିଳୁଛି। ଏ ନେଇ ଆର୍କିଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ(ଏଏସ୍ଆଇ)ର ଗବେଷକଙ୍କୁ ମଧ୍ୟ ମୁଁ ଅବଗତ କରିଛି। ତେବେ ସିଆର୍‌ଟିଡି ତରଫରୁ ମଧ୍ୟ ଆଗକୁ ଏଠାରେ ଅଧିକ ଗବେଷଣା ଜାରି ରଖିବୁ ବୋଲି ଲଳିତ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଚନ୍ଦକା ବାହାରେ ଅର୍ଥାତ୍ ଅଭୟାରଣ୍ୟକୁ ଲାଗି ରହିଥିବା ଅଞ୍ଚଳରେ ବହୁ ପୁରାତନ ଗୁମ୍ଫାକୁ ସିଆର୍‌ଟିଡି ପକ୍ଷରୁ ଠାବ କରାଯିବା ସହ ସେହି ସ୍ଥାନର ପୁରାତନ ସାଙ୍କେତିକ ଚିତ୍ରକୁ ସର୍ବସାଧାରଣରେ ଉନ୍ମୋଚନ କରାଯାଇଥିଲା। ସେଗୁଡ଼ିକ ହେଲା ଦୁଆର-ଖୋଲ, ବାଘ ଗୁମ୍ଫା, ଗୟଳ ବାଙ୍କରେ ଥିବା ଜାରିଆ ଗୁମ୍ଫା, ଚାଞ୍ଚଲ୍ୟ ଗୁମ୍ଫା, ପାଣ୍ଡବ-ବଖରା ଗୁମ୍ଫା, ଦକ୍ଷିଣ-କବାଟ ଗୁମ୍ଫା, କାଳିଆ-ତଳିଆ ଗୁମ୍ଫା, ନରହରି ଗୁମ୍ଫା, ହାଡୁ ଦାସ ଗୁମ୍ଫା ଓ ଅନାହତ ଗୁମ୍ଫା। ତେବେ ନୂଆକରି ଠାବ ହୋଇଥିବା ଗୁମ୍ଫାଗୁଡ଼ିକ ଚନ୍ଦକା ଅଭୟାରଣ୍ୟର କୋର୍ ଏରିଆରେ ଥିବାରୁ ଏହା ଉପରେ କାହାର ନଜର ପଡୁ ନ ଥିଲା। ଅଭୟାରଣ୍ୟ ସୀମା ବାହାରେ ଥିବା ଗୁମ୍ଫାଗୁଡ଼ିକରେ ଫୁଲ, ତେଣ୍ଟା, ନିଆଁ ଆଦି ସାଙ୍କେତିକ ଚିତ୍ର ରହିଥିବାବେଳେ ଅଭୟାରଣ୍ୟ ଭିତରେ ଥିବା ଏହି ପ୍ରାକ୍ ଐତିହାସିକ ଅନ୍ଧାରି-ଗୁମ୍ଫାରେ କେବଳ ଫୁଲର ଚିତ୍ର ଦେଖିବାକୁ ମିଳିଛି। ଏହି ଗୁମ୍ଫା ପ୍ରାକ୍-ଐତିହାସିକ ସମୟର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାଇତି ରଖିଥିବାରୁ ଏହାର ସଂରକ୍ଷଣର ଆଶ୍ୟକତା ରହିଛି। ତେଣୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ସଂରକ୍ଷଣ ଭାର ହାତକୁ ନେବା ସହ ଏହାକୁ ସଂରକ୍ଷିତ ପ୍ରାକ୍-ଐତିହାସିକ ଗୁମ୍ଫା ମାନ୍ୟତା ଦେବା ପାଇଁ ଲଳିତ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୨୬ କର୍ମଚାରୀରେ ସାଇବର...

ସଂଗ୍ରହ ଚାଲିଛି ବୋଲି ଦର୍ଶାଇଛନ୍ତି। ସେ ତାଙ୍କ ଉତ୍ତରରେ ଆହୁରି କହିଛନ୍ତି ଯେ, ପ୍ରାୟତଃ ସାଇବର ଅପରାଧ ମାମଲାଗୁଡ଼ିକରେ ଅଭିଯୁକ୍ତ ଅଜ୍ଞାତ ଥାଆନ୍ତି। ତଦନ୍ତପରେ ଅଭିଯୁକ୍ତ ଚିହ୍ନଟ ହେବାର ସମ୍ଭାବନା ରହିଛି। ମୁଖ୍ୟତଃ ଅର୍ଥ କ୍ଷେତ୍ରରେ ଠକାମି ଓ ସୋସିଆଲ ମିଡିଆ ଅପରାଧ ଭଳି ସାଇବର ଅପରାଧ ମାମଲାଗୁଡ଼ିକ ରାଜ୍ୟରେ ଘଟିଛି। ରାଜ୍ୟରେ ସିଆଇଡି ସାଇବର କ୍ରାଇମ ଥାନା, ବ୍ରହ୍ମପୁର ସାଇବର କ୍ରାଇମ ଥାନା, ସମ୍ବଲପୁର ସାଇବର କ୍ରାଇମ ଥାନା ଓ ରାଉରକେଲା ସାଇବର କ୍ରାଇମ ଥାନା ରହିଛି। ସିଆଇଡି ସାଇବର ଥାନାରେ ୫ଜଣ ଇନ୍ସପେକ୍ଟର, ୨ ଜଣ ଏଏସ୍ଆଇ ଓ ଜଣେ କନଷ୍ଟେବଳ ନିଯୁକ୍ତ ହୋଇଛନ୍ତି। ସେହିପରି ବ୍ରହ୍ମପୁର ସାଇବର ଥାନାରେ ଜଣେ ଇନ୍ସପେକ୍ଟର, ୨ ସବ୍‌ଇନ୍ସପେକ୍ଟର ଓ ୩ କନଷ୍ଟେବଳ, ସମ୍ବଲପୁର ସାଇବର ଥାନାରେ ଜଣେ ଲେଖାଏ ଇନ୍ସପେକ୍ଟର ଓ ସବଇନ୍ସପେକ୍ଟର, ୩ କନଷ୍ଟେବଳ ଏବଂ ରାଉରକେଲା ସାଇବର କ୍ରାଇମ ଥାନାରେ ୨ ଇନ୍ସପେକ୍ଟର, ଜଣେ ଏଏସ୍ଆଇ ଓ ୪ କନଷ୍ଟେବଳ ରହିଛନ୍ତି। ତେବେ ଏହିସବୁ ଥାନାରେ ମାତ୍ର ୧୧ ଜଣ ତଦନ୍ତକାରୀ ଅଧିକାରୀ ତାଲିମପ୍ରାପ୍ତ। ଏହାବାଦ୍ ରାଇଟ୍ ବ୍ଲକର, ଫରେନ୍‌ସିକ ଆନାଲିସିସ୍ ଟୁଲ କିଟ୍ ଓ ପାସୱାର୍ଡ ରେକୋଭରି, ସିଡିଆର ଆନାଲିସିସ ସଫ୍ଟୱେର(ଲୋ ଏଣ୍ଡ), ମୋବାଇଲ ଫରେନ୍‌ସିକ ସଫ୍ଟୱେର, ଅନଲାଇନ୍ ସୋସିଆଲ ମିଡିଆ ଆନାଲିସିସ୍ ଟୁଲ୍ ଆଦି ଉପକରଣ ଓ ପରୀକ୍ଷାଗାର ସୁବିଧା ରହିଛି। ଭୁବନେଶ୍ୱରଠାରେ ସାଇବର ଫରେନ୍‌ସିକ୍ ଲାବରେଟୋରୀ ସୁବିଧା ରହିଛି ବୋଲି ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି। ହେଲେ ପ୍ରାୟ ସାଢେ ୪ କୋଟି ଲୋକସଂଖ୍ୟା ବିଶିଷ୍ଟ ଓଡ଼ିଶାରେ ସାଇବର କ୍ରାଇମ ଦକ୍ଷତା ଥିବା କର୍ମଚାରୀ ସଂଖ୍ୟା, ଆଧୁନିକ ଭିତ୍ତିଭୂମି ଆଦି ନଗଣ୍ୟ ବୋଲି ମତପ୍ରକାଶ ପାଇଛି।

### କ୍ରାଇମ୍‌ବ୍ରାଞ୍ଚ ଏଡିଜିଙ୍କୁ...

ଠକଙ୍କ ଦ୍ୱାରା ପଠାଯାଇଥିବା ଉକ୍ତ ମେସେଜ୍‌ରେ ଆର୍ଥିକ ସହାୟତା ପାଇଁ ଲେଖାଯାଇଥିଲା। ହେଲେ ଉକ୍ତ ନମ୍ବର ଅଲଗା ଥିବାରୁ ତାହା ଠକେଇ ପାଇଁ ଉଦ୍ଦିଷ୍ଟ ଥିବା ପଣ୍ଡା ଜାଣିପାରିଥିଲେ। ପରେ ସେ ଯେତେବେଳେ ଉକ୍ତ ନମ୍ବରକୁ ଫୋନ କଲେ ଠକ କଲ୍ ଉଠାଇଲେ ନାହିଁ। ଏହାର କିଛି ସମୟ ପରେ ଠକ ଜଣକ ଗୋଟିଏ ବ୍ୟାଙ୍କ ଆକାଉଣ୍ଟ ନମ୍ବର ପଠାଇଥିଲେ। ପରେ ପଣ୍ଡା କୌଶଳକ୍ରମେ ଆଉ ଏକ ଆଉଣ୍ଟ ନମ୍ବର ମାଗିଥିଲେ। ଠକ ଜଣକ ୨ୟ ନମ୍ବର ମଧ୍ୟ ଦେଇଥିଲେ। ଏହା ପରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଉଭୟ ବ୍ୟାଙ୍କ ଆକାଉଣ୍ଟ ନମ୍ବରକୁ ସିଜ୍ କରାଯାଇଥିଲା। ପ୍ରଥମ ନମ୍ବରଟି ଗୁଜରାଟର ଏକ ବ୍ୟାଙ୍କର ହୋଇଥିବାବେଳେ ଦ୍ୱିତୀୟଟି ତ୍ରିପୁରାର ବୋଲି ଜଣାପଡ଼ିଛି। ଉକ୍ତ ଆକାଉଣ୍ଟଦ୍ୱୟରେ ହୋଇଥିବା କାରବାରର ବିବରଣୀ, ଏଟିଏମ୍ ପ୍ରତ୍ୟାହାର, ଫୋନ୍ ନମ୍ବର, ଇମେଲ୍ ମିଳିଛି। ଗତ ମାସରେ ଓକାକ୍ ସାଇବର ଠକେଇ ମାମଲାର ତଦନ୍ତରେ ଏହା ଆମକୁ ସହାୟକ ହେବ ବୋଲି ପଣ୍ଡା କହିଛନ୍ତି। ଏଥିସହ ସମସ୍ତ ପ୍ରକାର ଅନ୍‌ଲାଇନ କାରବାର ଏବଂ ଏଭଳି ଠକେଇ ପ୍ରତି ଜନସାଧାରଣ ସଚେତନ ହେବାକୁ ସେ କହିଛନ୍ତି।

### ପଞ୍ଚଭୂତରେ...

ମୁଖ୍ୟ ସଚେତକ ମୋହନ ମାଝି, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ସମେତ ବିଭିନ୍ନ ଦଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଅନ୍ତିମ ଦର୍ଶନ କରିଥିଲେ। ଏହାପରେ ଜାତୀୟ ପତାକାରେ ଘୋଡ଼ାଯାଇଥିବା ରାଣାଙ୍କ କଫିନ୍ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଜନ୍ମଭୂଇଁ ଅଭିମୁଖେ ବାହାରିଥିଲା। ରାଣାପ୍ରତାପଙ୍କୁ ଅନ୍ତିମ ବିଦାୟ ଜଣାଇବାକୁ ତାଳଚେରରୁ ପୈତୃକ ଗ୍ରାମ କୃଷ୍ଣଚନ୍ଦ୍ରପୁର ଯାଏ ଲୋକାରଣ୍ୟ ହୋଇଉଠିଥିଲା। ସକାଳୁ ହଜାର ହଜାର ଜନସାଧାରଣ ଅପେକ୍ଷା କରି ରହିଥିଲେ। ଶହୀଦଙ୍କ ମରଶରୀର ଅପରାହ୍ନ ପାଖାପାଖି ୪ଟାରେ ତାଳଚେରରେ ପହଞ୍ଚିଥିଲା। ତାଙ୍କ ସମ୍ମାନରେ ଏଫ୍‌ସିଆଇ ଛକ, ହାଣ୍ଡିଧୁଆ ଏବଂ ବାଇପାସ୍‌ରେ ବାଇକ୍‌ରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏକ ବିଶାଳ ପଟୁଆରରେ ଆମ୍ବୁଲାନ୍ସ ସନ୍ଧ୍ୟା ୫ଟାରେ ପୈତୃକ ବାସଭବନରେ ପହଞ୍ଚିବା ପରେ ସୃଷ୍ଟି ହୋଇଥିଲା ଶୋକାକୁଳ ପରିବେଶ। କାନ୍ଦବୋବାଳିରେ ସମଗ୍ର ଗାଁ ଫାଟିପଡ଼ିଥିଲା। ମା' ସୁଷମା ଦାସ, ବାପା ଶ୍ରୀବତ୍ସ ଦାସ, ସ୍ତ୍ରୀ ଶିବାଙ୍ଗୀ ସିଂ, ଦେଢ଼ବର୍ଷର ଶିଶୁ ସମ୍ରିତ୍ ଏବଂ ଅନ୍ୟ ସମ୍ପର୍କୀୟମାନେ ଶେଷଦର୍ଶନ କରିଥିଲେ। ସ୍ତ୍ରୀ ଶିବାଙ୍ଗୀ କଫିନ୍‌ରେ ଢଙ୍କାଯାଇଥିବା ତ୍ରିରଙ୍ଗା ପତାକା ଗ୍ରହଣ କରିଥିଲେ। ଏମ୍‌ସିଏଲ୍ ପକ୍ଷରୁ ଘରଠାରୁ ୨୦୦ ମିଟର ଦୂରରେ କରାଯାଇଥିବା ଅସ୍ଥାୟୀ ଶ୍ମଶାନକୁ ଏକ ବିଶାଳ ଶୋଭାଯାତ୍ରାରେ ଶହୀଦଙ୍କ ପାର୍ଥିବ ଶରୀର ଅଣାଯାଇଥିଲା। ସେଠାରେ ଓଡ଼ିଶା ପୋଲିସ ଏବଂ ବାୟୁସେନା ପକ୍ଷରୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ ସହ ତୋପସଲାମି ଦିଆଯିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରଫୁଲ୍ଲ ମଲ୍ଲିକ, ଏମ୍‌ପି ମହେଶ ସାହୁ, ଉପବାଚସ୍ପତି ରଜନୀକାନ୍ତ ସିଂ, ବିଧାୟକ ବ୍ରଜକିଶୋର ପ୍ରଧାନ, ସୁଶାନ୍ତ ବେହେରା, ମୁକେଶ ପାଲ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ଜଗମୋହନ ମିନା, ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀଙ୍କ ସମେତ ହଜାର ହଜାର ଲୋକ ଶେଷଦର୍ଶନ କରିଥିଲେ। ଅନୁଗୋଳ, ତାଳଚେର ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ସୂଚନାଯୋଗ୍ୟ, ଡିସେମ୍ବର ୮ରେ ତାମିଲନାଡୁର କୁନ୍ନୁରରେ ସେନାର ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସିଡିଏସ୍ ବିପିନ ରାୱତ, ତାଙ୍କ ସ୍ତ୍ରୀ ମଧୁଲିକା ରାୱତଙ୍କ ସମେତ ମୋଟ ୧୩ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଓଡ଼ିଶାର ରାଣାପ୍ରତାପ ଥିଲେ। ଗ୍ରୁପ୍ କ୍ୟାପ୍‌ଟେନ ବରୁଣ ସିଂ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

### ହାଇଦ୍ରାବାଦକୁ ଏୟାର...

ଭୁବନେଶ୍ୱର ବିମାନବନ୍ଦର ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର କରିଡରରେ ନିଆଯାଇ ହାଇଦ୍ରାବାଦକୁ ଏୟାର ଲିଫ୍ଟ କରାଯାଇଥିଲା। ପ୍ରକାଶ ଯେ, ଘସିପୁରା ନିର୍ବାଚନ ମଣ୍ଡଳୀରୁ ୧୯୯୦ରେ ବଦ୍ରୀ ପ୍ରଥମେ ନିର୍ବାଚିତ ହୋଇଥିଲେ। ୨୦୦୯ରୁ ସେ ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଛନ୍ତି। ନବୀନ ପଟ୍ଟନାୟକଙ୍କ ସରକାରରେ ସେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀଭାବେ କାର୍ଯ୍ୟ କରିଛନ୍ତି। ବଦ୍ରିଙ୍କ ଅସୁସ୍ଥତା ଖବର ଜଣାପଡ଼ିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଭିନ୍ନ ଦଳର ନେତା ଏବଂ ଘସିପୁରା ନିର୍ବାଚନ ମଣ୍ଡଳୀର ଅନେକ ଲୋକ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଫନୀ ପ୍ରଭାବିତଙ୍କୁ...

ଅଧ୍ୟୁଷିତ କେବିକେ ଅଞ୍ଚଳର ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ସେହି ହିତାଧିକାରୀ ପରିବାରଙ୍କୁ ପିଏମ୍‌ଏୱାଇ(ଜି)ରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୧୯ ମେ' ମାସରେ ହୋଇଥିବା ଫନୀ ପ୍ରଭାବିତ ପରିବାରଙ୍କୁ ୫ ଲକ୍ଷ ସ୍ୱତନ୍ତ୍ର ପକ୍କାଘର ଯୋଗାଇ ଦିଆଯାଇଥିଲା। ତେବେ ବାତ୍ୟାରେ ପ୍ରଭାବିତ ହୋଇଥିବା ୧.୮୪ ଲକ୍ଷ ପରିବାରଙ୍କ ଘର ଭାଙ୍ଗିଥିଲେ ମଧ୍ୟ ସେମାନଙ୍କୁ ପିଏମ୍‌ଏୱାଇରେ ସାମିଲ କରାଯାଇ ନାହିଁ।

ଏଥିସହ ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଓଡ଼ିଶାକୁ ୮.୧୭ ଲକ୍ଷ ଘର ଯୋଗାଇ ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି। ଫନୀ ପ୍ରଭାବିତ ହିତାଧିକାରୀ ଏବଂ ସର୍ଭେ ଅନୁଯାୟୀ ହିତାଧିକାରୀଙ୍କୁ ଆବଶ୍ୟକ ଘର ଯୋଗାଇ ଦେବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିବା ସହ ଗରିବ ଆଦିବାସୀଙ୍କ ପ୍ରତି କେନ୍ଦ୍ର ଶୀଘ୍ର ସାହାଯ୍ୟର ହାତ ବଢ଼ାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାବାଦୀ ଥିବା ଚିଠିରେ ଉଲ୍ଲେଖ କରିଛନ୍ତି।

### ସରକାରୀ ଜମି...

ସମ୍ପର୍କୀୟଙ୍କୁ ବଜାର ଦରଠାରୁ ଯଥେଷ୍ଟ କମ୍ ଦରରେ ବିକ୍ରି କରିଥିଲେ। ଏଥିପାଇଁ ବିଡିଏକୁ ୩୦,୨୭,୮୪୯ ଏବଂ ୭୧,୫୭,୦୫୫ ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ଭିଜିଲାନ୍ସ ସେଲ୍‌ର ଭୁବନେଶ୍ୱର ୟୁନିଟ ଉକ୍ତ ଅଫିସରମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ସଂସ୍ଥା ସେମାନଙ୍କ ବିରୋଧରେ ଅପରାଧ ଷଡ଼ଯନ୍ତ୍ର, କ୍ଷମତାର ଅପବ୍ୟବହାର କରି ଅପରାଧିକ ଅନିୟମିତତା କରିବା, ସମ୍ପର୍କୀୟଙ୍କୁ ଅହେତୁକ ଅନୁକମ୍ପା ଦେଖାଇବା ଏବଂ ସମ୍ପତ୍ତି ପାଇଥିବା ବ୍ୟକ୍ତିଙ୍କ ଠାରୁ ବେଆଇନ ଆର୍ଥିକ ଲାଭ ଉଠାଇବା ଅଭିଯୋଗରେ ଚାର୍ଜଶିଟ୍ ଦାଖଲ କରିଥିଲା। ଅଭିଯୁକ୍ତ ବିଭୂତି ଭୂଷଣ ରାୟ, ପର୍ଶୁରାମ ବିଶ୍ୱାଳ, ପ୍ରତିମା ମହାନ୍ତି, ରାଜେନ୍ଦ୍ର କୁମାର ସାମଲ ଏବଂ ପ୍ରକାଶ ଚନ୍ଦ୍ର ପାତ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସେମାନଙ୍କ ବିରୋଧରେ ଫୌଜଦାରୀ ମାମାଲା ଖାରଜ କରାଯିବା ପାଇଁ ଆବେଦନ କରିଥିଲେ। ସରକାରୀ ପ୍ଲଟ୍‌କୁ ବେଆଇନ ଭାବେ ପରିବାର ସଦସ୍ୟଙ୍କୁ ଆବଣ୍ଟନ କରିବାରେ ଅଭିଯୁକ୍ତ କୌଣସି ସହଅଭିଯୁକ୍ତ କିମ୍ବା ବିଡିଏ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କୌଣସି ଅଧିକାରୀଙ୍କ ଉପରେ ପ୍ରଭାବ ପକାଇଥିବାର ପ୍ରମାଣ ନାହିଁ ଦର୍ଶାଇ ହାଇକୋର୍ଟ ପ୍ରତିମା, ପ୍ରକାଶ ଏବଂ ରାଜେନ୍ଦ୍ରଙ୍କ ବିରୋଧରେ ଫୌଜଦାରୀ ମାମଲାକୁ ଖାରଜ କରିଦେଇଥିଲେ।

# ପାରିବାରିକ ବିବାଦରୁ ଏସିଡ୍ ମାଡ଼

- ୫ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର
- ପଡ଼ାରେ ଚାପା ଉତ୍ତେଜନା
- ପୋଲିସର ତଦନ୍ତ ଆରମ୍ଭ



ବରଗଡ଼ ଅଫିସ୍, ୧୧।୧୨

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୧ ନୂଆପଡ଼ାରେ ପାରିବାରିକ କଳହକୁ କେନ୍ଦ୍ର କରି ଏସିଡ୍ ମାଡ଼ ଯୋଗୁ ଶନିବାର ୫ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ହରିହର ଭୋଇ(୩୦), ମନୋଜ ସୋନି(୩୦), ପବନ ସୋନି(୩୫), ଗୀତା ଦେବୀ(୪୦) ଏବଂ ପିଙ୍କୁ ଶର୍ମା(୩୬)। ପବନଙ୍କ ସ୍ତ୍ରୀ ରଜାଦେବୀ ସୋନି ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଆହତଙ୍କୁ ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭୀମସାର୍ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ହରିହରଙ୍କ ସ୍ତ୍ରୀଙ୍କ ଏତଲା କ୍ରମେ ପୋଲିସ ଦଫା ୩୦୭, ୩୨୬ରେ ଏକ ମାମଲା (ନଂ.୫୮୬/୨୧) ରୁଜୁ କରି ତଦନ୍ତ କରୁଥିବା ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି।

ପୋଲିସ ସୂଚନା ଅନୁସାରେ, ମନୋଜ ଓ ପବନ ଦୁଇ ଭାଇ। ଗତ କିଛିଦିନ ତଳେ ବରଗଡ଼ ସ୍ଥିତ ବାସଭବନରେ ସେମାନଙ୍କ ବାପା ରାମଚନ୍ଦ୍ରଙ୍କ ଦେହାନ୍ତ ହୋଇଥିଲା। ପରିବାର ଲୋକେ ମୃତଦେହ ଧରି ବିହାର ରାଜ୍ୟର ପୈତୃକ ଗ୍ରାମକୁ ଯାଇଥିଲେ। ସେଠାରେ ଶୁଦ୍ଧିକ୍ରିୟା ସରିବା ପରେ ଗତ ୩ଦିନ ତଳେ ସେମାନେ ବରଗଡ଼ ନୂଆପଡ଼ା ସ୍ଥିତ ବାସଭବନକୁ ଫେରିଥିଲେ। ଏହାପରେ ବରଗଡ଼ରୁ ବିହାରକୁ ମୃତଦେହ ନେବା ପରିବହନ ଖର୍ଚ୍ଚକୁ ନେଇ ଶନିବାର ଦୁଇ ଭାଇଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ବିହାରକୁ ମୃତଦେହ ପରିବହନ ବାବଦ ୩୬ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଇ ମନୋଜ ପବନଙ୍କଠାରୁ ୧୮ହଜାର ଟଙ୍କା ଦାବି କରିଥିଲେ ଏବଂ ଏହାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ ପବନଙ୍କ ପାଖରେ କିଛି ଟଙ୍କା ନ ଥିବାରୁ ସେ ଦେଇ ପାରି ନ ଥିଲେ ଏବଂ ଏଥିରେ ଉତ୍ତ୍ୟକ୍ତ ହୋଇ ମନୋଜ ପବନ ଓ ତାଙ୍କ ସ୍ତ୍ରୀ ରଜାଦେବୀଙ୍କୁ ମାଡ଼ ମାରିବା ସହିତ ଘର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଏଥିରେ ପବନ ଉତ୍ତ୍ୟକ୍ତ ହୋଇ ମନୋଜଙ୍କ ଉପରକୁ ଏସିଡ୍ ଫିଙ୍ଗିଥିଲେ। ଫଳରେ ମନୋଜଙ୍କ ସହିତ ସେଠାରେ ଥିବା ପଡ଼ୋଶୀମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗ ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଘଟଣାର ଅଧିକ ତଦନ୍ତ କରୁଛି।

# ଯୁବପିଢ଼ିଙ୍କ ଆଶା ପୂରଣ ପାଇଁ କେନ୍ଦ୍ର ପ୍ରଚେଷ୍ଟାରତ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ଆଜିର ଯୁବପିଢ଼ି ଏକବିଂଶ ଶତାବ୍ଦୀରେ ରୋଜଗାର, ଆର୍ଥିକ ପ୍ରଗତି, ସମାନତା, ଦାରିଦ୍ର୍ୟରୁ ମୁକ୍ତି ଏବଂ ନିଜର ଆଶା ଓ ଆକାଂକ୍ଷାକୁ ପୂରଣ କରିବାକୁ ଚାହୁଁଛି। କେନ୍ଦ୍ର ସରକାର ଯୁବପିଢ଼ିଙ୍କ ଅପେକ୍ଷାକୁ ସାକାର କରିବା ପାଇଁ ଚେଷ୍ଟିତ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅଯୋଧ୍ୟାସ୍ଥିତ ଡା. ରାମମନୋହର ଲୋହିଆ ଅବଧ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଯୁବ ଉତ୍ଥାନ ସମ୍ମିଳନୀରେ ଧର୍ମେନ୍ଦ୍ର ଯୋଗଦେଇ ମ୍ୟାନେଜମେଣ୍ଟ, ଆଇନ, ଡାକ୍ତରୀ ବିଜ୍ଞାନ, ଯୁବ ଡାକ୍ତର, ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ତଥା ଯୁବ ଉଦ୍ୟୋଗୀମାନଙ୍କ ସହିତ ଆଲୋଚନା କରିଛନ୍ତି। ସେ କହିଛନ୍ତି, କୋଭିଡ୍ ସମୟରେ ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ହୋଇଥିବା କ୍ଷତିକୁ ପୂରଣ କରିବା ପାଇଁ ଆରମ୍ଭ ହୋଇଥିବା ଯୁବ ଉତ୍ଥାନ ଏକ ସଶକ୍ତ ମଞ୍ଚ ଭାବରେ ଉଭା ହୋଇଛି। ମାତୃଭାଷାକୁ ଉପେକ୍ଷା କରି କୌଣସି ଶକ୍ତିଶାଳୀ ରାଷ୍ଟ୍ର ମହାଶକ୍ତି ହୋଇପାରି ନାହିଁ। ଏକବିଂଶ ଶତାବ୍ଦୀରେ ଭାରତ ବିଶ୍ୱ ସହ ତାଳଦେଇ ଆଗକୁ ବଢୁଛି ଏବଂ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ସ୍ଥାନୀୟ ଭାଷାରେ ଶିକ୍ଷା ତଥା ଉଚ୍ଚ ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନକୁ ଗୁରୁତ୍ୱ ଦିଆଯାଇଛି।

# ବିନା ଧାଡ଼ିରେ ଶ୍ରଦ୍ଧାଳୁଙ୍କ ଶ୍ରୀମନ୍ଦିର ପ୍ରବେଶ

- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
- ମେଟାଲ ଡିଟେକ୍ଟର, କିଓସ୍କୋକୁ ଅଣଦେଖା



ପୁରୀ ଅଫିସ, ୧୧।୧୨

ଶ୍ରୀମନ୍ଦିର ଧାଡ଼ି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଥିବା ବେଳେ କେତେଜଣ ସେବାୟତ ଶ୍ରଦ୍ଧାଳୁଙ୍କୁ ବିନା ଧାଡ଼ିରେ ଶ୍ରୀମନ୍ଦିରରେ ପ୍ରବେଶ କରାଉଛନ୍ତି। ଏଭଳି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ୨୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏକ ସେବାୟତଙ୍କ ପଛେ ପଛେ ଧାଡ଼ିଠାରୁ କିଛି ଦୂରରେ ଶ୍ରୀମନ୍ଦିର ଭିତରେ ପ୍ରବେଶ କରୁଛନ୍ତି। ଏହି ଭିଡିଓ ଭାଇରାଲ ହେବା ପରେ ଅନ୍ୟ ଶ୍ରଦ୍ଧାଳୁ ଓ ପୁରୀ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଉକ୍ତ ଶ୍ରଦ୍ଧାଳୁଙ୍କ ପଞ୍ଜୀକରଣ ହୋଇଛି କି ନାହିଁ ଓ ସେମାନେ ବିନା ଧାଡ଼ିରେ କିଭଳି ଭାବେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିପାରୁଛନ୍ତି ତାହାକୁ ନେଇ ସହରବାସୀ ପ୍ରଶ୍ନ କରିଛନ୍ତି। କୋଭିଡ୍ ସଂକ୍ରମଣକୁ ରୋକିବା ପାଇଁ କିଓସ୍କୋ ବ୍ୟବସ୍ଥା ହୋଇଥିବା ବେଳେ ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କର ପଞ୍ଜୀକରଣ କରି ଧାଡ଼ିରେ ଦର୍ଶନ ପାଇଁ ଯାଉଛନ୍ତି। ମାତ୍ର ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଥିବା ଚିତ୍ର ସହରବାସୀଙ୍କ ଚିନ୍ତା ବଢ଼ାଇଛି।

ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା କହିଛନ୍ତି, ଯେଉଁଭଳି ଭାବେ ଗଳାବାଟ ଦେଇ ଶ୍ରଦ୍ଧାଳୁମାନେ ଯାଉଛନ୍ତି ତାହାକୁ ଦେଖିଲେ ଜଣାପଡୁଛି ଯେ ପଞ୍ଜୀକରଣ କରିନାହାନ୍ତି। ଅର୍ଥାତ୍ ଏମାନେ ସଂକ୍ରମଣର ବାହାକ ମଧ୍ୟ ହୋଇପାରିଥାଆନ୍ତି। ସୁରକ୍ଷା ଦୃଷ୍ଟିକୋଣରୁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଶ୍ରୀମନ୍ଦିର ପୋଲିସ, ସ୍ୱେଚ୍ଛାସେବୀ ଓ ଓଡ଼ିଶା ପୋଲିସର କର୍ମଚାରୀମାନେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଉପସ୍ଥିତ ଥିବାବେଳେ ଯେଉଁଭଳି ଭାବେ ଯାତ୍ରୀମାନଙ୍କୁ ବିନା ପଞ୍ଜୀକରଣରେ ଛଡ଼ାଯାଉଛି ତାହା ଚିନ୍ତାଜନକ ଅଟେ। ଶ୍ରୀମନ୍ଦିର ପ୍ରଶାସନ ଏଭଳି ଗଳା ବାଟକୁ ବନ୍ଦ କରିବା ସହ ସେବାୟତମାନଙ୍କୁ ଏନେଇ ଚେତାବନୀ ଦେବା ଦରକାର ବୋଲି ସ୍ୱାଧୀନ କହିଛନ୍ତି। ଶ୍ରୀମନ୍ଦିର ସୁରକ୍ଷା କରିଡ଼ର ଶ୍ରୀମନ୍ଦିରର ସୁରକ୍ଷା ପାଇଁ ନିର୍ମାଣ କରାଯାଉଥିବା ଜିଲା ପ୍ରଶାସନ ଡିଣ୍ଡିମ ପିଟୁଥିବା ବେଳେ ଗଳାବାଟ ଦେଇ ବିନା ଯାଞ୍ଚରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଛଡ଼ାଯାଉଛି। ଫଳରେ ବିନା କିଓସ୍କୋ ଓ ମେଟାଲ ଡିଟେକ୍ଟର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପ୍ରବେଶ କରୁଛନ୍ତି। ଏହା କେତେ ବିପଦପୂର୍ଣ୍ଣ ହୋଇପାରେ ତାହା ପ୍ରଶାସନ ଅନୁଭବ କରିବା ଦରକାର। ଏଣୁ ଠିକ ଭାବେ ସୁରକ୍ଷା ବ୍ୟବସ୍ଥାକୁ ଲାଗୁ କରିବା ଦିଗରେ ପ୍ରଶାସନ ସଚେତନ ହେବା ଦରକାର। ଫଳରେ ଆଗାମୀ ଦିନରେ ଅଘଟଣକୁ ଏଡ଼ାଇ ହେବ ବୋଲି ଦେଖଣାହାରୀ ପ୍ରଶାନ୍ତ ନାୟକ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଏଭଳି ଘଟଣା ସମ୍ପର୍କରେ ସୂଚନା ନ ଥିଲା। କେବଳ ଭିଆଇପିଙ୍କୁ ଧାଡ଼ି ବାହାରେ ଦର୍ଶନ ପାଇଁ ନିଆଯାଇଥାଏ। ଯଦି ସାଧାରଣ ଲୋକଙ୍କ କ୍ଷେତ୍ରରେ ଏଭଳି ହୋଇଛି ତେବେ ଏ ନେଇ କାର୍ଯ୍ୟାନୁଷ୍ଠାନ ଓ ତୁରନ୍ତ ପଦକ୍ଷେପ ନିଆଯିବ।

# ଈ-ରିଡିଂ



ଡିଜିଟାଲ ମାଧ୍ୟମ ଏହି କରୋନା ମହାମାରୀ ସମୟରେ ବିଜ୍ଞାନର ଅଗ୍ରଗତିର ଏକ ବରଦାନ। ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ସମୟରେ ସ୍କୁଲ, କଲେଜ ଆଦି ସମସ୍ତ ଶିକ୍ଷା ବ୍ୟବସ୍ଥା ଏବଂ ଅଫିସ୍ ଡିଜିଟାଲ ମାଧ୍ୟମ ସହାୟତାରେ ଚାଲିଥିଲା। ଏବେ ବି ଅନେକ ପାଠ୍ୟକ୍ରମ ଡିଜିଟାଲ ମାଧ୍ୟମରେ ଚାଲିଛି; ଯାହାଫଳରେ ପଢ଼ିବା ଲାଗି ପୁସ୍ତକ ପରିବର୍ତ୍ତେ ଇ- ରିଡିଂ ଉପରେ ନିର୍ଭର କରିବାକୁ ପଡୁଛି। ହେଲେ ଏଥିରେ ପଢ଼ିବା ବେଳେ ଅନେକ ଡିଷ୍ଟ୍ରାକ୍ସନ ରହିଥାଏ। ତେଣୁ ଏହାକୁ ବ୍ୟବହାର କରିବା ବେଳେ କେତେକ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ...

▶ଆମେମାନେ କଥାକହିବା ଅନ୍ୟମାନଙ୍କଠାରୁ ଶୁଣି ଶିଖୁ, ଯାହା କି ଏକ ସ୍ୱୟଂକ୍ରିୟ ପ୍ରକ୍ରିୟା। କିନ୍ତୁ ପଢ଼ିବା ପାଇଁ ଆମକୁ ପ୍ରୟାସ କରିବାକୁ ପଡ଼ିଥାଏ। ତେଣୁ ପ୍ରଥମେ ବର୍ଣ୍ଣମାଳା ଶିଖିବାକୁ ପଡ଼େ ଏବଂ ଶବ୍ଦର ବୋଦ୍ଧ ଜ୍ଞାନ ଆସିଲେ ଆମେ ପଢ଼ିବା ଶିଖୁ। ବୈଜ୍ଞାନିକମାନେ ଏକ ଗବେଷଣାରୁ ଜାଣିଲେ ଯେ, ବହିକୁ ଧୀରେ ଧୀରେ ପଢ଼ିବାକୁ ହେଉଥିବାରୁ ମନେ ରହିବା ସହଜ ହୋଇଥାଏ। ହେଲେ ଇ- ବୁକ୍‌ରେ ପାଠକ ସମସ୍ତ ଜ୍ଞାନକୁ ଗ୍ରହଣ ନ କରି ଶୀଘ୍ର ପଢ଼ନ୍ତି। ଫଳସ୍ୱରୂପ ଏହା ପାଠକକୁ ବୁଝିବାରେ ସହାୟତା କରି ନ ଥାଏ। ପାଠକ ବେଳେବେଳେ ଫ୍ଲୋ ହରାନ୍ତି ଏବଂ ପାଠର ଲିଙ୍କ୍ ମନେପକାଇବା ସେମାନଙ୍କ ପାଇଁ କଷ୍ଟକର ହୋଇଯାଏ।

▶ଇ- ରିଡିଂ ଦ୍ୱାରା ବହି ତୁଳନାରେ ରାପିଡ୍ ଆଇ ମୁଭ୍‌ମେଣ୍ଟ ସମୟ ଖୁବ୍ କମିଯାଇଥାଏ; ଯାହାଦ୍ୱାରା ସ୍ମୃତି ସଂରକ୍ଷଣ କ୍ଷମତା ହ୍ରାସ ପାଇଥାଏ।

▶ଅନଲାଇନ୍ ପଢ଼ିବାରେ ସବୁଠାରୁ ବଡ଼ ସମସ୍ୟା ହେଉଛି ମନର ବିଭ୍ରାନ୍ତି। ଉଦାହରଣ ସ୍ୱରୂପ ପଢ଼ିବା ବେଳେ କୌଣସି ଇମେଲ୍ କିମ୍ବା ଅନ୍ୟାନ୍ୟ ସୋସିଆଲ୍ ସାଇଟ୍‌ର ନୋଟିଫିକେଶନ୍ ଆସିବା ଦ୍ୱାରା ବାରମ୍ବାର ପପ୍-ଅପ୍ ହୋଇଥାଏ; ଯାହା ଫଳରେ ଆପଣଙ୍କ ପଢ଼ିବାରେ ଧ୍ୟାନ ଦେବା କଷ୍ଟ ହୋଇଥାଏ। ତେଣୁ ପଢ଼ିବା ସମୟରେ ନୋଟିଫିକେଶନ୍ ଅଫ୍ ରଖନ୍ତୁ।

▶ଯଦି ଆପଣ ୫୦୦ରୁ ଅଧିକ ଶବ୍ଦର ଏକ ପାରାଗ୍ରାଫ୍ ପଢୁଛନ୍ତି, ତେବେ ଏହାକୁ ପ୍ରିଣ୍ଟ ବାହାର କରି ପଢ଼ିବା ଭଲ। ଯଦି ପ୍ରିଣ୍ଟ ନ କରିପାରୁଛନ୍ତି ତେବେ ଧୀରେ ଧୀରେ ପଢ଼ନ୍ତୁ ଏବଂ ବୁଝିବାପରେ ଆଗକୁ ପଢ଼ିବା ଲାଗି ସ୍କ୍ରୋଲ୍ କରନ୍ତୁ।

▶ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରନ୍ତୁ; ଯାହାଦ୍ୱାରା ଆପଣଙ୍କୁ ବୁଝିବା ସହ ମନେ ରଖିବାରେ ସହଜ ହେବ।

▶କିଛି ଇ-ବୁକ୍‌ରେ ଆପଣଙ୍କୁ ଦରକାରୀ ପାରାଗ୍ରାଫ୍ ହାଇଲାଇଟ୍ କରିବାର ବ୍ୟବସ୍ଥା ଥାଏ, ତାହା ବ୍ୟବହାର କରନ୍ତୁ ଏବଂ ଡିଜିଟାଲ୍ ପଢ଼ିବା ବେଳେ ଏକ ନୋଟ୍ସ ପ୍ରସ୍ତୁତ କରନ୍ତୁ।

▶ପ୍ରିଣ୍ଟ୍ ଏବଂ ଡିଜିଟାଲ୍ ପ୍ରତ୍ୟେକର ନିଜସ୍ୱ ସୁବିଧା ଅଛି। ଉଭୟକୁ ଠିକ୍ ଭାବରେ ଉପଯୋଗ କରିପାରିଲେ ଏହାର ଭରପୂର ଫାଇଦା ପାଇପାରିବେ।

**– ଡ. ସ୍ମିତା ପଣ୍ଡା**
କଲ୍ୟାଣୀ, ପଶ୍ଚିମବଙ୍ଗ

ଇ-ରିଡିଂ ବ୍ୟବସ୍ଥା ଏବେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ପ୍ରତିଟି ପଢ଼ାପ୍ରେମୀଙ୍କ ପାଇଁ ହାତପାଆନ୍ତାରେ ଆଣିଦେଇଛି ସମସ୍ତ ବହି ପଢ଼ିବାର ସୁଯୋଗ; ଯାହାଦ୍ୱାରା ନା ଅଛି ଏଣେ ତେଣେ ବୁଲି ବହି କିଣିବାର ଟେନ୍‌ଶନ୍ ନା ଅଧିକ ଟଙ୍କା ଯୋଗୁ ନ କିଣିପାରିବାକୁ ନେଇ ମନକଷ୍ଟ। ଏମିତି କି ଏହା ଯୋଗୁ ଘରେ ଆଉ ଜମିରହୁନି ବହୁ ସଂଖ୍ୟାରେ ବହି, ବରଂ ଅଳ୍ପ ଖର୍ଚ୍ଚରେ କେବଳ ଗୋଟିଏ ଗ୍ୟାଜେଟ୍ ଭିତରେ ହିଁ ମିଳିଯାଉଛି ଅସଂଖ୍ୟ ବହିର କଲେକ୍ସନ। ତେବେ ଏହି ଇ-ରିଡିଂ ଯେତିକି ସୁବିଧା ଜନକ ଏହାକୁ ବ୍ୟବହାର କରିବା ବେଳେ ସାମାନ୍ୟ ଅସାବଧାନତା ବି ସାଜିପାରେ ବିଭିନ୍ନ ସମସ୍ୟାର କାରଣ...



## ମନେରଖନ୍ତୁ

➔ଅଧିକ ସମୟ ଇ- ରିଡିଂ କରିବା ଦ୍ୱାରା ପ୍ରଭାବ ଚକ୍ଷୁ ଉପରେ ପଡ଼ିଥାଏ। ଫଳରେ ଆଖି ଉପରେ ଚାପ ଲାଗିବା ସହ କ୍ଲାନ୍ତ ଲାଗିବା, ମୁଣ୍ଡ ବିନ୍ଧା ହେବା, ଝାପ୍‌ସା ଦେଖାଯିବା, ଆଖି ଶୁଖିଲା ହୋଇଯିବା ବା ଡ୍ରାଏ ଆଇଜ୍, ଡିପ୍ଲୋପିଆ ବା ଡବଲ୍ ଭିଜନ୍ (ଏକା ଥରକେ ଆଖି ଆଗରେ ଦୁଇଟି ଚିତ୍ର ଦେଖାଯିବା), ଆଖିକୁ ଆରାମ ନ ଲାଗିବା ବା କଷ୍ଟ ହୋଇ ପାଣି ବାହାରିବା ଭଳି ବିଭିନ୍ନ ସମସ୍ୟା ଦେଖା ଦେଇଥାଏ। ତେଣୁ ଏପରି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚକ୍ଷୁ ପରୀକ୍ଷା କରାଇବା ଆବଶ୍ୟକ।

➔ପଢ଼ିବା ଲାଗି ବହି ବଦଳରେ ମୋବାଇଲ୍, ଟ୍ୟାବ୍‌ଲଏଡ୍, ଲାପ୍‌ଟପ୍, କମ୍ପ୍ୟୁଟର ଆଦି ଗ୍ୟାଜେଟ୍ ବ୍ୟବହାର କରୁଥିଲେ ଘରେ ଉପଯୁକ୍ତ ଲାଇଟ୍ ବ୍ୟବସ୍ଥା ରଖନ୍ତୁ। ସିଧାସଳଖ ସୂର୍ଯ୍ୟକିରଣରେ ଇ- ରିଡିଂ କରନ୍ତୁ ନାହିଁ। ସ୍କ୍ରିନ୍‌ଠାରୁ ଚକ୍ଷୁର ଦୂରତା ଫୋନରେ ୩୦ ସେ.ମି. ଓ କମ୍ପ୍ୟୁଟରରେ ୫୦-୧୦୦ ସେ.ମି. ରଖିବା ଆବଶ୍ୟକ।

➔ ଅଧିକ ସମୟ ଡିଜିଟାଲ୍ ଗ୍ୟାଜେଟ୍‌ରେ ପଢୁଥିଲେ ଅଳ୍ପ ସମୟ ବ୍ୟବଧାନରେ ଆଖିପତା ପକାନ୍ତୁ। ଆଖିକୁ ଓଦା କରିବା ପାଇଁ ଲୁବ୍ରିକେଟିଙ୍ଗ୍ ଡ୍ରପ୍ ବା ମଲମ ମଧ ଚକ୍ଷୁବିଶେଷଜ୍ଞଙ୍କ ପରାମର୍ଶ ନେଇ ପକାଇପାରିବେ । ମଝିରେ ମଝିରେ ଅର୍ଥାତ୍ ଅଧଘଣ୍ଟାରେ ଥରେ କିଛି ସମୟ ପାଇଁ ଆଖି ବନ୍ଦ କରନ୍ତୁ ନଚେତ୍ ଦୂର ସ୍ଥାନକୁ ଦେଖନ୍ତୁ।

➔ଇ- ରିଡିଂ ସମୟରେ ସିଟିଂ ପୋଜିସନ୍ ଠିକ୍ ରଖନ୍ତୁ। ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ପଢ଼ିବା ଦ୍ୱାରା ବେକ, ଅଣ୍ଟା ଆଦିରେ ଚାପ ପଡ଼ିବା ସହ ଯନ୍ତ୍ରଣା ହେବା ସହିତ ସ୍ପଣ୍ଡିଲାଇଟ୍ସ ଭଳି ସମସ୍ୟା ଉପୁଜିବାର ଆଶଙ୍କା ମଧ୍ୟ ରହିଛି।

➔ରାତିରେ ଇ- ରିଡିଂ ଅଧିକ ସମୟ ନ କରି ଆଖିକୁ ଏବଂ ମସ୍ତିଷ୍କକୁ ଦୀର୍ଘ ସମୟ ବିଶ୍ରାମ(ଶୋଇବା) ଦିଅନ୍ତୁ।



## କ'ଣ କୁହନ୍ତି ଏମାନେ...

**ମୋ ପ୍ରିୟ ପଢ଼ା ସାଥୀ ପାଲଟିଛି**

**ପ୍ରଦୀପ କୁମାର ଶ୍ରୀଚନ୍ଦନ**(ଛାତ୍ର, ଟାଙ୍ଗୀ, ଖୋର୍ଦ୍ଧା): ଇ-ରିଡିଂ ମୋ ପାଇଁ ଏକ ବରଦାନ ସଦୃଶ। କାରଣ ଅଧିକ ଦାମ୍ ପାଇଁ କିଣି ନ ହେଉଥିବା ଅବା ସହଜରେ ମିଳୁ ନ ଥିବା ବହି ଗୁଡ଼ିକ ଏବେ ଅନ୍‌ଲାଇନ୍‌ରେ ପଢ଼ିପାରୁଛି। ସ୍ୱଳ୍ପ ମୂଲ୍ୟରେ ଅନେକ ବହି ଲାପ୍‌ଟପ୍‌ରେ ଡାଉନ୍‌ଲୋଡ୍ କରି ରଖିପାରୁଛି। ଚାକିରି ପାଇଁ ମଧ ନିଜକୁ ଏବେଠାରୁ ପ୍ରସ୍ତୁତି କରୁଥିବାରୁ ଏହା ମୋତେ ବହୁତ ସାହାଯ୍ୟ କରୁଛି। ଖୁବ୍ କମ୍ ସମୟରେ ଅଧିକ ଜ୍ଞାନ ଏହା ମାଧ୍ୟମରେ ଆହରଣ କରିପାରୁଥିବାରୁ , ଏହା ଏବେ ମୋ ପ୍ରିୟ ସାଥୀ ପାଲଟିଯାଇଛି।



ପ୍ରଦୀପ

**ତଥ୍ୟ ସଂଗ୍ରହ ସହଜ ହେଉଛି**

**ମଧୁସ୍ମିତା ତ୍ରିପାଠୀ**(ବ୍ୟାଙ୍କ କର୍ମଚାରୀ, ନୟାଗଡ଼)- ଏବେ ବ୍ୟାଙ୍କରେ କାର୍ଯ୍ୟରତ। ତେଣୁ ଆବଶ୍ୟକ ସମୟରେ ଦରକାର ପଡୁଥିବା ସମସ୍ତ ତଥ୍ୟକୁ ଅନ୍‌ଲାଇନ୍ ମାଧ୍ୟମରେ ହିଁ ସର୍ଚ୍ଚ କରେ। ବ୍ୟାଙ୍କରେ ଥିବା ସମୟରେ ହେଉ ଅବା ଘରେ ପ୍ରତ୍ୟେକଟି ତଥ୍ୟ ପାଇବାରେ ଅନ୍‌ଲାଇନ୍ ମାଧ୍ୟମର ସାହାଯ୍ୟ ନିଏ। ନୂଆ ନୂଆ ସ୍କିମ୍ ବିଷୟରେ ସବୁ କିଛି ସେଇ ଇ-ରିଡିଂ ଦ୍ୱାରା ହିଁ ଜାଣି ପାରୁଛି। ବ୍ୟାଙ୍କକୁ ଆସୁଥିବା ଲୋକମାନଙ୍କର ମଧ ଅନେକ ସମୟରେ ନୂଆ ନୂଆ ଅସୁବିଧା ବାହାରୁଛି, ତାକୁ ବି ସମାଧାନ କରିବା ପାଇଁ ଏହି ମାଧ୍ୟମକୁ ଆପଣାଉଛି।



ମଧୁସ୍ମିତା

**ଜ୍ଞାନର ପରିସର ବୃଦ୍ଧି ହେଉଛି**

**ପ୍ରଦୀପକୁମାରଦାସ**(ଓଆଇଏସ୍ଏଫ୍,ସମ୍ବଲପୁର)- ଆଜିକାଲି ସବୁ ଅନ୍‌ଲାଇନ୍ ମାଧ୍ୟମରେ ଉପଲବ୍ଧ ହୋଇ ପାରୁଥିବାରୁ, ଏହାର ଫାଇଦା ଉଠାଇ ସବୁକୁ ସହଜରେ ପାଇପାରୁଛି। ପୂର୍ବରୁ ଖବରକାଗଜ କିଣିବା ପାଇଁ ବଜାର ଯିବାକୁ ପଡୁଥିଲା। ହେଲେ, ଏବେ ଅଫିସ୍‌ରେ ରହି ଫ୍ରି ଟାଇମ୍‌ରେ ନିଜ ଫୋନ୍‌ରୁ ଆରାମରେ ପଢ଼ିପାରୁଛି। ନୂଆ ତଥା ଭିନ୍ନ ପ୍ରକାରର କବିତା, ଗପ, ସାଧାରଣ ଜ୍ଞାନ, ମାଗାଜିନ୍, କରେଣ୍ଟ ଇସୁ ଆଦି ଉପରେ ଜାଣିବାକୁ ମନରେ ଆଗ୍ରହ ଥିବାରୁ ସେଗୁଡ଼ିକୁ ମଧ ଇ-ରିଡିଂ କରି ଜାଣିପାରୁଛି। ବାସ୍ତବରେ, ଏହାଦ୍ୱାରା ଜ୍ଞାନର ପରିସର ବୃଦ୍ଧି ହେଉଛି।



ପ୍ରଦୀପ

## ଏ ସପ୍ତାହର ପ୍ରଶ୍ନ

୧- ଚଳିତବର୍ଷ ଇଣ୍ଟରନ୍ୟାଶନାଲ୍ ଭଲ୍ୟୁଣ୍ଟିଅର ଡେ' ଥିମ୍........ ?
୨- ଭାରତର ପ୍ରଥମ ୟୁରାନିୟମ ଖଣି ........... ଠାରେ ପ୍ରତିଷ୍ଠା କରାଯାଇଛି ?
୩- ଡିଏସ୍ଏଲ୍ଆର୍‌ର ଫୁଲ୍‌ଫର୍ମ .............. ?
୪- ୱାର୍ଲ୍ଡ ନିମୋନିଆ ଡେ' ........... ତାରିଖରେ ପାଳନ କରାଯାଏ ?
୫- ଆଇଏୟୁର ଫୁଲ୍‌ଫର୍ମ................ ?

## ଗତ ଥରର ଉତ୍ତର

୧ ଡ. ବି.ଆର୍. ଆମ୍ବେଡକର
୨ ଇଂଲଣ୍ଡ
୩ ଭାରତ- ଜାପାନ
୪ ସ୍ୱିଡେନ୍
୫ ଡେରାଡୁନ୍, ଉତ୍ତରାଖଣ୍ଡ

## ଉତ୍ତରଦାତା



ଶୁଭାଶିଷ ବାରିକ, ବଲାଙ୍ଗୀର



ଶେଖ୍ ୟାକୁବ୍, ପୁରୀ



ଅନୁଭବ ଗଡୁଆ, ବଲାଙ୍ଗୀର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ବଡ଼ ଫୁଲ

୧- ରାଫ୍ଲେସିଆ ଆର୍ନୋଲ୍ଡି
୨- ଟାଇଟନ୍ ଅରମ୍
୩- ତାଲିପଟ୍ ପାମ୍
୪- ନେପ୍‌ଟ୍ୟୁନ୍ ଗ୍ରାସ୍
୫- ପୁୟା ରେମୋଣ୍ଡି
୬- ସନ୍‌ଫ୍ଲାୱାର୍
୭- ଟ୍ରି ପିଓନ
୮- ହିବିସ୍କସ୍
୯- ମଙ୍ଗୋଲିଆ
୧୦- ଲୋଟସ୍



ୟୁଥ୍ ଆଲର୍ଟ

## ସାନିଟାଇଜର ବ୍ୟବହାର କରୁଥିଲେ

ପରିଷ୍କାର ପରିଚ୍ଛନ୍ନ ରହିବା ଏକ ସୁସ୍ଥ ଜୀବନର ମୂଳ କଥା। ବିଶେଷକରି ଖାଦ୍ୟ ଗ୍ରହଣ କରିବା ପୂର୍ବରୁ ହାତ ସଫା କରିବା ନିହାତି ଆବଶ୍ୟକ। ବର୍ତ୍ତମାନ କରୋନା ମହାମାରୀ ଆସିବା ପରଠୁ ସମସ୍ତେ ଏଥିପ୍ରତି ବିଶେଷ ସଜାଗ ରହୁଛନ୍ତି। ହେଲେ ସଂକ୍ରମଣ ଭୟରେ ବାରମ୍ବାର ହ୍ୟାଣ୍ଡୱାଶ୍ କିମ୍ବା ସାନିଟାଇଜର୍ ବ୍ୟବହାର କରିବା ଦ୍ୱାରା ବିଭିନ୍ନ ତ୍ୱଚାଜନିତ ସମସ୍ୟା ଦେଖିବାକୁ ମିଳୁଛି। ଏମିତିରେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେଲେ ଜୀବାଣୁମୁକ୍ତ ରହିବା ସହ ତ୍ୱଚା ମଧ କୋମଳ ରହିବ ଜାଣି ରଖନ୍ତୁ ...



➤ହାତକୁ ବାରମ୍ବାର ଧୋଇବା କିମ୍ବା ଅଧିକ ସାନିଟାଇଜର ଲଗାଇବା ଦ୍ୱାରା ଚର୍ମ ଡ୍ରାଏ ହୋଇଯାଏ। କେବଳ ଏତିକି ନୁହେଁ, କେତେକ ସାନିଟାଇଜରରେ ମିଶୁଥିବା କେମିକାଲ୍ସ, ଆର୍ଟିଫିସିଆଲ୍ ଫ୍ରାଗ୍ରାନ୍ସ, କଲର ଆଦି ହାତର ଚର୍ମକୁ ଡ୍ରାଏ କରିଦିଏ। ଫଳସ୍ୱରୂପ ହାତର ତ୍ୱଚା ଶୁଖି ଜାକି ହୋଇଯିବା ଭଳି ଦେଖାଯାଏ। ଏଭଳି ସମସ୍ୟା ଉପୁଜୁଥିଲେ ମଶ୍ଚରାଇଜର୍‌ଯୁକ୍ତ ସାବୁନ ବା ହାଣ୍ଡ ୱାଶ୍ ବ୍ୟବହାର କରନ୍ତୁ। ହାତ ଧୋଇବା ପରେ ଏହାକୁ ପୋଛି ଭେସ୍‌ଲିନ କିମ୍ବା ମଶ୍ଚରାଇଜର୍ ଆଦି ଲଗାନ୍ତୁ। ଏଥିପାଇଁ ହ୍ୟାଣ୍ଡ କ୍ରିମ୍ ମଧ ବେଶ୍ ଉପଯୋଗୀ।

➤ହାତର ଡ୍ରାଏନେସ୍ ଦୂର କରି ହାତକୁ ନରମ ଏବଂ ମୁଲାୟମ ରଖିବା ଲାଗି ଅଳ୍ପ ନଡ଼ିଆ ତେଲ ନେଇ ଦୁଇ ପାପୁଲିରେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ। ଏହା ଏକ ପ୍ରାକୃତିକ ମଶ୍ଚରାଇଜର ଭାବେ କାର୍ଯ୍ୟ କରିଥାଏ।

➤ଯଦି ଏସବୁ ବ୍ୟବହାର ଦ୍ୱାରା ମଧ କୌଣସି ଲାଭ ହେଉ ନାହିଁ ଏବଂ ହାତ ଡ୍ରାଏ ହୋଇ କୌଣସି ଦାଗ ବା ପ୍ୟାଚେସ୍ ଦେଖାଯାଉଛି ତେବେ ତାହା ଏଗ୍‌ଜିମା ଭଳି ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ଅବହେଳା ନ କରି ତୁରନ୍ତ କୌଣସି ସ୍କିନ୍ ଡାକ୍ତରଙ୍କ ପରାମର୍ଶ ନେଇ ଏହାର ଚିକିତ୍ସା କରାଇ ନିଅନ୍ତୁ।

➤ଶୀତଦିନେ ସ୍କିନ୍ ଡ୍ରାଏ ହେବା ଏକ ସାଧାରଣ ସମସ୍ୟା। ଏମିତିରେ ବାରମ୍ବାର ହ୍ୟାଣ୍ଡ ୱାଶ୍ କରିବା କିମ୍ବା ସାନିଟାଇଜର୍ ବ୍ୟବହାର କରିବା ଦ୍ୱାରା ଏହି ସମସ୍ୟା ଅଧିକ ହୋଇପାରେ। ତେଣୁ ଏପରି ନ ହେବା ଲାଗି ସୁରକ୍ଷା ଦୃଷ୍ଟିରୁ ବିକଳ୍ପ ଭାବେ ଆପଣ ଗ୍ଲୋବ୍ସ ବ୍ୟବହାର କରିପାରିବେ।



ୟୁଥ୍ ଫ୍ୟାଶନ

## ଅଜବ ଶୁ

ନିଜକୁ ଷ୍ଟାଇଲିସ୍ ତଥା ଗ୍ଲାମର୍ସ ଲୁକ୍ ଦେବାକୁ କିଏ ବା ନ ଚାହେଁ! ଆଉ ଏଥିପାଇଁ ଆଜିର ଯୁବପିଢ଼ି ପିନ୍ଧୁଥିବା ଡ୍ରେସ୍ ସହିତ ମ୍ୟାଚିଙ୍ଗ୍ କରି ଭଳିକି ଭଳି ଡିଜାନ୍‌ର ଶୁ (ଜୋତା) ପିନ୍ଧୁଥିବାର ଦେଖିବାକୁ ମିଳୁଛି। ଏମିତି କି କେବଳ ଷ୍ଟାଇଲିଶ୍ ଲୁକ୍ ପାଇଁ ନୁହେଁ, ବରଂ ଅନ୍ୟଠୁ ଡିଫରେଣ୍ଟ ଦିଶିବା ଆଳରେ ଅନେକେ ଅଜବ ଡିଜାଇନ୍‌ର ଶୁ ପିନ୍ଧୁଥିବାକୁ ବି ପଛାଉ ନାହାନ୍ତି। ଜାଣନ୍ତୁ ଏଭଳି କିଛି ଅଜବ ଡିଜାଇନ୍‌ର ଶୁ ବିଷୟରେ...



**ବାନାନା ଶୁ-** ଏହାର ନାଁ ଯେମିତି, ଏହା ଦେଖିବାକୁ ବି ଠିକ୍ ସେମିତି। ବାନାନା ଷ୍ଟାଇଲ୍‌ର ଏହି ଶୁ'କୁ ଆପଣ ସବୁ ସମୟରେ ପିନ୍ଧିପାରିବେ। ଏହା ବହୁତ ଇଫେକ୍ଟିଭ୍ ଏବଂ ଲଙ୍ଗ୍ ଲାଷ୍ଟିଙ୍ଗ୍ ମଧ। ଏହା ଦେଖିବାକୁ ଯେତିକି ଆଟ୍ରାକ୍ଟିଭ୍ ପିନ୍ଧିବାକୁ ମଧ ସେତିକି କମ୍ଫର୍ଟେବୁଲ୍।

**ବାସ୍କେଟ୍ ଶୁ-** ଏହି ଶୁ ଦେଖିବାକୁ ପୂରା ବାସ୍କେଟ୍ ପରି। ଏହାର ଗୋଟିଏ ଏଣ୍ଟ୍ରାନ୍ସ ଗେଟ୍ ଏବଂ ଛୋଟ ଛୋଟ ...କା ରହିଛି। ଏହି ବାସ୍କେଟ୍‌ରେ ...ପଣ ଚାହିଁଲେ ଆପଣଙ୍କ ପେଟ୍‌କୁ ମଧ ରଖିପାରିବେ। ଯଦି ଆପଣଙ୍କ ଉଚ୍ଚତା କମ୍ ତେବେ ଏହାକୁ ପିନ୍ଧିଲେ ଆପଣ ଡେଙ୍ଗା ଦେଖାଯିବେ। ଏଥିରେ ଲକ୍ ସିଷ୍ଟମ ମଧ ରହିଛି। ଜିନ୍ସ ସହ ଏହାକୁ ଆପଣ ପାର୍ଟି, ଫଙ୍କ୍‌ସନ୍‌କୁ ପିନ୍ଧି ଯାଇପାରିବେ।

**ଆକ୍ୱାରିୟମ୍ ଶୁ-** ଘରକୁ ସୁନ୍ଦର କରିବା ପାଇଁ ଆମେ ଯେମିତି ଆକ୍ୱାରିୟମ୍ ରଖୁ, ଠିକ୍ ସେମିତି ଶୁ'ରେ ମଧ ଆମେ ଆକ୍ୱାରିୟମ୍ ଲଗାଇପାରିବା। ଆପଣ ଚାହିଁଲେ ଶୁ ଆକ୍ୱାରିୟମ୍‌ରେ ମାଛ ବି ଛାଡ଼ି ପାରିବେ। ଏଥିରେ ବିଭିନ୍ନ ପ୍ରକାରର ଛୋଟ ଛୋଟ ୱାଟର୍ ପ୍ଲାଣ୍ଟ ବି ଲଗାଇ ହେବ। ଏହାକୁ ପିନ୍ଧିଲେ ଆପଣ ସମସ୍ତଙ୍କଠୁ ଭିନ୍ନ ଦେଖାଯିବା ସହ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ ପାଲଟି ପାରିବେ।

**ଟଙ୍ଗ୍ ଶୁ-** ଏହି ଶୁ ପିନ୍ଧିଲେ ଆପଣ ଷ୍ଟାଇଲିସ୍ ଦେଖାଯିବେ। ଏହି ଶୁ ବିଭିନ୍ନ ରଙ୍ଗର ବିକ୍ରି ହେଉଛି, ହେଲେ ଟଙ୍ଗ୍ କଲର୍ ଅର୍ଥାତ୍ ଲାଲ୍ ରଙ୍ଗର ଶୁ ଅଧିକ ଆଟ୍ରାକ୍ଟିଭ୍ ଲାଗିଥାଏ। ଏହାକୁ ସବୁ ସମୟରେ ପିନ୍ଧିପାରିବେ।



# ସେମିରେ ଓଡ଼ିଶା ବାଳକ, ବାଳିକା

**ଜାତୀୟ ଜୁନିୟର ରଗ୍‌ବୀ ସେଭେନ୍ସ**

ଭୁବନେଶ୍ୱର, ୧୧।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ରଗ୍‌ବୀ ଇଣ୍ଡିଆ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ଜୁନିୟର ରଗ୍‌ବୀ ସେଭେନ୍ସ (୧୮ ବର୍ଷରୁ କମ୍ ବାଳିକା ଓ ବାଳକ) ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳକ ଓ ବାଳିକା ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶା ବାଳକ ଦଳ ସେମିଫାଇନାଲରେ ବିହାରକୁ ଭେଟିବ। ସେହିପରି ଅନ୍ୟ ଏକ ବାଳକ ସେମିରେ ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ପରସ୍ପରକୁ ଭେଟିବେ। ସେହିପରି ବାଳିକା ବିଭାଗ ସେମିଫାଇନାଲରେ ଓଡ଼ିଶା ବିହାରକୁ ଭେଟିବ। ବାଳିକା ବିଭାଗର ଅନ୍ୟ ସେମିଫାଇନାଲରେ ଦିଲ୍ଲୀ ଓ ମହାରାଷ୍ଟ୍ର ମୁହାଁମୁହିଁ ହେବେ। ୪ଟି ଯାକ ସେମିଫାଇନାଲ ରବିବାର ଆୟୋଜନ ହେବ।

ଶନିବାର ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଓଡ଼ିଶା ଦଳ ପ୍ରି କ୍ୱାର୍ଟର ଫାଇନାଲରେ ଜମ୍ମୁ ଓ କଶ୍ମୀରକୁ ୪୦-୦ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହାପରେ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୪୮-୫ରେ ଝାଡଖଣ୍ଡକୁ ହରାଇବା ସହ ସେମିଫାଇନାଲ ଟିକେଟ ହାସଲ କରିଛି। ଅନ୍ୟପଟେ ଓଡ଼ିଶା ବାଳିକା ଦଳ ମଧ୍ୟ ଅନୁରୂପ ସଫଳତା ପାଇଛି। ଓଡ଼ିଶା ବାଳିକା ଦଳ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ତେଲଙ୍ଗାନାକୁ ୪୩-୦ରେ ପରାସ୍ତ କରିବା ସହ କ୍ୱାର୍ଟର ଫାଇନାଲରେ ରାଜସ୍ଥାନକୁ ୫୩-୦ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ବଲିଉଡ ଅଭିନେତା ତଥା ରଗବୀ ଇଣ୍ଡିଆ ବୋର୍ଡ ମେମ୍ବର ରାହୁଲ ବୋଷ, ଓଡ଼ିଶା ଷ୍ଟେଟ ହାଉସିଂ ବୋର୍ଡ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ରଗବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଚାମ୍ପିୟନଶିପ ଆୟୋଜନରେ ସୁବ୍ୟବସ୍ଥା କରିଥିବାରୁ ରଗବୀ ଇଣ୍ଡିଆ ଓ ଓଆରଏଫ୍‌ଏର ସବୁ ସଦସ୍ୟ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍.ପି. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଆର୍ଥିକ ଭାବେ ସହାୟତା ଯୋଗାଉଥିବାରୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗକୁ ମଧ୍ୟ ସେମାନେ କୃତଜ୍ଞତା ଜଣାଇଥିଲେ। ସେମିଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ବାଳକ ଓ ବାଳିକା ଦଳକୁ ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଆଗାମୀ ମ୍ୟାଚ୍ ଓ ଭବିଷ୍ୟତରେ ଆୟୋଜନ ହେବାକୁ ଥିବା ପ୍ରତିଯୋଗିତାଗୁଡ଼ିକରେ ଭଲ ପ୍ରଦର୍ଶନ କରିବା ପାଇଁ ସେ ଦୁଇ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

କିଟ୍ ରଗ୍‌ବୀ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୧ ମହିଳା ଓ ୨୪ ପୁରୁଷ ଦଳରେ ମୋଟ ୬୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଓଡ଼ିଶା ବାଳକ ଦଳ ଛତିଶଗଡ଼ ଓ ମଧ୍ୟପ୍ରଦେଶ ବିପକ୍ଷରେ ଏବଂ ବାଳିକା ଦଳ ଛତିଶଗଡ଼ ଓ ପଣ୍ଡିଚେରୀ ବିପକ୍ଷରେ ସମସ୍ତ ପୁଲ୍ ମ୍ୟାଚ ଜିତି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।




ଚାମ୍ପିୟନଶିପ୍‌ରେ ମ୍ୟାଚ୍ ଖେଳୁଥିବା ଅବସରରେ ଓଡ଼ିଶା ବାଳକ ଓ ବାଳିକା ଦଳ।

# ଜାତୀୟ ଟେନିସ ସିରିଜ: ଦେବାଶିଷଙ୍କୁ ଟାଇଟଲ

ଭୁବନେଶ୍ୱର, ୧୧।୧୨(ସ୍ପୋର୍ଟ୍ସ ବ୍ୟୁରୋ)



ରାଜ୍ୟର ଉଦୀୟମାନ ଟେନିସ ଖେଳାଳି ଦେବାଶିଷ ସାହୁ ଆଉ ଏକ ବଡ଼ ଧରଣର ସଫଳତା ହାସଲ କରିଛନ୍ତି। ହରିୟାଣାର ଝାଝରଠାରେ ଡିସେମ୍ବର ୬ରୁ ୧୧ ତାରିଖ ମଧ୍ୟରେ ଅନୁଷ୍ଠିତ ଜାତୀୟ ଟେନିସ ସିରିଜରେ ଦେବାଶିଷ ଟାଇଟଲ ହାସଲ କରିଛନ୍ତି। ଫାଇନାଲ ମୁକାବିଲାରେ ସେ ଭାରତର ୪ ନମ୍ବର ଖେଳାଳି ହରିୟାଣାର ବଂଶ ନାଡାଲଙ୍କୁ ୬-୦, ୬-୩ ସେଟ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ସେମିଫାଇନାଲରେ ଦେବାଶିଷ ପଞ୍ଜାବର ଏମଜିତ ସିଂ ଚିମାଙ୍କୁ ୬-୨, ୭-୬ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ସେ କ୍ୱାର୍ଟର ଫାଇନାଲରେ ଧ୍ରୁବ ସଚଦେବଙ୍କୁ ୬-୨, ୪-୬, ୭-୬ ସେଟ୍‌ରେ ପରାସ୍ତ କରିଥିଲେ। ଗତ ୩ ସପ୍ତାହ ହେବ ଦେବାଶିଷ କ୍ରମାଗତ ଭାବେ ସ୍ଥିର ପ୍ରଦର୍ଶନ କରିଆସୁଛନ୍ତି ଓ ଆଗକୁ ସେ ଏହି ସଫଳତା ଜାରି ରଖିବେ ବୋଲି ତାଙ୍କ କୋଚ୍ ଫରହାନ ଅଲି କହିଛନ୍ତି।

# ଅଲ୍ ଓଡ଼ିଶା କ୍ୟାରମ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ସହିଦନଗର ଦୁର୍ଗାପୂଜା ସମିତି ସହଯୋଗରେ ମା' ଭୁବନେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଅଲ୍ ଓଡ଼ିଶା କ୍ୟାରମ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୩୪ ଟି ଡବଲ୍ସ ଓ ୫୪ ଟି ସିଙ୍ଗଲ୍ସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଅଲିମ୍ପିୟାନ ଅନୁରାଧା ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ କରି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସୁଧୀର ମହାନ୍ତି ନାରାୟଣ ମହାପାତ୍ର ସମ୍ପାଦକ ସହିଦନଗର ଦୁର୍ଗା ପୂଜା ସମିତି, ମା ଭୁବନେଶ୍ୱରୀ କ୍ଲବ ସଭାପତି ଉମା ନାଥ ମିଶ୍ର, ସମ୍ପାଦକ ଚନ୍ଦନ ରାୟ ପଟ୍ଟନାୟକ, ଉପଦେଷ୍ଟା ବିଭୁଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକୁ ସୁନିଲ ପଟନାୟକ, ଲକ୍ଷ୍ମୀକାନ୍ତ ମିଶ୍ର ଓ ବି ବି ସେନାପତି ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଭୁବନେଶ୍ୱର, ଖୋର୍ଦ୍ଧା, ବାଙ୍କୀ, ସୁନ୍ଦରଗଡ଼, ଜଟଣୀ, କଟକ ଓ ଏଜିଅଫିସର ପ୍ରତିଯୋଗିମାନେ ଭାଗ ନେଇଥିଲେ।

# ସେମିରେ ଜୟଦୁର୍ଗା କ୍ଲବ୍

**ଫଜୁଲ ସ୍ମାରକୀ ଫୁଟବଲ**

ଟିଗିରିଆ, ୧୧।୧୨ (ଡି.ଏନ.ଏ.)

ଟିଗିରିଆ ବ୍ଲକ ଅଧୀନ ପଙ୍କାଲସ୍ଥିତ ଇନ୍ଦିରା ଗାନ୍ଧୀ ମିନି ଷ୍ଟାଡିୟମଠାରେ ଯୁବ ଜ୍ୟୋତି କ୍ଲବ ଦାରା ଆୟୋଜିତ ୧୫ତମ ଫଜୁଲ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଶନିବାର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ପତାକା କ୍ଲବ ଅନୁଗୋଳକୁ ୨-୦ ଗୋଲରେ ପରାସ୍ତ କରି ଜୟଦୁର୍ଗା କ୍ଲବ ଖୋର୍ଦ୍ଧା ୨ୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ସଙ୍ଘର୍ଷପୂର୍ଣ୍ଣ ମ୍ୟାଚର ଅନ୍ତିମ ୨ ମିନିଟ ପର୍ଯ୍ୟନ୍ତ କୌଣସି ଦଳ ଗୋଲ କରିବାକୁ ସକ୍ଷମ ହୋଇ ନ ଥିଲେ। ବିଜୟୀ ଜୟଦୁର୍ଗା ଦଳର ନଂ. ୧୩ ଖେଳାଳି ଦ୍ୱିତିୟାର୍ଦ୍ଧର ୨୮ ମିନିଟରେ ଏକ କର୍ନର ବଲକୁ ଗୋଲରେ ପରିଣତ କରିଥିବା ବେଳେ ୨୯ ମିନିଟରେ ୧୦ ନଂ. ଖେଳାଳି ଅବଦୁଲ ରଉଫ ୨ୟ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ। ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଡା. ଅଲେଖ ଚନ୍ଦ୍ର ରାଉତରାୟ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ଅରୁଣ ନାୟକ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଆଶୀର୍ବାଦ କାନୁନଗୋ ଓ ଅନିଲ ନନ୍ଦ ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ଜାଫର ଖାଁ, ଆଫଜଲ ଅହମ୍ମଦ ଦାୟିତ୍ୱ ନିର୍ବାହ କରିଥିଲେ। ରବିବାର ମ୍ୟାଚ୍ ଆୟୋଜକ ଯୁବଜ୍ୟୋତି କ୍ଲବ ପଙ୍କାଳ ବନାମ ନୟାଗଡ଼ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିଙ୍କ ସହ ଜୟଦୁର୍ଗା ଓ ପତାକା କ୍ଲବର ଖେଳାଳିମାନେ।

# ନାଏକ କ୍ରିକେଟ ଏକାଡେମୀ ବିଜୟୀ

**ଓସିଏ ଭିଜନ୍ ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ**

ବଲାଙ୍ଗୀର ଅଫିସ, ୧୧।୧୨

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଓସିଏ ଭିଜନ ୨୦୨୪ ସିନିୟର ଇଣ୍ଟ୍ରାକ୍ଲବ କ୍ରିକେଟ ଟୁର୍ନାମେଣ୍ଟ ସୁପରଲିଗର ଚତୁର୍ଥ ମ୍ୟାଚ ବଲାଙ୍ଗୀର ନାଏକ ଏକାଡେମୀ ଓ ଟିଟିଲାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ଟିଟିଲାଗଡ଼ ଦଳ ପ୍ରଥମେ ନାଏକ କ୍ରିକେଟ ଏକାଡେମୀ ଦଳକୁ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା । ନାଏକ ଏକାଡେମୀ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ୫୦ ଓଭରରେ ୭ ଉଇକେଟ ବିନିମୟରେ ୨୪୩ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରାଘବେନ୍ଦ୍ର ତ୍ରିପାଠୀଙ୍କ ୧୧୬ ରନ, ଅଂଶୁମାନ ମିଶ୍ରଙ୍କ ୨୯ ରନ୍ ଓ ଅନୁରାଗ ପ୍ରଧାନ ଅପରାଜିତ ୧୭ ରନ୍ କରିଥିଲେ। ଟିଟିଲାଗଡ଼ ପକ୍ଷରୁ ବିକି ନାଗ ୨ ଓ ଶୈଳେଶ ପଟ୍ଟନାୟକ ୨ଟି ଉଇକେଟ ଅକ୍ତିଆର କରିଥିଲେ। ୨୪୪ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଟିଟିଲାଗଡ଼ ଦଳ ୪୮.୩ ଓଭରେ ୧୯୦ ରନ୍ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲେ। ଫଳରେ ଏହି ମ୍ୟାଚରେ ନାଏକ ଏକାଡେମୀ ଦଳ ୫୩ ରନ୍‌ରେ ବିଜୟୀ ହୋଇଥିଲା। ଟିଟିଲାଗଡ଼ ତରଫରୁ ସୌଭାଗ୍ୟ ପଟେଲ ସର୍ବାଧିକ ୩୨ ରନ୍ ଓ ଶୁଭମ ସୁନା ୨୬ ରନ୍ ସଂଗ୍ରହ କରିଥିଲେ। ନାଏକ ଏକାଡେମୀ ତରଫରୁ ସଫଳ ବୋଲର ଭାବେ ସତ୍ୟଜିତ ସିଂଦେଓ, କିସନ ନାଏକ ଓ ସୁବାଶିଷ ମିର୍ଦ୍ଧା ପ୍ରତ୍ୟେକ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ । ନାଏକ କ୍ରିକେଟ ଏକାଡେମୀ ଦଳର ୧୧୬ ରନ୍ ସଂଗ୍ରହ କରିଥିବା ରାଘବେନ୍ଦ୍ର ତ୍ରିପାଠୀଙ୍କୁ ଶ୍ରେଷ୍ଠ ଖେଳାଳି ଘୋଷିତ କରାଯାଇଥିଲା ରବିବାର ସୁପର ଲିଗ୍‌ର ପଞ୍ଚମ ମ୍ୟାଚ ନାଏକ କ୍ରିକେଟ ଏକାଡେମୀ ଓ ୟଙ୍ଗ ଷ୍ଟୁଡେଣ୍ଟ ଦଳ ମଧ୍ୟରେ ଅନୁଷ୍ଠିତ ହେବ ।



ଶତକ ହାସଲକାରୀ ରାଘବେନ୍ଦ୍ର ତ୍ରିପାଠୀ।

# ରାଜ୍ୟ ଭାରୋତ୍ତୋଳନ ଚାମ୍ପିୟନଶିପ୍

# ପ୍ରମିଳାଙ୍କ ରେକର୍ଡ

ଭୁବନେଶ୍ୱର, ୧୧।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁପଟ୍ଟନାୟକ ୱେଟ ଲିଫ୍ଟିଙ୍ଗ୍ ହଲ୍ ପରିସରରେ ଶନିବାର ରାଜ୍ୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାରେ ଜଣାଶୁଣା ଭରୋତ୍ତୋଳିକା ପ୍ରମିଳା କ୍ରିଷାନୀ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୫୫ କେ.ଜି. ବର୍ଗ ସିନିୟର ଇଭେଣ୍ଟରେ ସ୍ନାଚ୍‌ରେ ୭୩ କେ.ଜି. ଓ କ୍ଲିନ ଏବଂ ଜର୍କରେ ୯୬ କେ.ଜି. ଉଠାଇବା ସହ ମୋଟ ଉପରେ ୧୬୯ କେ.ଜି. ଉତ୍ତୋଳନ କରିଛନ୍ତି। ସ୍ନାଚ, କ୍ଲିନ ଓ ଜର୍କରେ ଏହା ଏକ ନୂଆ ରେକର୍ଡ ସାବ୍ୟସ୍ତ ହୋଇଛି। ପ୍ରତିଯୋଗିତାରେ ଅନ୍ୟ ଖେଳାଳିମାନେ ମଧ୍ୟ ରେକର୍ଡ ପ୍ରଦର୍ଶନ କରିଛନ୍ତି।

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତ ରଞ୍ଜନ ସ୍ୱାଇଁ, ସମ୍ପାଦକ ନାରାୟଣ ସାହୁ, କ୍ରୀଡ଼ା ଓ ଯୁବସେବା ବିଭାଗ ଅନୁ ଶାସନ ସଚିବ ରାଜେନ୍ଦ୍ର ପ୍ରସାଦ ପାଣିଙ୍କ ସମେତ ଆୟୋଜକ, କର୍ମକର୍ତ୍ତା ଓ ପ୍ରତିଯୋଗୀମାନେ ଉପସ୍ଥିତ ଥିଲେ।



ପ୍ରମିଳା କ୍ରିଷାନୀ

# ସ୍କାନ ସ୍ପୋର୍ଟିଂର ବିଜୟ

ସୋର, ୧୧।୧୨(ଡି.ଏନ.ଏ.)

ବାବା ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ମହୁମୁହାଣ ଗୋଠଣା ପଡ଼ିଆରେ ଚାଲିଥିବା ଚତୁର୍ଥ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଗୋପାଳଜୀଉ ପୁରୀ ସହିତ ଭୁବନେଶ୍ୱର ସ୍କାନ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗୋପାଳଜୀଉ ପୁରୀ ଟସ୍ ଜିଣି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭୁବନେଶ୍ୱର ସ୍କାନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରୁ ୨୦.୧ଟି ବଲ ଖେଳି ସମସ୍ତ ଉଇକେଟ ହରାଇ ୧୫୧ ରନ୍ କରିଥିଲା। ଏହାର ଜବାବରେ ଗୋପାଳଜୀଉ ପୁରୀ ସମସ୍ତ ଉଇକେଟ ହରାଇ ନିର୍ଦ୍ଧାରିତ ୨୫ ଓଭରରୁ ୨୩.୩ ବଲରେ ୧୨୦ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ୨୧ ରନ୍‌ରେ ଭୁବନେଶ୍ୱର ସ୍କାନ ସ୍ପୋର୍ଟିଂ ବିଜୟଲାଭ କରି ଦ୍ୱିତୀୟ ଦଳ ଭାବେ ପ୍ରଥମ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଅମ୍ପାୟାର ଭାବେ ସ୍ୱରୂପ ଯୋଶେଫ ଏବଂ ସୁଜିତ ମହାନ୍ତି ଏହି ଖେଳକୁ ପରିଚାଳନା କରିଥିଲେ। ବିଶ୍ୱରଞ୍ଜନ ପ୍ରଧାନ, ଅଶେଷ ପ୍ରଧାନ, ଅଗଣୀ ଜେନା, ରାଜା ବେହେରା, କମଳାକାନ୍ତ ମହାନ୍ତି, ବଳିଆ ଖୁଣ୍ଟିଆ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ। ରବିବାର ପ୍ରଥମ ସେମିରେ ସ୍କାନ ସ୍ପୋର୍ଟିଂ ଭୁବନେଶ୍ୱର ସହିତ ୟୁନିକ କେନ୍ଦୁଝରର ମୁକାବିଲା ହେବ।

# କର୍ଣ୍ଣାଟକ, ପୁଡୁଚେରୀ, ଚଣ୍ଡିଗଡ଼, ପଞ୍ଜାବ ଜିତିଲେ

**ଜାତୀୟ ସିନିୟର ପୁରୁଷ ହକି**

ପୁଣେ, ୧୧।୧୨ (ପି.ଟି.)

ଏଠାରେ ଚାଲିଥିବା ୧୧ତମ ହକି ଇଣ୍ଡିଆ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍‌ରେ ଶନିବାର କର୍ଣ୍ଣାଟକ, ପୁଡୁଚେରୀ, ଚଣ୍ଡିଗଡ଼ ଓ ପଞ୍ଜାବ ସେମାନଙ୍କ ପୁଲ୍ ମ୍ୟାଚରେ ବିପୁଳ ବିଜୟ ହାସଲ କରିଛନ୍ତି। ଟୁର୍ନାମେଣ୍ଟର ଉଦ୍‌ଘାଟନୀରେ କର୍ଣ୍ଣାଟକ ୧୪-୦ ଗୋଲ୍‌ରେ ଜମ୍ମୁ କଶ୍ମୀରକୁ ପରାସ୍ତ କରିଛି। ପୁଲ୍ ସି'ର ଦ୍ୱିତୀୟ ମ୍ୟାଚରେ ପୁଡୁଚେରୀ ସମାନ ଗୋଲ ବ୍ୟବଧାନରେ ଅରୁଣାଚଳ ପ୍ରଦେଶକୁ ହରାଇ ଦେଇଛି। ସେହିପରି ପୁଲ୍ ଡି'ରେ ଅଲିମ୍ପିକ ବ୍ରୋଞ୍ଜ ବିଜେତା ରୂପିନ୍ଦର ପାଲ୍ ସିଂଙ୍କ ନେତୃତ୍ୱରେ ପଞ୍ଜାବ ୧୧-୦ ଗୋଲ୍‌ରେ ଉତ୍ତରାଖଣ୍ଡକୁ ହରାଇ ଦେଇଛି। ପୁଲ୍ ଇ'ରେ ରାଜସ୍ଥାନ ବିପକ୍ଷରେ ଚଣ୍ଡିଗଡ଼ ୧୪-୦ଗୋଲ୍‌ରେ ବିଜୟ ହାସଲ କରିଛି। ଦିନର ଶେଷ ମ୍ୟାଚରେ ମଣିପୁର ପୁଲ୍ ଇ'ରେ ତ୍ରିପୁରାକୁ ୨୧-୦ଗୋଲରେ ପରାସ୍ତ କରି ପ୍ରତିଯୋଗିତାରେ ଏହାର ଧମାକାଦାର ଅଭିଯାନ ଆରମ୍ଭ କରିଛି।

# ଓଡ଼ିଶା ପୋଲିସ ହକି ଟିମ୍‌କୁ ବ୍ରୋଞ୍ଜ

**ସର୍ବଭାରତୀୟ ମହିଳା ପୋଲିସ ହକି ଚାମ୍ପିୟନଶିପ**

କଟକ ଅଫିସ, ୧୧।୧୨

ସର୍ବଭାରତୀୟ ମହିଳା ପୋଲିସ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ପୋଲିସ ହକି ଟିମ୍ ଚମତ୍କାର ପ୍ରଦର୍ଶନ କରିଛି। ବେଙ୍ଗାଲୁରୁ ଠାରେ ଆୟୋଜିତ ଏହି ଚାମ୍ପିୟନଶିପରେ ଓଡିଶା ପୋଲିସ ମହିଳା ହକି ଟିମ ମହାରାଷ୍ଟ୍ରକୁ ୬-୦ ଗୋଲରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିବା ସହ ବ୍ରୋଞ୍ଜ ପଦକ ହାସଲ କରିଛି। ଦଳ ୨ଟି ଫିଲ୍ଡ ଗୋଲ ଦେଇଥିବା ବେଳେ ଏବଂ ଅନ୍ୟ ୪ଟି ପେନାଲଟି କର୍ନର ଜରିଆରେ ସ୍କୋର କରିଥିଲା। ଓଡିଶା ପୋଲିସ ମହିଳା ହକି ଟିମ ତରଫରୁ ରଶ୍ମିତା ମିଞ୍ଜ ୬ଷ୍ଠ, ୨୩ ତମ,୩୭ ତମ ଓ ୩୯ ତମ ମିନିଟରେ ବ୍ୟକ୍ତିଗତ ୪ଟି ଗୋଲ ଦେଇଥିଲେ। ସେହିପରି ଏଲିନ ଲାକ୍ରା ୩୮ ତମ ଓ ୫୬ତମ ମିନିଟରେ ଅନ୍ୟ ଦୁଇଟି ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ସଶସ୍ତ୍ର ସୀମା ବଳ(ଏସ୍‌ଏସ୍‌ବି) ସିଆର୍‌ପିଏଫ୍‌କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ପାଇଛି। ସିଆର୍‌ପିଏଫ ରନର୍ସ-ଅପ୍ ହୋଇ ରୌପ୍ୟ ପଦକ ହାସଲ କରିଛି।



ସର୍ବଭାରତୀୟ ମହିଳା ପୋଲିସ ହକି ଚାମ୍ପିୟନଶିପରେ ବ୍ରୋଞ୍ଜ ଜିତିଥିବା ଓଡ଼ିଶା ପୋଲିସ ଦଳ।

# ବିଦର୍ଭକୁ ହରାଇଲା ଓଡ଼ିଶା

**ବିଜୟ ହଜାରେ ଟ୍ରଫି**

■ଅଭିଷେକଙ୍କୁ ୫ ଉଇକେଟ, ଶୁଭ୍ରାଂଶୁ ଓ ଅନୁରାଗଙ୍କ ଅର୍ଦ୍ଧଶତକ

ଭୁବନେଶ୍ୱର, ୧୧।୧୨

ବିଜୟ ହଜାରେ (ଏଲିଟ୍ -ଏ) ଟ୍ରଫିରେ ଓଡ଼ିଶା ହ୍ୟାଟ୍ରିକ ବିଜୟ ହାସଲ କରିଛି। ଶନିବାର ଥାନେର ଦଦୋଜୀ କୋନଡେଭ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୪୮ଟି ବଲ ବାକି ଥାଇ ୬ ଉଇକେଟରେ ପୂର୍ବତନ ରଣଜୀ ଟ୍ରଫି ଚାମ୍ପିୟନ ବିଦର୍ଭକୁ ହରାଇ କ୍ରମାଗତ ତୃତୀୟ ବିଜୟ ହାସଲ କରିବା ସହ ୪ ପଏଣ୍ଟ ହାସଲ କରିଛି। ଏହାପୂର୍ବରୁ ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ୩ ଉଇକେଟରେ ଗୁଜରାଟକୁ ଓ ପ୍ରଥମ ମ୍ୟାଚ୍‌ରେ ଆନ୍ଧ୍ର ପ୍ରଦେଶକୁ ୬୩ ରନରେ ପରାସ୍ତ କରିଥିଲା। ରବିବାର ଓଡ଼ିଶା ତା'ର ଚତୁର୍ଥ ମ୍ୟାଚ୍‌ରେ ମୁମ୍ବାଇରେ ଜମ୍ମୁ- କଶ୍ମୀରକୁ ଭେଟିବ।

ଟସ୍ ଜିତି ଓଡ଼ିଶା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବିଦର୍ଭ ୪୨.୪ ଓଭରରେ ୧୪୮ ରନକରି ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ୪୨ ଓଭରରେ ୪ ଉଇକେଟ ହରାଇ ୧୫୨ ରନକରି ବିଜୟୀ ହୋଇଛି। ୧୪୯ ରନ ଟାର୍ଗେଟର ପିଛା କରି ଓଡ଼ିଶା ଓପନର ସନ୍ଦୀପ ପଟ୍ଟନାୟକଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଖାତା ଖୋଲିବା ପୂର୍ବରୁ ସନ୍ଦୀପ ୟଶ ଠାକୁରଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଦଳ ତରଫରୁ ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୭୧ ରନ (୧୧୩ ବଲ, ୭ ଚୌକା) ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁରାଗ ଷଡଙ୍ଗୀ ୫୨ ରନ (୯୬ ବଲ, ୪ ଚୌକା) ସଂଗ୍ରହ କରିଥିବା ବେଳେ ଗୋବିନ୍ଦ ପୋଦ୍ଦାର ୧୩, ବିପ୍ଳବ ସାମନ୍ତରାୟ ୨ ରନକରି ଆଉଟ ହୋଇଥିଲେ। ଉଇକେଟକିପର ବ୍ୟାଟର ରାଜେଶ ଧୂପର ୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ବିଦର୍ଭ ତରଫରୁ ଅଥର୍ବ ତାଇଡେ ୨, ଆଦିତ୍ୟ ଠାକରେ ଓ ୟଶ ଠାକୁର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବିଦର୍ଭ ତରଫରୁ ଅକ୍ଷୟ ୱାଦେକର ୪୧, ଆଦିତ୍ୟ ସରୱାତେ ୨୫, ଉଇକେଟକିପର ବ୍ୟାଟର ଜିତେଶ ଶର୍ମା ୨୧, ଅଥର୍ବ ତାଇଡେ ୧୬, ଦର୍ଶନ ନାଲକାଣ୍ଡେ ୧୨ ରନ ସଂଗ୍ରହ କରିଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଓଡ଼ିଶା ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ବିଦର୍ଭ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ବୋଲିଂରେ ଓଡ଼ିଶା ତରଫରୁ ଲେଗ୍ ସ୍ପିନର ଅଭିଷେକ ରାଉତ ସର୍ବାଧିକ ୫ ଉଇକେଟ ନେଇ ବିଦର୍ଭର ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବବ୍ରତ ପ୍ରଧାନ ୩, ଆଶିଷ ରାଏ ଓ ଜୟନ୍ତ ବେହେରା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ୪୨.୪ ଓଭରରେ ୧୪୮ ଅଲଆଉଟ (ଅକ୍ଷୟ ୱାଦେକର-୪୧, ଆଦିତ୍ୟ ସରୱାତେ- ୨୫, ଜିତେଶ ଶର୍ମା-୨୧, ଅଥର୍ବ ତାଇଡେ-୧୬, ଦର୍ଶନ ନାଲକାଣ୍ଡେ-୧୨, ଅଭିଷେକ ରାଉତ- ୫/୩୬, ଦେବବ୍ରତ ପ୍ରଧାନ- ୩/୧୩, ଆଶିଷ ରାଏ- ୧/୨୮, ଜୟନ୍ତ ବେହେରା- ୧/୨୯)। ଓଡ଼ିଶା ୪୨ ଓଭରରେ ୧୫୨/୪ (ଶୁଭ୍ରାଂଶୁ ସେନାପତି- ୭୧, ଅନୁରାଗ ଷଡଙ୍ଗୀ-୫୨, ଅଥର୍ବ ତାଇଡେ-୨/୮, ଆଦିତ୍ୟ ଠାକରେ- ୧/୩୧, ୟଶ ଠାକୁର- ୧/ ୨୭)।




ଅଭିଷେକ ରାଉତ ଓ ଶୁଭ୍ରାଂଶୁ ସେନାପତି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ୨ରେ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ

**ଭୁବନେଶ୍ୱର, ୧୧।୧୨ (ବ୍ୟୁରୋ):** ଆସନ୍ତା ଜାନୁଆରୀ ୨ରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଶହୀଦ ପୀଠରୁ ଆସିଥିବା ମାଟି କଳସ ରଖାଯାଇ ନିର୍ମାଣ ହୋଇଥିବା ଶହୀଦ ସ୍ତମ୍ଭର ଉନ୍ମୋଚନ କରାଯିବ। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀ ଏବଂ ଉତ୍ତରଦାୟାଦମାନେ ଯୋଗଦେବେ। ଶନିବାର ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନୀଳମଣି ସାମଲଙ୍କ ଅଧ୍ୟକ୍ଷତାରେ ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ମହୋତ୍ସବ ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ଦୁଇଟି ଅଧିବେଶନରେ ମହୋତ୍ସବ କରାଯିବା ନେଇ ସୂଚନା ଦେଇଥିଲେ। ଉପେନ୍ଦ୍ର ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ରାଜ୍ୟ ଯୁବ ସାମ୍ମୁଖ୍ୟର କାର୍ଯ୍ୟକର୍ତ୍ତା ବିରୂପାକ୍ଷ ତ୍ରିପାଠୀ, ଦୁଃଶାସନ ସ୍ୱାଇଁ, ଡ. ବିଶ୍ୱଜିତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ୧୮୧୭ ମସିହା ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦାବିକୁ ସମର୍ଥନ କରାଯାଇଥିଲା। ଏଥିସହ ମହାତ୍ମାଗାନ୍ଧୀଙ୍କ ସାବରମତୀ ଆଶ୍ରମର ପବିତ୍ରତା ଅକ୍ଷୁଣ୍ଣ ରଖିବା ଦାବିକରି ଦୁଇଟି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପ୍ରଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

### ସରକାରଙ୍କ ନିକଟରେ ଦାବି ରଖିବ ଓଡ଼ିଶା ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ସଂଘ

**ଭୁବନେଶ୍ୱର, ୧୧।୧୨(ବ୍ୟୁରୋ):** ଚାଷୀଙ୍କ ଉତ୍ପାଦିତ କୃଷିଜାତ ସାମଗ୍ରୀ ଏବଂ ପଶୁ ସମ୍ପଦ ବିକ୍ରୟ ପାଇଁ କାର୍ଯ୍ୟ କରୁଥିବା ରାଜ୍ୟର ସମସ୍ତ ନିୟନ୍ତ୍ରିତ ବଜାର କମିଟିର ଅସ୍ଥାୟୀ ଏବଂ ସ୍ଥାୟୀ କର୍ମଚାରୀଙ୍କ ବୈଠକ ୟୁନିଟ୍-୧ସ୍ଥିତ କସ୍ତୁରୀ ନାରୀ ମହଲରେ ଅନୁଷ୍ଠିତ ଶନିବାର ହୋଇଯାଇଛି। ମନୋରଞ୍ଜନ ସାମଲଙ୍କ ସଭାପତିତ୍ୱରେ କର୍ମଚାରୀଙ୍କ ନ୍ୟାର୍ଯ୍ୟ ସମସ୍ୟା ସମ୍ପର୍କରେ ସରକାରଙ୍କ ନିକଟରେ ବିଭିନ୍ନ ଦାବି ରଖିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ସମାନ କାମକୁ ସମାନ ଦରମା, ଓଡିଶା କୃଷି ବିପଣନ ପରିଷଦ କର୍ମଚାରୀଙ୍କ ଭଳି ସୁବିଧା ଓ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଧାର୍ଯ୍ୟ ହେଉଥିବା ଦରମା ଭତ୍ତା ପ୍ରଦାନ, ନିୟନ୍ତ୍ରିତ ବଜାର କମିଟି କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା, କୃଷକଙ୍କ ଠକୁଥିବା ବ୍ୟବସାୟୀଙ୍କ ଉପରେ କଠୋର ପଦକ୍ଷେପ ନିଆଯିବାକୁ ସଂଘ ଦାବି କରିଛି।

### ଜୀବନ ପଥେ ସାହିତ୍ୟ ଆସର

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ):** ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ଜୀବନ ପଥେ ସାହିତ୍ୟ ଆସର' ଦ୍ୱିତୀୟ ଭାଗ ଶନିବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ପୌରାହିତ୍ୟରେ ଅଧ୍ୟକ୍ଷା ପ୍ରଫେସର ସସ୍ମିତା ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ବିଶିଷ୍ଟ କବି ଶୈଳଜ ରବି ଓଡ଼ିଆ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ଛାତ୍ରୀଙ୍କ ସୃଜନଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ନିର୍ଦ୍ଦେଶକ ପ୍ରଫେସର ବସନ୍ତ ପଣ୍ଡା ଯୋଗଦେଇଥିଲେ। କବି ସ୍ନେହସୁଧା ମିଶ୍ର, ଡ.ସଙ୍ଘମିତ୍ରା ଭଞ୍ଜ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀମାନେ କବିତାପାଠ କରିଥିଲେ।

### ପଣ୍ଡେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୃଷ୍ଣପ୍ରସାଦ,୧୧।୧୨(ଡି.ଏନ୍.ଏ.):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପଠାରେ ପଣ୍ଡେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିଲା। ଅଙ୍କୁରାରୋପଣ ପରେ ବଙ୍ଗୋପସାଗରରୁ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା ହୋଇଥିଲା। ଗୁରୁବାର ଅଧିବାସ ଏବଂ ମହାସ୍ନାନ ଅନୁଷ୍ଠିତ ହୋଥିଲା। କୋଭିଡ୍ ଗାଇଡଲାଇନ ଅନୁଯାୟୀ ଏହି ଉତ୍ସବ ଆୟୋଜିତ ହୋଇଥିଲା ବୋଲି ତିତିପ ପଞ୍ଚୁପଡା ପରିଚାଳନା କମିଟି ସଭାପତି ଭାଗୀରଥି ପଲେଇ, ସମ୍ପାଦକ ନାରାୟଣ ଜେନା କହିଛନ୍ତି। ପ୍ରତିଦିନ ଘୃତଯଜ୍ଞ, ଦାନଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ କରାଯାଇଥିଲା। ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଜ୍ଞ କାର୍ଯ୍ୟ ପରିଚାଳନା ନିମନ୍ତେ ୧୨ ଜଣ ସାଧୁସନ୍ଥ ଯୋଗଦେଇଛନ୍ତି। ଗୁପ୍ତେଶ୍ୱର ଦେବଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ପଣ୍ଡିତ ଶରତ ଚନ୍ଦ୍ର ଦେବତା ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ।

# ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ପ୍ରତି ଦରଦ ନାହିଁ

**ଖୋର୍ଦ୍ଧା ଅଫିସ,୧୧।୧୨**




- ଜୟନ୍ତୀ ଆସିଲେ ପଞ୍ଚପାଇକ ମନେ ପଡ଼ନ୍ତି
- ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ପାଇକ ବୀରଙ୍କ ତ୍ୟାଗ ଓ ବଳିଦାନ ଲାଗି ଖୋର୍ଦ୍ଧା ମାଟି ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ତାପଙ୍ଗ ଦଳବେହେରା, ପିଣ୍ଡିକି ବାହୁ ବଳେନ୍ଦ୍ର ଓ କୃତ୍ତିବାସ ପାଟ୍ଟଶାଣୀଙ୍କ ସମେତ ଅନେକ ପାଇକ ମାଟିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ। ପାଇକ ବୀରଙ୍କ ସ୍ମୃତିକୁ ଉଜ୍ଜୀବୀତ ଉଦ୍ଦେଶ୍ୟରେ ୧୯୯୯ ଡିସେମ୍ବର ୬ରେ ୧୬ନମ୍ବର ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧା ଛକ ପାର୍ଶ୍ୱରେ ସଂସ୍କାର ଭାରତୀ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। କେବଳ ପଞ୍ଚ ପାଇକଙ୍କ ଜୟନ୍ତୀ, ଶ୍ରାଦ୍ଧ ଦିବସରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଫୁଲମାଳ ପଡିଥାଏ। କିନ୍ତୁ ଏହା ପରେ ଏଠାରେ କାହାର ଦେଖା ମିଳି ନ ଥାଏ। ରାସ୍ତା ପାର୍ଶ୍ୱରେ ଅବହେଳିତ ଅବସ୍ଥାରେ ରହିଛି ଏହି ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତୀ। ଏହାର ଚାରିପଟେ ଆଲୋକୀକରଣ ଓ ପାଚେରି ନିର୍ମାଣ ଲାଗି ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ ବିରୋଧରେ ୧୮୧୭ ମସିହାରେ ଓଡ଼ିଆ ପାଇକଙ୍କ ଦ୍ୱାରା ହୋଇଥିବା ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ଘୋଷଣା କରାଯାଇପାରିବ ନାହିଁ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷନ ରେଡ୍ଡୀ କହିଛନ୍ତି। ଏନେଇ ରାଜ୍ୟ ବିଧାନସଭାରେ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇଥିଲେ। ଯାହାଙ୍କ ଲାଗି ଏହି ପରିଚୟ, ସେମାନଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡି ରହିଛି। ସନ୍ଧ୍ୟା ହେଲେ ଏଠାରେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବୋଲି କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି। ସେହିପରି ଐତିହ୍ୟ ଗବେଷକ ଗୋପାଳ କୃଷ୍ଣ ଦାସ କହିଛନ୍ତି, ଦେଶ ପାଇଁ ପାଇକଙ୍କ ଅବଦାନ ଅତୁଳନୀୟ। ପାଇକ ସ୍ମାରକୀ ଶିଳାନ୍ୟାସକୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର କାମ ଆରମ୍ଭ ହୋଇପାରିନାହିଁ। ଗଡଖୋର୍ଦ୍ଧା ଦୁର୍ଗ ବିଲୁପ୍ତ ଅବସ୍ଥାରେ ରହିଛି। ଏହାର ପୁନରୁଦ୍ଧାର ଜରୁରୀ ହୋଇପଡ଼ିଛି। ସାହିତ୍ୟିକ ଜ୍ଞାନରଞ୍ଜନ ଦାଶ କହିଛନ୍ତି, ପାଇକ ବୀରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜିଲା ସଂସ୍କୃତି ଭବନ ପରିସରରେ ନିର୍ମାଣ ହୋଇଥିବା ପାଇକ ସଂଗ୍ରାହଳୟ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଏହି ସଂଗ୍ରାହଳୟରେ ପାଇକଙ୍କ ଅସ୍ତ୍ରଶସ୍ତ୍ର, ଜୀବନଶୈଳୀକୁ ନେଇ ବିଭିନ୍ନ କଳାକୃତୀ ସ୍ଥାନ ଦେବା ପାଇଁ ସ୍ଥିର ହୋଇଥିଲା। ତାହା ମଧ୍ୟ ଅଧପନ୍ତରିଆ ରହିଛି। ତାପଙ୍ଗ ଦଳବେହେରାଙ୍କ ଦାୟାଦ ସଂଗ୍ରାମ ଜଗଦେବ କହିଛନ୍ତି, ପାଇକ ବୀର ତାପଙ୍ଗ ଦଳବେହେରାଙ୍କ ଗ୍ରାମ ନିଜଗଡ ତାପଙ୍ଗ ଅବହେଳିତ ଅବସ୍ଥାରେ ରହିଛି। ତାପଙ୍ଗ ଦଳବେହେରାଙ୍କ ନେତୃତ୍ୱରେ ପାଇକ ବୀରମାନେ ବ୍ରିଟିଶ ବିରୋଧରେ ଯୁଦ୍ଧଦେହୀ ଡାକରା ଦେଇଥିଲେ। ଦଳବେହେରାଙ୍କ ଯୁଦ୍ଧ ନୀତି ଉଚ୍ଚକୋଟୀର ଥିଲା। ଦଳବେହେରାଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ଏବଂ ଶହୀଦ ସ୍ତମ୍ଭ ନିର୍ମାଣ କରାଯାଇଛି। ତେବେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ମଧ୍ୟ ଭଗ୍ନ ଅବସ୍ଥାରେ ରହିଛି। ଉମାଶଙ୍କର ପ୍ରସାଦ କୁହନ୍ତି, ପଲ୍ଲା ଛକରେ ଘୋଡା ଉପରେ ଯୋଦ୍ଧା ବେଶରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ତେବେ ବକ୍ସିଙ୍କ ହାତରେ ରହିଥିବା ଖଣ୍ଡା ଭାଙ୍ଗି ଉଡିଗଲାଣି। ଏଥିସହ ଏହାର ଚାରିପଟେ ଗଛଲତା ମାଡିଗଲାଣି। ଜାତୀୟ ରାଜପଥରେ ଏହି ପ୍ରତିମୂର୍ତ୍ତି ଥିବା ସତ୍ତ୍ୱେ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ଗୁରୁତ୍ୱ ଦିଆଯାଉନାହିଁ। ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାମଶଙ୍କର କୁହନ୍ତି, ପାଇକଙ୍କ ବୀରତ୍ୱ ଏ ଜାତିର ସ୍ୱାଭିମାନର ପରିଚୟ। ଶିକ୍ଷାବିତ ଭୀମସେନ ପ୍ରଧାନ କହିଛନ୍ତି, ଯେଉଁ ଜାତିର ଅସ୍ତିତ୍ୱ ବିଲୁପ୍ତ ହୋଇଯାଏ, ସେହି ଜାତି ଧୀରେ ଧୀରେ ଶୀଥିଳ, ଘନ ଅନ୍ଧକାରେ ହଜିଯାଏ। ତେଣୁ ଏଥିଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି।

## ରେଳ ସପ୍ତାହ ସମାରୋହ

**ଜଟଣୀ,୧୧।୧୨(ଡି.ଏନ୍.ଏ.)**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଜଟଣୀସ୍ଥିତ ରେଡଙ୍ଗ କଲୋନୀ କଲ୍ୟାଣ ମଣ୍ଡପ ପରିସରରେ ୬୬ତମ ରେଳ ସପ୍ତାହ ଓ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଶୁଭଲକ୍ଷ୍ମୀ ଜେନା, କଲ୍ୟାଣ ପଟ୍ଟନାୟକ, ଅଶୋକ କୁମାର ମଞ୍ଚାସୀନ ଥିଲେ। ଏହି ଅବସରରେ ରୟ ସମସ୍ତ ପୁରସ୍କାର ବିଜେତାଙ୍କୁ ସେମାନଙ୍କର କର୍ତ୍ତବ୍ୟ ପ୍ରତି ନିଷ୍ଠା ଏବଂ ଆନୁଗତ୍ୟ ପାଇଁ ଅଭିନନ୍ଦନ ଜଣାଇଥିଲେ। ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ଉତ୍କର୍ଷ ସେବା ପାଇଁ ରେଳ ମଣ୍ଡଳର କେତେଜଣ କର୍ମଚାରୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସେହିପରି ଭୁବନେଶ୍ୱର ଷ୍ଟେଶନର ରେଳ ୟାର୍ଡ ବୃହତ୍ ରେଳ ୟାର୍ଡ ମଧ୍ୟରେ ସୁରକ୍ଷା ସିଲ୍ଡ ଏବଂ ରାଜଆଠଗଡ ରେଳ ଷ୍ଟେଶନ କ୍ଷୁଦ୍ରତର ରେଳ ୟାର୍ଡ ପାଇଁ ସୁରକ୍ଷା ସିଲ୍ଡ ହାସଲ କରିଥିବା କହିଥିଲେ। ଯାଜପୁର-କେନ୍ଦୁଝର ରୋଡ୍‌ର ସହକାରୀ ମଣ୍ଡଳ ଇଞ୍ଜିନିୟର ଅଭିଷେକ ବଞ୍ଚରା ଇଞ୍ଜିନିୟରିଂ ଦକ୍ଷତା ସିଲ୍ଡ ହାସଲ କରିଛନ୍ତି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସବରେ ସମସ୍ତ ଶାଖା ଅଧିକାରୀ, ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଙ୍ଗଠନର ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ବରିଷ୍ଠ କାର୍ମିକ ଅଧିକାରୀ ରଞ୍ଜନ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନୁରାନୀ, ତୁଳସୀପୁର ସେମିଫାଇନାଲରେ


ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

**ବେଗୁନିଆ,୧୧।୧୨(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ କୁଶପଲ୍ଲା ଖେଳ ପଡିଆରେ ଚାଲିଥିବା ନୁରାନୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଥିଲା ତୃତୀୟ ଦିବସ। ପ୍ରଥମ ମ୍ୟାଚରେ ହଳଦିଆ କ୍ଲବକୁ ପରାସ୍ତ କରି କୁଶପଲ୍ଲାର ନୁରାନୀ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ନୁରାନୀ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୬ ଉଇକେଟ ବିନିମୟରେ ୧୮୩ ରନ ସଂଗ୍ରହ କରିଥିଲା। ଜବାବରେ ହଳଦିଆ କ୍ଲବ ୧୬ ଓଭରରେ ୭ ଉଇକେଟ ବିନିମୟରେ ୧୩୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସେହିପରି ଅନ୍ୟ ଏକ ମ୍ୟାଚରେ ହଳଦିଆର ଏକ କ୍ଲବକୁ ପରାସ୍ତ କରି ତୁଳସୀପୁର ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ହଳଦିଆର କ୍ଲବ ୯.୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୩ରନ ସଂଗ୍ରହ କରିଥିଲା। ଜବାବରେ ତୁଳସୀପୁର କ୍ଲବ ୯.୨ ଓଭରରେ ୫ ଉଇକେଟ ବିନିମୟରେ ଆବଶ୍ୟକ ୫୪ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ନୁରାନୀ କ୍ଲବର ସାହାଜାଦ୍ ଖାନ ଏବଂ ତୁଳସୀପୁର କ୍ଲବର ଡି.ରଞ୍ଜନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଏସ୍.କେ. ହାଲିମ, ଅଞ୍ଜନ ସ୍ୱାଇଁ ଏବଂ ଫୈଜଲ ହୁସେନ ଖାନ ମ୍ୟାଚ ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ, ମିଳନ ମହାନ୍ତି, ସନ୍ତୋଷ ସାହୁ, ଏସ୍.କେ. ମନସୁର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ୯୬.୭୧ ଲକ୍ଷ ଟଙ୍କା ଜରିମାନା ଆଦାୟ

**ଖୋର୍ଦ୍ଧା ଅଫିସ,୧୧।୧୨**

**ରାଷ୍ଟ୍ରୀୟ ଲୋକ ଅଦାଲତ**

ଖୋର୍ଦ୍ଧା ତାଲୁକା ଆଇନ ସେବା କମିଟି ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା କମିଟି ଅଧ୍ୟକ୍ଷ ତଥା ପ୍ରଥମ ଅତିରିକ୍ତ ଜିଲା ଜଜ୍ ସମର କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ପରିବାର ଅଦାଲତ ଜଜ୍ ସୂର୍ଯ୍ୟ ପ୍ରକାଶ କର, ସିଜେଏମ ତଥା ଆସିଷ୍ଟାଣ୍ଟ ସେସନ ଜଜ୍ ନରେଶ ମହାନ୍ତି, ସିନିୟର ସବ୍ ଜଜ୍ ଦିଲୀପ କୁମାର ବିଶ୍ୱାଳ, ସିଭିଲ ଜଜ୍ ସିନିୟର ଡିଭିଜନ ତଥା ଆସିଷ୍ଟାଣ୍ଟ ସେସନ ଜଜ୍ ସୋମାଲିନା ମିଶ୍ର, ସିଭିଲ ଜଜ୍ ଜୁନିୟର ଡିଭିଜନ ତଥା ଜେଏମ୍‌ଏଫ୍‌ସି ବିଶ୍ୱ ଦୀପକ ସାହୁ, ଏସ୍‌ଡିଜିଏମ୍ ସୌଦାମିନୀ ସିଂ, ଜେଏମ୍‌ଏଫ୍‌ସି ସ୍ୱାତକୀ ଦାସ, ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତରେ ୫୧୭ଟି ବିଭିନ୍ନ କେସ୍ ଫଇସଲା କରାଯାଇ ଏ ବାବଦକୁ ୯୬ଲକ୍ଷ ୭୧ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଓକିଲ ସଂଘ ସଭାପତି ଅଜିତ୍ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ତାଲୁକା ଆଇନ ସେବା କମିଟି ସମ୍ପାଦକ ବସନ୍ତ ଶତପଥୀଙ୍କ ସମେତ ଏକାଧିକ ଆଇନଜୀବୀ, ବିଭିନ୍ନ ବ୍ୟାଙ୍କର ମ୍ୟାନେଜର ଉପସ୍ଥିତ ଥିଲେ।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ଖୋର୍ଦ୍ଧା ଅଫିସ,୧୧।୧୨**

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ରୋଭର ରେଞ୍ଜର ବାହିନୀ ପକ୍ଷରୁ ସିଡିଏସ୍ ଜେନେରାଲ ବିପିନ ରାୱତ୍, ଓଡ଼ିଶାର ବୀର ଯବାନ ରାଣାପ୍ରତାପ ସିଂଙ୍କ ସମେତ ପ୍ରାଣବଳୀ ଦେଇଥିବା ଶହୀଦଙ୍କ ଉଦ୍ଦେଶ୍ୟରେ ଶନିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ରଞ୍ଜିତା ସେଠୀ, ଉପାଧ୍ୟକ୍ଷା ଡ. ଅଜନ୍ତା ଶତପଥୀ, ପରୀକ୍ଷା ନିୟନ୍ତ୍ରକ ଦେବୀ ପ୍ରସାଦ ପଟ୍ଟନାୟକ, ପ୍ରାଧ୍ୟାପକ ଅଶୋକ ବଳବନ୍ତରାୟ ଓ ଐତିହ୍ୟ ଗବେଷକ ଗୋପାଳ କୃଷ୍ଣ ଦାସଙ୍କ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ର ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ମଳିପଡା କଲେଜରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗୁରୁଜଙ୍ଗ ଧବଳେଶ୍ୱର ମନ୍ଦିର ପରିସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପୂର୍ବତନ ସେନା ଅଧିକାରୀ ପ୍ରଫୁଲ୍ଲ ପାଇକରାୟ, ନଗର କଂଗ୍ରେସ ସଭାପତି ରଣଜିତ୍ ମହାପାତ୍ର, ଶୁଭଶ୍ରୀ ସୁନ୍ଦରା, ଜୟନ୍ତୀ ସାହୁ, ମିତା ପ୍ରଧାନଙ୍କ ସମେତ ବହୁ ଯୁବତୀ,ଯୁବକ ଯୋଗଦେଇ ଦୀପ ଜାଳି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ୫୦ହଜାର ଟଙ୍କାର ଚୋରି ସାମଗ୍ରୀ ଜବତ, ୩ ଗିରଫ

**ନିରାକାରପୁର,୧୧।୧୨(ଡି.ଏନ୍.ଏ.)**



ଜଙ୍କିଆ ଥାନା ପୋଲିସ ଚୋରି ସାମଗ୍ରୀ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଗୋଡିପଡ଼ା ଗ୍ରାମର ଚନ୍ଦନ ପ୍ରଧାନ(୨୦), ଦୁର୍ଯ୍ୟୋଧନ ଛୋଟରାୟ ଓରଫ ଗୁଲୁଆ(୩୦), ବାଦଲ ମଙ୍ଗରାଜ(୨୦)। ଏମାନଙ୍କ ନିକଟରୁ ଗୋଟିଏ ଫ୍ରିଜ୍, ଗ୍ରାଇଣ୍ଡର, ଷ୍ଟୋଭ୍, ୨ଟି ଗ୍ୟାସ ସିଲିଣ୍ଡର ସହ ଚୁଲା, ହାଣ୍ଡି ଓ ଚେୟାର ଜବତ ହୋଇଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୫୦ହଜାର ଟଙ୍କା ହେବ ବୋଲି ଥାନା ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ କହିଛନ୍ତି। ଅଭିଯୋଗକାରୀ ରଞ୍ଜନ କୁମାର ଚିନେରାଙ୍କ ଅଭିଯୋଗ ଅନୁଯାୟୀ, ସେ ଗୋଡିପଡା ଛକରେ ଏକ ଫାଷ୍ଟଫୁଡ ଦୋକାନ କରିଥିଲେ। ଥଣ୍ଡା ହେବାରୁ ଚାରି ଦିନ ପୂର୍ବେ ଦୋକାନ ବନ୍ଦ କରି ନିଜ ଘର ଛଣଗିରିକୁ ଆସିଥିଲେ। ଏହାର ସୁଯୋଗରେ ଅଭିଯୁକ୍ତମାନେ ତାଙ୍କ ଦୋକାନ ଭାଙ୍ଗି ସମସ୍ତ ସାମଗ୍ରୀ ଚୋରି କରିନେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୯୦/୨୧) ରୁଜୁକରି ଅଭିଯୁକ୍ତମାନଙ୍କୁ ଧରିଥିଲା।

## ଚିଲିକା ବୁଲ୍‌ସ ବିଜୟୀ

**ଟାଙ୍ଗୀ(ଖୋର୍ଦ୍ଧା),୧୧।୧୨(ଡି.ଏନ୍.ଏ.)**

ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଟାଙ୍ଗୀ ଫୁଟବଲ ଲିଗ୍ ଆରମ୍ଭ ହୋଇଛି। ଶନିବାର ଏକେ ୪୭ ଓ ଚିଲିକା ବୁଲ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉଭୟ ଟିମ୍ କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଚିଲିକା ବୁଲ୍‌ସ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ, ଆଇନଜୀବୀ ପ୍ରତାପ ମହାପାତ୍ର, ଯାମିନୀକାନ୍ତ ପାତ୍ର, ବୁଲୁ ରାଉତ, ଗୁନ ବେହେରା ଯୋଗଦେଇଥିଲେ। ନନ୍ଦ କିଶୋର ସ୍ୱାଇଁ, ପ୍ରକାଶ ନାୟକ ଓ ସୁଶାନ୍ତ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ।

## ହରିକେଶରରେ ପୁଷ୍ଟି ମହୋତ୍ସବ

**ବୋଲଗଡ଼,୧୧।୧୨(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ହରିକେଶର ଗ୍ରାମର ରାମଚଣ୍ଡୀ ମନ୍ଦିର ପରିସରରେ ଓଡ଼ିଶା ପୁଷ୍ଟି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ବଡ଼କୁମ୍ଭାରୀ ପଞ୍ଚାୟତ ମହିଳା ମିଶନ ଶକ୍ତି ସିଆରପି ସୋନାଲି ରାଉତରାୟଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ସମବାୟ ବ୍ୟାଙ୍କର ଡାଇରେକ୍ଟର ପ୍ରଫୁଲ୍ଲ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନିରୁପମା ପ୍ରଧାନ, ସମିତା ସେନାପତି, ଟିଙ୍କିନା ମହାରଣା, ପ୍ରତିମା ପାଇକରାୟ, ସରପଞ୍ଚ ହୁଲାସ ପ୍ରଧାନ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରକାଶ ବଳିୟାରସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ପୁଷ୍ଟି ମହୋତ୍ସବର ପ୍ରାରମ୍ଭରେ ବଇଁଶୀଧର ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆବାହନ ସଙ୍ଗୀତ ଗାନ କରାଯାଇଥିଲା। ହରିକେଶର ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର କେତେଜଣ ମହିଳାଙ୍କୁ ବାଡିବଗିଚାରେ ପୁଷ୍ଟିକର ଖାଦ୍ୟ ଉତ୍ପାଦନ କରିବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ଏଠାରେ ଯୋଗଦେଇ ଉତ୍ପାଦନ କରିଥିବା ପନିପରିବା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମିଶନ ଶକ୍ତିର ସଦସ୍ୟାଙ୍କୁ ବିଜୁ ସ୍ୱାସ୍ଥ୍ୟ ମିଶନର ସ୍ମାର୍ଟ କାର୍ଡ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଗ୍ରାମାଞ୍ଚଳର କେତେଜଣ ମହିଳାଙ୍କୁ ସଚେତନ କରିବା ନେଇ ପରାମର୍ଶ ଦିଆଯାଇଥିଲା।


ଓଡ଼ିଶା ପୁଷ୍ଟି ମହୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ମଦରେ ବିଷ ମିଶାଇ ମାମୁଁଙ୍କୁ ମାରିଦେଲେ

**ଟାଙ୍ଗୀ(ଖୋର୍ଦ୍ଧା),୧୧।୧୨(ଡି.ଏନ୍.ଏ.)**

**ଭଣଜା ସମେତ ୨ ଗିରଫ**

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ପଟିଆ ପଞ୍ଚାୟତର କେନ୍ଦୁଆମାଳ ଜଙ୍ଗଲରୁ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତକ ହେଲେ ବାଲୁଗାଁ ଥାନା ଅନ୍ତର୍ଗତ ହରିକୁଣ୍ଡ ବରଡ଼ି ଗ୍ରାମର ବ୍ରଜ ବିଶ୍ୱାଳ। ଏହି ଘଟଣାରେ ପୋଲିସ ବ୍ରଜଙ୍କ ଭଣଜା ଚାନ୍ଦପୁର ଶାସ୍ତ୍ରୀନଗରର ନବ ପ୍ରଧାନଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିଲା। ନବ ମଦ ବୋତଲରେ ବିଷ ମିଶାଇ ତାଙ୍କ ମାମୁଁଙ୍କୁ ପିଆଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବ୍ରଜଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ଆତ୍ମହତ୍ୟା ରୂପଦେବାକୁ ନବ ଓ ତାଙ୍କ ସମ୍ପର୍କୀୟ ଶିବ ସାହୁ କେନ୍ଦୁଆମାଳ ଜଙ୍ଗଲରେ ମୃତଦେହ ପିଙ୍ଗି ଦେଇଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଶନିବାର ନବ ଓ ଶିବଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ରଶ୍ମି ରଞ୍ଜନ ଦାସ କହିଛନ୍ତି।

## ବିଜେଡିରେ ମିଶିଲେ ଶତାଧିକ କର୍ମୀ

**କୃଷ୍ଣପ୍ରସାଦ,୧୧।୧୨(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଶନିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବଜ୍ରକୋଟ ପଞ୍ଚାୟତର କେତେକ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ଜିଲା ବିଜୁ ଛାତ୍ର ଜନତା ଦଳ ଉପସଭାପତି ଶାନ୍ତନୁ କୁମାର ମାଝୀ, ବ୍ଲକ ଯୁବ ଜନତା ଦଳ ସଭାପତି ଅଭୟ ମହାପାତ୍ରଙ୍କ ସହଯୋଗରେ ଦଳୀୟ କର୍ମୀଙ୍କ ପକ୍ଷରୁ ପାଟପୁରଠାରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇଥିଲେ। ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ରୀନାରାଣୀ ତରେଇ, ପ୍ରଦୀପ କୁମାର ଦାସ, ହେମନ୍ତ କୁମାର ଜେନା, ବିଜୟ ତରେଇ, ରାଜ କିଶୋର ବିଶ୍ୱାଳ, ସେକ୍ ନବି, ନରୋତ୍ତମ ଦଳେଇ, ପ୍ରଦୀପ ମାଝୀ, ପ୍ରଶାନ୍ତ ଜେନାଙ୍କ ନେତୃତ୍ୱରେ ବଜ୍ରକୋଟ ପଞ୍ଚାୟତର ଭାଜପା ନେତା ଯୋଗୀ ବୈରିଗଞ୍ଜନ, ସୁଦର୍ଶନ ଜେନା, ସୁରେଶ ସେଠୀ, ହିରଣ୍ୟ ସାହୁ, ପବନା ସାହୁ ପ୍ରମୁଖ ସେମାନଙ୍କ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଥିଲେ। ପରେ ମାଲୁଦ ପଞ୍ଚାୟତର ମଳେଶ୍ୱରୀ ଗ୍ରାମକୁ ଗସ୍ତ କରି ଏକ ବନ୍ଧୁ ମିଳନରେ ଯୋଗଦେଇଥିଲେ।

## ଗ୍ୟାସ୍ ସିଲିଣ୍ଡର ଡିପୋ ନିର୍ମାଣକୁ ବିରୋଧ

**ଜଟଣୀ,୧୧।୧୨(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ୯ ନମ୍ବର ୱାର୍ଡ ଅନ୍ତର୍ଗତ ଷଣ୍ଢପୁର ଗ୍ରାମ ନିକଟରେ ଗଢ଼ିଉଠିଥିବା ଶାସ୍ତ୍ରୀନଗର ଆଦର୍ଶ କଲୋନୀରେ ଗ୍ୟାସ୍ ଡିପୋ ନିର୍ମାଣକୁ ନେଇ ବସ୍ତି ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ସ୍ଥାନୀୟ ତହସିଲ ପକ୍ଷରୁ ଉକ୍ତ ଜନବସତି ଅଞ୍ଚଳରେ କୌଣସି ଜନସଚେତନତା ନ କରାଯାଇ ଗ୍ୟାସ ଡିପୋ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଥିବାରୁ ବିରୋଧ ହୋଇଛି। ଉକ୍ତ ସ୍ଥାନରେ ସରକାରଙ୍କ ପକ୍ଷରୁ ଏଲ୍‌ଆରସି ପାଇଥିବା ତନୋଟି ଘରକୁ ମଧ୍ୟ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ଯାହା ଓଡ଼ିଶା ଭୂଅଧିକାର ଆଇନ ୨୦୧୭କୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି ବୋଲି ପ୍ରଭାବିତ ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ସ୍ଥାନ ଚାରିପଟେ ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନ, ସରକାରୀ ଡାକ୍ତରଖାନା ରହିଥିବା ବେଳେ ଉକ୍ତ ସ୍ଥାନରେ ଡିପୋ ନିର୍ମାଣ ହେଲେ ଜନସାଧାରଣ ଓ ସ୍କୁଲ, କଲେଜର ଛାତ୍ରୀଛାତ୍ରଙ୍କ ଯାତାୟାତରେ ଅସୁବିଧା ଦେଖାଦେବ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ଅନ୍ୟପକ୍ଷରେ ସରକାରୀ ସ୍ୱୀକୃତିପ୍ରାପ୍ତ ବସ୍ତିର ଅଧିକାର ପ୍ରମାଣପତ୍ର ପ୍ରାପ୍ତ ଘରକୁ ଭାଙ୍ଗୁଥିବାରୁ ବସ୍ତିବାସିନ୍ଦା ମାନେ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି। ଏନେଇ ବସ୍ତି ମହାସଂଘ, ଜିଲାପାଳଙ୍କୁ ପ୍ରଭାବିତ ଲୋକେ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ତହସିଲଦାର ତପନ କୁମାର ମହାପାତ୍ରଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।


ଡିପୋ ନିର୍ମାଣ ସ୍ଥଳରେ ବସ୍ତିବାସିନ୍ଦା ବିରୋଧ କରୁଛନ୍ତି।

## ସଂକ୍ଷେପରେ

### ୧୭ରେ ପୁଣି କୋଣାର୍କ ଉତ୍ସବ

କୋଣାର୍କ,୧୧।୧୨(ଡି.ଏନ୍.ଏ.): ବାତ୍ୟା ଜୱାଦ ପାଇଁ ସ୍ଥଗିତ ରହିଥିବା କୋଣାର୍କ ଉତ୍ସବ-୨୦୨୧ ଆସନ୍ତା ୧୭ତାରିଖ ସକାଳ୯ରୁ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ପର୍ଯ୍ୟଟନ ବିଭାଗ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହେବ। କୋଣାର୍କ ସାହିତ୍ୟ ସଂସଦ ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମରେ 'କୋଣାର୍କ ସାହିତ୍ୟ ଆସର' ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ କରାଯିବ। ଏହି ସାରସ୍ୱତ ଉତ୍ସବରେ ୯ଜଣ ସାରସ୍ୱତ ପ୍ରତିଭା ସମ୍ମାନିତ ହେବେ। ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଡ. ରାଜେନ୍ଦ୍ର ପ୍ରସାଦ, ଡ. ପ୍ରଫୁଲ୍ଲ ମିଶ୍ର, ରଞ୍ଜନ ଦାସ, ଡ. ଜୟନ୍ତୀ ରଥ, ବିରଞ୍ଚି ମିଶ୍ର, ହରେକୃଷ୍ଣ ସାହୁ ପ୍ରମୁଖ ଯୋଗଦେବେ। ସେହିପରି ଦ୍ୱିତୀୟ ଅଧିବେଶନରେ କବି ଡ. ଅବଦୁଲ ଓସିଦ ଖାଁ, ନାରାୟଣ ମୁଦୁଲି, ଉମାକାନ୍ତ ମହାପାତ୍ର, ସ୍ୱପ୍ନେଶ୍ୱର ସାହୁ, ଶୁଭ୍ରାଂଶୁ ପଣ୍ଡା, ଗୋପୀନାଥ କର, ଡ. ସନ୍ତୋଷ ମିତ୍ର, ମନମୋହନ ସ୍ୱାଇଁ, ଅମିୟ ସେଠୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ପିପିଲି,୧୧।୧୨(ସ୍ୱ.ପ୍ର.): କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ବଉଳ ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ଶନିବାର ପୋଲିସ ଜବତ କରିଛି। ମୃତା ହେଲେ ଉକ୍ତ ଗ୍ରାମର ରିଙ୍କି ସାହୁ। ତେବେ ରିଙ୍କିଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ମା' ସୁକାନ୍ତି ପରିଡ଼ା ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରିବା ସହ ମୃତାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ରିଙ୍କି ୫ବର୍ଷ ପୂର୍ବେ ବଉଳ ଗ୍ରାମର ବ୍ରଜମୋହନଙ୍କୁ ବିବାହ କରିଥିଲେ। ଶାଶୁଘର ଅଧିକ ଯୌତୁକ ସହ ବିଭିନ୍ନ ନିର୍ଯାତନା ଦେଉଥିବା ରିଙ୍କି ଅଭିଯୋଗ କରିଥିଲେ। ଶନିବାର ସକାଳେ ରିଙ୍କିଙ୍କୁ ଶାଶୁଘର ଲୋକେ ମାଡ଼ ମାରୁଥିବା ନେଇ ଫୋନ ଯୋଗେ ତାଙ୍କ ମା'ଙ୍କୁ ଜଣାଇ ଥିଲେ। ପରେ ତାଙ୍କ ମା' ପହଞ୍ଚି ଝିଅର ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ।

# ଅବହେଳିତ ଅବସ୍ଥାରେ ମିନି କୋଣାର୍କ

- ସୂର୍ଯ୍ୟ ମନ୍ଦିର ପୂର୍ବରୁ ନିର୍ମାଣ ହୋଇଥିଲା
- ପର୍ଯ୍ୟଟନ ମାନ୍ୟତା ଦାବି

ଗୋପ,୧୧।୧୨(ଡି.ଏନ୍.ଏ)



କୋଣାର୍କର ସୂର୍ଯ୍ୟ ମନ୍ଦିର ଭଳି ଗୋପ ବ୍ଲକ ଅଧୀନ ଏରବଙ୍ଗ ପଞ୍ଚାୟତର ବୟାଳିଶବାଟି ଗ୍ରାମରେ ଏକ ମିନି କୋଣାର୍କ ମନ୍ଦିର ରହିଛି। ହେଲେ ଏହି ମନ୍ଦିରଟି ସରକାରଙ୍କ ଦୃଷ୍ଟି ଅଗୋଚରରେ ରହିଯାଇଥିବାରୁ ମନ୍ଦିରର ଅବସ୍ଥା ଅବହେଳିତ ଅବସ୍ଥାରେ ଥିବାବେଳେ ମନ୍ଦିରରେ ଅନାବନା ଲତା ସହିତ ଗଛ ଉଠିଗଲାଣି। ତେଣୁ ଏହାର ରକ୍ଷଣାବେକ୍ଷଣ ସହ ସୁରକ୍ଷା ଆବଶ୍ୟକତା ରହିଛି। ତେଣୁ ଏହି ମନ୍ଦିର ଉପରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଉଠିଛି।

ଲୋକ କଥା ଅନୁଯାୟୀ, ୧୨ଶହ ଖ୍ରୀଷ୍ଟାବ୍ଦ ପୂର୍ବରୁ ଏହି ମିନି କୋଣାର୍କ ମନ୍ଦିର ନିର୍ମାଣ କରାଯାଇଛି। ଯେତେବେଳେ ଲାଙ୍ଗୁଳା ନରସିଂହ ଦେବଙ୍କ ରାଜତ୍ୱ ସମୟରେ କୋଣାର୍କ ସୂର୍ଯ୍ୟମନ୍ଦିର ନିର୍ମାଣ କରାଯିବାକୁ ମନ୍ତ୍ରୀ ଶିବେଇ ସାମନ୍ତରାୟ ଦାୟିତ୍ୱ ନେଇଥିଲେ। କିନ୍ତୁ ମନ୍ଦିର ନିର୍ମାଣ ନିମନ୍ତେ ୧୨ଶହ ବଢେଇ ଏହି ବୟାଳିଶବାଟି ଗାଁରେ ରହିଥିଲେ। ସେ ସମୟରେ ଗାଁ ନିକଟରେ ବହି ଯାଇଥିବା ପଥରବୁହା ନାଳରେ ବଡ଼ ବଡ଼ ପଥର ନିଆଯାଉଥିଲା। କିନ୍ତୁ କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣ କରାଯିବାକୁ ଯାଉଥିବା ବଡ଼ବଡ଼ ପଥର ସମୁଦ୍ର ଗର୍ଭରେ ଲୀନ ହୋଇଯିବାରେ ମନ୍ତ୍ରୀ ଶିବେଇ ସାମନ୍ତରାୟ ବଡ଼ ଚିନ୍ତାରେ ଥାଆନ୍ତି। ଦିନେ ମନ୍ତ୍ରୀ ଶିବେଇ ପ୍ରଚଣ୍ଡ ଖରାରେ ତତଲା ବାଲିରେ ଚାଲି ଚାଲି ଆସିବା ସହ ତାଙ୍କୁ ବହୁତ ଭୋକ ଲାଗୁଥିଲା। ମନ୍ତ୍ରୀ ଦେଖିଲେ କିଛି ଦୂରରେ ଏକ ଚାଳ ଛପର ଘର ରହିଛି। ମନ୍ତ୍ରୀ ସେହି ଭଙ୍ଗା ଘରେ ବସିବା ସହ ସେଠାରେ ଉପସ୍ଥିତ ଥିବା ଜଣେ ବୃଦ୍ଧାଙ୍କୁ ଖାଇବାକୁ ମାଗିଥିଲେ। ବୃଦ୍ଧା ମନ୍ତ୍ରୀ ଶିବେଇଙ୍କୁ ଖିରି କରି ଦେଇଥିଲେ। ମାତ୍ର ମନ୍ତ୍ରୀଙ୍କୁ ଭୋକ ହେଉଥିବାରୁ ଗରମ ଖିରିରେ ହାତ ଭର୍ତ୍ତି କରି ଦେବାରେ ହାତ ପୋଡ଼ିଯାଇଥିଲା। ଏହାଦେଖି ବୃଦ୍ଧା ଅଥଳ ସମୁଦ୍ର ଗର୍ଭରେ ପଥର ପକାଇବା ଭଳି ତମେ ଗରମ ଖିରିରେ ସିଧା ହାତ ଭର୍ତ୍ତି କରିବା ବଦଳରେ କଡ଼ରୁ ଖାଇବାକୁ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ବୃଦ୍ଧା ସେଠାରୁ ଅନ୍ତର୍ଦ୍ଧାନ ହୋଇଯିବା ପରେ ମନ୍ତ୍ରୀଙ୍କ ମୁଣ୍ଡରେ ବୁଦ୍ଧି ପଶିଥିଲା। ମନ୍ତ୍ରୀ ଶିବେଇ ଏ କଥା ରାଜା ଲାଙ୍ଗୁଳା ନରସିଂହ ଦେବଙ୍କୁ କହିବା ସହ ପ୍ରଥମେ ବୟାଳିଶବାଟୀ ଗ୍ରାମରେ କୋଣାର୍କ ସୂର୍ଯ୍ୟ ମନ୍ଦିରର ଏକ ମଡେଲ ପ୍ରସ୍ତୁତ କରି ଗୋଟିଏ ମନ୍ଦିର ନିର୍ମାଣ କରିବା ସହ ମା' ଗଙ୍ଗେଶ୍ୱରୀଙ୍କୁ ସ୍ଥାପନା କରିଥିଲେ। ପରେ ଏହି ମଡେଲ ଅନୁସାରେ କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ। ସେହିଦିନଠାରୁ ଏହି ମନ୍ଦିରକୁ ମିନି କୋଣାର୍କ ବୋଲି କୁହାଯାଏ। ସେବେଠାରୁ ଏପର୍ଯ୍ୟନ୍ତ ମନ୍ଦିରରେ ମା' ଗଙ୍ଗେଶ୍ୱରୀଙ୍କୁ ସ୍ଥାନୀୟ ଲୋକେ ପୂଜା କରିଆସୁଛନ୍ତି। ହେଲେ ମନ୍ଦିରଟି ପୁରାତନ ହୋଇଯାଇଥିବାରୁ କିଛି ସ୍ଥାନରେ ଭାଙ୍ଗିରୁଜି ଯାଇଥିବାବେଳେ ଗଛଲତା ମାଡ଼ିଗଲାଣି। ଏହାର ସୁରକ୍ଷା ଆବଶ୍ୟକତା ଥିବାବେଳେ ପ୍ରଶାସନ କି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଏଯାଏ ଏଥିପ୍ରତି ଦୃଷ୍ଟି ପଡ଼ି ନାହିଁ। ଫଳରେ ପୁରାତନ କୀର୍ତ୍ତିରାଜି ଧୀରେ ଧୀରେ ନଷ୍ଟ ହେବା ସହ ଆଉ କିଛି ବର୍ଷ ପରେ ଏହି ମିନି କୋଣାର୍କ ମନ୍ଦିର ଭୁଶୁଡ଼ି ପଡିବ ବୋଲି ଗ୍ରାମର ନିରଞ୍ଜନ ସାହୁ, ବିଭୂତି ଭୂଷଣ ସାହୁ, ଆଲୋକ କୁମାର ରାଉତରାୟ ପ୍ରମୁଖ କହିଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହାର ସୁରକ୍ଷା କରିବା ସହ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବାକୁ ବୁଦ୍ଧିଜୀବୀ, ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅସଲ ଗବେଷଣାଗାର ହେଉଛି ପ୍ରକୃତି: ରାଜ୍ୟପାଳ




ଭୁବନେଶ୍ୱର, ୧୧।୧୨(ବ୍ୟୁରୋ)

ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଓଡ଼ିଶା ଶିକ୍ଷା ସମ୍ମାନ ୨୦୨୧ ଶନିବାର ସ୍ଥାନୀୟ ଏକ ହୋଟେଲ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଲେ, କୌଣସି ବିଶ୍ୱବିଦ୍ୟାଳୟ ଭିତରେ ଗବେଷଣାଗାର ନ ଥାଏ। ଶିକ୍ଷାର ଅସଲ ଗବେଷଣାଗାର ହେଉଛି ପ୍ରକୃତି। ସମୁଦ୍ର କୂଳରେ, ପକ୍ଷୀ ଉଡୁଥିବା ଆକାଶରେ, ନଦୀର କୁଳୁକୁଳୁ ଜଳଧାରାରେ ଜ୍ଞାନର ଗନ୍ତାଘର ରହିଛି। ପ୍ରକୃତି ହିଁ ସବୁଠୁ ବଡ଼ ଶିକ୍ଷାନୁଷ୍ଠାନ ବୋଲି ରାଜ୍ୟପାଳ କହିଥିଲେ। ଏହିଅବସରରେ ରାଜ୍ୟର ଜଣାଶୁଣା ୧୦ଟି ଶିକ୍ଷାନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଏଥିସହ ଅନ୍ୟତମ ଅତିଥି ଭାବେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗୀୟ ମୁଖ୍ୟ ପ୍ରଫେସର ସୁକାନ୍ତ କୁମାର ନନ୍ଦ ଶିକ୍ଷାନୁଷ୍ଠାନଗୁଡ଼ିକୁ ସମ୍ମାନିତ କରିଥିଲେ। ଓଡ଼ିଆ ମିଡିଆର ନିର୍ଦ୍ଦେଶକ ତଥା କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଆଦ୍ୟାଶ୍ରୀ ମଞ୍ଚ ପରିଚାଳନା କରିଥିଲେ। ଗିରୀଶ ରଞ୍ଜନ ସାହୁ, ସତ୍ୟବ୍ରତ ବଳିଆରସିଂହ, ବୀରେନ୍ କୁମାର ସାହୁ, ଗୀତାଞ୍ଜଳି ମିଶ୍ର ଓ ଇପ୍‌ସିତା ଆଚାର୍ଯ୍ୟ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଶାର ହସ୍ତଶିଳ୍ପ ଉଚ୍ଚକୋଟୀର

ରାଜ୍ୟସ୍ତରୀୟ ହସ୍ତଶିଳ୍ପ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର, ୧୧।୧୨ (ବ୍ୟୁରୋ)

ଓଡିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନ ହସ୍ତଶିଳ୍ପ ସେବା ଅଧିକାରୀଙ୍କ ଦୁଇ ଦିନିଆ ରାଜ୍ୟସ୍ତରୀୟ ହସ୍ତଶିଳ୍ପ କର୍ମଶାଳା ତଥା ଜାଗୃତିକରଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ବୟନ ମନ୍ତ୍ରାଳୟର ବିକାଶ ଆୟୁକ୍ତ ଶାନ୍ତନୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଓଡ଼ିଶାର ହସ୍ତଶିଳ୍ପ ବହୁ ଉଚ୍ଚକୋଟୀର ଓ ବିଶ୍ୱସ୍ତରରେ ବହୁଳ ଆଦୃତ ବୋଲି କହିଥିଲେ। ଏହାସହ ହସ୍ତଶିଳ୍ପ ଉତ୍ପାଦଗୁଡିକର ପାକେଜିଂ ଓ ବ୍ରାଣ୍ଡିଂ ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ୍ ବୋଲି କହିଥିଲେ। ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀକାନ୍ତ ପୃଷ୍ଟି ଓଡ଼ିଶାର ହସ୍ତଶିଳ୍ପ ଓ ଏହାର ବିକାଶରେ ହସ୍ତଶିଳ୍ପ ଅଧିକାରୀମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଓରସାକ୍ ଦ୍ୱାରା ପ୍ରସ୍ତୁତ ୱେବସାଇଟ୍ ଓ ମୋବାଇଲ୍ ଆପ୍ ମାଧ୍ୟମରେ ରାଜ୍ୟରେ ଚାଲିଥିବା ହସ୍ତଶିଳ୍ପୀ ସର୍ବେକ୍ଷଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିପାଇଁ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ଓରସାକ୍ ଟିମ୍ ଦ୍ୱାରା ତାଲିମ ପ୍ରଦାନ କରାଯାଇଛି। ହସ୍ତଶିଳ୍ପର ଭିତ୍ତିଭୂମି ସୁଦୃଢ଼ ଓ ଦକ୍ଷତା ବିକାଶ ସମ୍ବନ୍ଧରେ ଆଲୋଚନା କରାଯାଇ ଆସନ୍ତା ୩ ବର୍ଷର କାର୍ଯ୍ୟ ପରିଯୋଜନା ପ୍ରସ୍ତୁତ କରି ନିର୍ଦ୍ଦେଶାଳୟରେ ଦାଖଲ କରିବା ପାଇଁ ଜିଲାସ୍ତରୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମରେ ସୁଧାଂଶୁ ରଞ୍ଜନ ପ୍ରଧାନ, ଶିଶିର ରଥ, ସନ୍ତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟସ୍ତରରେ ଗୌରବ ଆଣିଲେ ଓଡ଼ିଆ ଶିଶୁ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଭୁବନେଶ୍ୱରର ୪ବର୍ଷୀୟ ଶିଶୁ ଆହିଲ୍ ମହାନ୍ତି। ଦ୍ରିଷ୍ଟି ଏଣ୍ଟରଟେନର ଦ୍ୱାରା ଆୟୋଜିତ ଜାତୀୟ ସ୍ତରୀୟ ପ୍ରତିଯୋଗିତା 'ଇଣ୍ଡିଆ ନେକ୍ସଟ୍‌ମାଷ୍ଟର କିଡ୍ ସିଜନ୍-୨'ରେ ସେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୩୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାପା ଅନିଲ ମହାନ୍ତି, ମା' ଲିଳାଦ୍ରି ପଣ୍ଡାଙ୍କ ସୁପୁତ୍ର ଆହିଲ ସାଇ ଜ୍ଞାନ ସ୍କୁଲରେ କେଜି ୱାନ୍‌ରେ ପଢୁଛନ୍ତି।

# ଋଣଛାଡ଼, କ୍ଷତିପୂରଣ ସହାୟତା ଦାବି

ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ନିରାକାରପୁର, ୧୧।୧୨ (ଡି.ଏନ୍.ଏ.)

ଜୱାଦ ପ୍ରଭାବରେ ହୋଇଥିବା ଲଗାଣ ବର୍ଷାରେ ନିରାକାରପୁର ଅଞ୍ଚଳରେ ବ୍ୟାପକ ଧାନ ଓ ପରିବା ଫସଲ ନଷ୍ଟ ହୋଇଛି। ଏବେ ବି ଅନେକ ବିଲରେ ପାଣି ଜମି ରହିଛି। ଅମଳ ସମୟରେ ଫସଲ ନଷ୍ଟ ହୋଇଯିବାରୁ ଋଣ କିପରି ପରିଶୋଧ କରିବେ ସେ ନେଇ ଚାଷୀଙ୍କୁ ଚିନ୍ତା ଘାରିଛି। ଶନିବାର ନିରାକାରପୁର ଚାଷୀ ଏବଂ ଭାଗ ଚାଷୀମାନେ ମିଳିତଭାବେ କ୍ଷତିପୂରଣ, ଫସଲ ବୀମା, କୃଷି ଋଣ ଛାଡ଼ ଦାବିରେ ଜିଲାପାଳ ଏବଂ ଜିଲା କୃଷି ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ଚାଷୀ ବିପିନ କୁମାର ଜୟସିଂହ କହିଛନ୍ତି। ଅନ୍ୟପଟେ ବର୍ଷକର ଫସଲ ଅମଳ ପୂର୍ବରୁ ନଷ୍ଟ ହୋଇଯାଇଥିବାରୁ ପରିବାର କିପରି ଚଳିବ ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି ଦାବି ହୋଇଛି।

GOVERNMENT OF ODISHA "e" PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
Tender Call Notice
E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle-12/2021-22 Memo No.1740 Dt.08.12.2021
No. B-779:- The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE form eligible contractors for Building work as detailed in the table below:
1. Nature of work : Building work
2. No. of work : 1 No.
3. Tender cost : Rs.10000.00 (Online)
4. Class of contractor : Special class and super class
5. Available of bid document in the website : From 10.00 A.M. of Dt.20.12.2021 to 05.00 P.M. of Dt.30.12.2021
6. Last date of receipt of tender : Dt.30.12.2021 upto 5.00 P.M.
7. Date of opening of bid : Dt.31.12.2021 at 11.30 A.M.
8. The bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.
Sd./- Chief Construction Engineer, Khordha (R&B) Circle, Khordha
OIPR-34127/11/0018/2122

OFFICE OF THE SUPERINTENDING ENGINEER
RURAL WORKS DIVISION No.-I, KEONJHAR
No. O-1295
"e" Procurement Notice for Road Works
Identification No. Online NCB-11/2021-22
1. Name of the Work : 2 Nos. Road Work
2. Total Number of Work : 2 Nos.
3. Estimated Cost : Rs.8.85 Lakhs & 13.27 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking Tender Clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Divn. No.I, Keonjhar | Road Works N.C.B. No.-11/2021-22 | 13.12.2021 at 11.00 A.M. | 20.12.2021 at 5.00 PM | 18.12.2021 at 5.00 PM | 21.12.2021 at 5.00 PM |

Further details can be seen from the Website: www.tenderorissa.gov.in
OIPR-25110/11/0010/2122
Sd./- Superintending Engineer, R.W. Divn. No.-I, Keonjhar

OFFICE OF THE SUPERINTENDING ENGINEER
RURAL WORKS DIVISION, BALLIGUDA
rw_balliguda@yahoo.com, Tel.-06846-243114
Government of Odisha e-Procurement Notice
Bid Identification No. Online Tender / 13/SERWD BLG/ 2021-22
No.O-1276:- Letter No.6353 / RWDBLG Date:06.12.2021

| | | | |
|---|---|---|---|
| 1 | Name of the work | : | Road works |
| 2 | Estimated cost | : | Rs.5.00 lakhs to Rs.47.00 lakhs |
| 3 | Period of completion | : | 1 (One) & 2 (Two) calendar months as per Annexure |
| 4 | Date & time of availability of bid documents in the portal | : | From 14.12.2021 at 10.00 A.M. to 20.12.2021 upto 5.00 P.M. |
| 5. | Last date / time for receipt of bids in the portal | : | 21.12.2021 upto 5.00 P.M. |
| 6 | Name and address of the officer inviting bid | : | Superintending Engineer, Rural Works Division, Balliguda |

Further details can be seen from the e-procurement portal website https://www.tendersodisha.gov.in
Sd./- Superintending Engineer
Rural Works Division, Balliguda
OIPR-25150/11/0010/2122

GOVERNMENT OF ODISHA
SUPERINTENDING ENGINEER, BOUDH (R&B) DIVISION, BOUDH
E-mail: eeboudhrb@gmail.com
INVITATIONS FOR BIDS (IFB)
"e" procurement Notice
No.B-781:- Letter No.3719 Dtd.06.12.21
Bid Identification No. SE (R&B)- BDH 16/2021-22
1) Name of the work : 01 (One) No. Road work (Double cover)
2) Estimated cost : 67.00 lakhs
3) Period of completion : 1 (One) calendar month
4) Date & time of availability of bid documents in the portal : From 13.12.2021, 10.00 A.M. to 22.12.2021, 5.00 P.M.
5) Last date / time for seeking of tender clarification : 22.12.2021 upto 1.00 P.M.
6) Last date / time for receipt of bids in the portal : Upto 5.00 P.M. of dated 22.12.2021
7) Date & time of opening of tender / bid : 23.12.2021 at 11.30 A.M.
8) Name and address of the O.I.T. : Superintending Engineer, Boudh (R&B) Division, Boudh
Further details corrigendum(s) if any issued can be seen from the website http://tendersorissa.gov.in
Sd./- Superintending Engineer, Boudh (R&B) Division, Boudh
OIPR-34134/11/0011/2122

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, DHARMAGARH
Tel:- 06672295251, Email:- rw_dharmagarh@yahoo.com
BID IDENTIFICATION NO. DMGH/Online-11 OF 2021-22 Date: 04.12.2021
"e" PROCUREMENT NOTICE
No. O-1268:- Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
1. Name of the Work : Road works in the District of Kalahandi as mentioned in DTCN
2. Total No. of Works : 10 Nos.
3. Estimated Cost : Rs.8.85 to 23.49 Lakhs
4. Period of Completion : 01 (One) & 02 (Two) calendar month
5. Other Details:

| Availability of Tender online for bidding | | Last date & time of seeking tender clarification | Date & time of Opening of tender |
|---|---|---|---|
| From | To | | |
| 13.12.2021 at 10.00 AM | 23.12.2021 Up to 5.00 PM | 21.12.2021 Up to 5.00 PM | 24.12.2021 at 11.00 AM |

Further details can be seen from the website www.tendersorissa.gov.in
Executive Engineer, Rural Works Division, Dharmagarh
OIPR-25100/11/0014/2122

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
Phone- 06842-253708, E-mail: rw_phulbani@yahoo.co.in
No. O-1271 No.5952 RWDP, Dated the 06.12.2021
Government of Odisha e-Procurement Notice
Bid Identification No. Online Tender / 21/SERWD PHULBANI/2021-22

| | | | |
|---|---|---|---|
| 1. | Name of the work | : | Building Works (2 Nos.) |
| 2. | Estimated cost | : | Rs.37.66 Lakhs & Rs.42.10 Lakhs |
| 3. | Period of completion | : | 6 (Six) calendar months |
| 4. | Date & time of availability of bid documents in the portal | : | From 13.12.2021 to 22.12.2021 |
| 5. | Last date / time for receipt of bids in the portal | : | 22.12.2021 upto 5.00 P.M. |
| 6. | Name and address of the Officer Inviting Bid | : | Superintending Engineer, Rural Works Division, Phulbani |

Further details can be seen from the e-procurement portal website: https://tenders.ori.nic.in/ nicgep/app
Sd./- Superintending Engineer
Rural Works Division, Phulbani
OIPR-25077/11/0026/2122

ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ, ଜିଲ୍ଲା- ବୌଦ୍ଧ
ବିଜ୍ଞାପନ ସଂ. ୧୦୭, ତା.୧୦.୧୨.୨୧
ଚଳିତ ଖରିଫ ୨୦୨୧-୨୨ ବର୍ଷରେ ବୌଦ୍ଧ ଜିଲ୍ଲାର ୪୧ ଗୋଟି ସେବା ସମବାୟ ସମିତି ମାଧ୍ୟମରେ ତା.୧୪.୧୨.୨୦୨୧ରିଖଠାରୁ କଣ୍ଟାମାଳ ବ୍ଲକ ଓ ତା୨୧.୧୨.୨୦୨୧ରିଖଠାରୁ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ବୌଦ୍ଧ ଓ ହରଭଙ୍ଗା ବ୍ଲକ ଅଞ୍ଚଳର ଚାଷୀଭାଇମାନଙ୍କଠାରୁ ଧାନକ୍ରୟ କରାଯିବ। ଚଳିତ ଖରିଫ୍ ୨୦୨୧-୨୨ ବର୍ଷ ନିମନ୍ତେ ସାଧାରଣ (FAQ) ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୧୯୪୦.୦୦ ଏବଂ ଉତ୍ତମ (Grade A) ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୧୯୬୦.୦୦ ସରକାର ସ୍ଥିର କରିଛନ୍ତି। ସବିଶେଷ ବିବରଣୀ ନିମନ୍ତେ ଚାଷୀଭାଇମାନେ ସେମାନେ ପଞ୍ଜୀକରଣ କରିଥିବା ସମିତିରେ ଯୋଗାଯୋଗ କରିବାକୁ ଅନୁରୋଧ।

| | F.A.Q. ଧାନର ମିଶ୍ରିତ ନିକୃଷ୍ଟ ଦ୍ରବ୍ୟ ବା ବାହ୍ୟ ପଦାର୍ଥ | ସର୍ବୋଚ୍ଚ ଗ୍ରହଣୀୟ ସୀମା | | F.A.Q. ଧାନର ମିଶ୍ରିତ ନିକୃଷ୍ଟ ଦ୍ରବ୍ୟ ବା ବାହ୍ୟ ପଦାର୍ଥ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|---|---|---|---|
| ୧. | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% | ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୨. | କୁଟା, କାଠି, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% | ୫. | ଗ୍ରେଡ୍ ଏ ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬% |
| ୩. | ଖରାପ, ବେରଙ୍ଗି, ପାଣିଫୁଲା ବା ପୋକା ଇତ୍ୟାଦି (ଖରାପ, ପାଣିଫୁଲା ଏବଂ ପୋକା ଶତକଡ଼ା ୪ ମଧ୍ୟରେ ରହିବ) | ୫% | ୬. | ଆର୍ଦ୍ରତା | ୧୭% |

ବି.ଦ୍ର.:
୧. ଆଧାର କାର୍ଡ ସାଙ୍ଗରେ ଆଣି ପଞ୍ଜୀକୃତ ଚାଷୀ କ୍ରୟ କେନ୍ଦ୍ରକୁ ଆସିବେ। ସକାଳ ୮.୦୦ ଘଟିକାଠାରୁ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ ଟୋକନ ପାଇଥିବା ଚାଷୀମାନେ ହିଁ ଟୋକନରେ ଦର୍ଶିତ ତାରିଖରେ F.A.Q. ମାନର ଧାନ କ୍ରୟ କେନ୍ଦ୍ରକୁ ଆଣିବେ।
୨. ଯେ କୌଣସି ସହାୟତା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିଃଶୁଳ୍କ ସହାୟତା ନମ୍ବର ୧୯୬୭କୁ ନିଜର ପଞ୍ଜୀକୃତ ମୋବାଇଲ ନମ୍ବର ଦ୍ୱାରା ଯୋଗାଯୋଗ କରିପାରିବେ କିମ୍ବା ଜିଲ୍ଲା ଅଫିସ କଣ୍ଟ୍ରୋଲ ରୁମ୍ ନମ୍ବର ୯୪୩୮୮୭୮୩୯୬ରେ ଯୋଗାଯୋଗ କରିପାରିବେ।
୩. Covid-19ର ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିୟମାବଳୀକୁ ପାଳନପୂର୍ବକ ସାମାଜିକ ଦୂରତା ବଜାୟ ରଖିବେ।
ଉପ-ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଆର୍.ଏମ୍.ସି., ବୌଦ୍ଧ
ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଜିଲ୍ଲା କ୍ରୟ କମିଟି, ବୌଦ୍ଧ

OFFICE OF THE EXECUTIVE ENGINEER
DEOGARH (R&B) DIVISION, DEOGARH
E-mail ID: eepwddeogarh@gmail.com
INVITATIONS FOR BIDS (IFB)
Lr. No.: 3950 Dtd.06.12.2021
No.B-790:- Invitation for Bids
Bid Identification No. EE PWD DGR No.12 of 2021-22

| | | | |
|---|---|---|---|
| 1. | The Executive Engineer, Deogarh (R&B) Division, Deogarh, on behalf of Governor of Odisha, invites percentage rate bids in single / double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Road works |
| 3. | No. of works | : | Road 06 Nos. |
| 4. | Bid cost | : | Rs.6,000/- & 10,000/- |
| 5. | Class of contractor | : | 'C', 'B' & 'A' Class |
| 6. | Availability of bid documents in the website | : | From Dt.13.12.2021 to 17.00 hours of dt.20.12.2021 |
| 7. | Date of opening of technical bid | : | Dt. 21.12.2021 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Executive Engineer, Deogarh (R&B) Division
OIPR-34061/11/0009/2122

See Career Appointment on every Wednesday & Saturday

INVITATION FOR BIDS (IFB)
NATIONAL COMPETITIVE BIDDING THROUGH E-PROCUREMENT
IDENTIFICATION NO.: RWS&S DIVN._PURI-30 OF 2021-22
Ph. (06752) 251276, Fax: (06752) 251276, E-mail: eerwss_puri@nic.in
No.O-1279:- The Executive Engineer, RWS&S Division, Puri on behalf of Governor of Odisha invites percentage rate price bids through e-procurement in double cover system according to the norms of e-procurement system, in online mode from eligible contractors.

| Sl. No. | Name of work: | Execution of Rural Piped Water Supply Schemes |
|---|---|---|
| 1 | No. of works: | 3 (Three) |
| 2 | Estimated cost: | Rs.74.76 to 354.94 lakhs (App.) |
| 3 | Time for completion: | 3 (Three) months to 12 (Twelve) months |
| 4 | Cost of bidding document: | Rs.10,000/- |
| 5 | Class of contractors eligible: | B, A & Special |
| 6 | Availability of bids online: | From 11.00 hour of 13.12.2021 to 17.00 hours of 28.12.2021 |
| 7 | Last date and time for seeking clarification: | 17.00 hours of 20.12.2021 |
| 8 | Date & time of opening of technical bids: | On dt.29.12.2021 at 11.30 hours in the Office of the Executive Engineer, RWS&S Division, Puri (All document should be submitted in online only. No original documents should be dropped in dropping box before opening of technical bid in Division Office). |
| 9 | Date and time of opening of financial bids: | To be decided |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the website.
Sd./- Executive Engineer, R.W.S&S Division, Puri
OIPR-25017/11/0015/2122

OFFICE OF THE SUPERINTENDING ENGINEER
RWSS DIVISION, RAIRANGPUR
INVITATION FOR BIDS
E-mail- eerwss_rai@nic.in, eerwss.rai@gmail.com
e-PROCUREMENT NOTICE
IDENTIFICATION No.34 RWSS/RRPUR-2021-2022 / Dated 08.12.2021
No.O-1286:- The Superintending Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received i online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade / Class registered with Central Govt. / Railways.
1. Nature of work : a) Execution of clubbed up PWS schemes to different villages of Karanjia & Thakurmunda Block under RWS&S Division, Rairangpur in the District of Mayurbhanj.
2. No. of packages : 3 (Three) Nos.
3. Period of completion : 11 (Eleven) months
4. Cost of tender : Rs.10000.00
5. Estimated cost : Rs.300.32 lakhs to 462.16 lakhs
6. Class of contractor : (As mentioned in Tender Call Notice)
7. Date and time of availability of bid documents in portal : From 10 hours of 13.12.2021 to 17.00 to hours of 28.12.2021
8. Receipt of bid cost, bid security, documents : Online only
9. Date & time of opening of technical bid : Dt.29.12.2021 at 16.00 hours onwards
10. Other documents : (As mentioned in DTCN)
11. The bidders have to participate in online bidding only. Further details can be seen from the website https://www.tendersodisha.gov.in.
12. Any addendum/ corrigendum / cancellation of tender can also be seen in the said website.
Sd./- Superintending Engineer, RWSS Division, Rairangpur
OIPR-25010/11/0015/2122

**ଏମ୍‌ବିଏ ଛାତ୍ରଛାତ୍ରୀଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ**

ପୁରୀ ଅଫିସ - ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଚଳିତବର୍ଷ ପାଇଁ ଆଡମିଶନ ନେଇଥିବା ଏମବିଏ ଛାତ୍ରୀଛାତ୍ରଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ହେରିଟେଜ ହଲ ପରିସରରେ ଅନୁଷ୍ଠିତ ହୋଇଛି। ଅଧକ୍ଷା ଡା. ସୁଜାତା ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ତୁଷାରକାନ୍ତ ପାଣି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କେବଳ ବସ୍ତୁବାଦୀ ନ ହୋଇ ଆଧ୍ୟାତ୍ମିକ ସ୍ତରରେ ଉନ୍ନତ ହେବାପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭୁବନେଶ୍ୱର ଟିସିଏସ୍‌ର ମାନବ ସମ୍ବଳ ମୁଖ୍ୟ କୃଷ୍ଣପ୍ରସାଦ ମହାପାତ୍ର ,ଏମ୍‌ବିଏ ବିଭାଗର ସଂଯୋଜକ ଡା. ଚିତ୍ତରଞ୍ଜନ ଦ୍ୱିବେଦୀ, ବିଭାଗର ମୁଖ୍ୟ ଡା. ସତ୍ୟପ୍ରକାଶ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଧାପକ ଅଭିଷେକ ଶତପଥୀ ଓ ଅଧାପିକା ବିଜୟଲକ୍ଷ୍ମୀ ଭୋଳ ପରିଚାଳନା କରିଥିଲେ। ଅଧାପକ ଶିବପ୍ରସନ୍ନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




୧୧।୧୨।୨୦୨୧

| | |
|---|---|
| ୫,୭୫,୯୨୨ ଟଙ୍କା | |
| ସୁନା | ୩.୭୦୦ ଗ୍ରାମ |
| ରୁପା | ୨.୬୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ପୁରୀ**

- ଦି ବେଲ୍ ମହୋଦଧି ଦିବସ ପାଳନ, ନୀଳାଦ୍ରି ବେଳାଭୂମି, ସକାଳ ୯ଟା।
- ହାପିନେସ୍ ଫାଉଣ୍ଡେସନର ବାର୍ଷିକୋତ୍ସବ ଏବଂ ସମ୍ମାନିତ କାର୍ଯ୍ୟକ୍ରମ, ସଂସ୍କୃତି ଭବନ ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ କଳା ମଞ୍ଚ ପକ୍ଷରୁ ଜିଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ, ରାଣୀ ସତୀ ଭବନ, ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ସାଧାରଣ ସଭା, ହୋଟେଲ ହଲିଡେ ରିସର୍ଟ, ପୂର୍ବାହ୍ନ ୧୦ଟା ୩୦।
- ଶୋଭାଯାତ୍ରା କମିଟି ପକ୍ଷରୁ ମହମବତୀ ଶୋଭାଯାତ୍ରା, ମରିଚିକୋଟ ଛକରୁ ସିଂହଦ୍ୱାର, ଅପରାହ୍ନ ୪ଟା ୩୦।

## ସଂକ୍ଷେପରେ

### ବ୍ଲେଡ୍‌ରେ ଆକ୍ରମଣ କରି ଟଙ୍କା ଲୁଟ୍, ଜଣେ ଗିରଫ

ପୁରୀ ଅଫିସ,୧୧।୧୨- ବ୍ଲେଡ୍‌ରେ ଆକ୍ରମଣ କରି ଟଙ୍କା ଲୁଟି ନେବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଳିଆପଣ୍ଡା ପ୍ରାଚି ଛକ ନିକଟର ରମାକାନ୍ତ ବେହେରା ଓରଫ ଲିପୁ (୩୧)। ପୋଲିସ ଅଭିଯୁକ୍ତଠାରୁ ଗୋଟିଏ ମୋବାଇଲ ଫୋନ, ଗୋଟିଏ ବ୍ଲେଡ ଏବଂ ନଗଦ ୫୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ନଂ. ୧୭୫/୨୧ରେ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ କେନ୍ଦ୍ରାପଡା ଅଞ୍ଚଳର ବିକାଶ ମହାପାତ୍ରଙ୍କୁ ଅଭିଯୁକ୍ତ ଜଣକ ଆସି ୫ ହଜାର ଟଙ୍କା ମାଗିଥିଲେ। ସେ ଦେବାକୁ ରାଜି ନ ହେବାରୁ ତାଙ୍କୁ ବ୍ଲେଡରେ ଆକ୍ରମଣ କରି ୫ଶହ ଟଙ୍କା ନେଇ ଫେରାର ହୋଯାଇଥିଲା। ଏ ନେଇ ବିକାଶ ପୋଲିସକୁ ଫୋନ କରିବାରୁ ପିସିଆର ଗାଡ଼ି ଆସି ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଥିଲା।

### ସ୍କୁଟି ଧକ୍କାରେ ମହିଳାଙ୍କ ମୃତ୍ୟୁ

ଡେଲାଙ୍ଗ,୧୧।୧୨(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ଅଞ୍ଚଳରେ ଏକ ସ୍କୁଟି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଏହି ଥାନା ଅଧୀନ କଲ୍ୟାଣପୁର ପଞ୍ଚାୟତର ବାଲିହୁଙ୍କା ଗ୍ରାମର ବିନୋଦିନୀ ରାଉତରାୟ (୫୦)। ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୮୩/୨୧) ରୁଜୁ କରି ତଦନ୍ତ ଚଳାଇଛି। ସେ ଦୟାନଦୀର ପୂର୍ବପାର୍ଶ୍ୱ ବନ୍ଧ ରାସ୍ତାରେ ଯାଉଥିବା ବେଳେ କଣାସରୁ ଘୋରଡିଆ ଅଭିମୁଖେ ଯାଉଥିବା ସ୍କୁଟି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କାକଟପୁର ମଙ୍ଗଳା କଲେଜରେ ଅଣଛାତ୍ରଙ୍କ ଗଣ୍ଡଗୋଳ

କାକଟପୁର,୧୧।୧୨(ଡି.ଏନ୍.ଏ.)- କାକଟପୁର ମଙ୍ଗଳା ମହାବିଦ୍ୟାଳୟରେ କେତେଜଣ ଅଣଛାତ୍ର ନିଶା ସେବନ କରି ବିଭିନ୍ନ ସମୟରେ ଛାତ୍ରୀମାନଙ୍କୁ ଅସଦାଚରଣ କରିବା, ଗଣ୍ଡଗୋଳ କରୁଥିବା ଅଭିଯୋଗ ହୋଇଛି। ଶନିବାର କଲେଜ ଫାଟକ ପାଖରେ କୌଣସି କଥାକୁ ନେଇ ଅଣଛାତ୍ର ମଧରେ ପାଟିତୁଣ୍ଡ ହୋଇଥିଲା। ପରେ ପରିସ୍ଥିତି ଉତ୍ତେଜନା ହୋଇ ମାରପିଟ ହୋଇଥିଲେ। ଖବରପାଇ କାକଟପୁର ପୋଲିସ ପହଞ୍ଚିବା ବେଳେ କେତେଜଣ ଅଣଛାତ୍ର ରକ୍ତାକ୍ତ ଅବସ୍ଥାରେ ପଡିଥିଲେ। ଅନ୍ୟ କେତେଜଣ ସେଠାରୁ ଦୌଡ଼ି ଚାଲିଯାଇଥିଲେ। ପୋଲିସ ଆହତମାନଙ୍କୁ କାକଟପୁର ମେଡିକାଲ ନେଇ ଚିକିତ୍ସା କରାଇଥିଲେ। ଏହି ଘଟଣାକୁ ନେଇ କଲେଜ ମଧରେ ଏକ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହେବାବେଳେ ଅଧକ୍ଷ ଅନୁପସ୍ଥିତ ଥିଲେ। ପୋଲିସ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପୋଲିସ ସେଠାରୁ ଏକ ବ୍ଲାକ ପଲସର ଜବତ କରି ତଦନ୍ତ ଚଳାଇଛି।

# ଅବହେଳିତ ଅବସ୍ଥାରେ ମିନି କୋଣାର୍କ

- ସୂର୍ଯ୍ୟ ମନ୍ଦିର ପୂର୍ବରୁ ନିର୍ମାଣ ହୋଇଥିଲା
- ପର୍ଯ୍ୟଟନ ମାନ୍ୟତା ଦାବି

ଗୋପ,୧୧।୧୨(ଡି.ଏନ୍.ଏ)

କୋଣାର୍କର ସୂର୍ଯ୍ୟ ମନ୍ଦିର ଭଳି ଗୋପ ବ୍ଲକ ଅଧୀନ ଏରବଙ୍ଗ ପଞ୍ଚାୟତର ବୟାଳିଶବାଟି ଗ୍ରାମରେ ଏକ ମିନି କୋଣାର୍କ ମନ୍ଦିର ରହିଛି। ହେଲେ ଏହି ମନ୍ଦିରଟି ସରକାରଙ୍କ ଦୃଷ୍ଟି ଅଗୋଚରରେ ରହିଯାଇଥିବାରୁ ମନ୍ଦିରର ଅବସ୍ଥା ଅବହେଳିତ ଅବସ୍ଥାରେ ଥିବାବେଳେ ମନ୍ଦିରରେ ଅନାବନା ଲତା ସହିତ ଗଛ ଉଠିଗଲାଣି। ତେଣୁ ଏହାର ରକ୍ଷଣାବେକ୍ଷଣ ସହ ସୁରକ୍ଷା ଆବଶ୍ୟକତା ରହିଛି। ତେଣୁ ଏହି ମନ୍ଦିର ଉପରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଉଠିଛି।

ଲୋକ କଥା ଅନୁଯାୟୀ, ୧୨ଶହ ଖ୍ରୀଷ୍ଟାବ୍ଦ ପୂର୍ବରୁ ଏହି ମିନି କୋଣାର୍କ ମନ୍ଦିର ନିର୍ମାଣ କରାଯାଇଛି। ଯେତେବେଳେ ଲାଙ୍ଗୁଳା ନରସିଂହ ଦେବଙ୍କ ରାଜତ୍ୱ ସମୟରେ କୋଣାର୍କ ସୂର୍ଯ୍ୟମନ୍ଦିର ନିର୍ମାଣ କରାଯିବାକୁ ମନ୍ତ୍ରୀ ଶିବେଇ ସାମନ୍ତରାୟ ଦାୟିତ୍ୱ ନେଇଥିଲେ। କିନ୍ତୁ ମନ୍ଦିର ନିର୍ମାଣ ନିମନ୍ତେ ୧୨ଶହ ବଢେଇ ଏହି ବୟାଳିଶବାଟି ଗାଁରେ ରହିଥିଲେ। ସେ ସମୟରେ ଗାଁ ନିକଟରେ ବହି ଯାଇଥିବା ପଥରବୁହା ନାଳରେ ବଡ଼ ବଡ଼ ପଥର ନିଆଯାଉଥିଲା। କିନ୍ତୁ କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣ କରାଯିବାକୁ ଯାଉଥିବା ବଡ଼ବଡ଼ ପଥର ସମୁଦ୍ର ଗର୍ଭରେ ଲୀନ ହୋଇଯିବାରେ ମନ୍ତ୍ରୀ ଶିବେଇ ସାମନ୍ତରାୟ ବଡ଼ ଚିନ୍ତାରେ ଥାଆନ୍ତି। ଦିନେ ମନ୍ତ୍ରୀ ଶିବେଇ ପ୍ରଚଣ୍ଡ ଖରାରେ ତତଲା ବାଲିରେ ଚାଲି ଚାଲି ଆସିବା ସହ ତାଙ୍କୁ ବହୁତ ଭୋକ ଲାଗୁଥିଲା। ମନ୍ତ୍ରୀ ଦେଖିଲେ କିଛି ଦୂରରେ ଏକ ଚାଳ ଛପର ଘର ରହିଛି। ମନ୍ତ୍ରୀ ସେହି ଭଙ୍ଗା ଘରେ ବସିବା ସହ ସେଠାରେ ଉପସ୍ଥିତ ଥିବା ଜଣେ ବୃଦ୍ଧାଙ୍କୁ ଖାଇବାକୁ ମାଗିଥିଲେ। ବୃଦ୍ଧା ମନ୍ତ୍ରୀ ଶିବେଇଙ୍କୁ ଖିରି କରି ଦେଇଥିଲେ। ମାତ୍ର ମନ୍ତ୍ରୀଙ୍କୁ ଭୋକ ହେଉଥିବାରୁ ଗରମ ଖିରିରେ ହାତ ଭର୍ତ୍ତି କରି ଦେବାରେ ହାତ ପୋଡ଼ିଯାଇଥିଲା। ଏହାଦେଖି ବୃଦ୍ଧା ଅଥଳ ସମୁଦ୍ର ଗର୍ଭରେ ପଥର ପକାଇବା ଭଳି ତମେ ଗରମ ଖିରିରେ ସିଧା ହାତ ଭର୍ତ୍ତି କରିବା ବଦଳରେ କଡ଼ରୁ ଖାଇବାକୁ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ବୃଦ୍ଧା ସେଠାରୁ ଅନ୍ତର୍ଦ୍ଧାନ ହୋଇଯିବା ପରେ ମନ୍ତ୍ରୀଙ୍କ ମୁଣ୍ଡରେ ବୁଦ୍ଧି ପଶିଥିଲା। ମନ୍ତ୍ରୀ ଶିବେଇ ଏ କଥା ରାଜା ଲାଙ୍ଗୁଳା ନରସିଂହ ଦେବଙ୍କୁ କହିବା ସହ ପ୍ରଥମେ ବୟାଳିଶବାଟୀ ଗ୍ରାମରେ କୋଣାର୍କ ସୂର୍ଯ୍ୟ ମନ୍ଦିରର ଏକ ମଡେଲ ପ୍ରସ୍ତୁତ କରି ଗୋଟିଏ ମନ୍ଦିର ନିର୍ମାଣ କରିବା ସହ ମା' ଗଙ୍ଗେଶ୍ୱରୀଙ୍କୁ ସ୍ଥାପନା କରିଥିଲେ। ପରେ ଏହି ମଡେଲ ଅନୁସାରେ କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ। ସେହିଦିନଠାରୁ ଏହି ମନ୍ଦିରକୁ ମିନି କୋଣାର୍କ ବୋଲି କୁହାଯାଏ। ସେବେଠାରୁ ଏପର୍ଯ୍ୟନ୍ତ ମନ୍ଦିରରେ ମା' ଗଙ୍ଗେଶ୍ୱରୀଙ୍କୁ ସ୍ଥାନୀୟ ଲୋକେ ପୂଜା କରିଆସୁଛନ୍ତି। ହେଲେ ମନ୍ଦିରଟି ପୁରାତନ ହୋଇଯାଇଥିବାରୁ କିଛି ସ୍ଥାନରେ ଭାଙ୍ଗିରୁଜି ଯାଇଥିବାବେଳେ ଗଛଲତା ମାଡ଼ିଗଲାଣି। ଏହାର ସୁରକ୍ଷା ଆବଶ୍ୟକତା ଥିବାବେଳେ ପ୍ରଶାସନ କି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଏଯାଏ ଏଥିପ୍ରତି ଦୃଷ୍ଟି ପଡ଼ି ନାହିଁ। ଫଳରେ ପୁରାତନ କୀର୍ତ୍ତିରାଜି ଧୀରେ ଧୀରେ ନଷ୍ଟ ହେବା ସହ ଆଉ କିଛି ବର୍ଷ ପରେ ଏହି ମିନି କୋଣାର୍କ ମନ୍ଦିର ଭୁଶୁଡି ପଡିବ ବୋଲି ଗ୍ରାମର ନିରଞ୍ଜନ ସାହୁ, ବିଭୂତି ଭୂଷଣ ସାହୁ, ଆଲୋକ କୁମାର ରାଉତରାୟ ପ୍ରମୁଖ କହିଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହାର ସୁରକ୍ଷା କରିବା ସହ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବାକୁ ବୁଦ୍ଧିଜୀବୀ, ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ମନ୍ଦିର ଉପରେ ଗଛଲତା ମାଡିଯାଇ ଅସୁରକ୍ଷିତ ଅବସ୍ଥାରେ ଅଛି ।

## ଚୋରି ସନ୍ଦେହରେ ମାଡ଼ ମାରିଥିବା ଅଭିଯୋଗ ୩ ମାସ ପରେ ଗିରଫ

କଣାସ,୧୧।୧୨(ସ୍ୱ.ପ୍ର.)

କଣାସ ଥାନା ଅଞ୍ଚଳରେ ଏକ ମିନି ଟ୍ରକର ବ୍ୟାଟେରି ଚୋରି କରିବା ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ଘରୁ ଉଠାଇ ଆଣି ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ୩ମାସ ପରେ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଜୋରକଣି ଗ୍ରାମର ନୀଳମାଧବ ସୁନ୍ଦରାୟ(ପିଣ୍ଟୁ)। ସୂଚନାଯୋଗ୍ୟ, ଉକ୍ତ ଗ୍ରାମର ସନ୍ତୋଷ ଗୁରୁ ନୀଳମାଧବଙ୍କ ମିନିଟ୍ରକ୍‌ର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଗତ ସେପ୍ଟେମ୍ବରରେ ମିନିଟ୍ରକର ବ୍ୟାଟେରି ଚୋରି ହୋଇଯିବାରୁ ନୀଳମାଧବ ଡ୍ରାଇଭର ସନ୍ତୋଷକୁ ସନ୍ଦେହ କରିଥିଲେ। ଏ ନେଇ ନୀଳମାଧବ ପଚରାଉଚରା କରିବା ସହ ସନ୍ତୋଷକୁ ତାଙ୍କ ଘରୁ ଜୋରଜବରଦସ୍ତ ଆଣି ମାଡମାରିଥିଲେ। ଫଳରେ ସନ୍ତୋଷଙ୍କ ସ୍ତ୍ରୀ ରଶ୍ମିତା ଥାନାରେ ସେପ୍ଟେମ୍ବର ୧୮ତାରିଖ ଦିନ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଥିଲା। ନୀଳମାଧବ ସେହିଦିନଠାରୁ ଫେରାର ହୋଇଯାଇଥିଲେ। ଶୁକ୍ରବାର ନୀଳମାଧବ ଘରେ ଥିବା କୌଣସି ସୂତ୍ରରୁ ଖବର ପାଇ କଣାସ ଥାନା ଆଇଆଇସି ସୁଜିତ୍ ଦାସ ଟିମ୍ ସହ ନୀଳମାଧବଙ୍କ ଘରେ ଚଢାଉ କରି ଧରିଥିଲା।



ମହାପ୍ରଭୁଙ୍କ ଦର୍ଶନ ପାଇଁ ଶନିବାର ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗି ରହିଛି ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ୪୨ ହଜାର ଶ୍ରଦ୍ଧାଳୁ

ପୁରୀ ଅଫିସ,୧୧।୧୨

ମହାପ୍ରଭୁଙ୍କୁ ଶ୍ରୀମନ୍ଦିରରେ ଦର୍ଶନ କରିବା ନିମନ୍ତେ ଶନିବାର ପୁରୀରେ ପ୍ରବଳ ଭକ୍ତଙ୍କ ଭିଡ଼ ଜମିଥିଲା। ଫଳରେ ପୁରୀରେ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିବା ସହ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ, ମାସର ପ୍ରତି ରବିବାର ଭକ୍ତଙ୍କ ନିମନ୍ତେ ଶ୍ରୀମନ୍ଦିର ବନ୍ଦ ରହିଛି। ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ଭକ୍ତମାନେ ଶ୍ରୀମନ୍ଦିର ଆସିଥାନ୍ତି। ତେବେ ଶନିବାର ଦ୍ୱିତୀୟ ଶନିବାର ସରକାର ଛୁଟି ଥିବାରୁ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଶ୍ରୀକ୍ଷେତ୍ରକୁ ଧାଇଁ ଆସିଥିଲେ। ଫଳରେ ପୁରୀରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିବା ପରିଲକ୍ଷିତ ହୋଇଥିଲା। ମେଡିକାଲ ଛକଠାରୁ ଚାରିଚକିଆ ଯାନଗୁଡ଼ିକୁ ଶ୍ରୀମନ୍ଦିର ଆଡ଼କୁ ଛଡାଯାଇ ନ ଥିଲା। ବୀରହରେକୃଷ୍ଣପୁର, ମଙ୍ଗଳାଘାଟ ଆଦି ଅଞ୍ଚଳରେ ଗାଡିଗୁଡ଼ିକୁ ଶ୍ରୀମନ୍ଦିର ଦିଗରେ ନ ଛାଡି ଅନ୍ୟ ଦିଗରେ ଛଡାଯାଇଥିଲା । ସେହିପରି ବଡ଼ଦାଣ୍ଡରେ ଶ୍ରୀମନ୍ଦିର ସମ୍ମୁଖରେ କରାଯାଇଥିବା ଶେଡ୍ ମଧକୁ ପୋଲିସ ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କୁ ଭାଗ ଭାଗ କରାଯାଇ ଛଡାଯାଇଥିଲା। ଶନିବାର ସର୍ବମୋଟ ୪୨ ହଜାର ୨୦୯ଜଣ ଭକ୍ତ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ସେଥିମଧରୁ ଶ୍ରୀମନ୍ଦିର ସିଂହଦ୍ୱାର ବାଟେ ୪୦, ୭୦୩ ଜଣ ପ୍ରବେଶ କରିଥିବା ବେଳେ ପଶ୍ଚିମଦ୍ୱାର ପଟେ ୧୫୦୬ ଜଣ ପୁରୀ ବାସିନ୍ଦା ମହାପ୍ରଭୁଙ୍କ ଦର୍ଶନ କରିଥିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଭକ୍ତଙ୍କ ଗହଳିର ସୁଯୋଗ ନେଇ ଅନେକ ଲୋକ ଶ୍ରୀମନ୍ଦିର ନିକଟରେ ଚପଲଷ୍ଟାଣ୍ଡ ଏବଂ ମୋବାଇଲ ଷ୍ଟାଣ୍ଡ କରି ଭକ୍ତଙ୍କଠାରୁ ଟଙ୍କା ଆଦାୟ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଶନିବାର ଛୁଟି ଥିବାରୁ ଅନେକ ସରକାରୀ କର୍ମଚାରୀ ଏବଂ ତାଙ୍କ ପରିବାର ଲୋକ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିବା ବେଳେ କୋଭିଡ୍ କଟକଣା ଉଲ୍ଲଂଘନ କରି ଗଳାବାଟ ଦେଇ ଶ୍ରୀମନ୍ଦିରେ ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା।

## ୧୭ରେ ପୁଣି କୋଣାର୍କ ଉତ୍ସବ

**ବାତ୍ୟା ଜୱାଦ ପାଇଁ ଅଧାରୁ ବନ୍ଦ ରହିଥିଲା**

କୋଣାର୍କ,୧୧।୧୨(ଡି.ଏନ୍.ଏ.)

ବାତ୍ୟା ଜୱାଦ ପାଇଁ ସ୍ଥଗିତ ରହିଥିବା କୋଣାର୍କ ଉତ୍ସବ-୨୦୨୧ ଆସନ୍ତା ୧୭ତାରିଖ ସକାଳ୯ରୁ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ପର୍ଯ୍ୟଟନ ବିଭାଗ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହେବ। କୋଣାର୍କ ସାହିତ୍ୟ ସଂସଦ ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମରେ 'କୋଣାର୍କ ସାହିତ୍ୟ ଆସର' ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ କରାଯିବ। ଏହି ସାରସ୍ୱତ ଉତ୍ସବରେ ୯ଜଣ ସାରସ୍ୱତ ପ୍ରତିଭା ସମ୍ମାନିତ ହେବେ। ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ରୂପେ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଡ. ରାଜେନ୍ଦ୍ର ପ୍ରସାଦ, କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ ଦାସ, କବି ଡ. ଜୟନ୍ତୀ ରଥ, ପର୍ଯ୍ୟଟନ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ବିରଞ୍ଚି ମିଶ୍ର ଓ ଗାଳ୍ପିକ ହରେକୃଷ୍ଣ ସାହୁ ଯୋଗଦେବେ। ଦ୍ୱିତୀୟ ଅଧିବେଶନରେ କବି ଡ. ଅବଦୁଲ ଓସିଦ ଖାଁ, ଓଡ଼ିଶା ରାଜ୍ୟ ରାଜ୍ୟଭାଷା ବିକାଶ ପରିଷଦର ଅଧକ୍ଷ କବି ନାରାୟଣ ମୁଦୁଲି, ଶ୍ରୀପର୍ଣ୍ଣାର ସମ୍ପାଦକ କବି ଉମାକାନ୍ତ ମହାପାତ୍ର, ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ, କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା, ପ୍ରାଚୀ ସାହିତ୍ୟ ସଂସଦର ସଭାପତି ଗୋପୀନାଥ କର, କବି ଡ. ସନ୍ତୋଷ ମିତ୍ର, ଶିକ୍ଷାବିତ୍ ମନମୋହନ ସ୍ୱାଇଁ ଓ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ ପ୍ରମୁଖ ଯୋଗଦେବେ। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ କବି, ଲେଖକ ଓ ସାହିତ୍ୟପ୍ରେମୀ ଯୋଗଦେଇ ଆଲୋଚନା, ଅଣୁ ଗଳ୍ପ ଓ କବିତାପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଆଲୋଚନାର ଶୀର୍ଷକ 'ସମକାଳୀନ ଓଡ଼ିଆ ସାହିତ୍ୟର ଭାଷା' ରଖାଯାଇଛି। ଏହି କାର୍ଯ୍ୟସାରଣୀ ସମ୍ପର୍କରେ କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି।

## ବ୍ଲକ ସ୍ଥାନାନ୍ତର ପ୍ରସ୍ତାବକୁ ନାଗରିକ ମଞ୍ଚର ବିରୋଧ

କଣାସ,୧୧।୧୨(ସ୍ୱ.ପ୍ର.)

କଣାସ ପଞ୍ଚାୟତ ସମିତି ନବମ ବୈଠକରେ ବିଧାୟକ ଉମାକାନ୍ତ ସାମନ୍ତରାୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପ୍ରସ୍ତାବ ଦେଇଥିଲେ। ତେବେ ଏହି ପ୍ରସ୍ତାବକୁ ଅଞ୍ଚଳର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ବିରୋଧ କରିଛନ୍ତି। ଏଥିସହ ପଞ୍ଚାୟତ ସମିତି ସ୍ଥାନାନ୍ତର କଥା ବ୍ଲକର ଗ୍ରାମାଞ୍ଚଳରେ ପ୍ରଚାରିତ ହେବାପରେ ଜନସାଧାରଣଙ୍କ ମଧରେ ତୀବ୍ରଅସନ୍ତୋଷ ଦେଖାଦେଇଛି। କଣାସ ନାଗରିକ ମଞ୍ଚ ଏକ ସଂଗଠନ ଗଠନ କରାଯାଇ ଉକ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ ଓ ପ୍ରତ୍ୟାହାର କରିବାକୁ ଗାଁ ଗାଁ ବୁଲି ଡାକବାଜି ସାହାଯ୍ୟରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରସ୍ତାବକୁ ପ୍ରତିବାଦ କରି ଆସନ୍ତା ୧୩ତାରିଖ ଦିନ ବ୍ଲକ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହେବାପାଇଁ ନାଗରିକ ମଞ୍ଚ ପକ୍ଷରୁ ଡାକରା ଦିଆଯାଇଛି। ଏ ନେଇ ସଂଗଠନ ପକ୍ଷରୁ କଣାସ ଗୋଲାବଜାରଠାରୁ ଏକ ଶୋଭାଯାତ୍ରା ବାହାରି ବସ୍‌ଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ଛକ, ବାଲିଘାଇ ଛକ, ବ୍ଲକ ବଜାର ଦେଇ ପଞ୍ଚାୟତ ସମିତି ସମ୍ମୁଖରେ ଗଣବିକ୍ଷୋଭ କରାଯିବ। ନାଗରିକ ମଞ୍ଚର ରାମଚନ୍ଦ୍ର ସାମନ୍ତରାୟ, ଅଶୋକ ପ୍ରଧାନ, କୃଷ୍ଣଚନ୍ଦ୍ର ଜଗଦେବ, ସୁକାନ୍ତ ସାମନ୍ତରାୟ, ସୁଶୀଲ୍ ରାଉତ, ଭଗବାନ ସୁବୁଦ୍ଧି, ବିଶ୍ୱଜିତ୍ ବଡଜେନା ପ୍ରମୁଖ ଜନସାଧାରଣ ମଧ୍ୟ ଏଥିରେ ଯୋଗଦେବା ପାଇଁ ନିବେଦନ କରିଛନ୍ତି ।

## ସିଡିଏସ୍‌ଙ୍କ ବିୟୋଗରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା

କଣାସ,୧୧।୧୨(ସ୍ୱ.ପ୍ର.)

ଭାରତର ପ୍ରଥମ ସିଡିଏସ୍ ଜେନେଲାର ବିପିନ୍ ରାୱତ୍ ଏବଂ ତାଙ୍କ ସହଧର୍ମିଣୀଙ୍କ ସମେତ ୧୩ଜଣ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁବରଣ କରିବା ନେଇ ସହରବାସୀ ସ୍ତବ୍ଧ ହୋଇଯାଇଛନ୍ତି। ତେବେ ବିପିନ ରାୱତଙ୍କ ସମେତ ୧୩ଜଣ ଯବାନଙ୍କ ଅକାଳ ବିୟୋଗକୁ ନେଇ କଣାସ ଅଞ୍ଚଳରେ ଶୁକ୍ରବାର କ୍ୟାଣ୍ଡେଲ ଶୋଭାଯାତ୍ରା କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କଣାସ ଆଞ୍ଚଳିକ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ଏବଂ ପି.ଏସ୍ କ୍ୟାରିୟର ସଂଗଠନର ସଦସ୍ୟମାନେ ପୃଥକ ଭାବେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏଥିସହ ବୀର ଶହୀଦ୍‌ମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ କଣାସ ଗୋଲାବଜାରଠାରୁ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା ବାହାରି ବସ୍‌ଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ଛକ, ବାଲିଘାଇ ଛକ, ବ୍ଲକ ବଜାର ପରିକ୍ରମା କରି ବିପିନ୍ ରାୱତ୍ ଅମର ରହେ ଧ୍ୱନି ଦେଇଥିଲେ।




ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କଣାସ ଅଞ୍ଚଳରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ବାପଘର**

ପିପିଲି,୧୧।୧୨(ସ୍ୱ.ପ୍ର.)

କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ଭଉଳ ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ଶନିବାର ପୋଲିସ ଜବତ କରିଛି। ମୃତା ହେଲେ ଉକ୍ତ ଗ୍ରାମର ରିଙ୍କି ସାହୁ। ତେବେ ଝିଅକୁ ହତ୍ୟା କରାଯାଇଥିବା ନେଇ ମୃତାଙ୍କ ମାଆ ସୁକାନ୍ତି ପରିଡ଼ା ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ମାମଲା(ନଂ.୫୪୩/୨୧) ରୁଜୁ କରିବା ସହ ମୃତାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ମୁତାବକ, ପିପିଲି ଥାନା ଲକ୍ଷ୍ମୀନାରାୟଣପୁର ମଗଲପୁର ଗ୍ରାମର ରିଙ୍କି ୫ବର୍ଷ ପୂର୍ବେ ଭଉଳ ଗ୍ରାମର ବ୍ରଜମୋହନ ସାହୁଙ୍କୁ ବିବାହ କରିଥିଲେ। କିଛି ବର୍ଷ ପରେ ଉଭୟଙ୍କ ୨ ସନ୍ତାନ ହୋଇଥିବା ବେଳେ ପରେ ବିଭିନ୍ନ କାରଣକୁ ନେଇ ତିକ୍ତତା ସୃଷ୍ଟି ହୋଇଥିଲା। ଝଗଡ଼ା ଅଧିକ ହେବାରୁ ରିଙ୍କି ୧୫ ନଭେମ୍ବର ୨୦୧୯ରେ ରାଜ୍ୟ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ଶାଶୁଘର ଅଧିକ ଯୌତୁକ ସହ ବିଭିନ୍ନ ନିର୍ଯାତନା ଦେଉଥିବା ରିଙ୍କି ଅଭିଯୋଗ କରିଥିଲେ। ଏପରିକି ଶନିବାର ସକାଳେ ମଧ ରିଙ୍କିଙ୍କୁ ଶାଶୁଘର ଲୋକେ ମାଡ଼ ମାରୁଥିବା ନେଇ ଫୋନ ଯୋଗେ ତାଙ୍କ ମାଆଙ୍କୁ ଜଣାଇ ଥିଲେ। ଖବରପାଇ ରିଙ୍କିଙ୍କ ମା'ବାପା ଆସିବା ବେଳେ ଝିଅର ଝୁଲନ୍ତା ମୃତଦେହ ଦେଖି ବିବ୍ରତ ହୋଇଯାଇଥିଲେ। ଝିଅକୁ ମିଳିମିଶି ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ତାଙ୍କ ମା' ଥାନାର ଦ୍ୱାରସ୍ଥ ହୋଇଥିଲେ।

## ପଞ୍ଚାୟତ ଅଫିସ ଗୃହର ଶିଳାନ୍ୟାସ

କାକଟପୁର,୧୧।୧୨(ଡି.ଏନ୍.ଏ.)

କାକଟପୁର ବ୍ଲକ ସୁହାଣପୁର ପଞ୍ଚାୟତ ଅଫିସ ଗୃହର ଶିଳାନ୍ୟାସ ଉତ୍ସବ ସରପଞ୍ଚ ସନ୍ଧ୍ୟାରାଣୀ କାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ତୁଷାରଜ୍ୟୋତି ରଞ୍ଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଗୃହ ପାଇଁ ଶୀଳାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ସମିତିସଭ୍ୟା ସରୋଜିନୀ କାଣ୍ଡି, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସାଦ ମହାପାତ୍ର,ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାସ୍କର ପ୍ରସାଦ ଶତପଥୀ, କନିଷ୍ଠ ଯନ୍ତ୍ରୀ ପ୍ରଭାତି ମହାପାତ୍ର, ସାମାଜିକ କର୍ମୀ ପ୍ରଭାତ କୁମାର ସ୍ୱାଇଁ, ହିମାଂଶୁ ଶେଖର କାଣ୍ଡି, ଆଶିଷ କାଣ୍ଡି, ଲକ୍ଷ୍ମଣ ମହାପାତ୍ରଙ୍କ ସମେତ ପଞ୍ଚାୟତରୁ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ୯୫ ବ୍ରାହ୍ମଣଙ୍କୁ ଶୀତ ବସ୍ତ୍ର ବଣ୍ଟନ

ପୁରୀ ଅଫିସ,୧୧।୧୨

ଉତ୍କଳ ବିଦ୍ୱତ୍ ପରିଷଦ ତରଫରୁ ଶୀତ ବସ୍ତ୍ର ବଣ୍ଟନ ଅଭିଯାନ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ପାର୍ଶ୍ୱ ଥିବା ବଟଶ୍ୱେରି ମନ୍ଦିର ନିକଟରେ ମୁକ୍ତି ମଣ୍ଡପ ଅଧିକାରୀ ବ୍ରାହ୍ମଣ ଓ ପଞ୍ଚକୋଶି ବ୍ରାହ୍ମଣଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। ପରିଷଦ ପକ୍ଷରୁ ୯୫ ଜଣଙ୍କୁ କମ୍ବଳ ଓ ଦକ୍ଷିଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍କଳ ବିଦ୍ୱତ୍ ପରିଷଦର ଅଧକ୍ଷ ମନୋଜ ରଥ, ସଚିବ ବିଜୟ କୃଷ୍ଣ ବ୍ରହ୍ମା, ଦୃଷ୍ଟି ନିର୍ଦ୍ଦେଶକ ନାରାୟଣ ଦାଶ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା,ଭଏସ ଅଫ କମନମ୍ୟାନ ମୁଖ୍ୟ ହେକ୍ଟର ମିଶ୍ର, କୁମାର ଉତ୍ସବ ସମିତି ସମ୍ପାଦକ ସ୍ୱାଧୀନ ପଣ୍ଡା, ବିରଞ୍ଚି ମିଶ୍ର, ବରିଷ୍ଠ ସେବକ ଶ୍ୟାମ ସୁନ୍ଦର ମହାପାତ୍ର, ସାମାଜିକ କର୍ମୀ ଭଗବତୀ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସେବାୟତଙ୍କ ବିରୋଧରେ ବାଟବଣା ହେଉଛି ତଦନ୍ତ

**ଶ୍ରୀମନ୍ଦିରରେ ନାବାଳକଙ୍କୁ ଯୌନ ନିର୍ଯାତନା ମାମଲା**

- ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ
- ଶ୍ରୀମନ୍ଦିର ପରିସରରେ ନାହିଁ ଯଥେଷ୍ଟ ସିସିଟିଭି

ପୁରୀ ଅଫିସ,୧୧।୧୨:

ଶ୍ରୀମନ୍ଦିରରେ ଜଣେ ନାବାଳକଙ୍କୁ ସେବାୟତଙ୍କର ଯୌନ ନିର୍ଯାତନା ଦେବା ଘଟଣାକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ସେବାୟତଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ ଘଟଣାର ତଦନ୍ତ ତଥା କାର୍ଯ୍ୟାନୁଷ୍ଠାନ ନେବାରେ ତତ୍ପରତା ଦେଖାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଏ ନେଇ ସାମାଜିକ କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗପତ୍ରରେ ଉଲ୍ଲେଖ ଅଛି ଯେ, ହରଚଣ୍ଡୀ ସାହିର ଲକ୍ଷ୍ମୀନାରାୟଣ ଖୁଣ୍ଟିଆ ଜଣେ ନାବାଳକଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହେବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ପୀଡ଼ିତଙ୍କ ବାପା ଜଣେ ଭିନ୍ନକ୍ଷମ ବ୍ୟକ୍ତି ହୋଇଥିବା ହେତୁ ଏହାର ସୁଯୋଗ ନେଇ ତାଙ୍କୁ ଭୁବନେଶ୍ୱରୀ ମନ୍ଦିର ଓ ଲକ୍ଷ୍ମୀ ମନ୍ଦିର ପଛପଟେ ନିର୍ଯାତନା ଦିଆଯାଇଥିଲା। ପରେ ନାବାଳକଙ୍କୁ ପୁଣି ଏକ ହୋଟେଲକୁ ନେଇ ଯୌନ ନିର୍ଯାତନା ଦେବାକୁ ବାଧ୍ୟ କରାଯାଇଥିଲା। ସେ ଏହାକୁ ବିରୋଧ କରିବାରୁ ତାଙ୍କୁ ମାରିଦେବାର ଧମକ ମଧ ମିଳିଛି। ପୀଡ଼ିତଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ସେବାୟତଙ୍କୁ ଗିରଫ କରିଥିଲେ ମଧ ମାମଲା ଆଗକୁ ବଢୁ ନାହିଁ। ସେବାୟତ ଜଣେ ବିତ୍ତଶାଳୀ ବ୍ୟକ୍ତି ହୋଇଥିବା ହେତୁ ପୋଲିସର ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହୋଇଥିବା ଅଭିଯୋଗ ହୋଇଛି।

ଏପରି କି ଶ୍ରୀମନ୍ଦିର ପରିସରରେ ଆବଶ୍ୟକ ପରିମାଣର ସିସିଟିଭି ନ ଥିବାରୁ ଅପରାଧୀଙ୍କୁ ଏଭଳି କାର୍ଯ୍ୟକଳାପ କରିବା ପାଇଁ ସୁଯୋଗ ମିଳିଯାଉଛି। ସେହିଭଳି ମନ୍ଦିର ପୋଲିସ ଓ ଓଡ଼ିଶା ପୋଲିସ ନିଜ ଦାୟିତ୍ୱ ସମ୍ପାଦନରେ ଅବହେଳା କରୁଥିବାରୁ ମଧ ଏଭଳି କାର୍ଯ୍ୟକଳାପ ଘଟୁଛି ବୋଲି ଅଭିଯୋଗ ହୋଇଛି। ଭାରତୀୟ ସମ୍ବିଧାନର ଧାରା ୧୪, ୧୯(କ), ୨୧ ଓ ୨୫ର ଖୋଲାଖୋଲି ଭାବେ ଉଲ୍ଲଂଘନ ହେଉଥିଲେ ମଧ ଏହା ପ୍ରତି କାହାରି ସତର୍କ ନଜର ରହୁନାହିଁ ବୋଲି ସାମାଜିକ କର୍ମୀ ଜୟନ୍ତ କହିଛନ୍ତି। ଏଥିସହ ମାନବାଧିକାର କମିଶନଙ୍କ ନିକଟରେ ସେ ଅନୁରୋଧ ରଖିଛନ୍ତି ଯେ, ରାଜ୍ୟ ସରକାର ନାବାଳକଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ସହ ଏହି ମୂଲ୍ୟ ଶ୍ରୀମନ୍ଦିର ପ୍ରଶାସନଠାରୁ ଆଦାୟ କରନ୍ତୁ। ଏଥିସହ ଆବଶ୍ୟକ ପରିମାଣର ସିସିଟିଭି ଓ ପୋଲିସ କର୍ମଚାରୀ ଶ୍ରୀମନ୍ଦିର ପରିସରରେ ମୁତୟନ କରିବା ନେଇ ମଧ ନିର୍ଦ୍ଦେଶ ଦିଆଯାଉ ବୋଲି ଦାବି କରାଯାଇଛି। ଏ ନେଇ ସିଂହଦ୍ୱାର ଥାନାଧିକାରୀ ସୁନୀଲ ପ୍ରଧାନ କହିଛନ୍ତି, ଅଭିଯୋଗ ଭିତ୍ତିରେ ମାମଲା (ନଂ.୧୧୭/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କୁ ଡାକ୍ତରୀ ମାଇନା ପାଇଁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାବେଳେ ଦେହ ଅସୁସ୍ଥ ହେବାରୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ସେହିଭଳି ପୀଡ଼ିତଙ୍କ ଡାକ୍ତରୀମାଇନା ସହ ବୟାନ ରେକର୍ଡ ହୋଇଛି।

## ସଂସ୍କୃତ ବିଭାଗରେ ପିଲାଙ୍କୁ ସ୍ୱାଗତ, ବିଦାୟକାଳୀନ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ, ୧୧।୧୨(ଡି.ଏନ୍.ଏ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ଏକ ଉତ୍ସବ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ରତିକାନ୍ତ ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧାପିକା ସୁଜାତା ମହାପାତ୍ର, ଡ. କଳ୍ପନା କୁମାରୀ ମହାପାତ୍ର, ସସ୍ମିତା ପ୍ରଧାନ, ସୁଷମା ମିଶ୍ର, ପିପିଲି ମହାବିଦ୍ୟାଳୟର ଅଧକ୍ଷ ଡ଼. ଭୀମସେନ କର, ନଳିନୀ ଲୋଚନ ଦାସ, ମନୋଜ ପରିଡ଼ା ଓ କିରାଣି ରାଜକିଶୋର ପତି ପ୍ରମୁଖ ଉପସ୍ଥିତ ଥିଲେ।

## ମାରୁତି ସେନାର କାର୍ଯ୍ୟକାରିଣୀ ବୈଠକ

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାର ପୌର ଟାଉନହଲ୍‌ରେ ଶନିବାର ମାରୁତୀ ସେନାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେନାର କଟକ ଜିଲା ସଭାପତି ପ୍ରଦୀପ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମାନବପ୍ରେମୀ ଆଦିତ୍ୟ ଦାସଙ୍କ ମାତାପିତା, କବି ବୈଦ୍ୟନାଥ ଖିଲାର ଓ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟରେ ଦୁଃସ୍ଥ ଲୋକମାନଙ୍କ ସେବାରେ ସେନାର ସଦସ୍ୟମାନେ କିପରି ନିଜକୁ ନିୟୋଜିତ କରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ପ୍ରକାଶ ସାହୁ, କୁନି ବାରିକ, ବାପିନା ବେଉରା, ଦୋଲଗୋବିନ୍ଦ ସାହୁ, ଜ୍ୟୋତି ସାହୁ, କାଳନ୍ଦୀ ସାହୁ, ଅବିନାଶ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେନାର ପ୍ରତିଷ୍ଠାତା ପପୁ ଦଳବେହେରା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ହାତ କାଟିଲେ କନଷ୍ଟେବଲ

କଟକ ଅଫିସ, ୧୧।୧୨: କଟକ ସଦର ଥାନା ବାରାକରେ କନଷ୍ଟେବଲ ଚମ୍ପକ ମାଝି ଶନିବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ଧାରୁଆ ଅସ୍ତ୍ରରେ ହାତ କାଟି ଦେଇଥିଲେ। ଚିକିତ୍ସାଲାଗି ତାଙ୍କୁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା କରାଯିବା ସହ ହାତରେ ୬ଟି ଷ୍ଟିଚ୍ ପଡିଥିଲା। ତାଙ୍କ ଅବସ୍ଥା ଭଲ ଥିବାବେଳେ ଘରକୁ ପଠାଇ ଦିଆଯାଇଛି। କାର୍ଯ୍ୟରେ ଅବହେଳା ଯୋଗୁ ପୂର୍ବରୁ ସେ ଦୁଇଥର ନିଲମ୍ବିତ ହୋଇଥିଲେ। ଶନିବାର ସନ୍ଧ୍ୟାରେ ସେ ନିଶାସକ୍ତ ଅବସ୍ଥାରେ ଏଭଳି କରିଥିବା କଟକ ସଦର ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

### ଓଡ଼ିଶା ଆର୍ବିଟ୍ରେଶନ ସେଣ୍ଟର ଉଦ୍‌ଘାଟିତ

କଟକ ଅଫିସ,୧୧।୧୨: ସିଡିଏ-୧ସ୍ଥିତ ଆଇନସେବା ଭବନ ପରିସରରେ ଓଡ଼ିଶା ଆର୍ବିଟ୍ରେଶନ ସେଣ୍ଟର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସୁପ୍ରିମକୋର୍ଟ ବିଚାରପତି ଏଲ. ନାଗେଶ୍ୱର ରାଓ ଭିଡିଓ କନଫରେନ୍ସ ମାଧମରେ ଉଦ୍‌ଘାଟନ କରି କହିଥିଲେ, ବିକଳ୍ପ ବିବାଦ ସମାଧାନ ପାଇଁ ଆର୍ବିଟ୍ରେଶନ ସେଣ୍ଟରର ସୃଷ୍ଟି। ଏଥିସହ ସେ ସମ୍ବିଧାନର ଧାରା ୩୯(ଏ)ର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏହି ସେଣ୍ଟର ପୀଡିତମାନଙ୍କୁ ତ୍ୱରିତ ଓ ବିନା ଖର୍ଚ୍ଚରେ ସେବା ଯୋଗାଇ ପାରିବ। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ଉକ୍ତ ସେଣ୍ଟରର ଭୂମିକା ଉପରେ ଆଲୋଚନା କରିଥିଲେ। ବିଚାରପତି ସି.ଆର. ଦାଶ ସ୍ୱାଗତ ଭାଷଣ ଓ ଅରିନ୍ଦମ ସିହ୍ନା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା, ହାଇକୋର୍ଟ ଓକିଲ ସଂଘ ସଭାପତି ଜଗବନ୍ଧୁ ସାହୁ, ସମ୍ପାଦକ ଜେ.କେ. ଲେଙ୍କା, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସମେତ ହାଇକୋର୍ଟର ଅନ୍ୟ ବିଚାରପତି ଓ ଆଇନଜୀବୀ ଉପସ୍ଥିତ ଥିଲେ।

### ଶିବିରରୁ ୩୧ ୟୁନିଟ୍ ରକ୍ତ ସଂଗ୍ରହ

କଟକ ଅଫିସ, ୧୧।୧୨: ଚାଉଳିଆଗଞ୍ଜ ଅପର୍ଣ୍ଣାନଗରସ୍ଥିତ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିର ପରିସରରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସାଇ ଫାଉଣ୍ଡେଶନ ଚାରିଟେବୁଲ ଟ୍ରଷ୍ଟ ପରିବାର ପ୍ରତିଷ୍ଠାନ ସଭାପତି ସାର୍ଥକ ସ୍ୱାଇଁ, ଉପସଭାପତି ସଦାମ ମହମଦ୍‌ଙ୍କ ନେତୃତ୍ୱରେ ପରିବାରର ସମସ୍ତ ସଦସ୍ୟାସଦସ୍ୟ ଶିବିର ପରିଚାଳନା କରିଥିଲେ।

### ଅଜୟମଞ୍ଜରେ କରଙ୍କ ସ୍ମୃତିସଭା

କଟକ ଅଫିସ, ୧୧।୧୨: ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ (ଏଆଇବିଇଏ)ର ଯୁଗ୍ମ ସମ୍ପାଦକ ତଥା କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନର ସର୍ବଭାରତୀୟ ସାଧାରଣ ସମ୍ପାଦକ ଅଜୟମଞ୍ଜରେ କରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନ ଓଡ଼ିଶା କମିଟି ପକ୍ଷରୁ କଟକ ଗାନ୍ଧୀ ଭବନଠାରେ ଶନିବାର ଆୟୋଜିତ ସଭାରେ ରାଜ୍ୟ କମିଟିର ସଭାପତି ଅରୁଣ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମାନସ ରଞ୍ଜନ ସାହୁ, ଦେବ ପ୍ରସନ୍ନ ବିଶ୍ୱାଳ, ଜାନକୀବଲ୍ଲଭ ସାମନ୍ତ ଓ ସୁଜିତ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇବିଇଏର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ, କାନାରା ବ୍ୟାଙ୍କ କର୍ମଚାରୀ ୟୁନିୟନର ରାଜ୍ୟ ସମ୍ପାଦକ ଶୁଭ୍ରାଂଶୁ ଶେଖର ଶତପଥୀ, ଏଆଇଟିୟୁସି ନେତା କିଶୋର ଜେନା, କାନାରା ବ୍ୟାଙ୍କ କର୍ମଚାରୀ ସଂଘ ଉପସଭାପତି ଅଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆହୁରି ଉଚ୍ଛେଦ ହେବ, ଚିନ୍ତାରେ ବ୍ୟବସାୟୀ

କଟକ ଅଫିସ, ୧୧।୧୨

ରାସ୍ତା ପ୍ରଶସ୍ତୀକରଣ ନାଁରେ ଗତବର୍ଷ ଡିସେମ୍ବର ୯ ତାରିଖରେ ଦୋକାନ ଭାଙ୍ଗି ଦିଆଗଲା। ସରକାରଙ୍କ ପକ୍ଷରୁ ବ୍ୟବସାୟୀମାନଙ୍କୁ କ୍ଷତିପୂରଣ ମିଳିଲାନି କି ଥଇଥାନ ବ୍ୟବସ୍ଥା କରାଗଲାନାହିଁ। ଦୋକାନ ଭଙ୍ଗାଯିବାକୁ ୧ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା ପ୍ରଶସ୍ତୀକରଣ ତ ଦୂରର କଥା ଭଙ୍ଗା ଇଟା ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତର କରାଯାଇନାହିଁ। ଦୀର୍ଘବର୍ଷର ଦୋକାନ ଭଙ୍ଗାଯିବା ପରେ ଏବେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି ଜଗତ୍‌ପୁର ଷ୍ଟେଶନ ବଜାର ଓ କୃଷ୍ଣେଶ୍ୱର ବଜାରର କେତେଜଣ ବ୍ୟବସାୟୀ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଟକ ସହରର ବିଭିନ୍ନ ସ୍ଥାନରେ ରାସ୍ତା ପ୍ରଶସ୍ତିକରଣ ପାଇଁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ଜଗତପୁରର ନିମପୁର, ଗୟାନା ଛକ, କୃଷ୍ଣେଶ୍ୱର ବଜାର, ଷ୍ଟେଶନ ବଜାର ଦେଇ ଗୋଲେଇଛକ ପର୍ଯ୍ୟନ୍ତ ରାସ୍ତା ଚଉଡା କରାଯିବା ପାଇଁ ଗତବର୍ଷ ଡିସେମ୍ବର ୮ ତାରିଖରେ ପ୍ରଶାସନ ପକ୍ଷରୁ ମାଇକ୍ ଜରିଆରେ ପ୍ରଚାର କରାଯାଇଥିଲା। ଏହାର ପରଦିନ ସକାଳେ କୃଷ୍ଣେଶ୍ୱର ବଜାର ଓ ଷ୍ଟେଶନ ବଜାରରୁ ୨୦୦ରୁ ଊର୍ଦ୍ଧ୍ୱ ଦୋକାନ ଶନି ମନ୍ଦିର, ଗଜଲକ୍ଷ୍ମୀ ବଜାର କମିଟି ଗୃହ, ପୋଷ୍ଟ ଅଫିସ ଏବଂ ବିଭିନ୍ନ ପ୍ରତିଷ୍ଠାନ ଭଙ୍ଗା ଯାଇଥିଲା। ଏହି ସମୟ ମଧ୍ୟରେ କେତେଜଣ ବ୍ୟବସାୟୀ ଦୋକାନରୁ ଜିନିଷ ଖାଲି କରିପାରି ନ ଥିଲେ। ଫଳରେ ସେମାନଙ୍କ ଜିନିଷ ନଷ୍ଟ ହୋଇଯାଇଥିଲା। ହେଲେ ସେମାନଙ୍କ ପାଇଁ ଥଇଥାନ ବ୍ୟବସ୍ଥା କରାଗଲା ନାହିଁ। ପରବର୍ତ୍ତୀ ସମୟରେ ସେମାନେ ଅନ୍ୟ ଉପାୟ ନ ପାଇ ଜରିପାଲ ଟାଙ୍ଗି ବ୍ୟବସାୟ କରୁଆସୁଛନ୍ତି। ଅନ୍ୟପକ୍ଷରେ ଦୋକାନ ଭଙ୍ଗାଯିବା ପରେ ପ୍ରତ୍ୟେକ ଉଠାଦୋକାନୀଙ୍କୁ ବ୍ୟାଙ୍କରୁ ୧୦ ହଜାର ଟଙ୍କା ଲେଖାଏଁ ଋଣ ଆକାରରେ ମିଳିଥିଲା। ଯାହାକୁ ସେମାନେ ଆଜିପର୍ଯ୍ୟନ୍ତ ସୁଧ ସହିତ ଶୁଝିବାରେ ଲାଗିଛନ୍ତି। ଇତିମଧ୍ୟରେ ଦୋକାନ ଭଙ୍ଗାଯିବାକୁ ୧ବର୍ଷ ପୂରଣ ହୋଇ ନ ଥିବାବେଳେ ଏବେ ଆଉ ୯ ମିଟର ୮ ସେ.ମି ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏପରି ହେଲେ ପରିବାର କେମିତି ଚଳିବ, ପିଲାମାନେ କିଭଳି ପାଠ ପଢିବେ, ତାହାକୁ ନେଇ ଦୋକାନୀମାନେ ଚିନ୍ତାରେ ପଡିଛନ୍ତି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଥଇଥାନ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।



ଜରିପାଲ ତଳେ ଜଣେ ଦୋକାନୀ ବ୍ୟବସାୟ କରୁଛନ୍ତି।

**ଜବରଦଖଲ ଉଚ୍ଛେଦକୁ ବର୍ଷେ ପୂରିଲା**

■ଜରିପାଲ ତଳେ ଚାଲିଛି ବ୍ୟବସାୟ

### ଏମାନେ କୁହନ୍ତି...

"ଇଂରେଜ ଅମଳରୁ ଏହି ବଜାର ରହିଛି। ସରକାର ରାସ୍ତା ନିର୍ମାଣ ପାଇଁ ଘର, ଦୋକାନ, ବଜାର ଭାଙ୍ଗିଲେ ଲୋକଙ୍କୁ ଥଇଥାନ ସହ ଆର୍ଥିକ ସହାୟତା ଯୋଗାଇ ଦେଇଥାନ୍ତି। ହେଲେ ଏଠାକାର ଦୋକାନୀମାନଙ୍କୁ ଥଇଥାନ ନ କରି ଦୋକାନ ଭାଙ୍ଗୁଛନ୍ତି। ଏପରି କି କ୍ଷତିପୂରଣ ନ ଦେଇ ଚୁପ୍ ରହୁଥିବାରୁ ଦୋକାନୀମାନଙ୍କୁ କଷ୍ଟ ଲାଗୁଛି।

**ଭାବଗ୍ରାହୀ ପଣ୍ଡା, ଷ୍ଟେଶନ ବଜାର ବ୍ୟବସାୟୀ**

"ଗତବର୍ଷ ଡିସେମ୍ବରରେ କୃଷ୍ଣେଶ୍ୱର ବଜାରରୁ ପ୍ରାୟ ୭୫ଟି ଦୋକାନକୁ ଭାଙ୍ଗି ଦିଆଗଲା। ସେଥି ମଧ୍ୟରୁ କିଛି ଅଧା ଭଙ୍ଗା ଅବସ୍ଥାରେ ଥିବା ଦୋକାନରେ ଦୋକାନୀ ଜିନିଷ ରଖି ବ୍ୟବସାୟ କରୁଛନ୍ତି। ହେଲେ ଏବେ ପୁଣି ଥରେ ଭଙ୍ଗାଗଲେ ପରିବାର କିପରି ଚଳିବ, ତାହାକୁ ନେଇ ଚିନ୍ତା ବଢ଼ିଯାଇଛି।

**ତପନ କୁମାର ବେହେରା, ସଭାପତି, କୃଷ୍ଣେଶ୍ୱର ବଜାର କମିଟି**

"ନିମପୁର କ୍ରିକେଟ କ୍ଲବଠାରୁ ଗୋଲେଇ ଛକ ପର୍ଯ୍ୟନ୍ତ ରାସ୍ତା ଚଉଡା କରିବା ପାଇଁ ଦୋକାନ ଭଙ୍ଗାଯାଇଥିଲା। ଏହି ରାସ୍ତା ପାଇଁ ଟେଣ୍ଡର ସରିଥିଲେ ମଧ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କାମ ହେଉନି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ସହିତ କଥା ହୋଇଥିଲି। ଯଥାଶୀଘ୍ର ଏହି କାମ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

**ଦୟାନିଧି ନାୟକ, ପୂର୍ବତନ କର୍ପୋରେଟର, ସିଏମ୍‌ସି ୪୯ନଂ.ୱାର୍ଡ**

"ରାସ୍ତା ୬ ଲେନ୍ କରାଯିବା ପାଇଁ ପ୍ରୋଜେକ୍ଟ ରିପୋର୍ଟ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ନିକଟକୁ ପଠାଇ ଦିଆଯାଇଛି। ସେଠାରୁ ଅନୁମୋଦନ ମିଳିବା ପରେ ଟେଣ୍ଡର ଜରିଆରେ ଯଥାଶୀଘ୍ର କାମ ଆରମ୍ଭ ହେବ। ଅପରପକ୍ଷେ ଜବରଦଖଲ ଉଚ୍ଛେଦ ହୋଇଥିବା ଘର ଓ ଦୋକାନ ମାଲିକଙ୍କୁ କୌଣସି ଥଇଥାନ କିମ୍ବା ଆର୍ଥିକ ସହାୟତା ଦିଆଯିବ ନାହିଁ।

**ଅନୁପ କୁମାର ବେହେରା, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ-୨**

## ବ୍ଲକ୍‌ସ୍ତରୀୟ ଆଥ୍‌ଲେଟିକ ମିଟ୍ ଉଦ୍‌ଘାଟିତ

ଚୌଦ୍ୱାର,୧୧।୧୨(ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅଧୀନ ଗୋପବନ୍ଧୁ ପଡିଆରେ ବ୍ଲକସ୍ତରୀୟ ଆଥ୍‌ଲେଟିକ ମିଟ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଇମ୍ପାର ଉପସଭାପତି ବିନୟ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅଲମ୍ପିୟାନ ଅନୁରାଧା ବିଶ୍ୱାଳ, ସୁନୀତା ଲାକ୍ରା ଅତିଥି ଭାବେ ଯୋଗଦେଇଥିଲେ। ୨ଦିନ ଧରି ହେବାକୁ ଥିବା ଏହି ମିଟ୍‌ରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୈଳାଶ ଚନ୍ଦ୍ର ବରାଳ ସଭାପତିତ୍ୱ କରିଥିବାବେଳେ ବିଜୟ କୁମାର ସାହୁ, ଅଶ୍ୱିନୀ କୁମାର ଜେନା, ଭୀମସେନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସୁରେଶ ରାଉତରାୟ, ସୁଜିତ ଦାସ, ମାନସ ପରିଡା, ରିଆଜ ଅଲ୍ଲୀ ସାହା, ଭାସ୍କର ପ୍ରସାଦ ରାଉତରାୟ, ଶାନ୍ତିଲତା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ କ୍ରୀଡା ପରିଚାଳନା କରିଥିଲେ।

## ଡା. ରାଜକିଶୋର ମହାନ୍ତିଙ୍କୁ ନାଗରିକ ସମ୍ବର୍ଦ୍ଧନା

କଟକ ଅଫିସ, ୧୧।୧୨

କଟକର ଦୟା ଆଶ୍ରମ ପରିସରରେ ଶନିବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନାଗରିକ ମହାସଭା ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସାମ୍ବାଦିକ ସତ୍ୟ ରାୟ ମୁଖ୍ୟ ଅତିଥି, ସର୍ବେଶ୍ୱର ସାହୁ ସମ୍ମାନିତ ଅତିଥି, କଟକ ମହାନଗର ରୋଟାରୀ କ୍ଲବ ସଭାପତି ଦେବୀ ପ୍ରସାଦ ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରାଣୀ ଚିକିତ୍ସକ ରାଜକିଶୋର ମହାନ୍ତିଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜ୍ୟ ପ୍ରାଣୀବିଜ୍ଞାନ ସମିତିର ସମ୍ପାଦକ, ରୋଟାରୀ କ୍ଲବର ପୂର୍ବତନ ସଭାପତି, କଟକ ଜିଲା ଉତ୍କଳ ସମ୍ମିଳନୀର ସମ୍ପାଦକ ଭାବେ ଡ଼ା ମହାନ୍ତି ଦାୟିତ୍ୱ ସମ୍ପାଦନ କରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦେବାଶିଷ ମହାନ୍ତି, ପ୍ରଗତୀ ଦାସ, ବିଜୟ ମହାପାତ୍ର, ପାରସନାଥ ସାହା, ବିଜୟ କୁମାର ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ

## ୪.୯୪ ଲକ୍ଷ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ ଅଫିସ,୧୧।୧୨

ଓଡ଼ିଶା ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଗର ଅଧ୍ୟକ୍ଷ ତଥା ବିଚାରପତି ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ ସଭାପତିତ୍ୱ କରି ଦୀର୍ଘଦିନଧରି ପଡିରହିଥିବା ୧୦ଟି ମାମଲାର ଫଇସଲା କରିବା ସହ ସମୁଦାୟ ୪ଲକ୍ଷ ୯୪ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ କଞ୍ଜୁମର ବାର୍ ଆସୋସିଏଶନ ସଭାପତି କରୁଣାକର ଜେନା, ସମ୍ପାଦକ ଅଶ୍ୱିନୀ କୁମାର ସାହୁଙ୍କ ସମେତ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଆୟୋଗର ସଚିବ ଅଭିଜିତ ପଲେଇ, ବ୍ୟକ୍ତିଗତ ସଚିବ ବିଜୟ କୁମାର ମହାପାତ୍ର, ବିଭାଗୀୟ ଅଧିକାରୀ ଭାସ୍କର ଚନ୍ଦ୍ର ସାସମଲ ଓ ଅନ୍ୟ କର୍ମଚାରୀମାନେ ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

# ୧୯୫୧ ମାମଲାର ଫଇସଲା



ଜିଲା ଓ ଦୌରାଜଜ୍ କୋର୍ଟ ପରିସରରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତ।

କଟକ ଅଫିସ/ ଟିଗିରିଆ/ବାଙ୍କୀ (ଡି.ଏନ୍.ଏ./ସ୍ୱ.ପ୍ର.),୧୧।୧୨

କଟକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଓ ଦୌରାଜଜ କୋର୍ଟ ପରିସର ଏବଂ ତାଲୁକ ସ୍ତରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ଓ ଦୌରାଜଜ ତଥା କଟକ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ବିଦ୍ୟୁତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା କୋର୍ଟର ସମସ୍ତ ବିଚାରପତି ନିଜ କୋର୍ଟରେ ଥିବା ମକଦ୍ଦମାର ଫଇସଲା କରାଇଥିଲେ। ଏହି ଲୋକ ଅଦାଲତରେ ମୋଟ ୧୦,୨୦୭ ମାମଲାର ଶୁଣାଣି ପାଇଁ ଆବେଦନ କରାଯାଇଥିଲା। ସେଥିମଧ୍ୟରୁ ୧୯୫୧ଟି ପ୍ରାକ୍ ବିବାଦୀୟ ମାମଲା, ମୋଟର ଯାନ ଦୁର୍ଘଟଣାଜନିତ ମାମଲା ଓ ବିଦ୍ୟୁତ୍ ଅଧିନିୟମ ଜନିତ ମାମଲାର ଫଇସଲା କରାଯାଇଥିଲା ୨୫ କୋଟି ୩୮ ଲକ୍ଷ ୧୭ହଜାର ୭୭୮ ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ରାଶି ଦେବାକୁ ସ୍ଥିରୀକୃତ କରାଯାଇଥିଲା। ଏହି ଲୋକ ଅଦାଲତକୁ ଆଇନସେବା ପ୍ରାଧିକରଣର ସଚିବ ସ୍ୱୟଂପ୍ରଭା ଆଚାର୍ଯ୍ୟ ପରିଚାଳନା କରିଥିଲେ।

ଟିଗିରିଆ ଅଦାଲତ ପରିସରରେ ଆୟୋଜିତ ଲୋକ ଅଦାଲତରେ ୨୪ଟି ଫୌଜଦାରୀ ମାମଲାର ସମାଧାନ ହୋଇଛି। ଏହି ଅବସରରେ ସ୍ଥାନୀୟ ୟୁକୋବ୍ୟାଙ୍କର ୪ ଏବଂ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କର ୫ ଅଣାଦେୟ ମାମଲାର ଫଇସଲା କରାଯାଇ ଯଥାକ୍ରମେ ୬୯୦୦ ଓ ୧୧ହଜାର ଟଙ୍କା ଆଦାୟ କରାଯାଇଛି। ସେହିପରି ଟିଗିରିଆ ତହସିଲରେ ୧୩୪ଟି ରାଜସ୍ୱ ମାମଲାର ଫଇସଲା ହୋଇ ୧୨,୨୬୯ଟଙ୍କା ଆଦାୟ ହୋଇଛି। ସେହିପରି ବାଙ୍କୀ ଉପଖଣ୍ଡରେ ୧୧ଟି ମାମଲାର ଫଇସଲା କରାଯାଇ ୩ ଲକ୍ଷ ୮୨ହଜାର ଟଙ୍କା ଆଦାୟ କରାଯାଇଛି।



କଟକ ଶାରଳା ଭବନରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ମହିମା ସେଠୀଙ୍କୁ 'ଶାରଳା ଯୁବ ପୁରସ୍କାର' ପ୍ରଦାନ କରାଯାଉଛି।

# ମହିମା ସେଠୀଙ୍କୁ 'ଶାରଳା ଯୁବ ପୁରସ୍କାର'

କଟକ ଅଫିସ,୧୧।୧୨

ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଶନିବାର ଶାରଳା ଭବନଠାରେ ଇଂଲିଶ କବିତା ଗ୍ରନ୍ଥ 'ଇଙ୍କ୍ ଫ୍ରମ୍ ନାଇଟ୍ ସ୍କାଇଜ୍' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କବି ମହିମା ସେଠୀଙ୍କୁ 'ସାରଳା ଯୁବ ପୁରସ୍କାର' ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ୨୫ହଜାର ଟଙ୍କା ଅର୍ଥରାଶି, ମାନପତ୍ର ଓ ଉପଢୌକନ ଦିଆଯାଇଥିଲା। ଏଥିସହ ପ୍ରଫେସର ମହାନ୍ତି ତାଙ୍କୁ ସାମ୍ପ୍ରତିକ ଯୁଗର ଜଣେ ଯଶସ୍ୱିନୀ କବି ଭାବେ ବର୍ଣ୍ଣନା କରିଥିଲେ। କବିଙ୍କ କବିତା ମାନବୀୟ ଚିନ୍ତା, ଚେତନା ଓ ଅନୁଭବ ଉପରେ ଆଧାରିତ ବୋଲି ସେ କହିଥିଲେ। କବିଙ୍କ ବୟସ ଅନୁସାରେ କବିତାରେ ଗଭୀର ପରିପକ୍ୱତା ପରିଦୃଷ୍ଟ ହୁଏ ବୋଲି ସମ୍ମାନିତ ଅତିଥି ତଥା ରେଭେନ୍‌ଶା କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ମହାନ୍ତି କହିଥିଲେ। ସଂସଦ ପ୍ରତିଷ୍ଠାତା ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ପ୍ରଫେସର ଡ. ପ୍ରଭାକର ପାଲ୍‌କା, ମାଡ୍ରାସ୍ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ଡ. ଏସ୍. ଆର୍ମଷ୍ଟ୍ରଙ୍ଗ୍ ଏବଂ ଇଂଲିଶ କବି ଡ. ରବୀନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥ ଉପରେ ଆଲୋକପାତ କରିଥିଲେ।

## ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ

ଚୌଦ୍ୱାର,୧୧।୧୨(ଡି.ଏନ୍.ଏ.)

ଚୌଦ୍ୱାର ତିନିକୋଣିଆ ବଜାରସ୍ଥିତ ଜଗନ୍ନାଥ ମନ୍ଦିର କମିଟିର ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ମନ୍ଦିରର ସୁପରିଚାଳନା ପାଇଁ କମିଟି କର୍ମକର୍ତ୍ତାମାନଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହୃଷୀକେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଣୟାନନ୍ଦ ସ୍ୱାଇଁ, ଅଜୟ ବେହେରା, ବିଜୟ ବେହେରା, ମଙ୍ଗରାଜ ବେହେରା, ଅଶୋକ ବେହେରା, ମନୋଜ ନାୟକ, ହରିହର ସାହୁ, ପରିକ୍ଷୀତ ସାହୁ, ଶରତ ଚନ୍ଦ୍ର ବେହେରା, ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୟ ସମାରୋହ ପାଳିତ

କଟକ ଅଫିସ,୧୧।୧୨

ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଐତିହାସିକ କୃଷକ ଆନ୍ଦୋଳନ ସଫଳ ହୋଇଛି। ଚାଷୀଙ୍କର ବିଭିନ୍ନ ଦାବିକୁ କେନ୍ଦ୍ର ସରକାର ମାନି ନେଇଛନ୍ତି। ଏହି ବିଜୟ କେବଳ ଦେଶ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଶନିବାର କଟକ କଲେଜ ଛକ ସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତୀ ସମ୍ମୁଖରେ ଅନୁଷ୍ଠିତ ବିଜୟ ସମାରୋହରେ ଚାଷୀ-ମୂଲିଆ ମିଳିତ ସାମ୍ମୁଖ୍ୟର ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି। ବକ୍ତାମାନେ କୃଷକ ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା କୃଷକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶ୍ୱାବସୁ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମତା ମଞ୍ଚ ସଭାପତି ଚିତ୍ତରଞ୍ଜନ ମହାନ୍ତି, ଚାଷୀନେତା ଦିଗମ୍ବର ମହାପାତ୍ର, ସଂଗ୍ରାମୀ ଫୋରମର ସଭାପତି ପ୍ରଶାନ୍ତ ଦାସ, ନାରିନେତ୍ରୀ ଲକ୍ଷ୍ମୀ ମହାନ୍ତି, ଯୁଗୋଳ ନାୟକ, ଆଇନଜୀବୀ କ୍ଷୀରୋଦ ରାଉତ, ବସ୍ତିନେତା ଖଗେଶ୍ୱର ସେଠୀ, ଶ୍ରମିକ ନେତା ରାଜ କିଶୋର ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୩ କଳା କୃଷି ଆଇନ ପ୍ରତ୍ୟାହାର ପରେ ଏମ୍‌ଏସ୍‌ପିକୁ ଲାଗୁ କରିବା ପାଇଁ କମିଟି ଗଠନ, ଆନ୍ଦୋଳନବେଳେ ମୃତ୍ୟୁ ଘଟିଥିବା ଚାଷୀମାନଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ, ଦେଶରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ଥିବା ସମସ୍ତ କେସ୍ ପ୍ରତ୍ୟାହାର ଭଳି ଦାବିକୁ କେନ୍ଦ୍ର ସରକାର ମାନିବା ପରେ ଚାଷୀ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ସିଡିଏସ୍ ଜେନେରାଲ ରାୱତଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ଅଫିସ/କଟକ ସଦର, ୧୧।୧୨ (ଡି.ଏନ.ଏ.)

ଭାରତୀୟ ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ(ସିଡିଏସ୍) ଜେନେରାଲ ବିପିନ ରାୱତଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଶନିବାର ଜଗତପୁର ନୂତନ ଶିଳ୍ପାଞ୍ଚଳ ସ୍ଥିତ ଓଡ଼ିଶା ଶିଳ୍ପସଂଘ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ ଏଥିରେ ସଭାପତିତ୍ୱ କରିଥିଲେ। ଦେଶର ସୁରକ୍ଷା ପାଇଁ ରାୱତଙ୍କ ଅବଦାନ ସମ୍ପର୍କରେ ବକ୍ତାମାନେ କହିଥିଲେ। ଏହି ସଭାରେ ସଂଘ ସଭାପତି ରାଜେଶ କାନୁନ୍‌ଗୋ, ଉପସଭାପତି ଗୌରଗୋପାଳ ସେନ୍, ସୁଧାକର ସ୍ୱାଇଁ, ଅଜୟ ପଣ୍ଡାଙ୍କ ସମେତ ସମସ୍ତ ଶିଳ୍ପଦ୍ୟୋଗୀ ଯୋଗଦେଇଥିଲେ। ସେହିପରି ଉତ୍କଳ ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ରାତିରେ କନ୍ଦରପୁରଠାରେ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଚନ୍ଦ୍ର ସେଠୀ, ସଞ୍ଜୟ ସାହୁ, ସୁରେଶ ଜେନା, ନିରଞ୍ଜନ ରାଉଳ, ସନ୍ତୋଷ ଭୋଇ ଓ ଅକ୍ଷୟ ଦାସଙ୍କ ସହ ଅନ୍ୟମାନେ ବଜାର ପରିକ୍ରମା କରିଥିଲେ। ପରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସହୀଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଉମାନାଥ ମହନ୍ତଙ୍କ ଆତ୍ମକଥା 'ଜୀବନର ଜମାନବନ୍ଦୀ' ପୁସ୍ତକ ଅତିଥିମାନେ ଲୋକାର୍ପଣ କରୁଛନ୍ତି।



ଭାରତୀୟ ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଭାରତର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ(ସିଡିଏସ୍) ଜେନେରାଲ ବିପିନ ରାୱତଙ୍କ ସମେତ ଅନ୍ୟ ଯବାନଙ୍କ ଆତ୍ମାର ସଦ୍‌ଗତି କାମନା କରି ଶନିବାର ଭାଜପା ଓବିସି ମୋର୍ଚ୍ଚା କଟକ ଜିଲା ପକ୍ଷରୁ ଚଣ୍ଡୀମନ୍ଦିର ନିକଟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା।




ସିପିଆଇ(ଏମ୍) ଏବଂ ସିଆଇଟିୟୁ କଟକ ଜିଲା କମିଟି ପକ୍ଷରୁ କଲେଜ ଛକଠାରେ ଶନିବାର କୃଷକ ଆନ୍ଦୋଳନର ବିଜୟ ଦିବସ ପାଳନ କରାଯାଉଛି।

